ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ଏପ୍ରିଲ ୧୨/୨୦୨୩ (୧୬ ପୃଷ୍ଠା) | Bhubaneswar, Wednesday, April 12/2023 | Page 16 | ₹ 7.00 | SAMBALPUR
୪୯ଶ ଭାଗ ୧୩୭ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 137 | ମୂଲ୍ୟ₹୭/-



## ପୋଲିସ ଅଫିସର ଭୂମିକାରେ ସିଦ୍ଧାର୍ଥ

ବଲିଉଡ୍ ଅଭିନେତା ଅକ୍ଷୟ୍ କୁମାରଙ୍କ ମୁଭି ରାଓ୍ୱଡି ରାଠୋରରେ ଅକ୍ଷୟଙ୍କ ବଦଳରେ ସିଦ୍ଧାର୍ଥ ମାଲହୋତ୍ରା ପୋଲିସ ଅଫିସର ଭୂମିକାରେ ନଜର ଆସିବେ।

୦୨

୧୬

## ଆଇପିଏଲ୍‌ରେ ଅକ୍ଷରଙ୍କ ପ୍ରଥମ ଅର୍ଦ୍ଧଶତକ

ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସର ଅକ୍ଷର ପଟେଲ ଆଇପିଏଲ୍‌ରେ ତାଙ୍କର ପ୍ରଥମ ଅର୍ଦ୍ଧଶତକ ହାସଲ କରିଛନ୍ତି।







ଲୋକ ସଭା ସଦସ୍ୟତା ରଦ୍ଦ ହେବା ପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଙ୍ଗଳବାର ପ୍ରଥମ ଥର ପାଇଁ ନିଜ ସଂସଦୀୟ ଆସନ କେରଳର ୱାୟନାଡ୍ ଗସ୍ତ କରିଛନ୍ତି। ଏହି ଅବସରରେ ସେ 'ସତ୍ୟମେବ ଜୟତେ' ରୋଡ୍ ଶୋ' କରିଛନ୍ତି। (ରିପୋର୍ଟ: ପୃଷ୍ଠା-୧୪)

# କ୍ରିମିଆ ଏପିସୋଡ୍ ଭାରତ ପାଇଁ ଶିକ୍ଷା

## ସତର୍କ କରାଇଲେ ୟୁକ୍ରେନ୍ ମନ୍ତ୍ରୀ

ନୂଆଦିଲ୍ଲୀ,୧୧।୪

ଭାରତ ଉପରେ ଦୁଇ ପଡ଼ୋଶୀ ଚାଇନା ଓ ପାକିସ୍ତାନ ଦାଉ ସାଧୁଛନ୍ତି। ପାକିସ୍ତାନ ନିୟନ୍ତ୍ରଣରେଖା (ଏଲ୍‌ଓସି) ଦେଇ ଆତଙ୍କବାଦୀଙ୍କୁ ଅନୁପ୍ରବେଶ ସହ ଅସ୍ତ୍ରବିରତି ଉଲ୍ଲଂଘନ କରୁଛି। ଚାଇନା ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି) ସଂଲଗ୍ନ ଭାରତୀୟ ଅଞ୍ଚଳରେ ଔଦ୍ଧତ୍ୟ ଦେଖାଉଛି। ସେମାନଙ୍କ ମାରାତ୍ମକ ଏଜେଣ୍ଡାକୁ ବନ୍ଦ କରା ନ ଗଲେ ଭାରତ ପାଇଁ ବିପଦ ବଢ଼ିପାରେ ବୋଲି ମଙ୍ଗଳବାର ୟୁକ୍ରେନ୍ ସତର୍କ କରାଇଛି। ରୁଷିଆର ୟୁକ୍ରେନ୍ ଆକ୍ରମଣ ପରବର୍ତ୍ତୀ ଘଟଣାବଳୀ କଠୋର ପଡ଼ୋଶୀ ରାଷ୍ଟ୍ରଗୁଡ଼ିକୁ କିପରି ମୁକାବିଲା କରାଯିବ ତାହାର ଏକ ବଳିଷ୍ଠ ଦୃଷ୍ଟାନ୍ତ ହୋଇପାରେ ବୋଲି ୟୁକ୍ରେନ୍ ବହିର୍ବ୍ୟାପାର ମନ୍ତ୍ରଣାଳୟର ପ୍ରଥମ ଉପମନ୍ତ୍ରୀ ଏମିନ୍ ଝାପରୋଭା କହିଛନ୍ତି।

ଭାରତ ଗସ୍ତରେ ଥିବା ୟୁକ୍ରେନ୍ ମନ୍ତ୍ରୀ ଏମିନ୍ ନୂଆଦିଲ୍ଲୀରେ ଆୟୋଜିତ ଇଣ୍ଡିଆନ୍ କାଉନ୍‌ସିଲ ଅଫ୍ ୱାର୍ଲ୍ଡ ଆଫାୟାର୍ସ (ଆଇସିଡବ୍ଲ୍ୟୁଏ)ରେ ଯୋଗଦେଇ କୂଟନୀତିଜ୍ଞ, ପୂର୍ବତନ ରାଷ୍ଟ୍ରଦୂତ ଓ ଖବରଦାତାମାନଙ୍କୁ ସମ୍ବୋଧିତ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ରୁଷିଆର ଆକ୍ରମଣ ସମ୍ପର୍କରେ ସେ ଏକ ସନ୍ଦେଶ ନେଇ ଆସିଛନ୍ତି। ଭାରତ ଓ ୟୁକ୍ରେନ୍ ମଧ୍ୟରେ ଘନିଷ୍ଠତା ବଢୁ ବୋଲି କିଭ୍ ଚାହେଁ। ଦୁଇଦେଶ ମଧ୍ୟରେ ଏକ ଇତିହାସ ରହିଛି। କିନ୍ତୁ ଭାରତ ସହ ଏକ ନୂଆ ସମ୍ପର୍କ ଆରମ୍ଭ ହେବା ଉଚିତ। ଭାରତର ମଧ୍ୟ ଚାଇନା ଓ ପାକିସ୍ତାନ ଭଳି କଠୋର ପଡ଼ୋଶୀ ରହିଛି। କ୍ରିମିଆ ଏପିସୋଡ୍ ଭାରତ ପାଇଁ ଏକ ଶିକ୍ଷା। ଆଘାତକୁ ପ୍ରତିରୋଧ ପୃଷ୍ଠା-୪





ନୂଆଦିଲ୍ଲୀରେ 'ରୁଷିଆର ୟୁକ୍ରେନ୍ ଯୁଦ୍ଧ' ସମ୍ପର୍କିତ ଏକ ଆଲୋଚନାଚକ୍ରରେ ୟୁକ୍ରେନ୍ ବହିର୍ବ୍ୟାପାର ଉପମନ୍ତ୍ରୀ ଏମିନ୍ ଝାପରୋଭା ବକ୍ତବ୍ୟ ରଖୁଛନ୍ତି।

# ସୁପାରି ଦେଇ ଗୁଳି ଖାଇଲେ

## ଓଏମ୍‌ଡିସି କର୍ମଚାରୀଙ୍କୁ ଗୁଳିକରି ହତ୍ୟା ଘଟଣାର ପର୍ଦ୍ଦାଫାଶ

**ଅନ୍ୟ ପାଇଁ ଖୋଳିଥିବା ଗାତରେ ନିଜେ ପଡ଼ିଲେ। ଜମିବାଡ଼ି ବିବାଦକୁ ନେଇ ସୃଷ୍ଟ ତିକ୍ତତା ପାଇଁ ଭଣଜାକୁ ହତ୍ୟା କରିବା ଲାଗି ଯୋଜନା କରିଥିଲେ। ହେଲେ ଯେଉଁମାନଙ୍କ ଦ୍ୱାରା ହତ୍ୟା ଷଡ଼ଯନ୍ତ୍ର ରଚିଥିଲେ ସେହିମାନଙ୍କ ଗୁଳିରେ ଜୀବନ ହାରିଲେ। ଏଭଳି ଏକ ଅଭାବନୀୟ ଘଟଣା ଗତ ୭ତାରିଖରେ କେନ୍ଦୁଝର ଜିଲା ବଡ଼ବିଲ ଅଞ୍ଚଳରେ ଘଟିଥିବାବେଳେ ମଙ୍ଗଳବାର ଏହାର ପର୍ଦ୍ଦାଫାଶ ହେବା ସହ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅନ୍ୟ ଜଣେ ଫେରାର ଅଛନ୍ତି।**

- ■ ଭଣଜାକୁ ହତ୍ୟା କରିବାକୁ ହୋଇଥିଲା ଡିଲ୍
- ■ ବିହାରରୁ ଆସିଥିଲେ ସୁପାରିକିଲର
- ■ ଝାଡ଼ଖଣ୍ଡରୁ ଆସିଥିଲା ବନ୍ଧୁକ
- ■ ୩ ଗିରଫ, ଜଣେ ଫେରାର

ବଡ଼ବିଲ, ୧୧।୪(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅଧୀନ ଠାକୁରାଣୀ ଦଲକି ବସ୍ତିରେ ରହୁଥିବା ଓଡ଼ିଶା ମିନେରାଲ୍‌ସ ଡେଭ୍‌ଲପ୍‌ମେଣ୍ଟ କମ୍ପାନୀ(ଓଏମ୍‌ଡିସି)ର କର୍ମଚାରୀ ଦୁଃଶାସନ ବାରିକଙ୍କୁ ଗତ ୭ତାରିଖ ରାତିରେ କେହି ଗୁଳି କରି ହତ୍ୟା କରିଥିଲେ। ଶନିବାର ସକାଳେ ତାଙ୍କ ଗୁଳିବିଦ୍ଧ ମୃତଶରୀର ଠାବ କରାଯାଇଥିଲା। ପୋଲିସ ଘଟଣାର ତଦନ୍ତ କରି ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ ଅନ୍ୟ ଜଣେ ଫେରାର ଅଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ସାହାଦତ୍ ଖାନ୍, ସାହରୁଖ ଖାନ୍ ଏବଂ ନେହାଲ ଖାନ୍ ଓରଫ ଏମ୍‌ଡି ରାଜା। ସେମାନେ ବିହାର ଗୟା ଜିଲା କୋଠି ଥାନା ଅଞ୍ଚଳର ମୂଳନିବାସୀ ହୋଇଥିବାବେଳେ ସାହାଦାତ୍ ଓ ସାହରୁଖ ବଡ଼ବିଲ ଥାନା ବରକତ ନଗର ଅଞ୍ଚଳରେ ରହୁଥିଲେ। ନେହାଲ ଝାଡ଼ଖଣ୍ଡ ମଝିଗାଁ ଅଞ୍ଚଳରେ ରହୁଥିଲେ। ଫେରାର ଅଭିଯୁକ୍ତ ବିହାର କୋଠି ଥାନା ଅଞ୍ଚଳର ୱାରିସ୍ ଖାନ୍। ଜମିବାଡ଼ି ବିବାଦକୁ ନେଇ ଭଉଣୀ ସହିତ ଥିବା ତିକ୍ତତାରୁ ଭଣଜାଙ୍କୁ ପୃଷ୍ଠା-୪

**ଆଜିର ସମ୍ପାଦକୀୟ** | ଆସିବେ ଯିବେ

# ୧୫ ଯାଏ ପ୍ରବଳ ତାତି: ସତର୍କତା ଜାରି

**ପ୍ରଚଣ୍ଡ ଗ୍ରୀଷ୍ମରେ ରାଜ୍ୟବାସୀ ଅସ୍ତବ୍ୟସ୍ତ ହେଉଥିବାବେଳେ ଆସନ୍ତା ୧୫ ତାରିଖ ଯାଏ ହେବ ଅଗ୍ନିବର୍ଷା। ଏ ନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ହାଇ ଆଲର୍ଟ ଜାରି କରିଛି। ସ୍ଥିତି ଉପରେ ନଜର ରଖି ଆବଶ୍ୟକ ପଦକ୍ଷେପ ନେବାକୁ ରାଜ୍ୟ ସରକାର ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ମଙ୍ଗଳବାରଠାରୁ ରାଜ୍ୟରେ ସକାଳୁଆ ସ୍କୁଲ ହୋଇଥିଲେ ମଧ୍ୟ ହିଟ୍ ୱେଭ୍‌କୁ ଦୃଷ୍ଟିରେ ରଖି ବୁଧବାରଠାରୁ ୧୬ ତାରିଖ ଯାଏ ଶିକ୍ଷାନୁଷ୍ଠାନ ବନ୍ଦ ରଖିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି।**

ଭୁବନେଶ୍ୱର,୧୧।୪(ବ୍ୟୁରୋ)

- ■ ୪୦ ଡିଗ୍ରୀ ଉପରେ ୯ ସହର
- ■ ସ୍ଥିତି ଉପରେ ନଜର ରଖିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

ତାତିର ପ୍ରକୋପରେ ମଣିଷଠାରୁ ଜୀବଜନ୍ତୁ ସମସ୍ତେ କଲବଲ ହେଉଛନ୍ତି। ସକାଳ ୮ଟା ପରେ ମାଡ଼ିଆସୁଛି ତତଲା ପବନ। ଅପରାହ୍ନ ୫ଟା ଯାଏ ନିସ୍ତାର ନାହିଁ। ଦେହମୁଣ୍ଡ ଜଳିପୋଡ଼ି ଯାଉଛି। ପାରଦ ୪୧ ଡିଗ୍ରୀ ସେଲ୍‌ସିୟସ୍ ପାର ହୋଇଛି। ମଙ୍ଗଳବାର ରାଜ୍ୟର ୯ ସହରରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ ବାରିପଦାରେ ସର୍ବୋଚ୍ଚ ଦିନ ତାପମାତ୍ରା ୪୧.୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବାବେଳେ ଝାରସୁଗୁଡ଼ାରେ ୪୧.୨, ଭୁବନେଶ୍ୱରରେ ୪୦.୭, ସମ୍ବଲପୁରରେ ୪୦.୮, କଟକରେ ୪୦, ଅନୁଗୋଳରେ ୪୦.୧, ସୁନ୍ଦରଗଡ଼ରେ ୪୦, ଟିଟିଲାଗଡ଼ରେ ୪୦.୫, ବୌଦ୍ଧରେ ୪୦.୫, ସୋନପୁରରେ ୩୯.୭, ନୟାଗଡ଼ରେ ୩୯, ପାରଳାଖେମୁଣ୍ଡିରେ ୩୯.୭, ଭଦ୍ରକରେ ୩୯, ଢେଙ୍କାନାଳରେ ୩୯, ଜଗତ୍‌ସିଂହପୁରରେ ୩୯ ଏବଂ ରାଉରକେଲାରେ ୩୯.୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଏଭଳି ଉତ୍ତପ୍ତ ପରିବେଶ ଆସନ୍ତା ୧୫ ତାରିଖ ଯାଏ ଜାରି ରହିବ। ଦିନର ସର୍ବୋଚ୍ଚ ତାପମାତ୍ରା ଅଧିକ ୩ରୁ ୪ ଡିଗ୍ରୀ ସେଲ୍‌ସିୟସ୍ ବୃଦ୍ଧି ପାଇପାରେ ବୋଲି ଆଇଏମ୍‌ଡି ପକ୍ଷରୁ ସତର୍କ କରାଯାଇଛି। ଆସନ୍ତା ୧୩ ତାରିଖରେ ସୁନ୍ଦରଗଡ଼, ପୃଷ୍ଠା-୪



ପ୍ରବଳ ରୌଦ୍ରତାପ ଯୋଗୁ କଟକ ଚାନ୍ଦିନୀଚୌକ ରାସ୍ତା ମଙ୍ଗଳବାର ଖାଁ ଖାଁ ହୋଇପଡ଼ିଛି। (ଫଟୋ: ରାଜକିଶୋର)

# ଆଜିଠୁ ୧୬ ଯାଏ ସମସ୍ତ ସ୍କୁଲ ବନ୍ଦ

ଭୁବନେଶ୍ୱର,୧୧।୪(ବ୍ୟୁରୋ)

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ (ଦଶମ ଶ୍ରେଣୀ ଯାଏ)କୁ ବୁଧବାରଠାରୁ ଏପ୍ରିଲ ୧୬ ତାରିଖ ଯାଏ ବନ୍ଦ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ସମସ୍ତ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକୁ ମଧ୍ୟ ବନ୍ଦ କରିବାକୁ ଘୋଷଣା କରାଯାଇଛି। ମୁଖ୍ୟମନ୍ତ୍ରୀ ମଙ୍ଗଳବାର ଅପରାହ୍ନରେ ଜାପାନ ଗସ୍ତରୁ ଫେରିବା ପରେ ବରିଷ୍ଠ ଅଧିକାରୀମାନଙ୍କ ସହ ଭିଡିଓ କନ୍‌ଫରେନ୍ସ ଜରିଆରେ ରାଜ୍ୟର ଗ୍ରୀଷ୍ମ ପ୍ରବାହ ସ୍ଥିତିକୁ ନେଇ ତୁରନ୍ତ ଏକ ସମୀକ୍ଷା ବୈଠକ କରିଥିଲେ। ପରିସ୍ଥିତିର ମୁକାବିଲା ପାଇଁ ସମସ୍ତ ପ୍ରସ୍ତୁତି କରିବାକୁ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଏବଂ ଶକ୍ତି ବିଭାଗକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ପୃଷ୍ଠା-୪

# ଠିକ୍ ଠିକଣାରେ ଭୁଲ ମୃତଦେହ

## ଆତ୍ମୀୟଙ୍କ ମୃତଦେହ ଭାବି ଅଣଓଡ଼ିଆଙ୍କ ଶବ ସତ୍କାର

ନିଶ୍ଚିନ୍ତକୋଇଲି,୧୧।୪(ସ୍ୱ.ପ୍ର)

ଠିକଣା ଠିକ୍ ଥିଲେ ମଧ୍ୟ ଭୁଲ୍ ମୃତଦେହ ପରିବାର ନିକଟରେ ପହଞ୍ଚିଥିଲା। ଆତ୍ମୀୟଙ୍କ ମରଶରୀରକୁ ଚିହ୍ନି ନ ପାରି ପରିବାର ଲୋକେ ତାହାକୁ ସତ୍କାର କରିଦେଲେ। ହେଲେ ପରେ ଜଣାପଡ଼ିଥିଲା ସଂସ୍କାର କରାଯାଇଥିବା ମୃତଦେହ ରାଜସ୍ଥାନର ଜଣେ ମୃତବ୍ୟକ୍ତିଙ୍କର। କୋରିୟର କମ୍ପାନୀର ଭୁଲ ଯୋଗୁ ଏଭଳି ଏକ ଘଟଣା କଟକ ଜିଲା ନେମାଳ ଥାନା ନିଶ୍ଚିନ୍ତକୋଇଲି ବ୍ଲକର ତିଲକଣା ପଞ୍ଚାୟତ ଅନ୍ତର୍ଗତ କୁଆଁଶୋଳ ଗ୍ରାମରେ ଘଟିଥିବା ଦେଖିବାକୁ ମିଳିଛି।

ମିଳିଥିବା ସୂଚନା ଅନୁଯାୟୀ, କୁଆଁଶୋଳ ଗ୍ରାମରେ ପହଞ୍ଚିଥିବା ମୃତଦେହକୁ ଜାଣି ନ ପାରି ପରିବାର ଲୋକେ ରାଜସ୍ଥାନର ଜଣେ ମୃତବ୍ୟକ୍ତିଙ୍କ ମରଶରୀରକୁ ସଂସ୍କାର କରିଦେଇଛନ୍ତି। ହେଲେ କୁଆଁଶୋଳ ଗ୍ରାମର ମୃତବ୍ୟକ୍ତିଙ୍କ ମୃତଶରୀର ରାଜସ୍ଥାନରେ ପହଞ୍ଚିଥିବା ଜଣାପଡ଼ିଛି। ଇତିମଧ୍ୟରେ ତାଙ୍କ ମୃତଦେହ ସେଠାରୁ ଗ୍ରାମକୁ ପଠାଯାଇଥିବା କୁହାଯାଉଛି। ଅପରପକ୍ଷେ ଗ୍ରାମରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ରାଜସ୍ଥାନର ମୃତକଙ୍କ ଚିତାଭସ୍ମ ଓ ଅସ୍ଥିକୁ ତାଙ୍କ ପରିବାର ଲୋକେ ଆସି ସାଙ୍ଗରେ ନେଇଯାଇଥିବା ସ୍ଥାନୀୟ ଲୋକେ କହିଛନ୍ତି। କୁଆଁଶୋଳ ଗ୍ରାମର ବିଳାସ ଚନ୍ଦ୍ର ଭୂୟାଁ(୫୨)ଦୀର୍ଘ ଦିନ ପୃଷ୍ଠା-୪



ବିଳାସ ଚନ୍ଦ୍ର ଭୂୟାଁ

- ■ ସଂସ୍କାର ପରେ ଚିତାଭସ୍ମ ନେଲେ ଅଣଓଡ଼ିଆ ପରିବାର
- ■ ରାଜସ୍ଥାନରୁ ଅଣାଯାଉଛି ବିଳାସଙ୍କ ମୃତଦେହ

# 'ଗୋମୂତ୍ର ସେବନ ମଣିଷ ପାଇଁ ଅନୁପଯୁକ୍ତ'

ବରେଲୀ , ୧୧।୪

ଗୋମୂତ୍ରରେ ହାନିକାରକ ବ୍ୟାକ୍ଟେରିଆ ରହୁଥିବାରୁ ଏହାକୁ ସିଧାସଳଖ ସେବନ କରିବା ଉପଯୁକ୍ତ ନୁହେଁ ବୋଲି ଭାରତୀୟ ଭେଟେରିନାରି ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ (ଆଇଭିଆର୍‌ଆଇ) ଗବେଷଣାରେ କୁହାଯାଇଛି। ବରେଲୀର ଆଇସିଏଆର୍‌ରେ ଥିବା ଏହି ସଂସ୍ଥା ପ୍ରାଣୀମାନଙ୍କ ଉପରେ ଗବେଷଣା କରିଥାଏ। ଗୋମୂତ୍ର ବ୍ୟାକ୍ଟେରିଆ ନିରୋଧୀ ବୋଲି ସାଧାରଣରେ ରହିଥିବା ବିଶ୍ୱାସ ଠିକ୍ ନୁହେଁ। କୌଣସି ସ୍ଥିତିରେ ମଧ୍ୟ ମୂତ୍ରକୁ ମାନବ ସେବନ ପାଇଁ ସୁପାରିସ କରାଯାଇ ପାରିବ ନାହିଁ। ମଇଁଷି ମୂତ୍ରରେ କେତେକ ବ୍ୟାକ୍ଟେରିଆ ଥିଲେ ମଧ୍ୟ ଏହା ଅଧିକ ପ୍ରଭାବୀ ବୋଲି ଗବେଷଣାରେ କୁହାଯାଇଛି। ଉକ୍ତ ସଂସ୍ଥାର ଭୋଜରାଜ ସିଂଙ୍କ ନେତୃତ୍ୱରେ ୩ ଜଣ ପିଏଚ୍‌ଡି ଛାତ୍ର ସୁସ୍ଥ ଗାଈ, ଷଣ୍ଢର ମୂତ୍ର ନମୁନା ସଂଗ୍ରହ କରି ଗବେଷଣା କରିଥିଲେ। ସେଥିରେ ଏସ୍‌ଚେରିଚିଆ କୋଲି ସମେତ ଅନ୍ୟୂନ ୧୪ ପ୍ରକାର ହାନିକାରକ ବ୍ୟାକ୍ଟେରିଆ ରହିଛି। ଏହା ପାକସ୍ଥଳୀ ସଂକ୍ରମଣର କାରଣ ହୋଇପାରେ ବୋଲି ଗବେଷଣାରେ କୁହାଯାଇଛି। ରିସର୍ଚ୍ଚ ଗେଟ୍ ନାମକ ଅନ୍‌ଲାଇନ ରିସର୍ଚ୍ଚ ୱେବସାଇଟରେ ଏହା ପ୍ରକାଶ ପାଇଛି। ଗାଈ, ମଇଁଷି ଏବଂ ମଣିଷର ୭୩ଟି ମୂତ୍ର ନମୁନାର ପରିସଂଖ୍ୟାନ ଅନୁଶୀଳନ କରାଯାଇଥିଲା। ମଇଁଷି ମୂତ୍ରରେ ବ୍ୟାକ୍ଟେରିଆ ନିରୋଧୀ କ୍ରିୟା ଗାଈ ତୁଳନାରେ ଅଧିକ ଉନ୍ନତ ବୋଲି ଜଣାପଡ଼ିଛି। ଏସ୍. ଏପିଡର୍ମିଡିସ୍ ଏବଂ ଇ. ରାପୋଣ୍ଟଇସି ଭଳି ବ୍ୟାକ୍ଟେରିଆଙ୍କ ଉପରେ ମଇଁଷି ମୂତ୍ର ଉଲ୍ଲେଖନୀୟ ଭାବେ ଅଧିକ ପ୍ରଭାବୀ। ପରିଶୋଧନ ହୋଇଥିବା ଗୋମୂତ୍ରରେ ସଂକ୍ରାମକ ବ୍ୟାକ୍ଟେରିଆ ନ ଥିବା କେତେକ କହୁଥିବାବେଳେ ଏହା ଉପରେ ଗବେଷଣା ଜାରି ରହିଥିବା ଭୋଜରାଜ କହିଛନ୍ତି। ସୂଚନାଯୋଗ୍ୟ, ଭାରତର ଖାଦ୍ୟ ନିରାପତ୍ତା ଓ ମାନକ କର୍ତ୍ତୃପକ୍ଷ (ଏଫ୍‌ଏସ୍‌ଏସ୍‌ଏଆଇ) ଟ୍ରେଡ୍‌ମାର୍କ ବିନା ବଜାରେ ବିଭିନ୍ନ ସଂସ୍ଥା ଗୋମୂତ୍ର ବିକ୍ରି କରୁଛନ୍ତି। ଅନ୍ୟପକ୍ଷରେ ଆଇଭିଆର୍‌ଆଇର ପୂର୍ବତନ ନିର୍ଦ୍ଦେଶକ ଆର୍.ଏସ୍. ଚୌହାନଙ୍କ ମତରେ ବିଶୋଧିକ ଗୋମୂତ୍ର ମାନବ ଶରୀରରେ ରୋଗ ପ୍ରତିରୋଧ ଶକ୍ତି ବଢ଼ାଇଥାଏ ଯାହା କ୍ୟାନ୍‌ସର ଓ କୋଭିଡ୍ ସଂକ୍ରମଣରୁ ସୁରକ୍ଷା ଦେଇଥାଏ। ସେ ୨୫ ବର୍ଷ ହେଲା ଗୋମୂତ୍ର ଉପରେ ଗବେଷଣା କରୁଥିବା କହିଛନ୍ତି।



# ଏ ବର୍ଷ ସ୍ୱାଭାବିକ ବର୍ଷା

## ଆଇଏମ୍‌ଡିର ପୂର୍ବାନୁମାନ

ନୂଆଦିଲ୍ଲୀ , ୧୧।୪

ଚଳିତ ବର୍ଷ ଦେଶରେ ସ୍ୱାଭାବିକ ମୌସୁମୀ ବର୍ଷା ହେବ ବୋଲି ଭାରତର ପାଣିପାଗ ବିଭାଗ (ଆଇଏମ୍‌ଡି) ମଙ୍ଗଳବାର ପୂର୍ବାନୁମାନ କରିବା ପରେ ଚାଷୀମାନେ ଆଶ୍ୱସ୍ତ ହୋଇଛନ୍ତି। ଦକ୍ଷିଣ ଭାରତର ଅଧିକାଂଶ ଭାଗ, ପୂର୍ବାଞ୍ଚଳ, ଉତ୍ତରପୂର୍ବାଞ୍ଚଳ ଏବଂ ଉତ୍ତରପଶ୍ଚିମ ଭାରତର କେତେକ ଭାଗରେ ସ୍ୱାଭାବିକ ବର୍ଷା ହେବ। ଅନ୍ୟପକ୍ଷରେ ଉତ୍ତରପଶ୍ଚିମ ଭାରତର କେତେକ ଭାଗ, ପଶ୍ଚିମ, କେନ୍ଦ୍ରୀୟ ଏବଂ ଉତ୍ତରପୂର୍ବ ଅଞ୍ଚଳର କେତେକ ଭାଗରେ ସ୍ୱାଭାବିକରୁ କମ୍ ବର୍ଷା ହେବ ବୋଲି ଆଇଏମ୍‌ଡି କହିଛି। ଏବର୍ଷ ସ୍ୱାଭାବିକଠାରୁ କମ୍ ବର୍ଷା ହେବ ବୋଲି ଘରୋଇ ପାଣିପାଗ ପୂର୍ବାନୁମାନକାରୀ ସଂସ୍ଥା ସ୍କାଏମେଟ୍ ଦିନକ ପୂର୍ବରୁ କହିଥିଲା।

ଦକ୍ଷିଣପଶ୍ଚିମ ମୌସୁମୀ ଋତୁ (ଜୁନ୍‌ରୁ ସେପ୍ଟେମ୍ବର)ରେ ସ୍ୱାଭାବିକ ବର୍ଷା ହେବ। ଏହା ଦୀର୍ଘମିଆଦୀ ହାରାହାରି ୮୭ ସିଏମ୍‌ର ୯୬ ପ୍ରତିଶତ ହୋଇପାରେ ବୋଲି ଭୂବିଜ୍ଞାନ ମନ୍ତ୍ରଣାଳୟ ସଚିବ ଏମ୍. ରବିଚନ୍ଦ୍ରନ କହିଛନ୍ତି। ସ୍ୱାଭାବିକ କିମ୍ବା ଏହାଠାରୁ ଅଧିକ ବର୍ଷା ହେବାର ୬୭ ପ୍ରତିଶତ ସମ୍ଭାବନା ଥିବା ଆଇଏମ୍‌ଡିର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି। ଏଲ୍ ନିନୋ ସ୍ଥିତି ଉପୁଜିବା ସହ ବର୍ଷାଋତୁର ଦ୍ୱିତୀୟ ଭାଗରେ ଏହାର ପ୍ରଭାବ ଅନୁଭୂତ ହେବ। ତେବେ ସବୁ ଏଲ୍ ନିନୋ ବର୍ଷ ଖରାପ ମୌସୁମୀ ବର୍ଷ ନୁହେଁ ବୋଲି ଆଇଏମ୍‌ଡି କହିଛି। ଅତୀତର ୪୦ ପ୍ରତିଶତ ଏଲ୍ ନିନୋ ବର୍ଷ (୧୯୫୧-୨୦୨୨)ରେ ସ୍ୱାଭାବିକରୁ ଅଧିକ ବର୍ଷା ହୋଇଛି। ମୌସୁମୀ ଋତୁରେ ସକରାତ୍ମକ ଆଇଓଡି (ଭାରତ ମହାସାଗର ଦ୍ୱିଧ୍ରୁବୀୟ) ସ୍ଥିତି ଦେଖାଦେବାର ସମ୍ଭାବନା ରହିଛି। ଗତବର୍ଷ ଡିସେମ୍ବରରୁ ଚଳିତ ବର୍ଷ ମାର୍ଚ୍ଚ ମଧ୍ୟରେ ଉତ୍ତର ଗୋଲାର୍ଦ୍ଧ ଏବଂ ୟୁରେସିଆରେ ତୁଷାରାବୃତ୍ତ ଅଞ୍ଚଳ ସ୍ୱାଭାବିକଠାରୁ କମ୍ ରହିଥିଲା। ଏହା ଭାରତର ମୌସୁମୀ ବର୍ଷା ପୃଷ୍ଠା-୪

**ଯୁଦ୍ଧାଭ୍ୟାସ ପରେ ତାଇୱାନ ନିକଟରେ ଚାଇନା ଯୁଦ୍ଧଜାହାଜ**

ତାଇୱାନ ଚାରିପଟେ ୩ ଦିନିଆ ସମରାଭ୍ୟାସ ଶେଷ ହେଲା ବୋଲି ଚାଇନା ସୈନ୍ୟବାହିନୀ ଘୋଷଣା କରିବାର ଦିନକ ପରେ ମଧ ସେଠାରେ ବେଜିଂର ୯ଟି ଯୁଦ୍ଧଜାହାଜ ଏବଂ ୨୬ଟି ଲଢୁଆ ଜେଟ୍ ରହିଥିବା ଜଣାପଡ଼ିଛି। ତାଇୱାନ୍ ରାଷ୍ଟ୍ରପତି ସାଇ ଇଙ୍ଗ୍-ୱେନ୍ ଆମେରିକା ହାଉସ୍ ସ୍ପିକର କେଭିନ୍ ମାକାର୍ଥୀଙ୍କୁ ଭେଟିବା ପରେ ବେଜିଂ ନିଜର ଶକ୍ତି ପ୍ରଦର୍ଶନ କରିଥିଲା। ଚାଇନା ସୈନ୍ୟ ଆକ୍ରମଣ ପାଇଁ ପ୍ରସ୍ତୁତ ଥିବା ସୋମବାର କହିଥିଲା।



ରୁଷିଆର କାମ୍‌ଚାଟ୍‌କାରେ ଶିଭେଲୁଚ୍ ଆଗ୍ନେୟଗିରି ଉଦ୍‌ଗିରଣ ପରେ ସମଗ୍ର ଅଞ୍ଚଳ ପାଉଁଶ ଆଚ୍ଛାଦିତ ହୋଇଛି।

## ରୁଷିଆର ସବୁଠୁ ସକ୍ରିୟ ଆଗ୍ନେୟଗିରିରୁ ଲାଭା ଉଦ୍‌ଗିରଣ

**ମସ୍କୋ , ୧୧।୪:** ରୁଷିଆର ସବୁଠୁ ସକ୍ରିୟ ଆଗ୍ନେୟଗିରି ଭାବେ ପରିଚିତ ଶିଭେଲୁଚ୍ ଭଲ୍‌କାନୋରୁ ମଙ୍ଗଳବାର ଲାଭା ଉଦ୍‌ଗିରଣ ହୋଇଛି। କାମଚାଟ୍‌କା ପେନିନ୍‌ସୁଲାରେ ଥିବା ଆଗ୍ନେୟଗିରି ଲାଭା ସହ ପାଉଁଶ ୧୦ କିଲୋମିଟର ପର୍ଯ୍ୟନ୍ତ ଉଠିଥିଲା। ଫଳରେ ଉକ୍ତ ଅଞ୍ଚଳ ଦେଇ ବିମାନ ଚଳାଚଳ ପ୍ରତି ବିପଦ ସୃଷ୍ଟି ହୋଇଥିବାରୁ ସତର୍କ ସୂଚନା ଜାରି କରାଯାଇଛି। ଆଗ୍ନେୟଗିରି ଉପରେ ବୃହତ୍ ପାଉଁଶ ବାଦଲ ଆସ୍ତରଣ ଆକାଶକୁ ଆଚ୍ଛାଦିତ କରି ରଖିବା ସହ ପଶ୍ଚିମ ଆଡ଼କୁ ଗତି କରୁଛି। ପାଉଁଶ ଆସ୍ତରଣ ୧,୦୮,୦୦୦ ବର୍ଗକିଲୋମିଟର ଅଞ୍ଚଳକୁ ବ୍ୟାପିଥିବାବେଳେ ପାଖ ଗାଁଗୁଡ଼ିକରେ ୧୦ ସେଣ୍ଟିମିଟର ଉଚ୍ଚର ପାଉଁଶ ଗଦାହୋଇଛି। ଫଳରେ ସ୍ୱାଭାବିକ ଜୀବନଯାତ୍ରା ଅଚଳ ହୋଇପଡ଼ିଛି।

## ଆମେରିକାରେ ମାଂସଭକ୍ଷୀ ବ୍ୟାକ୍ଟେରିଆ ଆତଙ୍କ

**ୱାଶିଂଟନ୍, ୧୧।୪**

ଆମେରିକାର ପୂର୍ବତଟରେ ମାଂସଭକ୍ଷୀ ବ୍ୟାକ୍ଟେରିଆ ଦ୍ୱାରା ଲୋକେ ଭିବ୍ରିଓ ଭଲନିଫିକସ୍ ରୋଗରେ ଆକ୍ରାନ୍ତ ହେବାରେ ଲାଗିଛନ୍ତି। ଏହି ବିରଳ ବ୍ୟାକ୍ଟେରିଆ ଯୋଗୁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖିବାକୁ ମିଳିଛି। ଗରମ ଜଳ ଯୋଗୁ ସ୍ଥାନୀୟ ଲୋକେ ଏହି ବ୍ୟାକ୍ଟେରିଆରେ ଆକ୍ରାନ୍ତ ହେଉଥିବା ଜଣାପଡ଼ିଛି। ଭିବ୍ରିଓ ଭଲନିଫିକସ୍‌ରେ ଆକ୍ରାନ୍ତ ଲୋକଙ୍କ ମୃତ୍ୟୁ ଆଶଙ୍କା ବଢ଼ିଯାଉଥିବା ଆମେରିକାର ସେଣ୍ଟର୍ସ ଫର୍ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନ୍ସନ୍ ପକ୍ଷରୁ କୁହାଯାଇଛି। ରୋଗୀମାନଙ୍କର ଅଧିକ ଯତ୍ନ ନେବାର ଆବଶ୍ୟକତା ରହିଛି। ଅନେକ ସମୟରେ ଆକ୍ରାନ୍ତଙ୍କ ଜୀବନ ରକ୍ଷା ପାଇଁ ଖଣ୍ଡିଆ ହୋଇଥିବା ଅଙ୍ଗକୁ କାଟିବାକୁ ମଧ ପଡୁଥିବା ଡାକ୍ତର କହିଛନ୍ତି। ଭିବ୍ରିଓ ଭଲନିଫିକସ୍‌ରେ



ଆକ୍ରାନ୍ତ ପ୍ରତି ୫ ଜଣଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟୁଥିବାବେଳେ ପ୍ରତ୍ୟେକ ଦିନ ଆକ୍ରାନ୍ତ ଚିହ୍ନଟ ହେବାରେ ଲାଗିଛନ୍ତି।

## ୧୯୮୪ ଶିଖ୍ ବିରୋଧୀ ଦଙ୍ଗା: ଟାଇଟଲରଙ୍କ ସ୍ୱର ନମୁନା ସଂଗ୍ରହ କଲା ସିବିଆଇ

**ନୂଆଦିଲ୍ଲୀ, ୧୧।୪:** ୧୯୮୪ରେ ଦିଲ୍ଲୀ ଶିଖ୍ ବିରୋଧୀ ଦଙ୍ଗା ମାମଲାରେ ସିବିଆଇ ମଙ୍ଗଳବାର କଂଗ୍ରେସ ନେତା ଜଗଦୀଶ ଟାଇଟଲରଙ୍କ ସ୍ୱର ନମୁନା ସଂଗ୍ରହ କରିଛି। ସିବିଆଇ ଉକ୍ତ ମାମଲାରେ ୩ଟି କ୍ଲୋଜର ରିପୋର୍ଟ ଦାଖଲ କରିଥିଲା। ତେବେ ସାନି



ଜଗଦୀଶ ଟାଇଟଲର

ପ୍ରମାଣ ମିଳିବା ପରେ ତଦନ୍ତକାରୀ ସଂସ୍ଥା ଟାଇଟଲରଙ୍କ ସ୍ୱର ନମୁନା ନେବା ଲାଗି ତାଙ୍କୁ ସିଜିଓ କମ୍ପ୍ଲେକ୍ସରେ ଥିବା କେନ୍ଦ୍ରୀୟ ଫୋରେନ୍‌ସିକ୍ ସାଇନ୍ସ ଲାବରେଟୋରିକୁ ଡାକିଥିଲା। ୧୯୮୪ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ତାଙ୍କର ଶିଖ୍ ଅଙ୍ଗରକ୍ଷୀ ହତ୍ୟା କରିବା ପରେ ଦିଲ୍ଲୀରେ ଶିଖ୍ ବିରୋଧୀ ଦଙ୍ଗା ସୃଷ୍ଟି ହୋଇଥିଲା। ନଭେମ୍ବର ୧ରେ ଉତ୍ତର ଦିଲ୍ଲୀର ଗୁରୁଦ୍ୱାରା ପୁଲ୍ ବଙ୍ଗେଶ ଦଙ୍ଗାରେ ୩ ଜଣଙ୍କ ଜୀବନ ଯାଇଥିଲା। କ୍ଲୋଜର ରିପୋର୍ଟ ବିରୋଧରେ ମୃତକଙ୍କ ପରିବାର କୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ସିବିଆଇ ପୁନର୍ବାର ତଦନ୍ତ ଆରମ୍ଭ କରିଥିଲା। ସ୍ୱର ନମୁନା ଦାଖଲ କରିବା ପରେ ଟାଇଟଲର ଗଣମାଧ୍ୟମକୁ କହିଛନ୍ତି, ସେ କୌଣସି ଭୁଲ୍ କରିନାହାନ୍ତି। ଯଦି ତାଙ୍କ ବିରୋଧରେ ପ୍ରମାଣ ଥାଏ, ତେବେ ସେ ଫାଶୀ ପାଇବାକୁ ପ୍ରସ୍ତୁତ ବୋଲି କହିଛନ୍ତି।

# ଗଣତନ୍ତ୍ରକୁ ଧ୍ୱସ୍ତ କରୁଛନ୍ତି ପ୍ରଧାନମନ୍ତ୍ରୀ

### ମୋଦି ସରକାରଙ୍କୁ ସୋନିଆଙ୍କ ଟାର୍ଗେଟ୍

**ନୂଆଦିଲ୍ଲୀ,୧୧।୪**

କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ 'ଦି ହିନ୍ଦୁ' ଖବରକାଗଜରେ ଏକ ସମ୍ପାଦକୀୟ ଲେଖିଛନ୍ତି, ଯାହାର ଶୀର୍ଷକ ହେଉଛି 'ଆନ୍ ଏନ୍‌ଫୋର୍ସଡ୍ ସାଇଲେନ୍ସ କ୍ୟାନ୍ ନଟ୍ ସଲ୍‌ଭ ଇଣ୍ଡିଆଜ୍ ପ୍ରୋବ୍ଲେମ୍ସ' ଅର୍ଥାତ୍ ଲଦିଦିଆଯାଇଥିବା ଏକ ନୀରବତା ଭାରତର ସମସ୍ୟାଗୁଡ଼ିକର ସମାଧାନ କରିପାରିବ ନାହିଁ। ଏହି ଆଲେଖ୍ୟରେ ୭୬ ବର୍ଷୀୟା ସୋନିଆ କେନ୍ଦ୍ରର ମୋଦି ସରକାରଙ୍କୁ ଟାର୍ଗେଟ କରିଛନ୍ତି। କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଦୁରୁପଯୋଗ, ସଂସଦରେ ବିରୋଧୀଙ୍କ ସ୍ୱରକୁ ଚପାଇବା, ଗଣମାଧ୍ୟମ ଉପରେ ଚାପ ସୃଷ୍ଟି ଓ ନ୍ୟାୟପାଳିକାର ବିଶ୍ୱସନୀୟତାକୁ ଦୁର୍ବଳ କରିବା ପାଇଁ କେନ୍ଦ୍ର ଉଦ୍ୟମ ଚଳାଇଥିବା ସୋନିଆ ଅଭିଯୋଗ ଆଣିଛନ୍ତି। ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦରଦାମ୍ ବୃଦ୍ଧି, ଦେଶରେ ବଢ଼ିଚାଲିଥିବା ବେରୋଜଗାରି, କୃଷକଙ୍କ ସମସ୍ୟା ଓ ଚାଇନା ସହ ସୀମା ବିବାଦକୁ ନେଇ ମଧ ସେ ସମାଲୋଚନା କରିଛନ୍ତି। ମୁଖ୍ୟ ବିରୋଧୀ ଦଳ ଭାବେ କଂଗ୍ରେସ ନିଜ କର୍ତ୍ତବ୍ୟକୁ ହୃଦୟଙ୍ଗମ କରୁଛି। ସମଭାବାପନ୍ନ ଦଳଗୁଡ଼ିକ ସହ ମିଶି କାର୍ଯ୍ୟ କରିବା ପାଇଁ ସର୍ବପୁରାତନ ଦଳ ପ୍ରସ୍ତୁତ ବୋଲି ସୋନିଆ କହିଛନ୍ତି।

କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ



ସୋନିଆ ଗାନ୍ଧୀ

ଉକ୍ତ ସମ୍ପାଦକୀୟରେ ଲେଖିଛନ୍ତି, କିଛି ମାସ ହେଲା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କ ସରକାର ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଅଣଦେଖା କରିଆସିଛନ୍ତି। ଏହି ସମସ୍ୟାଗୁଡ଼ିକରୁ ଦେଶବାସୀଙ୍କ ଧ୍ୟାନ ହଟାଇବା ପାଇଁ ମୋଦି ଅନେକ ସମୟରେ ମନ୍ତବ୍ୟ ଦେଉଛନ୍ତି। ଏପରି କି ଗଣତନ୍ତ୍ରର ତିନୋଟିଯାକ ସ୍ତମ୍ଭକୁ ସେମାନେ ଧ୍ୱସ୍ତ କରିବାରେ ଲାଗିଛନ୍ତି। ଭାରତୀୟ ସମ୍ବିଧାନ ଓ ଏହାର ସିଦ୍ଧାନ୍ତଗୁଡ଼ିକର ସୁରକ୍ଷା ସକାଶେ କଂଗ୍ରେସ ନିଜ ବାର୍ତ୍ତାକୁ ଲୋକଙ୍କ ପାଖରେ ପ୍ରତ୍ୟକ୍ଷ ଭାବେ ପହଞ୍ଚାଇବା ପାଇଁ ସବୁ ସମଭାବାପନ୍ନ ଦଳ ସହ ହାତ ମିଳାଇବାକୁ ସମସ୍ତ ପ୍ରକାର ଉଦ୍ୟମ କରିବ। ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକାକୁ ମୋଦି ସରକାର ବ୍ୟବସ୍ଥିତ ଢଙ୍ଗରେ ଭାଙ୍ଗିବାରେ ଲାଗିଛନ୍ତି।

ରାଏବରେଲି ଏମ୍‌ପି ସୋନିଆ ଆହୁରି ଲେଖିଛନ୍ତି, ବଜେଟ ଅଧିବେଶନ ବେଳେ ଲୋକ ସଭା ଓ ରାଜ୍ୟ ସଭା ନିର୍ଦ୍ଧାରିତ ଅବଧିର ଏକ-ତୃତୀୟାଂଶରୁ କମ୍ କାର୍ଯ୍ୟକ୍ଷମ ହୋଇପାରିଛି। ଏହାକୁ ନେଇ ସୋନିଆ କହିଛନ୍ତି, ଶାସକ ଭାଜପା ପାର୍ଲାମେଣ୍ଟରେ ବ୍ୟାଘାତ ସୃଷ୍ଟି କରି ବିରୋଧୀଙ୍କୁ ପ୍ରସଙ୍ଗଗୁଡ଼ିକ ଉଠାଇବାକୁ ଦେଲାନାହିଁ। ଏହା ହେଉଛି ସରକାରଙ୍କ ରଣନୀତି। ମୁଦ୍ରାସ୍ଫୀତି, ବେକାରି, ସାମାଜିକ ବିଭାଜନ ଓ ଆଦାନୀ ଦୁର୍ନୀତି ପ୍ରସଙ୍ଗରେ ସରକାର ଆଲୋଚନା ହେଉ ବୋଲି ଚାହିଁଲେ ନାହିଁ। କେନ୍ଦ୍ର ସରକାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ), ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ ଜାତୀୟ ସୁରକ୍ଷା ଆଇନଗୁଡ଼ିକୁ ଖବରଦାତା, ଆକ୍ଟିଭିଷ୍ଟ ଏବଂ ଜଣାଶୁଣା ଥିଙ୍କ୍ ଟ୍ୟାଙ୍କଗୁଡ଼ିକ ବିରୋଧରେ ଲଗାଉଛନ୍ତି। ପ୍ରଧାନମନ୍ତ୍ରୀ ସତ୍ୟ ଓ ନ୍ୟାୟ ଉପରେ ଅନାବଶ୍ୟକ ଭାବେ ଆଡ଼ମ୍ବରପୂର୍ଣ୍ଣ ମନ୍ତବ୍ୟ ଦେଉଛନ୍ତି। କିନ୍ତୁ ତାଙ୍କ ପସନ୍ଦର ବ୍ୟବସାୟୀମାନଙ୍କ ବିରୋଧରେ ଆସିଥିବା ଆର୍ଥିକ ଠକେଇ ଅଭିଯୋଗକୁ ଅଣଦେଖା କରାଯାଉଛି। ପଳାତକ ମେହୁଲ ଚୋକ୍‌ସିଙ୍କ ବିରୋଧରେ ଜାରି ନୋଟିସକୁ ଇଣ୍ଟରପୋଲ୍ ପ୍ରତ୍ୟାହାର କରିନେଇଛି। ଗୁଜରାଟ ଦଙ୍ଗା ପୀଡ଼ିତା ବିଲ୍‌କିସ୍ ବାନୋଙ୍କ ବଳାତ୍କାରୀମାନଙ୍କୁ ଜେଲରୁ ଖଲାସ କରାଯାଇଛି। ସେମାନେ ଭାଜପା ନେତାମାନଙ୍କ ସହ ଗୋଟିଏ ମଞ୍ଚରେ ସାମିଲ ହେଉଛନ୍ତି ବୋଲି ସାଂଘାତିକ ଅଭିଯୋଗ ଆଣିଛନ୍ତି ସୋନିଆ। ୪୫ ଲକ୍ଷ କୋଟି ଟଙ୍କାର ବଜେଟକୁ ପାର୍ଲାମେଣ୍ଟରେ ବିନା ବିତର୍କରେ ଗୃହୀତ କରାଇନେବା ପାଇଁ ମୋଦି ସରକାର ଧ୍ୟାନ ହଟାଇବା ଭଳି ଅନେକ କାର୍ଯ୍ୟ କରିଛନ୍ତି। ଲୋକ ସଭାରେ ଏହି ଆର୍ଥିକ ବିଲ୍ ଉପସ୍ଥାପନ ବେଳେ ପ୍ରଧାନମନ୍ତ୍ରୀ ନିଜ ସଂସଦୀୟ ଆସନରେ ପ୍ରକଳ୍ପ ଉଦ୍‌ଘାଟନ କରୁଥିଲେ। ଏପରି କି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ବଜେଟ ଉପସ୍ଥାପନ ବେଳେ ମୁଦ୍ରାସ୍ଫୀତି ଓ ବେକାରି ସମସ୍ୟା ସମ୍ପର୍କରେ ପଦୁଟିଏ କହି ନ ଥିଲେ, ସତେ ଯେମିତି ଦେଶରେ ଏଭଳି କୌଣସି ସମସ୍ୟା ନାହିଁ।

ଦେଶରେ ଗଣମାଧ୍ୟମର ସ୍ୱାଧୀନତା ସହ ସାଲିସ କରାଯାଉଛି। ସାମ୍ବାଦିକମାନଙ୍କୁ ଧମକ ଦିଆଯାଉଛି। ଏପରି କି ନ୍ୟୁଜ୍ ଚ୍ୟାନେଲଗୁଡ଼ିକରେ ସରକାରଙ୍କୁ ପ୍ରଶ୍ନ କରୁଥିବା ଲୋକଙ୍କୁ ନୀରବ କରିଦିଆଯାଉଛି। କୌଣସି ଖବରକୁ 'ଫେକ୍ ନ୍ୟୁଜ୍' ଆଖ୍ୟା ଦେବା ପାଇଁ କେନ୍ଦ୍ର ସରକାର ଆଣିଥିବା ଇନ୍‌ଫର୍ମେଶନ ଟେକ୍ନୋଲୋଜି (ଇଣ୍ଟରମିଡିଆରି ଗାଇଡ୍‌ଲାଇନ୍ସ ଆଣ୍ଡ ଏଥିକ୍ସ କୋଡ୍) ରୁଲ୍ସ, ୨୦୨୧କୁ ନେଇ ମଧ ସୋନିଆ ବର୍ଷିଛନ୍ତି। ନିଃସନ୍ଦେହ ଯେ ଭାଜପା ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ମହାନ୍ ନେତାଙ୍କ ସମାଲୋଚନା ପ୍ରକାଶ କରୁଥିବା ପ୍ଲାଟ୍‌ଫର୍ମଗୁଡ଼ିକୁ ହଇରାଣ କରିବାକୁ ସବୁବେଳେ ପ୍ରସ୍ତୁତ। କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକ ଦ୍ୱାରା ରୁଜୁ ୯୫% ମାମଲା ହେଉଛି ବିରୋଧୀ ନେତାମାନଙ୍କ ବିପକ୍ଷରେ। କିନ୍ତୁ ଭାଜପାରେ ସାମିଲ ହେଉଥିବା ନେତାଙ୍କୁ ଧୁଆମୂଳା କରିଦିଆଯାଉଛି। ଲଦି ଦିଆଯାଉଥିବା ନୀରବତା ଭାରତର ସମସ୍ୟାଗୁଡ଼ିକର ସମାଧାନ କରିପାରିବ ନାହିଁ ବୋଲି ଉକ୍ତ ଏଡିଟୋରିଆଲ୍‌ରେ ସୋନିଆ ଉଲ୍ଲେଖ କରିଛନ୍ତି। ଏହାର ଜବାବରେ କେନ୍ଦ୍ରମନ୍ତ୍ରୀ କିରେନ୍ ରିଜିଜୁ ଏବଂ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ସୋନିଆଙ୍କ ମନ୍ତବ୍ୟ ଅବାସ୍ତବ, ଭ୍ରମାତ୍ମକ ଏବଂ ଅସତ୍ୟ ଉପରେ ଆଧାରିତ, ଯାହାକି ମୋଦି ସରକାରଙ୍କ ପ୍ରତି ତାଙ୍କର ଘୃଣାଭାବକୁ ଦର୍ଶାଉଛି। ଆଇନମନ୍ତ୍ରୀ ରିଜିଜୁ ଟୁଇଟ୍ କରିଛନ୍ତି, ସୋନିଆ ଗାନ୍ଧୀ ଗଣତନ୍ତ୍ର ଉପରେ ଭାଷଣ ଦେଉଛନ୍ତି? କଂଗ୍ରେସ ପାର୍ଟି ନ୍ୟାୟପାଳିକାର ସ୍ୱାଧୀନତାକୁ ନେଇ ଅବାସ୍ତବ କଥା କହୁଛି। ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ମତରେ ସୋନିଆଙ୍କ ଆଲେଖ୍ୟରୁ ମୋଦିଙ୍କ ପ୍ରତି ତାଙ୍କ ଘୃଣା ପ୍ରତିଫଳିତ ହେଉଛି।

## ମସ୍କଙ୍କ ବିରୋଧରେ ମକଦ୍ଦମା କଲେ ପରାଗ



ପରାଗ ଅଗ୍ରୱାଲ

**ସାନ୍‌ଫ୍ରାନ୍ସିସ୍କୋ, ୧୧।୪**

ମାଇକ୍ରୋ ବ୍ଲଗିଂ ଜାଏଣ୍ଟ ଟୁଇଟରରୁ ବାହାର ହୋଇଥିବା ପୂର୍ବତନ ସିଇଓ ପରାଗ ଅଗ୍ରୱାଲଙ୍କ ସମେତ ଆଉ ୨ ପୂର୍ବତନ ଏକ୍‌ଜିକ୍ୟୁଟିଭ୍ ଏଲନ ମସ୍କଙ୍କ ବିରୋଧରେ ଏକ କୋର୍ଟରେ ମକଦ୍ଦମା ଦାଏର କରିଛନ୍ତି। କମ୍ପାନୀ ପୂର୍ବ ଚୁକ୍ତି ଅନୁସାରେ ଉକ୍ତ କର୍ମଚାରୀଙ୍କୁ କ୍ଷତିପୂରଣ ବାବଦକୁ ଟଙ୍କା ଦେଇ ନ ଥିବା ଅଭିଯୋଗ କରି ମକଦ୍ଦମା ଦାଏର ହୋଇଛି। ଟୁଇଟରର ୩ ପୂର୍ବତନ କର୍ମଚାରୀ ବର୍ତ୍ତମାନ ସମୟରେ କମ୍ପାନୀଠାରୁ ୧ ମିଲିୟନ୍ ଡଲାର ନେବାକୁ ଦାବିଦାର। ଆଇନ ଅନୁସାରେ କମ୍ପାନୀ ଏହି ଟଙ୍କା କର୍ମଚାରୀଙ୍କୁ ଦେବାକୁ ବାଧ ବୋଲି ମକଦ୍ଦମାରେ ଉଲ୍ଲେଖ କରାଯାଇଛି। ଗତବର୍ଷ ଅକ୍ଟୋବରରେ ମସ୍କ ୪୪ ବିଲିୟନ୍ ଡଲାରରେ ଟୁଇଟର କିଣିଥିଲେ। ପରେ ମସ୍କ ପରାଗ ଅଗ୍ରୱାଲଙ୍କ ସମେତ କମ୍ପାନୀର ପୂର୍ବତନ ଚିଫ୍ ଲିଗାଲ୍ ଅଫିସର ବିଜୟା ଗାଡେ ଏବଂ ମୁଖ୍ୟ ଫାଇନାନ୍ସ ଅଫିସର ନେଡ୍ ସେଗାଲଙ୍କୁ ଚାକିରିରୁ ବାହାର କରିଥିଲେ।

## ବ୍ରିଟେନ୍ ସାଇବର-ସ୍ପାଇଂ ଏଜେନ୍ସି ମୁଖ୍ୟ ଆନେ କିଷ୍ଟ-ବଟଲର

**ଲଣ୍ଡନ, ୧୧।୪:** ବ୍ରିଟେନର ସାଇବର-ସ୍ପାଇଂ ଏଜେନ୍ସି ଗଭର୍ନମେଣ୍ଟ କମ୍ୟୁନିକେଶନ୍ସ ହେଡ୍‌କ୍ୱାର୍ଟର୍ସ (ଜିସିଏଚ୍‌କ୍ୟୁ)ର ମୁଖ୍ୟ ପଦ ପାଇଁ ପ୍ରଥମ ମହିଳା ଭାବେ ଆନେ କିଷ୍ଟ-ବଟଲର ଦାୟିତ୍ୱ ଗ୍ରହଣ କରିବେ। ବର୍ତ୍ତମାନ ଆନେ ବ୍ରିଟେନ୍‌ର ଡୋମେଷ୍ଟିକ୍ ଇଣ୍ଟେଲିଜେନ୍ସ ସର୍ଭିସ୍ ଏମ୍‌୧୫ର ଉପ-



ସଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରୁଛନ୍ତି। ମେ'ରେ ସେ ବିଧିବଦ୍ଧ ଭାବେ ଜିସିଏଚ୍‌କ୍ୟୁର ମୁଖ୍ୟ ଦାୟିତ୍ୱ ଗ୍ରହଣ କରିବେ ବୋଲି ଏଜେନ୍ସି ପକ୍ଷରୁ କୁହାଯାଇଛି। ଲଗାତର ୩୦ ବର୍ଷ ଧରି ଆନେ ଜାତୀୟ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟ କରିଆସୁଛନ୍ତି। ବର୍ତ୍ତମାନ ସାର୍ ଜେରେମି ଫ୍ଲେମିଂ ଜିସିଏଚ୍‌କ୍ୟୁର ମୁଖ୍ୟ ଅଛନ୍ତି। ଗତ ଜାନୁୟାରୀରେ ଫ୍ଲେମିଂ ଦାୟିତ୍ୱରୁ ଓହରିବା ନେଇ ଘୋଷଣା କରିଥିଲେ।

## ମୌସୁମୀ ଅଧିବେଶନରେ ଆସିବ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ବିଲ୍

### ସୁପ୍ରିମକୋର୍ଟଙ୍କୁ ଜଣାଇଲା କେନ୍ଦ୍ର

**ନୂଆଦିଲ୍ଲୀ, ୧୧।୪**

ଡିଜିଟାଲ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ବିଲ୍ ପ୍ରସ୍ତୁତ ହୋଇଛି ଏବଂ ପାର୍ଲାମେଣ୍ଟରେ ଆଗାମୀ ମୌସୁମୀ ଅଧିବେଶନରେ ଏହାକୁ ଉପସ୍ଥାପନ କରାଯିବ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଟର୍ନି ଜେନେରାଲ ଆର୍. ଭେଙ୍କଟରମଣୀ ମଙ୍ଗଳବାର ସୁପ୍ରିମକୋର୍ଟଙ୍କୁ ଏହା ଜଣାଇଛନ୍ତି। ହ୍ୱାଟ୍ସଆପ୍ ପ୍ରିଭେସି ନୀତି ସହ ଜଡିତ ବ୍ୟକ୍ତିଗତ ତଥ୍ୟ ସୁରକ୍ଷାକୁ ନେଇ ଆବେଦନକାରୀ ଚିନ୍ତାବ୍ୟକ୍ତ କରିଥିବାବେଳେ ଉକ୍ତ ବିଲ୍ ଏହାର ସମାଧାନ କରିବ ବୋଲି ଆର୍ଟର୍ନି ଜେନେରାଲ କହିଛନ୍ତି। ହ୍ୱାଟ୍ସଆପ୍‌ର ୨୦୨୧ ପ୍ରିଭେସି ପଲିସି ଗ୍ରହଣ କରିବାକୁ ୟୁଜରମାନେ ବାଧ ନୁହନ୍ତି ବୋଲି ଏହି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଗଣମାଧ୍ୟମରେ ବ୍ୟାପକ ପ୍ରଚାର କରିବାକୁ ଗତ ଫେବୃୟାରୀ ୧ରେ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ନୂଆ ତଥ୍ୟ ସୁରକ୍ଷା ବିଲ୍ କାର୍ଯ୍ୟକାରୀ ନ ହେବା ପର୍ଯ୍ୟନ୍ତ ହ୍ୱାଟ୍ସଆପ୍‌ର କାର୍ଯ୍ୟକ୍ଷମତା ପ୍ରଭାବିତ ହେବନାହିଁ ବୋଲି କୁହାଯାଇଥିଲା। ଉକ୍ତ ବିଲ୍ ପ୍ରସ୍ତୁତ ବୋଲି ମଙ୍ଗଳବାର ଜଷ୍ଟିସ୍ କେ.ଏମ୍.ଜୋସେଫ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠକୁ ଆର୍ଟର୍ନି ଜେନେରାଲ କହିଛନ୍ତି। ଉକ୍ତ ପୀଠରେ ଜଷ୍ଟିସ ଅଜୟ ରସ୍ତୋଗୀ, ଅନିରୁଦ୍ଧ ବୋଷ, ହୃଷୀକେଶ ରାୟ ଏବଂ ସି.ଟି. ରବିକୁମାର ରହିଛନ୍ତି। ଆର୍ଟର୍ନି ଜେନେରାଲ ରିପୋର୍ଟ ଦାଖଲ କରିବା ପରେ ମାମଲାର ପରବର୍ତ୍ତୀ ଶୁଣାଣି ଅଗଷ୍ଟରେ କରିବାକୁ ଧାର୍ଯ୍ୟ ହୋଇଛି।

## ଭାରତ-ନେପାଳ ଡିଜିଟାଲ ପେମେଣ୍ଟସ୍ ଡିଲ୍ ହେବ

**କାଠମାଣ୍ଡୁ , ୧୧।୪**

ଭରତ ଓ ନେପାଳ ମଧ୍ୟରେ ଇ-ୱାଲେଟ୍ ବ୍ୟବହାର କରି ସୀମାପାରି ଡିଜିଟାଲ ପେମେଣ୍ଟ ପାଇଁ ଚୁକ୍ତିନାମା ସ୍ୱାକ୍ଷରିତ ହେବାକୁ ଯାଉଛି। ମୁଦ୍ରାଜନିତ ପ୍ରତିବନ୍ଧକ ଦୂର ହେବା ଫଳରେ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଓ ପର୍ଯ୍ୟଟନ ବୃଦ୍ଧି ପାଇବ। ନେପାଳ ପ୍ରଧାନମନ୍ତ୍ରୀ ଚଳିତ ମାସରେ ଭାରତ ଗସ୍ତରେ ଆସିବାକୁ ଥିବାବେଳେ ସେହି ସମୟରେ ଉପରୋକ୍ତ ଚୁକ୍ତିନାମା ସ୍ୱାକ୍ଷର ହେବା ଆଶା କରାଯାଉଛି। ଫଳରେ ଭାରତୀୟ ପର୍ଯ୍ୟଟକମାନେ ନେପାଳରେ ଭାରତପେ, ଫୋନ୍‌ପେ, ଗୁଗଲ୍‌ପେ ଏବଂ ପେଟିଏମ୍‌ରେ ପେମେଣ୍ଟ କରିପାରିବେ। କାଠମାଣ୍ଡୁରେ ଥିବା ଭାରତର ରାଷ୍ଟ୍ରଦୂତ ନବୀନ ଶ୍ରୀବାସ୍ତବ ଏହି ସୂଚନା ଦେଇଛନ୍ତି।




ବ୍ରିଟେନ ସରକାରଙ୍କ ସହ ଆଲୋଚନା ବିଫଳ ହେବା ପରେ ଲଣ୍ଡନର ସେଣ୍ଟ ଥୋମାସ୍ ହସ୍ପିଟାଲ ବାହାରେ ଆନ୍ଦୋଳନରତ ଜୁନିୟର ଡାକ୍ତର।

## ପୋଲିସ ଭୂମିକାରେ ସିଦ୍ଧାର୍ଥ

**ମୁମ୍ବାଇ**

ବଲିଉଡ୍ ଅଭିନେତା ସିଦ୍ଧାର୍ଥ ମାଲହୋତ୍ରା ନିକଟରେ ରୋହିତ ସେଟ୍ଟୀଙ୍କ ୱେବ୍ ସିରିଜ୍‌ରେ ପୋଲିସ ଅଫିସର ଭୂମିକାରେ ଅଭିନୟ କରୁଛନ୍ତି। ଏହା ମଧ୍ୟରେ ତାଙ୍କୁ ଆଉ ଏକ ବଡ଼ ଅଫର ମିଳିଛି। ସେ ପୁଣି ଥରେ ପୋଲିସ ଅଫିସର ଭୂମିକାରେ ନଜର ଆସିବେ। ବଲିଉଡ୍ ଅଭିନେତା ଅକ୍ଷୟ କୁମାରଙ୍କ ମୁଭି ରାଓଡି ରାଠୋରରେ ଅକ୍ଷୟଙ୍କ ବଦଳରେ ସିଦ୍ଧାର୍ଥ ପୋଲିସ ଭୂମିକାରେ ଅଭିନୟ କରିବେ। ଫିଲ୍ମ ପ୍ରଯୋଜକ ସବିନା ଖାନ ଏନେଇ ସୂଚନା ଦେଇଛନ୍ତି। ଖୁବ୍‌ଶୀଘ୍ର ଏହି ଫିଲ୍ମ ପରଦାକୁ ଆସିବାକୁ ଯାଉଛି ବୋଲି ପ୍ରଯୋଜକ କହିଛନ୍ତି। ଓଟିଟିରେ ମଧ ସିଦ୍ଧାର୍ଥ ଏକ ପୋଲିସ ଅଫିସର ଭୂମିକାରେ ଶିଳ୍ପା ଶେଟ୍ଟୀ ଏବଂ ବିବେକ ଓବରଏଙ୍କ ସହ ଏକାଠି ନଜର ଆସୁଛନ୍ତି। ତେବେ ବିବାହ ପରେ ସେ କରନ ଜୋହରଙ୍କ ଫିଲ୍ମ 'ୟୋଦ୍ଧା'ରେ କାମ କରିବା ଆରମ୍ଭ କରିଛନ୍ତି। ଏଥିରେ ତାଙ୍କ ସହ ମୁଖ୍ୟ ଭୂମିକାରେ ଦିଶା ପଟ୍ଟାନୀ ଏବଂ ରାଶି ଖାନ୍ ଦେଖିବାକୁ ମିଳିବେ। ଜୁଲାଇ ୭ରେ ଫିଲ୍ମ ରିଲିଜ୍ ହେବାର ଯୋଜନା ରହିଛି। ଏଥିସହ ସେ ଆୟୁଷମାନ୍ ଖୁରାନାଙ୍କ କମେଡି ଫିଲ୍ମ 'ଡ୍ରିମ୍ ଗର୍ଲ-୨'ରେ ନଜର ଆସିବେ।



## ଆଲୋକ ପ୍ରଦୂଷଣ ଯୋଗୁ କମିବ ମଶାଙ୍କ ଆୟୁଷ

**ୱାଶିଂଟନ୍, ୧୧।୪**

ଶୀତଋତୁରେ ମଶା ନିଷ୍କ୍ରିୟ ହୋଇପଡ଼ନ୍ତି। ଫଳରେ ଶୀତଦିନେ ମଶା କାମୁଡ଼ାରୁ ସାମାନ୍ୟ ଆଶ୍ୱସ୍ତି ମିଳିଥାଏ। କିନ୍ତୁ ସହରାଞ୍ଚଳରେ ବଢ଼ୁଥିବା ଆଲୋକ ପ୍ରଦୂଷଣ ଯୋଗୁ ଏଣିକି ଶୀତ ଋତୁରେ ମଧ ମଶା ପୂର୍ବ ପ୍ରକାରେ ସକ୍ରିୟ ରହିବେ। ସ୍ତନ୍ୟପାୟୀ ଏବଂ ଅନ୍ୟ ଜୀବଜନ୍ତୁ ମଶା କାମୁଡ଼ାରୁ ଆଉ ରକ୍ଷା ପାଇବେ ନାହିଁ ବୋଲି ଆମେରିକାର ଓହିଓ ଷ୍ଟେଟ୍ ୟୁନିଭର୍ସିଟି ପକ୍ଷରୁ କରାଯାଇଥିବା ଅଧ୍ୟୟନରୁ ଜଣାପଡ଼ିଛି। ଫଳରେ ମଶାଙ୍କ ଆୟୁଷରେ ହ୍ରାସ ଘଟିବ ବୋଲି ବିଶେଷଜ୍ଞ ଓଲ୍‌କୋଫ୍ କହିଛନ୍ତି।

ନିକଟରେ ଜର୍ନାଲ୍ 'ଇନ୍‌ସେକ୍ଟସ୍'ରେ ଅଧ୍ୟୟନ ସମ୍ପର୍କିତ ବିସ୍ତୃତ ବିବରଣୀ ପ୍ରକାଶ ପାଇଛି। କୃତ୍ରିମ ଆଲୋକ ଦ୍ୱାରା ମଶାଙ୍କ ବ୍ୟବହାର ପରିବର୍ତ୍ତନ ଲକ୍ଷ୍ୟ କରିଥିବା ବିଶେଷଜ୍ଞମାନେ କହିଛନ୍ତି। ମଶାଙ୍କଠାରେ ଦେଖାଯାଉଥିବା ପରିବର୍ତ୍ତନ ଭିନ୍ନ ଭିନ୍ନ ଋତୁ ପାଇଁ ଅଲଗା ହୋଇଥାଏ। ମଶା କାମୁଡ଼ିବା ଯୋଗୁ ୱେଷ୍ଟ ନିଲେ ଭୂତାଣୁ ସଂକ୍ରମଣ ବଢ଼ିବା ଆଶଙ୍କା ରହିଛି। ବିଶେଷ କରି ମଶାଙ୍କ ଜରିଆରେ ୱେଷ୍ଟ ନିଲେ ଭୂତାଣୁ ଅଧିକମାତ୍ରାରେ ବ୍ୟାପିଥାଏ। ଆମେରିକାର ଲୋକେ ଏହି ଭାଇରସ୍ ଦ୍ୱାରା ଅଧିକମାତ୍ରାରେ ଆକ୍ରାନ୍ତ



ହେଉଥିବା ଅଧ୍ୟୟନର ବରିଷ୍ଠ ବିଶେଷଜ୍ଞ ମେଗାନ ମେଉଟି କହିଛନ୍ତି। ଶୀତଦିନର ଆଗମନରେ ମଶା ଖାଇବାକୁ ପାଇ ନ ଥାନ୍ତି। ରକ୍ତ ନ ଖାଇବାରୁ ମାଈ ମଶା ଦେହରେ ଡିମ୍ବାଣୁ ସୃଷ୍ଟି ହୋଇପାରେ ନାହିଁ। କିଛି ମଶା ୱେଷ୍ଟ ନିଲେ ଭାଇରସ୍ ଦ୍ୱାରା ଆକ୍ରାନ୍ତ ପଶୁ କିମ୍ବା ପକ୍ଷୀଙ୍କ ରକ୍ତ ଶୋଷି ଖାଇବା ଫଳରେ ସେମାନେ ସଂକ୍ରମିତ ହୋଇଯାଆନ୍ତି। ପରବର୍ତ୍ତୀ ସମୟରେ ସେମାନେ ଯେତେବେଳେ ଅନ୍ୟ ଜୀବ, ଘୋଡ଼ା ଓ ସ୍ତନ୍ୟପାୟୀଙ୍କୁ କାମୁଡନ୍ତି ସେମାନେ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥାନ୍ତି। କୃତ୍ରିମ ଆଲୋକ ଫଳରେ କେବଳ ମଶା ନୁହେଁ ଅନ୍ୟ କୀଟପତଙ୍ଗଙ୍କ ଜୀବନଶୈଳୀ ମଧ ପ୍ରଭାବିତ ହୋଇଥିବା ଅଧ୍ୟୟନରୁ ଜଣାପଡ଼ିଛି। ଶୀତଦିନେ କାର୍ବୋହାଇଡ୍ରେଡ୍ ସୁଗାର ମଶାଙ୍କୁ ମୁଖ୍ୟ ଖୋରାକ ହୋଇଥାଏ। ଶୀତଦିନକୁ ଛାଡ଼ିଦେଲେ ଅନ୍ୟ ସବୁ ଋତୁରେ ମଶାମାନେ ସ୍ତନ୍ୟପାୟୀମାନଙ୍କୁ କାମୁଡୁଥିବାବେଳେ ଏଣିକି ଶୀତଦିନେ ମଧ ସେମାନେ ମଶା କାମୁଡ଼ାରୁ ରକ୍ଷା ପାଇବେ ନାହିଁ।




# ର୍ୟାକେଟ୍‌ର ଆଉ ୨ ସଦସ୍ୟ ଗିରଫ

**ଜାଲ୍ ଦସ୍ତାବିଜରେ ଜମି ଠକେଇ ଘଟଣା**

- **ପୂର୍ବରୁ ଧରାପଡ଼ିଥିଲେ ମୋହରିରଙ୍କ ସମେତ ୫**
- **ଅନ୍ୟ ଅଭିଯୁକ୍ତଙ୍କୁ ଖୋଜୁଛି ଇଓଡବ୍ଲ୍ୟୁ**


କୃଷ୍ଣଚନ୍ଦ୍ର ବେହେରା

ଭୁବନେଶ୍ୱର,୧୧।୪(ବ୍ୟୁରୋ)

ଜାଲ୍ ଦସ୍ତାବିଜ ଜରିଆରେ ଜମି ଠକେଇ ଘଟଣାରେ କ୍ରାଇମ୍‌ବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଅଧିକ ତଦନ୍ତ ଜାରି ରଖିଛି। ଏହି ର୍ୟାକେଟ୍‌ରେ ସମ୍ପୃକ୍ତ ଆଉ ୨ ଜଣଙ୍କୁ ମଙ୍ଗଳବାର ଇଓଡବ୍ଲ୍ୟୁ ଗିରଫ କରିଛି। ସେମାନେ ହେଲେ ଗାୟତ୍ରୀ ମଲ୍ଲିକ ଓ କୃଷ୍ଣଚନ୍ଦ୍ର ବେହେରା। ଉଭୟଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଦ୍ୱୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଏହି ମାମଲାରେ ପୂର୍ବରୁ ର୍ୟାକେଟର ମାଷ୍ଟରମାଇଣ୍ଡ୍ ଅନ୍ତର୍ଯ୍ୟାମୀ ସେନାପତି, ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଅବସରପ୍ରାପ୍ତ କର୍ମଚାରୀ ହଳଧର ଦାସଙ୍କ ସମେତ ୫ଜଣ ଗିରଫ ହୋଇ ଜେଲରେ ସଜା କାଟୁଛନ୍ତି। ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ଇଓଡବ୍ଲ୍ୟୁ ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ନଶଡ଼ିପୁର ଗ୍ରାମର ଲିପିକା ଦାସଙ୍କ ଭୁବନେଶ୍ୱର ମଳିପଡ଼ା ମୌଜାସ୍ଥିତ ବସନ୍ତ ବିହାରରେ ଥିବା ୨ହଜାର ବର୍ଗଫୁଟ୍‌ର ଏକ ଜମିର ଜାଲ ଦସ୍ତାବିଜ୍ ତିଆରି କରି ଅଭିଯୁକ୍ତମାନେ ବିକ୍ରି କରିଥିଲେ। ଏନେଇ ସେ ଅଭିଯୋଗ କରିବା ପରେ ଇଓଡବ୍ଲ୍ୟୁ ଫେବୃୟାରୀ ୨୧ରେ ଏକ ମାମଲା (ନଂ. ୭/୨୦୨୩) ରୁଜୁ କରି ତଦନ୍ତ କରିଥିଲା। ତଦନ୍ତ ବେଳେ ଅଭିଯୁକ୍ତମାନଙ୍କ ଜମି ଠକେଇ ଘଟଣା ଗୋଟିଏ ପରେ ଗୋଟିଏ ପଦାକୁ ଆସିଥିଲା। ସେହିପରି କଟକ ଜିଲା ଗୋବିନ୍ଦପୁର ଅଞ୍ଚଳର ସତ୍ୟଭାମା ଦାସଙ୍କ ଖୋର୍ଦ୍ଧା ଚନ୍ଦକା ନିକଟସ୍ଥ ମାଳିପଦି ମୌଜାରେ ଥିବା ୪ଟି ପ୍ଲଟକୁ ମଧ୍ୟ ଅଭିଯୁକ୍ତମାନେ ବିକ୍ରି କରିଦେଇଥିଲେ। ଏଥିରେ ଅଭିଯୁକ୍ତ ଗାୟତ୍ରୀ ମିଛ ମାଲିକ ବନିଥିଲେ। ଅଭିଯୁକ୍ତମାନେ ରାଜଧାନୀର ଉପକଣ୍ଠରେ ଥିବା ଜମିକୁ ନିଜ ନାମରେ କରି ଅନ୍ୟମାନଙ୍କୁ ବିକ୍ରି କରିଦିଅନ୍ତି। ଦୂର ସ୍ଥାନରେ ରହୁଥିବା ମାଲିକମାନଙ୍କ ଜମିକୁ ହିଁ ସେମାନେ ଟାର୍ଗେଟ କରୁଥିଲେ। ଜମି ବିକ୍ରିରୁ ମିଳୁଥିବା ବିପୁଳ ଟଙ୍କାକୁ ଅଭିଯୁକ୍ତମାନେ ନିଜ ନିଜ ମଧ୍ୟରେ ବାଣ୍ଟି ନିଅନ୍ତି ବୋଲି ତଦନ୍ତ ବେଳେ ଜଣାପଡ଼ିଥିଲା। ଇତିମଧ୍ୟରେ ଅଭିଯୁକ୍ତମାନେ କରିଥିବା ୮ରୁ ଜମି ଠକେଇ ଘଟଣା ଇଓଡବ୍ଲ୍ୟୁ ନଜରକୁ ଆସିଛି। ଏହି ଠକେଇ ଘଟଣା ଆଗକୁ ବଢ଼ିବା ନେଇ ଇଓଡବ୍ଲ୍ୟୁ ଆଶଙ୍କା କରୁଛି।

# ଭିଜିଲାନ୍ସ ଜାଲରେ ବିଇଓ

**ପ୍ରଧାନ ଶିକ୍ଷକଙ୍କଠାରୁ ନେଉଥିଲେ ୧୦ ହଜାର**

ଢେଙ୍କାନାଳ ଅଫିସ/ସାତମାଇଲ (ଡି.ଏନ୍.ଏ.), ୧୧।୪

ଜଣେ ପ୍ରଧାନ ଶିକ୍ଷକଙ୍କଠାରୁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ମଙ୍ଗଳବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ଶିକ୍ଷାଧିକାରୀ (ବିଇଓ) ଶାନ୍ତନୁ ମଲ୍ଲିକ। ଭିଜିଲାନ୍ସ ପକ୍ଷରୁ ଅଭିଯୁକ୍ତ ବିଇଓଙ୍କ ସରକାରୀ କାର୍ଯ୍ୟାଳୟ, ଖଜୁରିଆକଟାସ୍ଥିତ ଭଡ଼ାଘର ଏବଂ ଭଦ୍ରକ ଜିଲା କୁଆଁସସ୍ଥିତ ବାସଭବନରେ ଏକକାଳୀନ ଚଢ଼ାଉ କରାଯାଇଛି। ମୋଟ ୧୧ ଲକ୍ଷ ୯୨ ହଜାର ୩୭୦ ଟଙ୍କା ଜବତ କରାଯାଇଛି। ଚଢ଼ାଉ ଜାରି ରହିଥିବାବେଳେ ଏହାର ପରିମାଣ ବଢ଼ିବା ସମ୍ଭାବନା ରହିଛି।

ସୂଚନାଯୋଗ୍ୟ, ଦୁଇ ମାସ ତଳେ ହିନ୍ଦୋଳ ବ୍ଲକ ବ୍ରହ୍ମପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅଘଟଣ ଘଟିଥିଲା। ସ୍କୁଲ ସମୟରେ ଜଣେ ଛାତ୍ର ବାହାରକୁ ଶୌଚ ହେବାକୁ ଯାଇଥିବାବେଳେ ଏକ କୂଅରେ ପଡ଼ି ତାଙ୍କର ମୃତ୍ୟୁ ଘଟିଥିଲା। ଦାୟିତ୍ୱରେ ଅବହେଳା ଯୋଗୁ ପ୍ରଧାନ ଶିକ୍ଷକ ଅଦ୍ୱୈତ ସାମଲଙ୍କୁ ସେହି ସମୟରେ ବିଇଓ ମଲ୍ଲିକ ନିଲମ୍ବିତ କରିଥିଲେ। ଇତିମଧ୍ୟରେ ପ୍ରଧାନ ଶିକ୍ଷକ ଅଦ୍ୱୈତଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହୃତ ହୋଇଥିଲା। ପୁନଃନିଯୁକ୍ତି ପାଇବା ପରେ ସସ୍‌ପେଣ୍ଡ ଥିବା ସମୟର ଆଲାଉନ୍ସ, ଏରିୟର ଏବଂ ଅନ୍ୟ କାଗଜପତ୍ର କରିଦେବାକୁ ସେ ବିଇଓ ମଲ୍ଲିକଙ୍କୁ ନିବେଦନ କରିଥିଲେ। ହେଲେ ଲାଞ୍ଚ ନ ଦେଲେ କାମ ହେବ ନାହିଁ ବୋଲି ସେ ରୋକ୍‌ଠୋକ୍ ଶୁଣାଇଥିଲେ। ଅଦ୍ୱୈତ ୬୦ ହଜାର ଟଙ୍କା ଦେବା ସତ୍ତ୍ୱେ କାମ ହୋଇ ନ ଥିଲା। ଅଧିକ ୧୦ ହଜାର ଟଙ୍କା ଦେଲେ କାମ ହୋଇଯିବ ବୋଲି ବିଇଓ ମଲ୍ଲିକ କହିଥିଲେ। ତେବେ ଏଥିରେ ଅତିଷ୍ଠ ହୋଇ ପ୍ରଧାନ ଶିକ୍ଷକ ଅଦ୍ୱୈତ କଟକ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ମଙ୍ଗଳବାର ବିଇଓ ମଲ୍ଲିକ ଖଜୁରିଆକଟାସ୍ଥିତ ଭଡ଼ାଘରେ ପ୍ରଧାନ ଶିକ୍ଷକଙ୍କଠାରୁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ପୂର୍ବ ଯୋଜନା ଅନୁଯାୟୀ ଭିଜିଲାନ୍ସ ମାଡ଼ି ବସିଥିଲା। ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।


ଶାନ୍ତନୁ ମଲ୍ଲିକ

**ଠାବହେଲା ଅଚଳାଚଳ ସମ୍ପତ୍ତି**

ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଥିବା ହିନ୍ଦୋଳ ବିଇଓ ଶାନ୍ତନୁ ମଲ୍ଲିକ ଅଚଳାଚଳ ସମ୍ପତ୍ତିର ଅଧିକାରୀ। ଭଦ୍ରକର କୁଆଁସରେ ତାଙ୍କର ଏକ ଦୁଇ ମହଲା ବିଶିଷ୍ଟ କୋଠା, ଭଦ୍ରକ ଟାଉନ୍‌ରେ ୩ଟି ପ୍ଲଟ୍, ୧୦ ଲକ୍ଷ ଟଙ୍କାର ବ୍ୟାଙ୍କ ଜମା ଏବଂ ଇନ୍‌ସ୍ୟୁରାନ୍ସ ପଲିସୀ, ଗୋଟିଏ କାର୍, ଗୋଟିଏ ବାଇକ୍ ଏବଂ ୪ ଲକ୍ଷ ୨୫ ହଜାର ଟଙ୍କାର ମୂଲ୍ୟବାନ ଉପକରଣ ଠାବ କରାଯାଇଛି। ଜବତ ହୋଇଥିବା ନଗଦ ୧୧ ଲକ୍ଷ ୯୨ ହଜାର ୩୭୦ ଟଙ୍କା ମଧ୍ୟରୁ ଭଦ୍ରକ କୁଆଁସସ୍ଥିତ ଘରୁ ୧୧ ଲକ୍ଷ ୧୦ ହଜାର ୩୭୦ ଟଙ୍କା ଏବଂ ଖଜୁରିଆକଟାସ୍ଥିତ ଭଡ଼ା ଘରୁ ୮୨,୦୦୦ ଟଙ୍କା ମିଳିଛି ବୋଲି ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ୫୦ ହଜାର କୋଭିଡ୍ ଟିକା ମାଗିଲା ଓଡ଼ିଶା

**କେନ୍ଦ୍ରକୁ ଚିଠି ଲେଖିଲା ସ୍ୱାସ୍ଥ୍ୟ ବିଭାଗ**

- **୯୮% ପ୍ରଥମ, ୯୧% ଦ୍ୱିତୀୟ ଏବଂ ୪୧% ବୁଷ୍ଟର ଡୋଜ୍ ନେଇଛନ୍ତି**
- **୭୩୧କୁ ବୃଦ୍ଧି ପାଇଲା ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା**



ଭୁବନେଶ୍ୱର, ୧୧।୪(ବ୍ୟୁରୋ)

ରାଜ୍ୟରେ ଏବେ କରୋନା ସଂକ୍ରମଣ ବୃଦ୍ଧିପାଉଛି। ସ୍ଥିତି ସଂକଟମୟ ନ ଥିଲେ ବି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହାକୁ ଗୁରୁତ୍ୱର ସହ ନିଆଯାଇ ସତର୍କତା ଅବଲମ୍ବନ କରାଯାଉଛି। ଏହି ପରିପ୍ରେକ୍ଷୀରେ କରୋନା ଟିକା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ମଙ୍ଗଳବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଚିଠି ଲେଖାଯାଇଛି। ଏନେଇ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ ସୂଚନା ଦେଇ କହିଛନ୍ତି, ରାଜ୍ୟରେ କୋଭିଡ ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ୫୦ ହଜାର ଟିକା ପାଇଁ କେନ୍ଦ୍ରକୁ ଚିଠି ଲେଖାଯାଇଛି। ଗତ ଜାନୁୟାରୀରେ ଯେଉଁ ଟିକା ଆସିଥିଲା, ତାହା ଫେବୃୟାରୀ ୮ରେ ସରିଯାଇଛି। ଓଡ଼ିଶାରେ ୯୮ ପ୍ରତିଶତ ଲୋକ ପ୍ରଥମ ଡୋଜ୍ ନେଇସାରିଛନ୍ତି। ସେହିପରି ୯୧ ପ୍ରତିଶତ ଲୋକ ଦ୍ୱିତୀୟ ଡୋଜ୍ ନେଇଛନ୍ତି। ତେବେ ମାତ୍ର ୪୧ ପ୍ରତିଶତ ଲୋକ ପ୍ରିକସନ ବା ବୁଷ୍ଟର ଡୋଜ ନେଇଛନ୍ତି। ଏହା ଜାତୀୟ ସ୍ତରରୁ ଅଧିକ ହୋଇଥିଲେ ମଧ୍ୟ ସମସ୍ତେ ବୁଷ୍ଟର ଡୋଜ୍ ନେବା ଆବଶ୍ୟକ ବୋଲି ପାଣିଗ୍ରାହୀ କହିଛନ୍ତି। ଅପରପକ୍ଷେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ ହେବ କି ନାହିଁ ସେ ନିଷ୍ପତ୍ତି ସରକାର ନେବେ। ବର୍ତ୍ତମାନ ସଂକ୍ରମଣର ଭୟାବହତା କମ୍ ଅଛି। ରୋଗୀ ସେତେ ସିରିୟସ ହେଉନାହାନ୍ତି। ମେଡିକାଲରେ ମଧ୍ୟ କମ୍ ସଂଖ୍ୟକ ସଂକ୍ରମିତ ଭର୍ତ୍ତି ହେଉଛନ୍ତି। ଏ ଯାଏ ଆଇସିୟୁର ବ୍ୟବହାର ହୋଇନାହିଁ। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ରାଜ୍ୟର କୋଭିଡ ସ୍ଥିତି ସମ୍ପର୍କରେ ସଚେତନ ଅଛି ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ପ୍ରକାଶ କରିଛନ୍ତି।

ସେହିପରି ରାଜ୍ୟରେ କୋଭିଡ ସ୍ଥିତି ନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, ସୋମବାର ରାଜ୍ୟରେ ୧୪୧ ଜଣ ପଜିଟିଭ ଚିହ୍ନଟ ହୋଇଥିଲେ। ଏବେ ସକ୍ରିୟ ରୋଗୀ ସଂଖ୍ୟା ୭୩୧ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ୧୮ ଜଣ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଓଡ଼ିଶାରେ ଏବେ ଲକ୍ଷଣଯୁକ୍ତ ରୋଗୀଙ୍କ ସଂଖ୍ୟା କମ୍ ରହିଛି। ବର୍ତ୍ତମାନ ୧୬ଟି ଜିଲାରୁ କୋଭିଡ୍ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଲହର ଆସିଲେ ସଂଖ୍ୟା ବଢ଼ିବ ଏବଂ ଏହା କେତେଦିନ ରହିବ ତାହା ଆକଳନ କରି ହେବନାହିଁ। ଯେଉଁ ରାଜ୍ୟରେ କୋଭିଡ୍ ସଂଖ୍ୟା ବଢୁଥିଲା, ଏବେ ସେଠାରେ କମିଲାଣି। ଦେଶରେ ଟେଷ୍ଟ ପଜିଟିଭିଟି ହାର ୬.୯ ଥିବାବେଳେ ଆମ ରାଜ୍ୟରେ ମାତ୍ର ୨.୮ ରହିଛି। ଦେଶରେ ପ୍ରତି ନିୟୁତ ଲୋକଙ୍କ ମଧ୍ୟରୁ ୬୯ ଜଣଙ୍କର କୋଭିଡ ଟେଷ୍ଟ ହେଉଥିବାବେଳେ ରାଜ୍ୟରେ ଏହି ସଂଖ୍ୟା ୧୦୯ ରହିଛି।



E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: soupayan.kar@maruti.co.in

**ODYSSEY MOTORS**
SAMBALPUR: 7381433909. BOLANGIR: 9438068327.
BARGARH: 9556352943. NUAPADA: 7381017851.
SONEPUR: 9438068327. JHARSUGUDA: 9439892153.
BOUDH: 8594908009. PADAMPUR: 7381661837.

**ORBIT MOTORS**
ROURKELA: 9437041155, 9040404444.
SUNDARGARH: 9437049161, 9437131074.
DEOGARH: 9437061223, 7064400290.

**LEGEND CARS**
JEYPORE: 7894406481.
RAYAGADA: 9692883042.
BHAWANIPATNA: 7894442907.

**SKY AUTOMOBILES**
BERHAMPUR: 9778202019.
BHANJANAGAR: 9778202019.
PARALAKHEMUNDI: 9778202019.
PHULBANI: 9778202019.

*Offer includes consumer offer, exchange bonus and institutional or rural offer (wherever applicable) on selected models/ variants. Above mentioned savings amount is the value of maximum savings on selected models. *^Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. 100% on-road funding is provided by select financiers only. ##As certified by Test agency under Rule 115(G) of CMVR 1989. ^^1.0L VXI AGS petrol variants. For more details, please contact your nearest ARENA dealership. **Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 30th April, 2023.

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖର ବଳଦ ମଇକି**
**ପଖାଳ ଭାତ ଦହିକି ।**

ସାଧାରଣତଃ ଖର ବଳଦ ଭଲ ମଇ ଟାଣେ ବୋଲି ଜଣାଯାଇଥାଏ । ଠିକ୍ ସେମିତି ଖାଦ୍ୟ ସହ ରୁଚିର ସମ୍ପର୍କ ରହିଥାଏ । ପଖାଳ ଭାତକୁ ଦହି ଖୁବ୍ ସୁଆଦିଆ ଲାଗେ ବୋଲି ଏଠାରେ ପ୍ରକାଶ କରାଯାଇଛି ।

**ଖଲିଆ ବୋଲେ ପାଟରାରେ**
**ଦେଖ ମୋର ଚାଲି**
**ତୁ ମୁଁ ଦୁହେଁ ସାଙ୍ଗ ହୋଇଥିଲେ**
**ସାଆନ୍ତ ଖାଇବା କାଲି।**

ଖଲିଆ ଓ ପାଟରା ବଳଦ ଉଭୟେ ମାଲିକର ଅମଙ୍ଗଳ ଚାହାନ୍ତି। ଖଲିଆ ଭଲ ଚାଲିପାରେ ନାହିଁ। ସେ ପାଟରାକୁ ସାଙ୍ଗ କରି ତାକୁ ବି ଧୀରେ ଚାଲିବାକୁ ପ୍ରବର୍ତ୍ତାଉଛି। ଫଳସ୍ୱରୂପ ଏପରି ବଳଦ ଥିଲେ ମାଲିକର ଭୀଷଣ କ୍ଷତି ହୁଏ ବୋଲି ଏଠାରେ କୁହାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ଜାପାନରୁ ଫେରିଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୧।୪(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୯ ଦିନିଆ ଜାପାନ ଗସ୍ତ ପରେ ମଙ୍ଗଳବାର ଅପରାହ୍ନରେ ଭୁବନେଶ୍ୱର ଫେରିଛନ୍ତି। ଏହି ଗସ୍ତ କାଳରେ ରାଜ୍ୟକୁ ୨୬ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ ସୁଯୋଗ ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀ ଜାପାନ ବ୍ୟବସାୟୀ, ନିପ୍ପନ ଷ୍ଟିଲ୍ ମୁଖ୍ୟ, ପ୍ରବାସୀ ଓଡ଼ିଆମାନଙ୍କ ସହ ଆଲୋଚନା କରିଛନ୍ତି। ପର୍ଯ୍ୟଟନ ଏବଂ କ୍ରୀଡ଼ା କ୍ଷେତ୍ରରେ ପୁଞ୍ଜିନିବେଶ କରିବା ପାଇଁ ଜାପାନ ପ୍ରତିନିଧି ମଣ୍ଡଳୀଙ୍କ ସହ ନବୀନ ଆଲୋଚନା କରିଛନ୍ତି। କେନ୍ଦ୍ରାପଡ଼ାରେ ଆର୍ସେଲର ମିତ୍ତଲ-ନିପ୍ପନ ଷ୍ଟିଲ୍ ପକ୍ଷରୁ ଏକ ବୃହତ୍ ଇସ୍ପାତ କାରଖାନା ସ୍ଥାପନ କରିବା ଯୋଜନା ରହିଛି। ମୁଖ୍ୟମନ୍ତ୍ରୀ ଏପ୍ରିଲ ୩ ରେ ଜାପାନ ଅଭିମୁଖେ ଯାତ୍ରା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ଶିଳ୍ପମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଶିଳ୍ପ ସଚିବ, ୫-ଟି ସଚିବ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ଗସ୍ତ କରିଥିଲେ। ଏହି ଗସ୍ତକାଳରେ ମୁଖ୍ୟମନ୍ତ୍ରୀ ଜାପାନରୁ ରହି ଭର୍ଚୁଆଲ ମାଧ୍ୟମରେ କ୍ୟାବିନେଟ ବୈଠକ କରିଥିଲେ। ଏହି ବୈଠକରେ ପ୍ରବାସୀ ଓଡ଼ିଆମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ ଖୋଲିବାକୁ ମଞ୍ଜୁରୀ ମିଳିଛି।

# ଭବାନୀପାଟଣା ମେଡିକାଲ କଲେଜକୁ ମିଳିଲା ୧୦୦ ଏମ୍‌ବିବିଏସ୍ ସିଟ୍

**ଭୁବନେଶ୍ୱର,୧୧।୪(ବ୍ୟୁରୋ):** ଭବାନୀପାଟଣା ମେଡିକାଲ କଲେଜ ପାଇଁ ଜାତୀୟ ସ୍ୱାସ୍ଥ୍ୟ ଆୟୋଗ (ଏନ୍‌ଏମ୍‌ସି) ୨୦୨୩-୨୪ ଶିକ୍ଷାବର୍ଷ ପାଇଁ ୧୦୦ ଏମ୍‌ବିବିଏସ୍ ସିଟ୍ ଅନୁମୋଦନ କରିଛନ୍ତି। ଏ ନେଇ ଏନ୍‌ଏମ୍‌ସି ପକ୍ଷରୁ ମଙ୍ଗଳବାର ରାଜ୍ୟ ସରକାରଙ୍କୁ ଜଣାଇ ଦିଆଯାଇଛି। ଏନ୍‌ଏମ୍‌ସି ସର୍ତ୍ତ ଅନୁଯାୟୀ ମେଡିକାଲ କଲେଜରେ ସମସ୍ତ ଭିତ୍ତିଭୂମି, ପାଠ ପଢ଼ାଇବା ପାଇଁ ପ୍ରଫେସର, ରେସିଡେଣ୍ଟ ଡାକ୍ତର ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦେବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବଙ୍କ ସତ୍ୟପାଠ ଦାଖଲ ଆଧାରରେ ଏହି ଅନୁମୋଦନ ଦିଆଯାଇଛି। ମେଡିକାଲ କଲେଜରେ ବାୟୋମେଟ୍ରିକ ବାଧ୍ୟତାମୂଳକ କରାଯାଇଛି। କଲେଜର ୱେବ୍‌ସାଇଟ ପ୍ରସ୍ତୁତ କରିବା ସହ ସମସ୍ତ ସୂଚନା କଲେଜରେ ଝୁଲାଇବାକୁ କୁହାଯାଇଛି।

### ହନିଟ୍ରାପ୍ ଓ ବେଆଇନ ଅର୍ଥ କାରବାର ମାମଲା

# ଅର୍ଚ୍ଚନାଙ୍କୁ ହାଇକୋର୍ଟରୁ ଜାମିନ

- ନୟାପଲ୍ଲୀ ମାମଲାରେ ଜାନୁୟାରୀ ୨ରେ ଜାମିନ ଆବେଦନ ହୋଇଥିଲା
- ଅର୍ଚ୍ଚନା, ଜଗବନ୍ଧୁଙ୍କ ୩ ମୋବାଇଲକୁ 'ସିଏଫ୍‌ଏସ୍‌ଏଲ୍' ପଠାଇବାକୁ କୋର୍ଟଙ୍କ ନିର୍ଦ୍ଦେଶ
- ମୋବାଇଲରେ ବ୍ଲାକ୍‌ମେଲ୍ ସମ୍ବନ୍ଧିତ ତଥ୍ୟ ନ ଥିବା ନେଇ ଆଶଙ୍କା



**ଭୁବନେଶ୍ୱର,୧୧।୪(ବ୍ୟୁରୋ)**

ବହୁଚର୍ଚ୍ଚିତ ହନିଟ୍ରାପ୍ ଓ ବେଆଇନ ଅର୍ଥ କାରବାର ମାମଲାରେ ଅର୍ଚ୍ଚନା ନାଗ, ସ୍ୱାମୀ ଜଗବନ୍ଧୁ ଚାନ୍ଦ ଓ ସହଯୋଗୀ ଖଗେଶ୍ୱର ବେହେରା ଦୀର୍ଘଦିନ ହେବ ଝାରପଡ଼ା ଜେଲରେ ରହିଛନ୍ତି। ଏଭଳିସ୍ଥିତିରେ ମଙ୍ଗଳବାର ଅର୍ଚ୍ଚନାଙ୍କୁ ହାଇକୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଚଳଚ୍ଚିତ୍ର ପ୍ରଯୋଜକ ଅକ୍ଷୟ ପରିଜାଙ୍କୁ ବ୍ଲାକ୍‌ମେଲ କରିବା ନେଇ ନୟାପଲ୍ଲୀ ଥାନାରେ ହୋଇଥିବା ମାମଲା (ନଂ. ୬୪୬/୨୦୨୨)ରେ ଏହି ଜାମିନ ମିଳିଛି। ତେବେ ଅର୍ଚ୍ଚନାଙ୍କ ପାଇଁ ହାଇକୋର୍ଟ ୩ଟି ସର୍ତ୍ତ ରଖିଛନ୍ତି। ଏହି ମାମଲାର ତଦନ୍ତରେ ଅର୍ଚ୍ଚନା ସହଯୋଗ କରିବେ, ସାକ୍ଷୀମାନଙ୍କୁ ଧମକ ଦେବେ ନାହିଁ, କୋର୍ଟଙ୍କ ବିନା ଅନୁମତିରେ ରାଜ୍ୟ ବାହାରକୁ ଯାଇପାରିବେ ନାହିଁ ବୋଲି ସର୍ତ୍ତ ରଖାଯାଇଛି। ପୂର୍ବରୁ ତଳ କୋର୍ଟରେ ଏହି ମାମଲାରେ ଜାମିନ ଆବେଦନ ଖାରଜ ହୋଇଯିବାରୁ ଅର୍ଚ୍ଚନା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅର୍ଚ୍ଚନାଙ୍କ ପକ୍ଷରୁ ଓକିଲ ବିଶ୍ୱଚନ୍ଦନ ମହାନ୍ତି ଜାନୁୟାରୀ ୨ରେ ହାଇକୋର୍ଟରେ ବେଲ୍ ପିଟିଶନ୍ (ନଂ. ୩/୨୩) ଦାଖଲ କରିଥିଲେ। ଜଷ୍ଟିସ୍ ଭି. ନରସିଂହ ଏହି ପିଟିଶନ୍‌ର ଶୁଣାଣି କରିଥିଲେ।

ଅନ୍ୟପକ୍ଷରେ କମିଶନରେଟ ପୋଲିସ ଜବତ କରିଥିବା ଅର୍ଚ୍ଚନା ଓ ଜଗବନ୍ଧୁଙ୍କ ୩ଟି ମୋବାଇଲକୁ ଯାଞ୍ଚ ପାଇଁ ସେଣ୍ଟ୍ରାଲ ଫୋରେନ୍‌ସିକ୍ ସାଇନ୍ସ ଲ୍ୟାବ୍ (ସିଏଫ୍‌ଏସ୍‌ଏଲ)କୁ ପଠାଇବାକୁ ଇଡିଙ୍କ ସ୍ୱତନ୍ତ୍ର କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ଏହି ମୋବାଇଲଗୁଡ଼ିକୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ଦାଖଲ ପାଇଁ ଖଣ୍ଡଗିରି ଥାନା ପୋଲିସକୁ କୋର୍ଟ କହିଛନ୍ତି। ଗିରଫ ବେଳେ ଅର୍ଚ୍ଚନାଙ୍କ ଘରୁ ଏହି ମୋବାଇଲ ସମେତ ଅନ୍ୟ ଡିଜିଟାଲ ଦସ୍ତାବିଜ୍‌କୁ କମିଶନରେଟ ପୋଲିସ ଜବତ କରି ଷ୍ଟେଟ୍ ଫୋରେନ୍‌ସିକ୍ ସାଇନ୍ସ ଲ୍ୟାବ୍ (ଏସ୍‌ଏଫ୍‌ଏସ୍‌ଏଲ୍)କୁ ପଠାଇଥିଲା। ପରବର୍ତ୍ତୀ ସମୟରେ ଇଡି ଏସବୁ ଡିଜିଟାଲ ରିପୋର୍ଟ ପାଇଥିଲେ ମଧ୍ୟ ଏଥିରେ ସେଭଳି କିଛି ପ୍ରମାଣ ନ ଥିବାରୁ ଏହାକୁ ଅଧିକ ଯାଞ୍ଚ ପାଇଁ ସିଏଫ୍‌ଏସ୍‌ଏଲ୍ ପଠାଇବାକୁ ଆବେଦନ କରିଥିଲା। ତେବେ ବହୁଦିନ ବିତିଯାଇଥିବା ବେଳେ ଉକ୍ତ ମୋବାଇଲରେ ବ୍ଲାକମେଲ୍ ସମ୍ବନ୍ଧିତ ତଥ୍ୟ ନ ଥିବା ନେଇ ଆଶଙ୍କା କରାଯାଉଛି।

ସୂଚନାଯୋଗ୍ୟ, ଶ୍ରଦ୍ଧାଞ୍ଜଳିଙ୍କ ଦ୍ୱାରା ଅର୍ଚ୍ଚନା ବ୍ଲାକ୍‌ମେଲ କରି ଧମକ ଦେବା ସହ ଟଙ୍କା ମାଗୁଥିବା ନେଇ ଅକ୍ଷୟ ପରିଜା ଗତବର୍ଷ ସେପ୍ଟେମ୍ବର ୩୦ରେ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଅର୍ଚ୍ଚନା ଓ ଶ୍ରଦ୍ଧାଞ୍ଜଳିଙ୍କୁ ଅଭିଯୁକ୍ତ ଦର୍ଶାଇଥିଲା। ସେପଟେ ଅର୍ଚ୍ଚନା, ଜଗବନ୍ଧୁ ଓ ଖଗେଶ୍ୱର ନିଶା ଦେଇ ନଗ୍ନ ଭିଡିଓ କରିବା ପରେ ବ୍ଲାକ୍‌ମେଲ୍ କରି ବଡ଼ବଡ଼ିଆଙ୍କୁ ହନିଟ୍ରାପରେ ଫସାଇବାକୁ ବାଧ୍ୟ କରୁଥିଲେ ବୋଲି ଶ୍ରଦ୍ଧାଞ୍ଜଳି ଖଣ୍ଡଗିରି ଥାନାରେ ଅକ୍ଟୋବର ୨ରେ ଅଭିଯୋଗ କରିଥିଲେ। ପୋଲିସ ଅକ୍ଟୋବର ୬ରେ ଅର୍ଚ୍ଚନା ଓ ପରେ ଜଗବନ୍ଧୁଙ୍କୁ ଗିରଫ କରିଥିଲା। ସେହିପରି ବେଆଇନ ଅର୍ଥ କାରବାର ଅଭିଯୋଗରେ ଇଡି ନଭେମ୍ବର ୧୧ରେ ଖଗେଶ୍ୱରଙ୍କୁ ଗିରଫ କରିବା ସହ ଜେଲରେ ଥିବା ଅର୍ଚ୍ଚନାଙ୍କୁ ଡିସେମ୍ବର ୧୩ ଓ ଜଗବନ୍ଧୁଙ୍କୁ ଡିସେମ୍ବର ୨୩ରେ ରିମାଣ୍ଡରେ ଆଣି ଗିରଫ ଦର୍ଶାଇଥିଲା।

# ପୋଡ଼ିହୋଇ ୨ ଶ୍ରମିକ ଗୁରୁତର

## ଫର୍ନେସ ଚାର୍ଜିଂ ବେଳେ ଲାଗିଲା ନିଆଁ

**ଭଦ୍ରକ ଅଫିସ,୧୧।୪**

ଭଦ୍ରକ ଜିଲାର ଏକ କମ୍ପାନୀରେ ମଙ୍ଗଳବାର ଫର୍ନେସ ଚାର୍ଜିଂ ବେଳେ ନିଆଁ ଲାଗି ୨ ଶ୍ରମିକ ଗୁରୁତର ହୋଇଛନ୍ତି। ଏଥିପାଇଁ ଅନ୍ୟ ଶ୍ରମିକ ଓ କର୍ମଚାରୀମାନେ କମ୍ପାନୀ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରି କାର୍ଯ୍ୟବନ୍ଦ କରିଥିଲେ। ଏହାକୁ ନେଇ କମ୍ପାନୀ ଗେଟ୍ ବାହାରେ ଓ ଭିତରେ ଉତ୍ତେଜନା ପ୍ରକାଶ ପାଇବା ସହ ଭଙ୍ଗାରୁଜା କରାଯାଇଛି। ଉତ୍ୟକ୍ତ ଲୋକେ କେତେକ ସିସିଟିଭି ସହ କାଚ ଭାଙ୍ଗି ଦେଇଛନ୍ତି। ସିଟିଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଟାଉନ ଥାନା ଅଧିକାରୀ ଉମାଶଙ୍କର ନାୟକ, ଗ୍ରାମାଞ୍ଚଳ ଥାନାଧିକାରୀ ଅମିତାଭ ଦାଶଙ୍କ ସହ ୨୦ରୁ ଉର୍ଦ୍ଧ୍ୱ ଅଫିସର ଓ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିଥିଲେ। ପୋଲିସ କମ୍ପାନୀର ଜଣେ ଟେକ୍ନିକାଲ ଅଫିସରଙ୍କୁ ଥାନାକୁ ନେଇ ଅଟକ ରଖିବା ସହ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା।

ସୂଚନା ଅନୁଯାୟୀ, କମ୍ପାନୀର ଚାର୍ଜି ଅପରେଟର କୋରଣ୍ଟ ଗ୍ରାମର ପୂର୍ଣ୍ଣଚନ୍ଦ୍ର ସୁତାର ଓ ବରପଦାର ବିଜୟ ମହାପାତ୍ର ଦିନ ପ୍ରାୟ ୧ଟା ବେଳେ ଚାର୍ଜ ପକାଇବା ବେଳେ କୌଣସି କାରଣରୁ ଫର୍ନେସ୍‌ରୁ ନିଆଁ ବାହାରି ସେମାନଙ୍କ ଦେହରେ ଲାଗିଯାଇଥିଲା। ଗୁରୁତର ଅବସ୍ଥାରେ ସେମାନଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ପୋଡ଼ି ଯାଇଥିବା ରୋଗୀଙ୍କ ପାଇଁ ଶୀତତାପ ନିୟନ୍ତ୍ରଣ ବ୍ୟବସ୍ଥା ନ ଥିବାରୁ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଉଭୟଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପ୍ରକାଶଥାଉ କି, କିଛିଦିନ ତଳେ ଉକ୍ତ ଫର୍ନେସ୍‌ରୁ ନିଆଁ ଲାଗି ଜଣେ ଶ୍ରମିକ ଗୁରୁତର ହୋଇଥିବା ବେଳେ ଦୁଇଦିନ ପରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଥରେ ଦୁର୍ଘଟଣା ଘଟିବା ପରେ କମ୍ପାନୀ ପକ୍ଷରୁ ଏହାର କୌଣସି ପ୍ରତିକାର କରାଯାଇ ନ ଥିବାରୁ ପୁନର୍ବାର ଏଭଳି ଦୁର୍ଘଟଣା ଘଟିଲା ବୋଲି ଅଭିଯୋଗ କରି ଉତ୍ତେଜନା ଦେଖାଦେଇଥିଲା। ତେବେ ଘଟଣାସ୍ଥଳରେ ପରିସ୍ଥିତି ଉପରେ ନଜର ରଖାଯାଇଥିବା ସିଟି ଡିଏସ୍‌ପି କହିଛନ୍ତି।

# ହାଇକୋର୍ଟରେ ପ୍ରଭାତ ବିଶ୍ୱାଳ ନିରାଶ

**କଟକ ଅଫିସ,୧୧।୪**

ସି-ଶୋର୍ ଚିଟ୍‌ଫଣ୍ଡ ସଂସ୍ଥା ସହ ଆର୍ଥିକ କାରବାର ମାମଲାରେ ଛାଡ଼ ପାଇବା ନିମନ୍ତେ ହାଇକୋର୍ଟ ଯାଇଥିବା ଚୌଦ୍ୱାର-କଟକର ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କୁ ନିରାଶ ହେବାକୁ ପଡ଼ିଛି। ହାଇକୋର୍ଟ ବିଚାରପତି ଗୌରୀଶଙ୍କର ଶତପଥୀ ଏହି ମାମଲାର ମଙ୍ଗଳବାର ଶୁଣାଣି କରି ଆସନ୍ତା ୨ ମାସ ମଧ୍ୟରେ ଚାର୍ଜଫ୍ରେମ କରି ବର୍ଷକରେ ବିଚାର ଶେଷ କରିବାକୁ ସିବିଆଇ କୋର୍ଟକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ପ୍ରଭାତଙ୍କ ବିରୋଧରେ ଚାଲିଥିବା ସି-ଶୋର୍ ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାର ଚାର୍ଜଶିଟ୍‌ରୁ ତାଙ୍କ ନାମ ବାଦ୍ ଦେବା ଓ ଏତଲା ରଦ୍ଦ ପାଇଁ ସେ ହାଇକୋର୍ଟରେ ଆବେଦନ କରିଥିଲେ। ହେଲେ ତାଙ୍କ ଆବେଦନକୁ ହାଇକୋର୍ଟ ଅଗ୍ରାହ୍ୟ କରିଦେବା ହେତୁ ତାଙ୍କୁ ନିରାଶ ହେବାକୁ ପଡ଼ିଛି। ଅପରପକ୍ଷରେ ମାମଲାର ବିଚାର ପ୍ରକ୍ରିୟା ବର୍ଷକ ମଧ୍ୟରେ ଶେଷ ହେବ ବୋଲି ଏକପ୍ରକାର ସ୍ପଷ୍ଟ ହୋଇଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି କର୍ମକ୍ଷେତ୍ରରେ ସ୍ଥଗିତ କାର୍ଯ୍ୟଗୁଡ଼ିକୁ ସମ୍ପନ୍ନ କରିବାକୁ ବାଧ୍ୟ ହେବେ। ସାମୂହିକ ଆଲୋଚନା, ସଭାସମିତି, ସତ୍‌ସଙ୍ଗ, ଆଲୋଚନା, ଭ୍ରମଣ ହେତୁକ ଖୁସୀ ରହିପାରନ୍ତି। ସାହିପଡ଼ୋଶୀ, ବନ୍ଧୁବାନ୍ଧବ, ସହକର୍ମୀଙ୍କ ସମ୍ପର୍କରେ ନ୍ୟୁନତା ପରିଲକ୍ଷିତ ହୋଇପାରେ। ପିଲାଙ୍କ ବିବାହ ନେଇ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି।

**ବୃଷ**
ପରିବାରରେ ଅସାବଧାନତା ବଶତଃ ମୂଲ୍ୟବାନ ଦ୍ରବ୍ୟ ନଷ୍ଟ ହୋଇପାରେ। ଅଯାଚିତ ଭାବରେ ପଡ଼ୋଶୀଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ସାହିତ୍ୟ ଓ ସଂଗୀତ, କ୍ରୀଡ଼ା ଚଳଚ୍ଚିତ୍ରାଦିରେ ସୁନାମ ଅର୍ଜନ କରିପାରନ୍ତି। ବାରମ୍ବାର ବିଫଳତା କାରଣରୁ ଦ୍ୱନ୍ଦ୍ୱରେ ପଡ଼ି କିଛି ବି କରିପାରିବେ ନାହିଁ।

**ମିଥୁନ**
ଅପ୍ରତ୍ୟାଶିତ ଭାବରେ ଆଜି ବନ୍ଧୁମିଳନ ସଙ୍ଗକୁ ନୂତନ ବନ୍ଧୁ ସମ୍ପର୍କ ଯୋଡ଼ିବାର ମଉକା ପାଇବେ। ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି। କୌଣସି ବିବାଦୀୟ ଘଟଣା ସକାଶେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇପାରେ।

**କର୍କଟ**
ଅନ୍ୟମାନଙ୍କୁ ସାହାଯ୍ୟ କରିବାକୁ ଯାଇ କାମ କରିବେ ପ୍ରତିବଦଳରେ କିଛି ପାଇବେ ନାହିଁ। ସହକର୍ମୀଙ୍କ ନିକଟରୁ କର୍ମକ୍ଷେତ୍ରରେ କୌଣସି ଶୁଭ ଖବର ମନକୁ ଆମୋଦିତ କରିବ। ପ୍ରତ୍ୟୁଷ ସମୟରେ ଭ୍ରମଣ କାଳରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ବନ୍ଧୁଙ୍କ ସହ ସାଧାରଣ ଯୁକ୍ତିତର୍କରୁ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ।

**ସିଂହ**
ଭଲ ସମ୍ପର୍କ ନ ଥିବା କାରଣରୁ ନିକଟସ୍ଥ ବ୍ୟକ୍ତି ନିଜର ଦୋଷଦର୍ଶିତା ଗୁଣ ହେତୁ ସମାଲୋଚନା କରିପାରନ୍ତି। ଯାତ୍ରା ସମୟରେ ସତର୍କ ନ ରହିଲେ ଗୋଡ଼ରେ ଆଘାତ ଲାଗିପାରେ। ପିଲାଙ୍କ ଅସଂଯତ କାର୍ଯ୍ୟକଳାପ ପାଇଁ ନିଜ ଲୋକଙ୍କଠାରୁ ମଧ୍ୟ ସମାଲୋଚିତ ହେବେ। ପରିବହନ, ବ୍ୟବସାୟ, କର୍ମାରମ୍ଭ ସକାଶେ ଅନୁକୂଳ ବାତାବରଣ ସୃଷ୍ଟି ହେବ।

**କନ୍ୟା**
ସନ୍ଦେହାଚ୍ଛନ୍ନ ହୋଇ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରିପାରିବେ ନାହିଁ। ଉଚ୍ଚକର୍ତ୍ତୃପକ୍ଷଙ୍କ ସହାନୁଭୂତି ହେତୁ ଆଶା ପୂରଣ ହୋଇଯିବ। ପରିବାରରେ ପିଲାଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବ। ସବୁ ସୁବିଧା ଥାଇ କାମ ଠିକ୍ ଠିକ୍ କରିଥିବେ କିନ୍ତୁ କାମଟି ବିଳମ୍ବରେ ହେବ।

**ତୁଳା**
କର୍ମକ୍ଷେତ୍ରର ସମସ୍ୟା ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ପରିବାରରେ ସାଧାରଣ କଥାକୁ ନେଇ ତର୍କ ବିତର୍କ ଲାଗିପାରେ। କର୍ମାରମ୍ଭରେ ମନର ବଳ ଖୁବ୍ ଟାଣ ରହିବ ଏବଂ ଲାଭବାନ୍ ମଧ୍ୟ ହେବେ। ଆନୁଷ୍ଠାନିକ କାମରେ ଦ୍ରୁତୋନ୍ନତି ପରିଲକ୍ଷିତ ହେବ।

**ବିଛା**
ସାହାଯ୍ୟ ସହଯୋଗ ଲାଭକରି ପ୍ରତ୍ୟେକ କ୍ଷେତ୍ରରେ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। ଅନ୍ୟର ଉପକାର ଚିନ୍ତା କରିବେ ସିନା ପ୍ରତିଦାନ ପାଇବା ଦୁର୍ଲଭ ହୋଇ ପଡ଼ିବ। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସହାୟତା ପାଇବେ ଏବଂ ଏକ ପ୍ରକାର ଆଶ୍ୱସ୍ତି ଲାଭ କରିବେ। ସାମାଜିକ ସ୍ତରରେ ଲୋକ ସମ୍ପର୍କ ବଢ଼ାଇବା ସକାଶେ ପଦକ୍ଷେପ ନେଇପାରନ୍ତି।

**ଧନୁ**
ପାରିବାରିକ କ୍ଷେତ୍ରରେ ମଧ୍ୟ ବିଭିନ୍ନ ପ୍ରକାରର ସମସ୍ୟା ହେତୁ ମନ ବିଚଳିତ ରହିପାରେ। ପଡ଼ୋଶୀ କିମ୍ବା ସହକର୍ମୀମାନଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଲାଭ ମିଳିବ। ଅନ୍ୟମାନଙ୍କୁ ନିଜ ସହ ତୁଳନା କରି ଅଯଥା ମନକୁ ଭାରାକ୍ରାନ୍ତ କରିପାରନ୍ତି।

**ମକର**
ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟି ଆଜି ବାସ୍ତବରେ କରିପାରିବେ ନାହିଁ। ଶ୍ରବଣାର ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ମିଥ୍ୟା ଗୁଜବ ଶୁଣିବା ପରେ ବିଭିନ୍ନ ପ୍ରକାରର ଦୁଶ୍ଚିନ୍ତାରେ ମନ ଭାରାକ୍ରାନ୍ତ ରହିବ। ବେଳକାଳ ଉଣ୍ଡି ଠିକଣା ସମୟରେ ଉଚିତ ପଦକ୍ଷେପ ନେବାକୁ ଭୁଲନ୍ତୁ ନାହିଁ।

**କୁମ୍ଭ**
ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କେତେକ କାମ ହାସଲ କରିବେ। ବନ୍ଧୁଙ୍କ କାର୍ଯ୍ୟକଳାପକୁ ନେଇ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ। ସକାଳୁ ସକାଳୁ ସମ୍ପର୍କୀୟ ଜଣେ ବନ୍ଧୁ ଆଜି ମଧ୍ୟାହ୍ନରେ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ମୀନ**
ଦୀର୍ଘଦିନର ସୁପରିକଳ୍ପିତ ଯୋଜନା ମୁତାବକ କାର୍ଯ୍ୟରେ ସଫଳତା ପାଇବେ। ପାରିବାରିକ ସ୍ତରରେ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ। କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ, ସମସ୍ୟାର କାରଣ ହୋଇପାରେ। ହଠାତ୍ ଗତକାଲିର କୌଣସି ଘଟଣା ମନକୁ ବିବ୍ରତ କରିପାରେ।

ଆଜି ବୈଶାଖ କୃଷ୍ଣ ଷଷ୍ଠୀଯୁକ୍ତ ସପ୍ତମୀ ବୁଧବାର, ଏପ୍ରିଲ ୧୨ ତାରିଖ, ରାଶି ନକ୍ଷତ୍ର-ମୂଳା/ଧନୁ, ଦିବା ଘ.୧୧.୫୮ମି. ଗତେ, ପୂର୍ବାଷାଢ଼ା ନକ୍ଷତ୍ର, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୩୫ମି. ଗତେ ଘ.୦୭.୧୪ମି. ମଧ୍ୟେ, ଘ.୧୦.୧୪ମି. ଗତେ ଘ.୧୧.୨୨ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୪୭ମି. ଗତେ ଘ.୦୧.୨୦ମି. ମଧ୍ୟେ ରାହୁକାଳ।

ପ୍ରଥମ ପୃଷ୍ଠାରୁ...

## କ୍ରିମିଆ ଏପିସୋଡ୍...

କରା ନ ଗଲେ ତାହା ବଢ଼ିଚାଲିଥାଏ। ୨୦୧୪ରେ ରୁଷିଆ ପୂର୍ବ ୟୁକ୍ରେନ୍‌ର କ୍ରିମିଆକୁ ଦଖଲ କରିନେଇଥିଲା। ୨୦୧୬ରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ସୀମାରେ ସୈନ୍ୟ ଠୁଳ କରିବାବେଳେ ଏକ ବଡ଼ ଆକ୍ରମଣ କରିପାରେ ବୋଲି ୟୁକ୍ରେନ୍ ଜାଣିଥିଲା। କିନ୍ତୁ ଭାରତ ଅନ୍ୟ ଦେଶଗୁଡ଼ିକ ସହ କିପରି ଆର୍ଥିକ ସମ୍ପର୍କ ବଜାୟ ରଖିଛି ବର୍ତ୍ତମାନ ତା' ଉପରେ ୟୁକ୍ରେନ୍ ପରାମର୍ଶ ଦେବା ସ୍ଥିତି ନାହିଁ ବୋଲି ଏମିନ୍ କହିଛନ୍ତି। ମସ୍କୋ ସହ ନୂଆଦିଲ୍ଲୀର ଏନର୍ଜି ଡିଲ୍‌କୁ ନେଇ ପରୋକ୍ଷରେ ସେ ଏଭଳି ମନ୍ତବ୍ୟ ଦେଇଛନ୍ତି। କାରଣ ପାଶ୍ଚାତ୍ୟର ତମାମ କଟକଣା ସତ୍ତ୍ୱେ ଭାରତ ଶସ୍ତାରେ ରୁଷୀୟ ତୈଳ କିଣିଚାଲିଛି। ଏମିନ୍ ଆହୁରି କହିଛନ୍ତି, ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ ୟୁକ୍ରେନ୍ ଗସ୍ତ କରିବେ ବୋଲି ଆଶା। ଏମିନ୍ ଭାରତକୁ ବିଶ୍ୱଗୁରୁ ସମ୍ବୋଧନ କରିବା ସହ ବଡ଼ ଭୂମିକା ନେବାକୁ ପରାମର୍ଶ ଦେଇଛନ୍ତି। ଜି-୨୦ରେ ଭାରତ ଅଧ୍ୟକ୍ଷତା କରୁଥିବାରୁ ଏହି ସମ୍ମିଳନୀରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ପାଇଁ ଭାଷଣ ଦେବା ସୁଯୋଗ ସୃଷ୍ଟି ଲାଗି ଏମିନ୍ ନୂଆଦିଲ୍ଲୀ ଗସ୍ତ କରିଥିବା କୁହାଯାଉଛି।

## ସୁପାରି ଦେଇ...

ହତ୍ୟା କରିବାକୁ ଦୁଃଶାସନ ଅଭିଯୁକ୍ତମାନଙ୍କୁ ୫ଲକ୍ଷ ଟଙ୍କାର ସୁପାରି ଦେବାକୁ ସ୍ଥିର କରିଥିଲେ। ଏଥିପାଇଁ ଅଗ୍ରିମ ୨ ଲକ୍ଷ ଟଙ୍କା ଘଟଣା ଘଟିବା ରାତିରେ ଦେବାକୁ କଥା ଛିଡ଼ିଥିଲା। ହେଲେ ଦୁଃଶାସନ ମାତ୍ର ୪୦ହଜାର ଟଙ୍କା ଦେବାରୁ ଅଭିଯୁକ୍ତଙ୍କ ସହ ତାଙ୍କର ବଚସା ହୋଇଥିଲା। ଏଥିରେ ରାଗି ଯାଇ ଅଭିଯୁକ୍ତମାନେ ତାଙ୍କୁ ଗୁଳି କରି ହତ୍ୟା କରିଥିଲେ ବୋଲି ବଡ଼ବିଲ ଆଇଆଇସି ପ୍ରମୋଦିନୀ ସାହୁ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଗତ ଶୁକ୍ରବାର ସନ୍ଧ୍ୟାରେ ଓଏମ୍‌ଡିସି କର୍ମଚାରୀ ଦୁଃଶାସନ ବାରିକ ନିଖୋଜ ହୋଇଯାଇଥିଲେ। ଶନିବାର ସକାଳେ ଦାମୁହିଟିଂସ୍ଥିତ ଇଲେକ୍ଟ୍ରିକ ଗ୍ରୀଡ ନିକଟ ହାଇଟେନଶନ ଟାୱାର ତଳେ ତାଙ୍କ ମୃତଦେହ ଠାବ କରାଯାଇଥିଲା। ଦୁଃଶାସନଙ୍କ ମୁଣ୍ଡରେ ଦୁଇଟି ଗୁଳି ବାଜିଥିବାବେଳେ ପୋଲିସ ଓ ସାଇଣ୍ଟିଫିକ ଟିମ୍ ତଦନ୍ତ କରିଥିଲେ। ମୃତକ ପରିବାର ପକ୍ଷରୁ ଥାନାରେ ହତ୍ୟା ଅଭିଯୋଗ କରାଯାଇଥିଲା। ପୋଲିସ ମୃତଦେହ ନିକଟରୁ ୨ଟି ଜୀବନ୍ତ ଗୁଳି ଓ କିଛି ଦୂରରେ ଥିବା ତାଙ୍କ ବାଇକ୍ ଜବତ କରିଥିଲା ବେଳେ ମୋବାଇଲ ପାଇ ନ ଥିଲା। ମୃତକଙ୍କ ପରିବାର ଓ ସମ୍ପର୍କୀୟଙ୍କୁ ନେଇ ପୋଲିସ ପଚରାଉଚରା କରିଥିଲେ ହେଁ ଅଭିଯୁକ୍ତମାନଙ୍କ କୌଣସି ସୁରାକ ପାଇ ନ ଥିଲା। ତେବେ ଦୁଃଶାସନଙ୍କ ମୋବାଇଲ ସିଡିଆର (କଲ୍ ଡିଟେଲ ରେକର୍ଡ) ଓ ସହରର ବିଭିନ୍ନ ସ୍ଥାନରେ ଲାଗିଥିବା ସିସି କ୍ୟାମେରା ଫୁଟେଜ ଆଣି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ଦୁଃଶାସନଙ୍କ ନମ୍ବର ସହ ଗୋଟିଏ ନମ୍ବର ଏକାଧିକ କଲ୍ ହୋଇଥିବା ଜଣାପଡ଼ିଥିଲା। ସେହି ନମ୍ବରଟି ବଡ଼ବିଲ ବରକତ ନଗର ଅଞ୍ଚଳରେ ରହୁଥିବା ସାହାଦତ ଖାନ୍‌ଙ୍କ ଜଣାପଡ଼ିବା ପରେ ପୋଲିସ ତାଙ୍କୁ ଥାନାକୁ ଆଣି ପଚରାଉଚରା କରିବାରୁ ଦୁଃଶାସନଙ୍କ ଜମି କିଣାବିକାକୁ ନେଇ ସମ୍ପର୍କରେ ଥିଲେ ବୋଲି ଜଣାପଡିଥିଲା। ଅଧିକ ପଚରାଉଚରାରୁ ଦୁଃଶାସନଙ୍କୁ ହତ୍ୟା ପଛର ପ୍ରକୃତ କାହାଣୀ ସାମ୍ନାକୁ ଆସିଛି। ଦୁଃଶାସନ ଓ ତାଙ୍କ ଦୁଇ ଭଉଣୀଙ୍କ ନାମରେ ଥିବା ଜମି ବିକ୍ରି କରିବାକୁ ମଧ୍ୟସ୍ଥି ସାଜିଥିବା ସାହାଦତ୍‌ଙ୍କ ବୟାନ ଅନୁଯାୟୀ ଜମି ପ୍ଲଟିଂ କରି ବିକ୍ରି କରାଇଲେ ମୋଟା ଅଙ୍କର ଟଙ୍କା ହାସଲ କରିବାର ଆଶା ଥିଲା। ତେବେ ଦୁଃଶାସନଙ୍କ ଭଉଣୀ, ଭିଣୋଇ ଓ ଭଣଜା ବିରୋଧ କରୁଥିବାରୁ ଭଣଜାକୁ ରାସ୍ତାରୁ ହଟାଇଦେଲେ ଭଉଣୀ ଓ ଭିଣୋଇଙ୍କୁ କୌଣସି ମତେ ବୁଝାଇ ସୁଝାଇ ବିକ୍ରି କରିହେବ ବୋଲି ସାହାଦତ୍ ଦୁଃଶାସନଙ୍କୁ ଉସୁକାଇଥିଲେ। ଏଥିରେ ରାଜି ହୋଇଯାଇଥିଲେ ଦୁଃଶାସନ। ସାହାଦତ୍ ସୁପାରିକିଲରଙ୍କ ସହାୟତାରେ ଦୁଃଶାସନଙ୍କ ଭଣଜାଙ୍କୁ ରାସ୍ତାରୁ ହଟାଇଦେବାକୁ ଯୋଜନା କରିଥିଲେ। ଯୋଜନା ଅନୁଯାୟୀ, ବଡବିଲରେ ଗାଡ଼ି ଚାଳକ ଭାବେ କାର୍ଯ୍ୟ କରୁଥିବା ଶାହରୁଖ ଓ ଟାୟାର ଦୋକାନରେ ରହି ପଙ୍କଚର କାମ କରୁଥିବା ୱାରିସ୍ ଖାନ୍‌ଙ୍କ ସହ ଯୋଗାଯୋଗ କରି ସୁପାରି ନେଇ ଦୁଃଶାସନଙ୍କ ଭଣଜାଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ। ଏଥିପାଇଁ ଝାଡଖଣ୍ଡ ମଝିଗାଁରେ ରହୁଥିବା ନେହାଲ ଖାନଙ୍କ ସହାୟତାରେ ସାହାଦତ୍ ବନ୍ଧୁକ ମଗାଇଥିଲେ। ଶୁକ୍ରବାର ବନ୍ଧୁକ ପହଞ୍ଚି ଯାଇଥିଲାବେଳେ ଏକାଠି ହୋଇଥିଲେ ସାହାଦତ୍, ସାହରୁଖ ଏବଂ ୱାରିସ୍। ୨ଲକ୍ଷ ଟଙ୍କା ଅଗ୍ରୀମ ଦେବା ପରିବର୍ତ୍ତେ ଦୁଃଶାସନ ମାତ୍ର ୪୦ ହଜାର ଦେବାରୁ ତାଙ୍କୁ ହଟାଇବାକୁ ଚିନ୍ତା କରିଥିଲେ। ସାହାଦତ ଓ ସାହରୁଖ ଏକ ସ୍କୁଟିରେ ଦାମୁହିଟିଂସ୍ଥିତ ଇଲେକ୍ଟ୍ରିକ ଗ୍ରୀଡ୍ ନିକଟ ହାଇଟେନଶନ ଟାୱାର ନିକଟକୁ ଯାଇଥିଲାବେଳେ ପଛେ ପଛେ ଦୁଃଶାସନଙ୍କୁ ନେଇ ୱାରିସ୍ ସେଠାରେ ପହଞ୍ଚିଥିଲେ। ସେଠାରେ ପହଞ୍ଚି ସବୁ ଯୋଜନା ହେବା ପରେ ଟଙ୍କା ନ ଦେବାରୁ ସାହରୁଖ ଧରିଥିବା ବନ୍ଧୁକରେ ଦୁଃଶାସନଙ୍କ ମୁଣ୍ଡକୁ ଦୁଇଟି ଗୁଳି ମାରି ହତ୍ୟା କରିଥିଲେ। ପରେ ୩ ଜଣ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏହି ଘଟଣାରେ ଫେରାର ଥିବା ୱାରିସଙ୍କୁ ପୋଲିସ ଗିରଫ କରିପାରି ନ ଥିବାବେଳେ ହତ୍ୟାକାଣ୍ଡରେ ବ୍ୟବହୃତ ବନ୍ଧୁକଟିକୁ ମଧ୍ୟ ଜବତ କରିପାରିନାହିଁ।

## ୧୫ ଯାଏ ପ୍ରବଳ...

କେନ୍ଦୁଝର, ମୟୂରଭଞ୍ଜ ଏବଂ ବାଲେଶ୍ୱର, ୧୪ ତାରିଖରେ ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଏବଂ ୧୫ ତାରିଖରେ ଦେବଗଡ଼, ଅନୁଗୋଳ, ବୌଦ୍ଧ, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲାରେ ପ୍ରଚଣ୍ଡ ଗ୍ରୀଷ୍ମ ଲହରି ପ୍ରବାହିତ ହେବ। ଏହିସବୁ ଜିଲାଗୁଡ଼ିକ ପାଇଁ ୟେଲୋ୍‌ୱାର୍ନିଂ ଜାରି କରାଯାଇଛି। ଶୁଷ୍କ ଗରମ ବାୟୁ ପ୍ରଭାବରେ ଆଭ୍ୟନ୍ତରୀଣ, ଉପକୂଳ, ପଶ୍ଚିମ ଏବଂ ଉତ୍ତର ଓଡ଼ିଶାର ଅଧିକାଂଶ ଜିଲାରେ ତାପମାତ୍ରା ବୃଦ୍ଧି ପାଇବ। ଏହାକୁ ଦୃଷ୍ଟିରେ ରଖି ଜିଲାପାଳମାନଙ୍କୁ ସତର୍କ ରହିବା ସହ ଲୋକମାନଙ୍କୁ ସଚେତନ କରିବାକୁ ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆରସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ସୋମବାର ଭଳି ମଙ୍ଗଳବାର ମଧ୍ୟ ରାଜଧାନୀ ଭୁବନେଶ୍ୱର ଆହୁରି ଉତ୍ତପ୍ତ ହୋଇଛି। ସକାଳ ୮ଟା ୩୦ ମିନିଟ୍ ସୁଦ୍ଧା ଭୁବନେଶ୍ୱରର ତାପମାତ୍ର ୩୨ଡିଗ୍ରୀ ଛୁଇଁଥିଲା ବେଳେ ପୂର୍ବାହ୍ନ ୧୧ଟା ୩୦ ସୁଦ୍ଧା ତାପମାତ୍ରା ୩୯ଡିଗ୍ରୀ ରେକର୍ଡ ହୋଇଥିଲା। ତାତି ବଢ଼ି ମଧ୍ୟାହ୍ନ ବେଳକୁ ୪୦ ଡିଗ୍ରୀ ଡେଇଁ ଯାଇଥିଲା। ୪ ଚକିଆ ଯାନକୁ ଛାଡ଼ିଦେଲେ ରାସ୍ତାଘାଟ ଶୂନ୍‌ଶାନ ହୋଇଯାଇଥିଲା।

## ଆଜିଠୁ ୧୬ ଯାଏ...

ଗ୍ରାମାଞ୍ଚଳ, ସହରାଞ୍ଚଳ ବିଶେଷକରି ଜଳ ସଙ୍କଟ ଥିବା ଅଞ୍ଚଳରେ ପାନୀୟ ଜଳ ଯୋଗାଣକୁ ନିଶ୍ଚିତ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥସହିତ ନିରବଚ୍ଛିନ୍ନ ଭାବେ ଯେପରି ବିଦ୍ୟୁତ୍ ଯୋଗାଣ ଜାରିରହିବ ସେ ନେଇ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ଶକ୍ତି ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ପାଣିପାଗ ସଂସ୍ଥାଠାରୁ ତଥ୍ୟ ସଂଗ୍ରହ କରି ମୌସୁମୀକୁ ନେଇ ଆଗୁଆ ଯୋଜନା କରିବାକୁ ପ୍ରଶାସନକୁ ପରାମର୍ଶ ଦେଇଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ହିତାଧିକାରୀମାନଙ୍କୁ ଯୋଗାଇ ଦିଆଯାଉଥିବା ଚିକିତ୍ସା ସୁବିଧା ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏହି ଯୋଜନାରେ ରାଜ୍ୟର ସାଢ଼େ ୩ କୋଟି ଲୋକଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି। ସମସ୍ତ ହିତାଧିକାରୀଙ୍କୁ ତୁରନ୍ତ ମେଡିକାଲ ସୁବିଧା ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡ଼ା ରାଜ୍ୟର କୋଭିଡ୍ ସ୍ଥିତି ନେଇ ମଧ୍ୟ ସେ ସମୀକ୍ଷା କରିଛନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ ଆଗୁଆ ପଦକ୍ଷେପ ଯୋଗୁ ରାଜ୍ୟରେ କୋଭିଡ୍ ନିୟନ୍ତ୍ରଣରେ ରହିଛି। କୋଭିଡ୍ ସଂକ୍ରମଣ ଉପରେ ନଜର ରଖିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଉନ୍ନୟନ କମିଶନର ଅନୁ ଗର୍ଗ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

## ଏ ବର୍ଷ ସ୍ୱାଭାବିକ...

ପାଇଁ ଅନୁକୂଳ ବୋଲି ଆଇଏମ୍‌ଡି ମୁଖ୍ୟ କହିଛନ୍ତି। ଉତ୍ତର ଏବଂ କେନ୍ଦ୍ରୀୟ ଭାରତରେ ମରୁଡ଼ି ସ୍ଥିତି ଉପୁଜିପାରେ ବୋଲି ସ୍କାଏମେଟ୍ ସୋମବାର ପୂର୍ବାନୁମାନ କରିଥିଲା। କ୍ରମାଗତ ୪ ବର୍ଷର ସ୍ୱାଭାବିକ କିମ୍ବା ସ୍ୱାଭାବିକଠାରୁ ଅଧିକ ବର୍ଷା ପରେ ଚଳିତ ବର୍ଷ ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ସ୍ୱାଭାବିକରୁ କମ୍ ବର୍ଷା ହୋଇପାରେ ବୋଲି ଏହି ଘରୋଇ ପାଣିପାଗ ସଂସ୍ଥା କହିଥିଲା। ଲା ନିନା ସ୍ଥିତି ଶେଷ ହୋଇ ଏଲ୍ ନିନୋ ସ୍ଥିତି ଉପୁଜିବାକୁ ଥିବାରୁ ମରୁଡ଼ି ହେବାର ୨୦ ପ୍ରତିଶତ ସମ୍ଭାବନା ରହିଛି। ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ହାରାହାରି ବୃଷ୍ଟିପାତର ୯୪ ପ୍ରତିଶତ ହେବ ବୋଲି ସ୍କାଏମେଟ୍ ଆଶାବ୍ୟକ୍ତ କରିଥିଲା। ଗୁଜରାଟ, ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ରରେ ଜୁଲାଇରୁ ଅଗଷ୍ଟ ମଧ୍ୟରେ କମ୍ ବର୍ଷା ହେବାକୁ ଥିବାବେଳେ ପଞ୍ଜାବ, ହରିୟାଣା, ରାଜସ୍ଥାନ ଓ ଉତ୍ତରପ୍ରଦେଶରରେ ବର୍ଷାଋତୁର ଦ୍ୱିତୀୟାର୍ଦ୍ଧରେ ସ୍ୱାଭାବିକଠାରୁ କମ୍ ବର୍ଷା ହେବ ବୋଲି ସ୍କାଏମେଟ୍ କହିଥିଲା। ୧୧୦ ପ୍ରତିଶତରୁ ଅଧିକ ବର୍ଷା (ସ୍ୱାଭାବିକଠାରୁ ଅଧିକ) ହେବାର ସମ୍ଭାବନା ନାହିଁ। ତେବେ ୧୦୫ରୁ ୧୧୦ ପ୍ରତିଶତ ବର୍ଷା ହେବାର ୧୫ ପ୍ରତିଶତ ସମ୍ଭାବନା ଥିବା ଘରୋଇ ପାଣିପାଗ ସଂସ୍ଥା ପୂର୍ବାନୁମାନ କରିଥିଲା।

ଆଇଏମ୍‌ଡି ତଥ୍ୟ ଅନୁଯାୟୀ ୨୦୧୯ର ମୌସୁମୀ ଋତୁରେ ୯୭୧.୮ ମିଲିମିଟର ବର୍ଷା ହୋଇଥିଲା। ୨୦୨୦ରେ ୯୬୧.୪ ମିଲିମିଟର ହୋଇଥିବାବେଳେ ୨୦୨୧ରେ ୮୭୪.୫ ଏମ୍‌ଏମ୍ ଏବଂ ୨୦୨୨ରେ ୯୨୪.୮ ଏମ୍‌ଏମ୍ ବର୍ଷା ହୋଇଥିଲା।

## ଠିକ୍ ଠିକଣାରେ...

ହେବ ମୁମ୍ବାଇସ୍ଥିତ ଏକ ଘରୋଇ ଗାଡ଼ି କମ୍ପାନୀରେ କାର୍ଯ୍ୟ କରୁଥିଲେ। ନିକଟରେ ମସ୍ତିଷ୍କରେ ଆଘାତ ହେବାରୁ ମୁମ୍ବାଇର ଏକ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ତାଙ୍କ ପରିବାରକୁ ଖବର ଦିଆଯାଇଥିଲା। ମୃତଦେହକୁ ବ୍ୟବଚ୍ଛେଦ କରାଯାଇ ପୈତୃକ ଗ୍ରାମକୁ ଅଣାଯିବା ନିମନ୍ତେ ୮୫ ହଜାର ଟଙ୍କାର ଆବଶ୍ୟକତା ପଡ଼ିଥିଲା। ମୁମ୍ବାଇରେ ଥିବା ଏକ ସଂସ୍ଥାର ସ୍ୱେଚ୍ଛାସେବୀମାନେ ୩୫ ହଜାର ଟଙ୍କା ଆଦାୟ କରି ଦେଇଥିଲେ। ଅବଶିଷ୍ଟ ୫୦ ହଜାର ଟଙ୍କା ପଠାଇବା ନିମନ୍ତେ ତାଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ପରିବାର ଲୋକେ ଉକ୍ତ ଟଙ୍କା ପଠାଇବା ପରେ ମୃତଦେହ ମୁମ୍ବାଇ ବିମାନବନ୍ଦରରୁ ଆସିଥିଲା। ହେଲେ ସେଠାରେ କୋରିଅର କର୍ମଚାରୀମାନେ ବିଳାସଙ୍କ ମୃତଦେହ ଥିବା ବାକ୍ସରେ ଭୁଲ୍‌ବଶତଃ ରାଜସ୍ଥାନର ଜୟପୁର ସହର ଅଭିମୁଖେ ଯିବାକୁ ଥିବା ଠିକଣା ଏବଂ ଅଣଓଡ଼ିଆଙ୍କ ମୃତଶରୀର ବାକ୍ସ ଉପରେ ବିଳାସଙ୍କ ନାମ ଓ ଘର ଠିକଣା ଲେଖି ଦେଇଥିଲେ। ଫଳସ୍ୱରୂପ ଅଣଓଡିଆ ବ୍ୟକ୍ତିଙ୍କ ମୃତଦେହ କୁଆଁଶୋଳ ଗ୍ରାମକୁ ଚାଲି ଆସିଥିଲା। ବିଳାସଙ୍କ ପରିବାର ଲୋକେ ବାକ୍ସରୁ ମୃତଦେହ କାଢ଼ିଥିଲେ ମଧ୍ୟ ତାଙ୍କ ଶରୀରରେ ଗୁଡ଼ା ହୋଇଥିବା ପଲିଥିନ ନ ଖୋଲି ଲୁଣାନଦୀ ଶଯ୍ୟାରେ ଦାହ ସଂସ୍କାର କରିଦେଇଥିଲେ। ଅପରପକ୍ଷେ ବିଳାସଙ୍କ ମୃତଦେହ ଜୟପୁର ଅଭିମୁଖେ ଚାଲିଯାଇଥିଲା। ସେଠାରେ ବିଳାସଙ୍କ ମୃତଦେହ ପହଞ୍ଚିବା ଦେଖି ଅଣଓଡ଼ିଆଙ୍କ ପରିବାର କୋରିଅର କମ୍ପାନୀ ସହ ଯୋଗାଯୋଗ କରିଥିଲେ। ଏହାପରେ ତ୍ରୁଟି ସମ୍ପର୍କରେ ଜଣାପଡ଼ିଥିଲା। ଏନେଇ ରାଜସ୍ଥାନରେ ସମ୍ପୃକ୍ତ ଅଣଓଡ଼ିଆଙ୍କ ପରିବାର ବିଳାସଙ୍କ ମୃତଶରୀରକୁ ଦାହ ନ କରି ତାଙ୍କ ପରିବାର ସଦସ୍ୟଙ୍କ ସହ ଯୋଗାଯୋଗ କରିଥିଲେ। ଅଣଓଡ଼ିଆଙ୍କ ଚିତାଭସ୍ମକୁ ତାଙ୍କ ପରିବାରକୁ ହସ୍ତାନ୍ତର କରାଯିବ ଓ ବିଳାସଙ୍କ ମୃତଦେହକୁ କୁଆଁଶୋଳ ଗ୍ରାମକୁ ଫେରାଇ ଦିଆଯିବ ବୋଲି ଉଭୟ ପରିବାର ମଧ୍ୟରେ ବୁଝାମଣା ହୋଇଥିଲା। ରିପୋର୍ଟ ଲେଖା ହେଲା ବେଳକୁ କୁଆଁଶୋଳ ଗ୍ରାମରେ ବିଳାସଙ୍କ ମୃତଦେହ ପହଞ୍ଚି ନ ଥିବାବେଳେ ଅଣଓଡ଼ିଆଙ୍କ ପରିବାର ଲୋକେ ଗ୍ରାମରେ ପହଞ୍ଚି ଚିତାଭସ୍ମ ନେଇଥିବା କୁହାଯାଉଛି। ଏ ସମ୍ପର୍କରେ ନେମାଳ ଥାନା ଭାରପ୍ରାପ୍ତ ଅଧିକାରୀ ଗୌରାଙ୍ଗ ବିଶ୍ୱାଳ କୁହନ୍ତି, ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ତେବେ ବାହାର ରାଜ୍ୟର ଜଣେ ବ୍ୟକ୍ତିଙ୍କ ମୃତଦେହ ସମ୍ପର୍କରେ ମାହାଙ୍ଗା ଅଞ୍ଚଳର କେତେଜଣ ଲୋକେ ଥାନା ସହ ଯୋଗାଯୋଗ କରିଥିଲେ। ଆମେ ସେମାନଙ୍କୁ କୁଆଁଶୋଳ ଗ୍ରାମର ଠିକଣା ପଠାଇ ବିଳାସଙ୍କ ପରିବାର ସହ ଯୋଗାଯୋଗ କରାଇ ଦେଇଥିଲୁ। ସେମାନେ ସମ୍ପୃକ୍ତ ପରିବାର ସଦସ୍ୟଙ୍କ ସହ ଯୋଗାଯୋଗ କରି ପରବର୍ତ୍ତୀ କାର୍ଯ୍ୟପନ୍ଥା ଅବଲମ୍ବନ କରିଥାଇପାରନ୍ତି। ଏ ସମ୍ପର୍କରେ ଅଧିକ ତଥ୍ୟ ଆମପାଖରେ ନାହିଁ।

# ରଥଯାତ୍ରା ପାଇଁ ୨୧୦ ସ୍ୱତନ୍ତ୍ର ଟ୍ରେନ୍




ଟାଉନ ହଲ୍‌ରେ ଅନୁଷ୍ଠିତ ପ୍ରଥମ ସମନ୍ୱୟ ବୈଠକରେ ଉପସ୍ଥିତ ଆର୍‌ଡିସି, ଅଧିକାରୀ ଓ ଅନ୍ୟମାନେ।

**ପ୍ରଥମ ସମନ୍ୱୟ ବୈଠକ**

- ଗୁଜରାଟରୁ ରଥକନା, ତାମିଲନାଡୁରୁ ଚନ୍ଦନକାଠ ଆସିବ

ପୁରୀ ଅଫିସ,୧୧।୪

ଜୁନ ୨୦ରେ ମହାପ୍ରଭୁଙ୍କ ରଥଯାତ୍ରା। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଥିବା ବେଳେ ରଥକାଠ ମଧ୍ୟ ପର୍ଯ୍ୟାୟକ୍ରମେ ପୁରୀରେ ପହଞ୍ଚିବାରେ ଲାଗିଛି। ତେବେ ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ମଙ୍ଗଳବାର କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆର୍‌ଡିସି) ସୁରେଶ ଚନ୍ଦ୍ର ଦଳାଇଙ୍କ ଅଧ୍ୟକ୍ଷତାରେ ପ୍ରଥମ ସମନ୍ୱୟ ବୈଠକ ଟାଉନ୍ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ମହାପ୍ରଭୁଙ୍କ ଶୃଙ୍ଖଳିତ ନୀତି, ଜନଗହଳି ନିୟନ୍ତ୍ରଣ, ସ୍ୱାସ୍ଥ୍ୟ, ରଥକାଠ, ଶ୍ରୀମନ୍ଦିର ପରିକ୍ରମା ମାର୍ଗ ନିର୍ମାଣ ଓ ବିଦ୍ୟୁତ୍ ଯୋଗାଣ ନେଇ ଆଲୋଚନା କରାଯାଇଛି। ରଥଯାତ୍ରା ସମୟରେ ୨୦୫ରୁ ୨୧୦ଟି ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିବ। ଦିବ୍ୟାଙ୍ଗଙ୍କ ଦର୍ଶନ ପାଇଁ ବଡ଼ଦାଣ୍ଡର ୫ରୁ ୭ ସ୍ଥାନରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ସେହିପରି ଶ୍ରୀଜଗନ୍ନାଥ ବନ ପ୍ରକଳ୍ପ ପାଇଁ ଡାଟାବେସ୍ ପ୍ରସ୍ତୁତ କରାଯାଉଛି ବୋଲି ଆର୍‌ଡିସି ଦଳାଇ ବୈଠକରେ ସୂଚନା ଦେଇଛନ୍ତି। ରଥ ନିର୍ମାଣ ଗୁଜରାଟର ଅହମ୍ମଦାବାଦରୁ ୩୦୦୦ ମିଟର ରଥକନା ଆସିବ। ୨୦୦ କେଜି ଝୁଣା ମହଜୁଦ୍ ଅଛି। ସେହିପରି ତାମିଲନାଡୁରୁ ୩୦୦ କେଜି ଚନ୍ଦନ କାଠ ଆସିବ। ୧୪ଟି ରଥଟଣା ଓ ୬ଟି ଇନର ଓ ଆଉଟର କର୍ଡନ ଦଉଡ଼ି ପାଇଁ କୁହାଯାଇଛି। ଅନ୍ୟପଟେ ରଥଯାତ୍ରା ସମୟରେ ୩୦ଜଣ ଭକ୍ତଙ୍କ ପାଇଁ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ଘୋଷଣା କରାଯାଇଛି। ସେହିପରି ପହଣ୍ଡି ଓ ଗୁଣ୍ଡିଚା ମନ୍ଦିରରେ ୯ଦିନ ମହାପ୍ରଭୁ ରହିବା ସମୟରେ ସେବାୟତଙ୍କ ପାଇଁ ବୀମା କରାଯିବ ବୋଲି ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ ସୂଚନା ଦେଇଥିଲେ। ଅପରପକ୍ଷେ ବୈଠକରେ ସଦର ମୁଖ୍ୟ ଚିକିତ୍ସାଳୟରେ ୨୯ଟି ଆମ୍ବୁଲାନ୍ସ ଓ ଜିଲାରେ ୫୦ଟି ୧୦୮ଆମ୍ବୁଲାନ୍ସ ଥିବା ସିଡିଏମ୍‌ଓ କହିଥିଲେ। ପୂର୍ବତଟ ରେଳବାଇ ପକ୍ଷରୁ ଟ୍ରେନର ସୂଚନା ପ୍ରଦାନ ପାଇଁ ଭିଡିଓ ୱାଲ୍, ୩୫ଟି ଟିକେଟ ବୁକିଂ କାଉଣ୍ଟର ସହ ୬ଟି ଅଟୋମେଟିକ୍ ଟିକେଟ ଭେଣ୍ଡିଂ ମେଶିନ୍ ଲଗାଯିବ। ବୈଠକରେ ଜିଲାପାଳ ସମର୍ଥ ବର୍ମା, ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁ, ଉପଜିଲାପାଳ ଭବତାରଣ ସାହୁ, କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ, ଏସ୍‌ପି କେ. ବିଶାଳ ସିଂହ, ବିଧାୟକ ଜୟନ୍ତ ଷଡଙ୍ଗୀ, ପୁରୀ ଏମ୍‌ପିଙ୍କ ପ୍ରତିନିଧି ଗୌରହରି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଦନ୍ତାହାତୀ ମୃତ

- ବାର୍‌ହା ଶିକାର ପାଇଁ ତାର ବିଛାଇଥିଲେ ଶିକାରୀ
- ହାତୀ ଗତିବିଧି ଅନୁଧ୍ୟାନ କରୁନି ବନ ବିଭାଗ

ସୋନପୁର/ବିନିକା,୧୧।୪ (ନି.ପ୍ର./ଡି.ଏନ.ଏ.)

ସୁବର୍ଣ୍ଣପୁର ବନଖଣ୍ଡ ବିନିକା ରେଞ୍ଜ ବାରଡୁଙ୍ଗୁରି ସଂରକ୍ଷିତ ଜଙ୍ଗଲରେ ମଙ୍ଗଳବାର ସକାଳେ ଏକ ଦନ୍ତାହାତୀର ମୃତଦେହ ଜବତ ହୋଇଛି। ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ହାତୀର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ବାର୍‌ହା ଶିକାର ପାଇଁ ଶିକାରୀମାନେ ପାର୍ଶ୍ୱରେ ଯାଇଥିବା ବିଦ୍ୟୁତ୍ ତାରରୁ ହୁକ ପକାଇ ଜଙ୍ଗଲରେ ବିଛାଇଥିଲେ। ହାତୀ ଏହି ତାର ସଂସ୍ପର୍ଶରେ ଆସିଯାଇଥିଲା। ମୃତ ହାତୀର ବୟସ ପ୍ରାୟ ୧୫ ବର୍ଷ ହେବ। ଖବରପାଇ ସୁବର୍ଣ୍ଣପୁର ବନଖଣ୍ଡ ଅଧିକାରୀ ମଦନଲାଲ ଶର୍ମା, ସହକାରୀ ବନସଂରକ୍ଷକ ପ୍ରଫୁଲ୍ଲ କୁମାର ଧରୁଆ ଓ ବିନିକା ବନକ୍ଷେତ୍ରାଧିକାରୀ ଡମ୍ବରୁଧର ପଧାନ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଢେଇ ଫୁଟ ଲମ୍ବର ହାତୀର ଦାନ୍ତକୁ କାଟି ବାହାର କରାଯାଇଛି। ଏ ସମ୍ପର୍କରେ ବିନିକା ବନବିଭାଗ ପକ୍ଷରୁ ଏକ ମାମଲା(୧/୨୩) ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ବନବିଭାଗ ପକ୍ଷରୁ ତନାଘନା ଆରମ୍ଭ ହୋଇଛି। ବିନିକା ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ନୃସିଂହ ଚରଣ ସାହୁ, ବିନିକା ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର କମଲ ପଧାନ ଓ ରାମପୁର ପ୍ରାଣୀ ଚିକିତ୍ସକ ଡାକ୍ତର ଆଲୋକ କୁମାର ସାହୁ ହାତୀର ଶବ ବ୍ୟବଚ୍ଛେଦ କରିଥିଲେ। ପରେ ଗାତ ଖୋଳି ଜଙ୍ଗଲରେ ହାତୀକୁ ପୋତି ଦିଆଯାଇଛି ।



ବାରଡୁଙ୍ଗୁରି ସଂରକ୍ଷିତ ଜଙ୍ଗଲରେ ମୃତ ଦନ୍ତା ହାତୀ ।

ସୋମବାର ରାତିରେ ଉକ୍ତ ହାତୀ ଦଳରୁ ଅଲଗା ହୋଇଯାଇଥିଲା। ବଲାଙ୍ଗୀର ଜିଲା ଲୋଇସିଂହା ଅଞ୍ଚଳରୁ ହାତୀ ଅଙ୍ଗନଦୀ ଅତିକ୍ରମ କରି ସୁବର୍ଣ୍ଣପୁର ଜିଲା ବାରଡୁଙ୍ଗୁରି ସଂରକ୍ଷିତ ଜଙ୍ଗଲକୁ ଚାଲି ଆସିଥିଲା। ବଲାଙ୍ଗୀର କି ସୁବର୍ଣ୍ଣପୁର ଜିଲାର ବନବିଭାଗ କର୍ମଚାରୀ ଏହା ଜାଣି ପାରି ନ ଥିଲେ। ହାତୀଙ୍କ ଗତିବିଧି ଅନୁଧ୍ୟାନ ପାଇଁ ଏଲିଫ୍ୟାଣ୍ଟ ଟ୍ରାକିଂ ସ୍କ୍ୱାଡ ରହିଛନ୍ତି। ମାତ୍ର ସେମାନେ ହାତୀର ଗତିବିଧି ଜାଣି ନ ପାରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ବନ ବିଭାଗ ହାତୀ ଚଳପ୍ରଚଳ ସମ୍ପର୍କରେ ବିଦ୍ୟୁତ୍ ବିଭାଗକୁ ଅବଗତ କରି ନ ଥିଲା। ସମ୍ପୃକ୍ତ ଅଞ୍ଚଳରେ ସୋମବାର ରାତିରେ ବିଦ୍ୟୁତ୍ କାଟ୍ ହୋଇ ନ ଥିଲା। ଫଳରେ ହାତୀର ମୃତ୍ୟୁ ହେଲା ବୋଲି ଅଭିଯୋଗ ହେଉଛି।

# ଆଇଟିଆଇ ଛାତ୍ରୀଛାତ୍ରଙ୍କ ପାଇଁ ଡିଜିଟାଲ ସଂସ୍କରଣ ଉନ୍ମୋଚନ କଲେ ଧର୍ମେନ୍ଦ୍ର



ଭୁବନେଶ୍ୱର, ୧୧।୪(ବ୍ୟୁରୋ)

ଶିଳ୍ପ ତାଲିମ ପ୍ରତିଷ୍ଠାନ (ଆଇଟିଆଇ)ରେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କ ପାଇଁ ନିଯୁକ୍ତି ଦକ୍ଷତା ପାଠ୍ୟକ୍ରମର ଡିଜିଟାଲ ସଂସ୍କରଣକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆଦିଲ୍ଲୀସ୍ଥିତ ଫ୍ୟୁଚର ସ୍କିଲସ୍ ଫୋରମଠାରେ ମଙ୍ଗଳବାର ଉନ୍ମୋଚନ କରିଛନ୍ତି। ଏଥିରେ ଉପଲବ୍ଧ ଥିବା ଡିଜିଟାଲ ପାଠକୁ ବ୍ୟବହାରକରି ଦକ୍ଷତା ପରିସଂସ୍ଥାନର ୨୫ ଲକ୍ଷ ଶିକ୍ଷାର୍ଥୀ ଚାକିରି ପାଇଁ ପ୍ରସ୍ତୁତ ହୋଇପାରିବେ।

ଧର୍ମେନ୍ଦ୍ର ଏହି ଅବସରରେ କହିଛନ୍ତି, ସବୁ ସମୟର ଆବଶ୍ୟକତାକୁ ପୂରଣ କରିବା, ସବୁଠି ପଢ଼ିବା ଲକ୍ଷ୍ୟରେ ଏହି ମାପଦଣ୍ଡକୁ କେନ୍ଦ୍ର ସରକାରଙ୍କ ଭାରତ ପୋର୍ଟାଲ ଏବଂ ଅନ୍ୟ ପ୍ଲାଟ୍‌ଫର୍ମ ମାଧ୍ୟମରେ ୨୫ ଲକ୍ଷ ଶିକ୍ଷାର୍ଥୀ ବ୍ୟବହାର କରିପାରିବେ। ଶିଳ୍ପସଂସ୍ଥା ସାହାଯ୍ୟରେ ପ୍ରସ୍ତୁତ ହୋଇଥିବା ପାଠ୍ୟକ୍ରମରେ ୧୨ଟି ମଡ୍ୟୁଲ ରହିଛି ବୋଲି ଧର୍ମେନ୍ଦ୍ର କହିଛନ୍ତି। ଦକ୍ଷତା ବୃଦ୍ଧି ଦ୍ୱାରା ରୋଜଗାର କ୍ଷମତା ବଢ଼ାଇବା, ଭାରତର ଭବିଷ୍ୟତକୁ ବଢ଼ିବାକୁ ଦିଆଯିବା ଏବଂ ଏକବିଂଶ ଶତାବ୍ଦୀ ସକାଶେ ମାନବ ସମ୍ବଳ କିପରି ପ୍ରସ୍ତୁତ ହେବେ ସେହି ସଂକ୍ରାନ୍ତରେ ସେ ମଧ୍ୟ ଚର୍ଚ୍ଚା ଓ ଆଲୋଚନା କରିଛନ୍ତି। ଆଗାମୀ ଦିନରେ ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି ପାଳନ କରିବା ଅବସରରେ ଭାରତ ସର୍ବବୃହତ୍ ଅର୍ଥନୀତିରେ ପରିଣତ ହେବ। ଡିଜିଟାଲ ପେମେଣ୍ଟସରୁ ଭାକ୍ସିନେଶନ ପର୍ଯ୍ୟନ୍ତ ଆମେ ପ୍ରଯୁକ୍ତିବିଦ୍ୟାକୁ ଜୀବନର ଅନେକ କ୍ଷେତ୍ରରେ ଆପଣାଇବା ସହ ଆଗକୁ ବଢୁଛୁ ଏବଂ ଟେକ୍ନୋଲୋଜି ମାଧ୍ୟମରେ ଅନେକ ସେବା ସୁବିଧା ପ୍ରଦାନ କରାଯାଉଛି। ବର୍ତ୍ତମାନର ଆଧୁନିକ ଯୁଗରେ କର୍ମକ୍ଷେତ୍ରର ଭଙ୍ଗୀରେ ପରିବର୍ତ୍ତନ ଆସୁଛି। ଦକ୍ଷତା ବିକାଶ ହିଁ ଡେମୋଗ୍ରାଫି କ୍ଷମତାର ଠିକ୍ ଉପଯୋଗ କରିବାର ଏକ ଚାବିକାଠି ହେବ। ଦକ୍ଷତା ପରିସଂସ୍ଥାନକୁ ସୁଦୃଢ଼ କରିବା ସହ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଓ ଆଇଓଟି ଭଳି ନୂତନ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରି ସମାଜର ବୃହତ୍ କଲ୍ୟାଣ ଓ ଭବିଷ୍ୟତର ମାନବ ସମ୍ବଳକୁ ପ୍ରସ୍ତୁତ କରିବା ପାଇଁ ଶିଳ୍ପ ସମୂହ ଏକତ୍ର ହେବା ଖୁସିର ବିଷୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଚାରରେ ଭାରତର ସାମର୍ଥ୍ୟ ବିଶ୍ୱକୁ ଲାଭ ଦେବ। ଜାତୀୟ ଶିକ୍ଷାନୀତି ମଧ୍ୟ ପାଠ ପଢ଼ିବା ସହ ରୋଜଗାର କରିବାର ସୁଯୋଗ ସୃଷ୍ଟି କରିଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

SMILE JAYADURGA CHEMICALS
(AN ISO 9001-2015 Certified)
Deals Raw Materials of:
- White Phenyle
- Black Phenyle
- Green Phenyle
- Liquid detergent
- Detergent Powder
- Packaging Materials
- Hand Wash
- Dish Wash
- Toilet Cleaner
- Glass Cleaner
- Sanitizer
- Agarbati

Free Training on all products
Other Chemicals
- Bleaching Powder
- Alum
- Castic Soda
- Acetic Acid
- HCL Acid
- Dolomite Powder
- Sulphuric Acid
- French chalk powder

Plot No.843, Palasuni, Bhubaneswar-751010
Mob.No.-9938069796, 9861049796

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

Urgently Required
D.T.P OPERATOR- 02Nos
Pagemaker, Photoshop, Microsoft Office and CorelDRAW 5-6 years of Experience.
Time : 10am to 8pm
Salary: 15,000/- to 20,000/-
CHELSHHA
2977, Ravi Talkies Road, Bhubaneswar-02
9040821015
9437387034

WANTED
A LADY for office work. +2 above. Phulnakhara, Cuttack.
Ghara free + 10000 + bonus with other facilities.
7809525452

ଚେନ୍ନାଇରେ ରହିବା ସୁବିଧା ସହିତ ଚାକିରି/ହିନ୍ଦୀ କହିପାରୁଥିବା ଜରୁରୀ/ ଲେବର କଣ୍ଟ୍ରାକ୍ଟର ଆବଶ୍ୟକ/ ପୁରୁଷ କିମ୍ବା ମହିଳା ରୋଷେୟା/ ପିଅନ / ଦରମା ୧୫୦୦୦-୧୮୦୦୦ /
ଅଗରୱାଲ-8678971210
୩ଏଫ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍, ଚେନ୍ନାଇ

ଆବଶ୍ୟକ
ହାଇଦ୍ରାବାଦରେ ଗୃହରକ୍ଷୀ, ରୋଗୀ ସେବା ଏବଂ ସୁରକ୍ଷା କର୍ମଚାରୀ ଆବଶ୍ୟକ ।
ଦରମା–16500 ପର୍ଯ୍ୟନ୍ତ
ମୋବାଇଲ ନଂ.–
8977617888, 9390502992
ରେ ଆପଣଙ୍କର ବିବରଣୀ ପଠାନ୍ତୁ ।
ଏଜେଣ୍ଟ ମଧ୍ୟ ଯୋଗାଯୋଗ କରନ୍ତୁ ।

भारत सरकार/Government of India
अपर आयकर निदेशक (अन्वेषण), इकाई-2/Addl. Director of Income Tax (Inv.), Unit-2
आयकर भवन आनेक्स, पांचवी मंजिल/Aayakar Bhawan Annexe, 5th Floor
Tele No-0674-2589655 E-mail-bhubaneswar.addldit.inv2@incometax.gov.in

F.No.Addl.DIT (Inv), U-2/BBSR/Election / 2023-24/ Dated: 10.04.2023

## PUBLIC NOTICE

In pursuance of letters received from Chief Electoral Officer, Odisha, General public is hereby informed that an Election Expenditure Monitoring (EEM) team for the forthcoming bye-election to 07-Jharsuguda Assembly Constituency, 2023 has been set up at EEM Control Room MR-4, Jagannath Mandir Colony, Budharaja, Sambalpur, Pin- 768004 constituting the following officer / officials with immediate effect till the date of declaration of result.

| Sl. No. | Headquarters | Name and designation of Sub-Nodal Officer | Mobile Number | Name and designation of officials | Mobile Number |
|---|---|---|---|---|---|
| 01 | EEM Control Room, MR-4, Jagannath Mandir Colony, Budharaja, Sambalpur, Pin- 768004 | R.V. Ramana Murty, ADIT (Inv), Unit 1 (3), Sambalpur | 9440275616 | Arjendu Biswal, IIT | 9438917310 |
| | | | | Dev Prakash Meena, IIT | 9438917821 |
| | | | | Jitendra Kumar Meena, O.S. | 9438917864 |
| | | | | Prakash Pradhan, Sr. Tax Assistant | 9438917838 |

Any untowards cash transaction or movement related to the election may please be informed to the above mentioned team members for further necessary action as per the provisions of the Income-tax Act, 1961.

Sd./- (Vinay Sheel Gautam)
Addl. Director of Income Tax (Inv.), Unit-2, Bhubaneswar & Nodal Officer (EEM),
Bye Election 07 - Jharsuguda Assembly Constituency

EKLAVYA MODEL RESIDENTIAL SCHOOL
AT- CHAMPANAGAR, P.O.- CHALLANGUDA, DIST.- MALKANGIRI, ODISHA, PIN- 764045
Letter No.158/2023 Date: 11.04.2023
WALK-IN-INTERVIEW
A walk-in-interview is to be held in the Office of the Principal, Eklavya Model Residential School, Malkangiri at 10.00 A.M. on 22.04.2023 (Saturday) for engagement of some PGTs and TGTs as Guest Faculty in EMRS, Malkangiri & Mathili. The selected PGTs and TGTs having eligibility criteria will be paid Rs.25,000/- and Rs.22,000/- per month respectively as consolidated honorarium along with residential facilities.
The detailed information & application form are available in the district website www.malkangiri.nic.in as well as in the office of the undersigned on any working day from 8.00 A.M. to 1.00 P.M. upto 21.04.2023 (Friday).
(By order of Collector, Malkangiri)
Sd./- Principal, EMRS, Malkangiri

WANTED
ଧରିତ୍ରୀ DHARITRI Oriya daily
is looking for
CIRCULATION MANAGERS
ଭୂମିକା ଏବଂ ଦାୟିତ୍ୱ:-
- ବିତରକ ତଥା ଏଜେଣ୍ଟଙ୍କ ସହିତ ସମନ୍ୱୟ ରକ୍ଷା କରି କମ୍ପାନୀର ବଜାର ସମ୍ବନ୍ଧୀୟ ଆବଶ୍ୟକତାର ନେତୃତ୍ୱ ନେବା ।
- ବିକ୍ରୟ ଲକ୍ଷ୍ୟକୁ ଚିହ୍ନଟ କରିବା ଓ ତାହାକୁ ହାସଲ କରିବା ପାଇଁ ପ୍ରତିଯୋଗିତାମୂଳକ ଟ୍ରାକିଂ ଓ ବିଶ୍ଳେଷଣ କରିବା ।
- ପ୍ରସାରଣକୁ ବିସ୍ତାରିତ କରିବା ପାଇଁ ବିକ୍ରୟ ଲକ୍ଷ୍ୟକୁ ହାସଲ କରିବା ।

ପ୍ରାର୍ଥୀଙ୍କ ଯୋଗ୍ୟତା:-
- ଛପା ଗଣମାଧ୍ୟମରେ ୩ ବର୍ଷର ଫ୍ରଣ୍ଟଲାଇନ୍ ବିକ୍ରୟ ଅଭିଜ୍ଞତା ।

Apply immediately to :
recruitment@dharitri.com
Attractive salary commensurate with experience

# ବଟକରାରେ ଛେଚି ବଡ଼ଭାଇଙ୍କୁ ହତ୍ୟା

**ମାଛ ଭାଗବଣ୍ଟା ଛିଡ଼ିଲାନି**

ଦଶମନ୍ତପୁର,୧୧।୪(ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଡୁମୱାଗୁଡ଼ା ପଞ୍ଚାୟତ ଅଧୀନ ବଡ଼ବାଗ୍ରୀ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ମାଛ ଭାଗବଣ୍ଟାରେ ସାନଭାଇ ରାଜି ନ ହୋଇ ବଟକରାରେ ଛେଚି ସମ୍ପର୍କୀୟ ବଡ଼ଭାଇଙ୍କୁ ହତ୍ୟା କରିଛନ୍ତି। ମୃତକ ହେଲେ ବିରିଙ୍ଗା ମୁଦୁଲି (୬୦)। ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ସାନଭାଇ ଧନେଶ୍ୱର ମୁଦୁଲି ଫେରାର୍ ଅଛନ୍ତି। ବଡ଼ବାଗ୍ରୀ ଗ୍ରାମର ବିରିଙ୍ଗା ଓ ତାଙ୍କ ଦାଦାଙ୍କ ପୁଅ ଦୁଇ ସାନଭାଇ ଧନେଶ୍ୱର ମୁଦୁଲି ଓ ହରିଶ୍ଚନ୍ଦ୍ର ମୁଦୁଲି ମିଶି ନାତରଝୋଲା ନିକଟରେ ମାଛଚାଷ କରନ୍ତି। ସୋମବାର ୩ ଭାଇ ମିଶି ପୋଖରୀରୁ ମାଛଧରି ଭାଗ ବାଣ୍ଟିବାକୁ ବସିଥିଲେ। ବଡ଼ଭାଇ ବିରିଙ୍ଗା କେଜି ହିସାବରେ ମାଛ ଭାଗ ବାଣ୍ଟିନେବା ବୋଲି କହିଥିଲେ। ଧନେଶ୍ୱର ଏଥିରେ ରାଜି ନ ହୋଇ ରୋକ୍‌ଠୋକ ମନା କରି ଦେଇଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଏହା ଉଗ୍ରରୂପ ନେଇଥିଲା। ଧନେଶ୍ୱର ଉତ୍ତ୍ୟକ୍ତ ହୋଇ ଧରିଥିବା ବଟକରାରେ ବିରିଙ୍ଗାଙ୍କ ମୁଣ୍ଡକୁ ଛେଚି ଚାଲିଥିଲେ। ହରିଶ୍ଚନ୍ଦ୍ର ସେଠାରେ ଥିଲେ ମଧ୍ୟ ତାଙ୍କୁ ଅଟକାଇ ପାରି ନ ଥିଲେ। ଏହା ଜାଣିବା ପରେ ବିରିଙ୍ଗାଙ୍କ ବଡ଼ପୁଅ ସୁରେଶ ଗ୍ରାମର କେତେଜଣଙ୍କ ସହ ମିଶି ବାପାଙ୍କୁ ଉଦ୍ଧାର କରି ଘରକୁ ଆଣିଥିଲେ। ତେବେ କିଛି ସମୟ ମଧ୍ୟରେ ବାପାଙ୍କ ମୃତ୍ୟୁ ଘଟିଥିବା ସୁରେଶ ମଙ୍ଗଳବାର ଦଶମନ୍ତପୁର ଥାନାରେ ଏତଲା ଦେଇଥିଲେ। ପୋଲିସ ଟିମ୍ ସହ ଥାନା ଅଧିକାରୀ ଚନ୍ଦ୍ରଭାନୁ ମହାନ୍ତି ଏବଂ ସାଇଣ୍ଟିଫିକ୍ ଟିମ ପହଞ୍ଚି ତଦନ୍ତ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଏକ ହତ୍ୟା ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ, ବିରିଙ୍ଗା ତାଙ୍କ ପରିବାରର ଜଣେ ମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ବଡପୁଅ ସୁରେଶ ବିବାହିତ। ଘରେ ସାନପୁଅ ଘେନାଇ ଓ ସ୍ତ୍ରୀ ସୁନ୍ଦରୀ ଏବେ ଅସହାୟ ହୋଇପଡ଼ିଛନ୍ତି।

SBI **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ମଧୁପାଟଣା, କଟକ
ଫୋନ୍: ୦୬୭୧-୨୩୪୪୩୦୮/୨୩୪୪୩୦୨, ଇ-ମେଲ: sbi.10027@sbi.co.in

**ଇ-ନିଲାମ/ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିର ବିକ୍ରୟ

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଦର୍ଶିତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ (ସରଫେଶୀ ଆକ୍ଟ ୨୦୦୨ ଅନ୍ତର୍ଗତ) ନିମ୍ନଦର୍ଶିତ ସମ୍ପତ୍ତିକୁ **"ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ ଇ-ନିଲାମ ମାଧ୍ୟମରେ ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି।

**ସମ୍ପତ୍ତିଗୁଡିକର ତନଖି କରିବାର ତାରିଖ ଓ ସମୟ: ୨୪.୦୪.୨୦୨୩ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ**

**ଇ-ନିଲାମ ତାରିଖ ଏବଂ ସମୟ: ତା ୨୬.୦୪.୨୦୨୩ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୨.୦୦ଘଟିକା ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ନିମନ୍ତେ ୧୦ ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ**

| କ୍ର. ନଂ. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିଗୁଡ଼ିକର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା/ ବିଡ୍ ବୃଦ୍ଧି ପରିମାଣ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ |
|---|---|---|---|---|
| ୧. | **ଋଣଗ୍ରହୀତା: ମେସର୍ସ ଶ୍ରୀ ମାରୁତୀ ଆସୋସିଏଟ୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ସୁବାଷ କୁମାର ଗୁପ୍ତା,** ସା.: ୮୪/୨, ଜେଲ୍ ରୋଡ଼, ଝାରପଡ଼ା, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା - ୭୫୧୦୦୬ **/ଗ୍ୟାରେଣ୍ଟି ଦାତା: ଶ୍ରୀମତୀ କୁସୁମ ଗୁପ୍ତା,** ସା.: ୮୪/୨, ଜେଲ୍ ରୋଡ଼, ଝାରପଡ଼ା, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା - ୭୫୧୦୦୬ | **ଶ୍ରୀ ସୁବାଷ କୁମାର ଗୁପ୍ତାଙ୍କ** ନାମରେ ଥିବା ମହାବୀର ଆପାର୍ଟମେଣ୍ଟର ପ୍ରଥମ ମହଲାରେ ଫ୍ଲାଟ୍ ନଂ.: ଏଫ୍, ବିଲ୍ଟ ଅପ୍ ଏରିଆ: ୧୨୫୬ବର୍ଗଫୁଟ, ଯାହାର ମୌଜା: ବାଦାମବାଡି, **୧)** ହାଲ ବନ୍ଦୋବସ୍ତ ଖାତା ନଂ.: ୯୧, ପ୍ଲଟ୍ ନଂ.: ୪୬୩/୯୩୫, କ୍ଷେତ୍ର: ଏକର୦.୧୩୪ଡିସିମିଲି, ପ୍ଲଟ୍ ନଂ.: ୪୬୪, କ୍ଷେତ୍ର: ଏକର୦.୦୫୯ଡିସିମିଲି, **୧)** ମ୍ୟୁଟେସନ୍ ଖାତା ନଂ.: ୫୩୫/୭୩, ଅନୁରୂପ ହାଲ ବନ୍ଦୋବସ୍ତ ଖାତା ନଂ.: ୨୭୧, ପ୍ଲଟ୍ ନଂ.: ୪୬୫, କ୍ଷେତ୍ର: ଏକର୦.୦୫୦ଡିସିମିଲି ଏବଂ ପ୍ଲଟ୍ ନଂ.: ୪୬୨, କ୍ଷେତ୍ର: ଏକର୦.୦୫୩ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୦.୨୯୬ଡିସିମିଲି,** କିସମ: ଘରବାରୀ | ଟ.୬୩,୮୯,୦୦୦/- / ଟ.୬,୩୮,୯୦୦/- / ଟ. ୫୦,୦୦୦/- | ୦୧.୦୭.୨୦୧୯ ସୁଦ୍ଧା ଟ.୩,୬୨,୨୪,୯୦୦/- ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଦେୟ, ଖର୍ଚ୍ଚ ଇତ୍ୟାଦି |
| ୨. | **ଋଣଗ୍ରହୀତାମାନେ: ୧) ଶ୍ରୀ ବିଷ୍ଣୁ ଚରଣ ପରିଡ଼ା,** ପିତା: ଵବିଦ୍ୟାଧର ପରିଡ଼ା, **୨) ଶ୍ରୀ ବାବାଜି ଚରଣ ପରିଡ଼ା,** ପିତା: ଵବିଦ୍ୟାଧର ପରିଡ଼ା, ଉଭୟଙ୍କ ଠିକଣା ସା: ଶଙ୍କରପୁର, ଡିହସାହି, ପୋ.: ଅରୁଣୋଦୟ ମାର୍କେଟ୍, ଜିଲ୍ଲା: କଟକ - ୭୫୩୦୧୨/ **ଗ୍ୟାରେଣ୍ଟିଦାତା: ଶ୍ରୀ ଅମରେନ୍ଦ୍ର ସାସମଲ,** ପିତା: ଶ୍ରୀ ଚିତ୍ତରଞ୍ଜନ ସାସମଲ, ସା: ସୁତାହାଟ, ପୋ.: ବକ୍ସି ବଜାର, ଜିଲ୍ଲା: କଟକ - ୭୫୩୦୦୧ | **ଶ୍ରୀ ବିଷ୍ଣୁ ଚରଣ ପରିଡ଼ା ଏବଂ ବାବାଜୀ ଚରଣ ପରିଡ଼ାଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୨୬୯/୩୨୦୭, ଖାତା ନଂ.: ୧୨୦୫/୭୫, କ୍ଷେତ୍ର: ଏକର୦.୦୭୦ ଡିସିମିଲି, ୟୁନିଟ୍ ନଂ.: ୩୩, ବିସିନାବର, ମୌଜା: କଟକ ସହର (ବିସିନାବର), କଟକ, କିସମ: ଘରବାରୀ | ଟ.୬୫,୨୩,୦୦୦/- / ଟ.୬,୫୨,୩୦୦/- / ଟ. ୫୦,୦୦୦/- | ୦୫.୦୪.୨୦୨୩ ସୁଦ୍ଧା ଟ.୩୦,୯୭,୯୬୯/- ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଦେୟ, ଖର୍ଚ୍ଚ ଇତ୍ୟାଦି |

ଇଚ୍ଛୁକ ବିଡରମାନେ ଇ-ନିଲାମ ଶେଷ ହେବା ପୂର୍ବରୁ MSTC ରେ ପ୍ରାକ୍ ବିଡ୍ ଅମାନତ ରାଶି ଜମା କରିପାରିବେ । ପ୍ରାକ୍ ବିଡ୍ ଅମାନତ ରାଶିର କ୍ରେଡିଟ୍ ବିଡରଙ୍କୁ କେବଳ MSTC ର ବ୍ୟାଙ୍କ ଆକାଉଣ୍ଟରେ ଦେୟ ରସିଦ୍ ଏବଂ ଇ-ନିଲାମ ୱେବସାଇଟ୍‌ରେ ସୂଚନା ଅପଡେଟ୍ କରିବା ପରେ ପ୍ରଦାନ କରାଯିବ । ବ୍ୟାଙ୍କିଙ୍ଗ୍ ପ୍ରକିୟା ଅନୁଯାୟୀ ଏହା କିଛି ସମୟ ନେଇପାରେ, ତେଣୁ ବିଡ଼ରମାନେ ଶେଷ ମୁହୂର୍ତ୍ତରେ ହେବାକୁ ଥିବା ଅସୁବିଧାକୁ ଏଡାଇବା ପାଇଁ ନିଜ ଇଚ୍ଛା ଅନୁସାରେ ପ୍ରାକ ବିଡ୍ ଅମାନତ ରାଶି ଯଥେଷ୍ଟ ପୂର୍ବରୁ ଦାଖଲ କରିବାକୁ ଅନୁରୋଧ କରାଯାଉଛି ।

**ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଅନୁସାରେ ରୁଲ ୮(୬) ଏବଂ ୯(୧)ଅନୁଯାୟୀ ପରବର୍ତ୍ତୀ ବିକ୍ରୟ ପାଇଁ ଋଣଗ୍ରହୀତାମାନଙ୍କ ନିମନ୍ତେ ଏହା ଏକ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ ।**

**ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ପ୍ରଦତ୍ତ ୱେବସାଇଟ୍ ଲିଙ୍କ୍ ଦେଖନ୍ତୁ: www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://ibapi.in**

**ସବିଶେଷ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ: କ୍ର. ନଂ. ୧ ଏବଂ ୨ ନିମନ୍ତେ ଶ୍ରୀ ପ୍ରଦୀପ ରଞ୍ଜନ ମହାପାତ୍ର (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.: ୯୪୩୯୨୦୩୫୭୧, ସିଟି କେସ୍ ଅଫିସର: ଶେଖ୍ ମାସିଉଲ୍ଲା, ମୋ.: ୯୯୩୮୭୭୮୯୪୯**

**ସମସ୍ତ ସମ୍ପତ୍ତି ବ୍ୟାଙ୍କର ସାଙ୍କେତିକ ଦଖଲରେ ଅଛି ।**

ତାରିଖ : ୧୧.୦୪.୨୦୨୩
ସ୍ଥାନ: କଟକ

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

Renowned company operating in Container Yard Depot / ICD business, needs Any Graduates / Under Graduates / Diploma holders for following mentioned skilled & fresh job roles for its **Western Gujarat** Site.

Yard Operations : Managers / Executives & Supervisors
ICD : Import Export Documentation Executives
ICD : Billing Managers, Data Entry Operators
Accounts : Sr. Executives / Executives
Container Surveyors
Technicians : Container Maintenance & Repairs
Logistics Supervisors & Managers
Ware House Supervisors & Managers
Transport Supervisors / Executives / Managers
ICD Rail Operations Executives / Managers

Walk In Interview Date & Time :
14th & 15th April 2023, between 9:00 am to 6:00 pm
Venue : **Hotel Hindusthan International - Bhubaneswar**
A-112, Shriya Talkies Street, Janpath Rd, opposite ICICI Bank, Unit 3, Kharvela Nagar, Bhubaneswar, Odisha 751001

Candidates may send their resumes on
e-mail : cvtohr@outlook.com
or whatsapp on 9321972277 / 7700006283
Note: There is no requirement of any fees or commission for this employment opportunity.

ଯଦି କୌଣସି ସମସ୍ୟା ଆସେ– ତେବେ ତା'ସମ୍ବନ୍ଧେ ବିକ୍ଷିପ୍ତ ଭାବେ ମୁଣ୍ଡ ନ ଖେଳାଇ ଯଦି ଶୁଭେଚ୍ଛାର ଅଭୀପ୍ସା ନେଇ ଏକ ଶୁଭସଂକଳ୍ପ ପାଇଁ ପ୍ରୟୋଜନ ବୋଧ ସହିତ ନୀରବ ଓ ଶାନ୍ତଭାବେ ଅପେକ୍ଷା କର – ତେବେ ସମାଧାନ ଖୁବ୍‌ଶୀଘ୍ର ଆସିଥିବା– ଏବଂ ତୁମେ ନୀରବ ଥିବାରୁ ତାହା ଶୁଣିବାକୁ ସମର୍ଥ ହେବ। **–ଶ୍ରୀମା**

# ଆସିବେ ଯିବେ

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଯେତେବେଳେ କୌଣସି ଏକ ମାମଲାର ତଦନ୍ତ କରିବାକୁ ହୁଏ ସେତେବେଳେ ସେହି ସଂସ୍ଥାକୁ ଏକ ସାମ୍ବିଧାନିକ ପଦ୍ଧତି ଦେଇ ଯିବାକୁ ପଡ଼ିଥାଏ। ସେହି ବ୍ୟବସ୍ଥା ଅନୁଯାୟୀ ସିବିଆଇ ମନଇଚ୍ଛା କୌଣସି ରାଜ୍ୟରେ ତାହାର କାର୍ଯ୍ୟ ଆରମ୍ଭ କରିପାରିବ ନାହିଁ। ସେଥିପାଇଁ ତାକୁ ଲୋଡ଼ା ହୁଏ ସମ୍ପୃକ୍ତ ରାଜ୍ୟ ସରକାରଙ୍କ ଅନୁମତି ନଚେତ୍ ଉପଯୁକ୍ତ ନ୍ୟାୟାଳୟର ନିର୍ଦ୍ଦେଶ। ଏଭଳି ପଦ୍ଧତି ପଛରେ ଏକ ମହାନ୍ ଚିନ୍ତାଧାରା ପୂର୍ବରୁ ରହିଆସିଛି। ସେହି ଚିନ୍ତାଧାରା ହେଉଛି ସଂଘୀୟ ବ୍ୟବସ୍ଥାର ମୂଳମନ୍ତ୍ର। କେନ୍ଦ୍ର ସରକାର ଚାହିଁଲେ କୌଣସି ରାଜ୍ୟର ନିର୍ବାଚିତ ସରକାରଙ୍କ କାର୍ଯ୍ୟକୁ ଯାଞ୍ଚ ପରିସରକୁ ଟାଣି ଆଣିପାରିବ ନାହିଁ। ଆଜି ଭଳି ପୂର୍ବରୁ ମଧ୍ୟ କେନ୍ଦ୍ରୀୟ ଯାଞ୍ଚ ଏବଂ ଗୋଇନ୍ଦା ସଂସ୍ଥାଗୁଡ଼ିକୁ ବଦ୍‌ଉପଯୋଗ କରାଯିବାର ଅନେକ ଉଦାହରଣ ରହିଛି। ଅବଶ୍ୟ ଏବେ ଏହିଭଳି ବଦଉପଯୋଗର ସଂଖ୍ୟା ଅତ୍ୟଧିକ ମାତ୍ରାରେ ବୃଦ୍ଧି ହୋଇଥିବାରୁ ବିଭିନ୍ନ ରାଜ୍ୟରେ ପ୍ରତିକ୍ରିୟା ପ୍ରକାଶପାଉଛି।

ଭାରତରେ ଥିବା ମୋଟ ୨୮ଟି ରାଜ୍ୟ ମଧ୍ୟରୁ ଏବେ ୯ଟି ରାଜ୍ୟ ସିବିଆଇକୁ ତାଙ୍କ କ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ ବାରଣ କରିଛନ୍ତି। ପଶ୍ଚିମବଙ୍ଗ, ତେଲଙ୍ଗାନା, କେରଳ, ପଞ୍ଜାବ, ରାଜସ୍ଥାନ, ଛତିଶଗଡ଼, ଝାଡ଼ଖଣ୍ଡ, ମେଘାଳୟ ଓ ମିଜୋରାମ ପୂର୍ବରୁ ଦେଇଥିବା ସହମତିକୁ ପ୍ରତ୍ୟାହର କରି ନେଇସାରିଲେଣି। ଉଲ୍ଲେଖଯୋଗ୍ୟ ଯେ, ଦିଲ୍ଲୀ ସ୍ପେଶିଆଲ ପୋଲିସ ଏଷ୍ଟାବ୍ଲିଶ୍‌ମେଣ୍ଟ (ଡିଏସ୍‌ପିଏ) ଆକ୍ଟ, ୧୯୪୬ର ଧାରା ୬ ଅନୁଯାୟୀ ସିବିଆଇ କୌଣସି ରାଜ୍ୟରେ ତଦନ୍ତ କରିବାକୁ ଚାହିଁଲେ ତାକୁ ସେହି ରାଜ୍ୟର ଅନୁମତି ନେବାକୁ ପଡ଼ିଥାଏ। ତେବେ କେନ୍ଦ୍ରର ଭାଜପା ସରକାର ସିବିଆଇର ଦୁରୁପଯୋଗ କରୁଥିବା ଅନୁଭବକରି ଏସବୁ ରାଜ୍ୟ ସହମତି ପ୍ରତ୍ୟାହର କରିବା ଦ୍ୱାରା ସିବିଆଇର କାର୍ଯ୍ୟଦକ୍ଷତା ଓ ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠିଲାଣି। ଫଳରେ ସିବିଆଇ ଭଳି କେନ୍ଦ୍ରୀୟ ସଂସ୍ଥା ଉପରେ ଜନତାଙ୍କ ଭରସା ବି ତୁଟିବାରେ ଲାଗିଛି। ଏଥିସହ ଅନ୍ୟ କେନ୍ଦ୍ରୀୟ ସଂସ୍ଥା ଯଥା ଇଡି, ଆୟକର ବିଭାଗ ସମ୍ପର୍କରେ ମଧ୍ୟ ଜନତାଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହେଲାଣି। ହୁଏତ ଏହି ମତକୁ ବୁଝିକରି ପ୍ରଧାନମନ୍ତ୍ରୀ ଏକ ବିବୃତିରେ କହିଛନ୍ତି ଯେ, ସିବିଆଇ ଦ୍ୱାରା ରୁଜୁ କରାଯାଉଥିବା ମାମଲାଗୁଡ଼ିକ ମଧ୍ୟରୁ ପ୍ରାୟ ୯୬ ପ୍ରତିଶତରେ ଦୋଷ ସାବ୍ୟସ୍ତ କରାଯାଇପାରୁଛି। ଅବଶ୍ୟ ଏହି ଆକଳନର ସତ୍ୟାସତ୍ୟ ନିଶ୍ଚିତ ଭାବେ ସନ୍ଦେହଜନକ। ପୂର୍ବରୁ କୁହାଯାଉଥିଲା, ସିବିଆଇ ତଦନ୍ତ କରି ଘଟଣାର ସବୁ ସତ୍ୟାସତ୍ୟ ପଦାକୁ ଆଣିଥାଏ। କିନ୍ତୁ ନିକଟ ଅତୀତରେ ଏହାକୁ ଯେଭଳି ବ୍ୟବହାର କରାଯାଉଛି ତାହାକୁ ନେଇ ଅନେକ ସମୟରେ କୁହାଯାଉଛି ଯେ, ସିବିଆଇ ସରକାରଙ୍କର ଏକ ଅସ୍ତ୍ର ପାଲଟିଛି ଓ ତାହାକୁ ରାଜନୈତିକ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଛି। ବିଶେଷକରି ଅଣ ଭାଜପା ଶାସିତ ରାଜ୍ୟଗୁଡ଼ିକରେ ବିରୋଧୀ ନେତାମାନଙ୍କୁ ନିର୍ଦ୍ଦିଷ୍ଟ ଭାବେ ଲକ୍ଷ୍ୟକରି ହଇରାଣ କରାଯାଉଛି। ଏଥିସହିତ କୌତୂହଳର ବିଷୟ ହେଉଛି ଯେ, ଯେଉଁ ବିରୋଧୀ ନେତା ସିବିଆଇ କିମ୍ବା ଇଡିର ଭୟ ଯୋଗୁ ଭାଜପାରେ ଯୋଗ ଦେଉଛନ୍ତି ତାଙ୍କ ଉପରୁ ଯାଞ୍ଚ ନିର୍ଦ୍ଦେଶ ପ୍ରତ୍ୟାହାର କରିନେବାର ଅନେକ ଉଦାହରଣ ଦେଖିବାକୁ ମିଳୁଛି। ତନ୍ମଧ୍ୟରୁ ମହାରାଷ୍ଟ୍ରର ଅଜିତ୍ ପାୱାରଙ୍କ କାହାଣୀ ଅନ୍ୟତମ।

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ଉପରେ ସନ୍ଦେହ ସୃଷ୍ଟି ହେବା ଦେଶ ପାଇଁ କ୍ଷତିକାରକ। କାରଣ ଏକ ସନ୍ଦେହଜନକ ବାତାବରଣରେ ବାସ୍ତବ ଚୋର ମଧ୍ୟ ଖସିଯିବାର ସୁଯୋଗ ପାଇଥାଏ। ଅପରପଟେ ରାଜନୈତିକ ଉଦ୍ଦେଶ୍ୟ ରଖି ଏହିଭଳି ସଂସ୍ଥାକୁ ବ୍ୟବହାର କରାଯାଉଥିବାରୁ ନିର୍ଦ୍ଦୋଷକୁ ହଇରାଣ କରିବା ହୋଇଯାଇଛି ସିବିଆଇର ମୁଖ୍ୟ ଦାୟିତ୍ୱ। ଏଥିସହିତ ଏହା ଏକ ଉଦାହରଣ ସୃଷ୍ଟି କରୁଛି, ଯାହା ଭବିଷ୍ୟତରେ କ୍ଷମତାକୁ ଆସିବାକୁ ଥିବା ଅନ୍ୟ ଦଳର ନେତାମାନେ ସହଜରେ ଦୁରୁପଯୋଗ କରିବେ। ଯେମିତି କରିବ ସେମିତି ପାଇବ– ଏକ ପୁରୁଣା ଢଗ ହୋଇଥିଲେ ମଧ୍ୟ ଆଜି ତାହାର ଯଥାର୍ଥତା ମନକୁ ଆସୁଛି।

କେନ୍ଦ୍ର ଏହା ସମ୍ପର୍କରେ ଏକ ନୂଆ ଆଇନ ଆଣିବାକୁ ଚିନ୍ତା କରୁଛନ୍ତି ବୋଲି କୁହାଯାଉଛି। ଏହି ନୂଆ ଆଇନ ବଳରେ ସିବିଆଇକୁ ଆହୁରି ଅଧିକ କ୍ଷମତା ପ୍ରଦାନ କରାଯିବ, ଯେଉଁଥିରେ ରାଜ୍ୟ ସରକାରଙ୍କର ଅନୁମତି ପ୍ରୟୋଜନ ରହିବ ନାହିଁ। ସମସ୍ତେ ସ୍ୱୀକାର କରିବେ ଯେ, ପୃଥିବୀରେ କୌଣସି ବ୍ୟକ୍ତି ବିଶେଷ କେବେ ହେଲେ ସ୍ଥାୟୀ ନୁହନ୍ତି। ସେହିଭଳି କ୍ଷମତା ମଧ୍ୟ କାହାରି ପାଖରେ ଦୀର୍ଘସ୍ଥାୟୀ ନୁହେଁ। ଆଜି ଯିଏ ନିର୍ବାଚନ ଜିତିଛି କାଲି ସିଏ ହାରିଯାଇପାରେ, କେବଳ ଦୀର୍ଘସ୍ଥାୟୀ ହେଉଛି ଏ ଦେଶର ମାଟି ଓ ଏ ଦେଶର ଲୋକ, ଅର୍ଥାତ ସାଧାରଣ ଜନତା। ଅନ୍ୟ ସମସ୍ତେ ହେଉଛନ୍ତି ପାଣି ଫୋଟକା ଭଳି, ଆସିବେ ଯିବେ। ତଥାପି କ୍ଷମତାର ମୋହ ସମସ୍ତଙ୍କୁ ଅନ୍ଧ କରିଦେଉଛି। ଆଜିର ପ୍ରତ୍ୟେକ କାର୍ଯ୍ୟର ସମୀକ୍ଷା ହୁଏତ ଆସନ୍ତା ୭୦ ବର୍ଷ ପରେ ପରବର୍ତ୍ତୀ ପିଢି କରିବ ଏବଂ ସେତେବେଳେ ଆମକୁ ନୀରବ ରହିବା ପାଇଁ ଦୋଷ ଦେବ। କେହି ସର୍ବଜ୍ଞାନୀ ନୁହନ୍ତି, ସେଥିପାଇଁ ଶାସକ ଭାବେ ନମ୍ର ଓ ସହନଶୀଳ ରହିଲେ ଦେଶର ଏବଂ ଦେଶବାସୀଙ୍କର ମଙ୍ଗଳ କରିହେବ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | | | | | | 8 | |
| | | | | | 8 | | | |
| | 1 | 3 | | | | 9 | | 2 |
| 4 | | | | | | 1 | 3 | |
| 3 | | | | | | | | 7 |
| | | | | 1 | 2 | 4 | | 5 |
| | 8 | | | 2 | | 7 | | |
| 2 | | | | 8 | | | 9 | 6 |
| | 4 | | | 5 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 5 | 3 | 9 | 1 | 6 | 4 | 7 | 8 |
| 9 | 7 | 1 | 3 | 4 | 8 | 2 | 6 | 5 |
| 4 | 6 | 8 | 2 | 5 | 7 | 3 | 9 | 1 |
| 5 | 4 | 6 | 1 | 9 | 2 | 7 | 8 | 3 |
| 1 | 8 | 2 | 6 | 7 | 3 | 9 | 5 | 4 |
| 7 | 3 | 9 | 5 | 8 | 4 | 6 | 1 | 2 |
| 3 | 2 | 7 | 8 | 6 | 5 | 1 | 4 | 9 |
| 8 | 9 | 4 | 7 | 2 | 1 | 5 | 3 | 6 |
| 6 | 1 | 5 | 4 | 3 | 9 | 8 | 2 | 7 |

ଗତକାଲିର ଉତ୍ତର

# ଉପେକ୍ଷିତ ଶୈଶବ, ଦୁଃଖଦ ବାର୍ଦ୍ଧକ୍ୟ



ପ୍ରକାଶ ତ୍ରିପାଠୀ

ପିଲାବେଳର ଅନୁଭୂତି ଓ ସ୍ମୃତିକୁ କୌଣସି ମଣିଷ ସେମାନଙ୍କ ଜୀବନକାଳ ମଧ୍ୟରେ ଭୁଲିପାରି ନ ଥାନ୍ତି। ବିଶେଷକରି ପରିଣତ ସମୟରେ ନିଜର ସେହି ଅଭୁଲା ସ୍ମୃତିକୁ ମନେପକାଇ ସମସ୍ତେ ଭାବପ୍ରବଣ ହୋଇଥାନ୍ତି। ସେଥିପାଇଁ ବୋଧହୁଏ ପରିଣତ ବୟସରେ ନାତୁଣୀନାତିଙ୍କ ସହ ଅଧିକ ସମୟ ବିତାଇ ଶୈଶବମନସ୍କ ହେବାକୁ ବୟସ୍କମାନେ ଅଧିକ ପସନ୍ଦ କରିଥାନ୍ତି। ଶୈଶବ ସମୟରେ ପ୍ରତ୍ୟେକ ମଣିଷ ସମସ୍ତ ଚିନ୍ତାରୁ ଦୂରରେ ରହି ନିଜର ମାତାପିତାଙ୍କ ପୂର୍ଣ୍ଣ ହେପାଜତରେ ସମସ୍ତ ଇଚ୍ଛାର ପୂର୍ତ୍ତି କରିଥାନ୍ତି। ଘରର ସମସ୍ତ ଯୋଜନା ପିଲାମାନଙ୍କୁ ଧ୍ୟାନରେ ରଖି ପ୍ରସ୍ତୁତ କରାଯାଏ। ଘରର ପ୍ରତ୍ୟେକ ସଦସ୍ୟ ପିଲାମାନଙ୍କ ପ୍ରତି ସହାନୁଭୂତିଶୀଳପୂର୍ବକ ସେମାନଙ୍କୁ ସ୍ନେହ ଓ ପ୍ରେମ କରିଥାନ୍ତି। ବିଶେଷ କରି ଜେଜେ ମା' ଜେଜେ ବାପାଙ୍କର ଅତିପ୍ରିୟ ହୋଇଥାନ୍ତି ପିଲାମାନେ। ସେମାନଙ୍କଠାରୁ ଅଯାଚିତ ସ୍ନେହ ଓ ଭଲପାଇବା ଯୋଗୁ ନିଜର ମାତାପିତାଙ୍କ ଅପେକ୍ଷା ପିଲାମାନେ ସେମାନଙ୍କର ଜେଜେ ମା'ଜେଜେ ବାପାଙ୍କ ପାଖରେ ଅଧିକ ସମୟ ରହିବା ପାଇଁ ଭଲପାଇଥାନ୍ତି। ଯେଉଁ ଇଚ୍ଛା ନିଜର ମା'ବାପାଙ୍କଠାରୁ ପୂର୍ଣ୍ଣ ହୋଇ ପାରି ନ ଥାଏ, ସେହି ଇଚ୍ଛା ଜେଜେ ମା' ଜେଜେ ବାପାଙ୍କ ମାଧ୍ୟମରେ ସହଜରେ ପୂର୍ଣ୍ଣ ହୋଇଯାଇଥାଏ। ଘରର ଗୁରୁଜନମାନେ ପିଲାମାନଙ୍କୁ ଭଲ ସଂସ୍କାର ପ୍ରଦାନ କରିବାରେ ଅବହେଳା କରି ନ ଥାନ୍ତି। ଛୋଟ ପିଲାମାନଙ୍କୁ ଭଲ ମଣିଷ ଭାବେ ଗଢ଼ି ତୋଳିବାରେ ଘରର ପ୍ରତ୍ୟେକ ଗୁରୁଜନ ପ୍ରଥମରୁ ଯତ୍ନବାନ ହୋଇଥାନ୍ତି। ଘରର ଜେଜେ ମା' ଜେଜେ ବାପା ଓ ଅନ୍ୟାନ୍ୟ ଗୁରୁଜନମାନେ ପିଲାମାନଙ୍କ ପାଇଁ ଏକ ପୂର୍ଣ୍ଣକାଳୀନ ଶିକ୍ଷକ ଭାବେ କାର୍ଯ୍ୟ କରିଥାନ୍ତି ଓ ପ୍ରତ୍ୟେକ କ୍ଷେତ୍ରରେ ପିଲାମାନଙ୍କୁ ଉତ୍ତମ ଚରିତ୍ର ସହ ଶ୍ରେଷ୍ଠ ସଂସ୍କାରପୂର୍ଣ୍ଣ କରିବା ପାଇଁ ବିଶେଷ ସହଯୋଗ କରିଥାନ୍ତି।

ଉପରବର୍ଣ୍ଣିତ ତଥ୍ୟ ନିଶ୍ଚିତ ପାଠକମାନଙ୍କ ମନରେ ଏକ ସଂଯୁକ୍ତ ପରିବାର ବା ଯୌଥ ପରିବାରର ଚିତ୍ର ଆଙ୍କି ସାରିଥିବ। ସଂଯୁକ୍ତ ପରିବାର ଭାରତୀୟ ସଂସ୍କୃତିର ପରିଚୟ । ପ୍ରାଚୀନ ଭାରତୀୟ ସଂସ୍କୃତିର ସମସ୍ତ ପରିଚୟ ମଧ୍ୟରେ ସଂଯୁକ୍ତ ପରିବାର ଏକ ମୁଖ୍ୟ ପରିଚୟ ଧାରଣ କରିଥାଏ। ଏହି ପ୍ରକାର ପରିବାରରେ, ଅତି କମରେ ତିନି ପିଢି ଲୋକ ଏକାଠି ରୁହନ୍ତି ଏବଂ ଖୁସିରେ ଜୀବନ ଅତିକ୍ରାନ୍ତ କରନ୍ତି। ଏହା ଯେକୌଣସି ଶିଶୁର ସମ୍ପୂର୍ଣ୍ଣ ଶାରୀରିକ ଏବଂ ମାନସିକ ବିକାଶ ପାଇଁ ସର୍ବୋତ୍ତମ କ୍ଷେତ୍ର ଭାବେ ବିବେଚିତ ହୁଏ । ମିଳିତ ପରିବାରରେ ବଢୁଥିବା ପିଲାମାନେ ଏକ ଶୃଙ୍ଖଳିତ ଜୀବନଯାପନ କରନ୍ତି ଏବଂ ସର୍ବଦା କିଛି ବୟସ୍କଙ୍କ ତତ୍ତ୍ୱାବଧାନରେ ରହିଥା'ନ୍ତି। କିନ୍ତୁ ଆଧୁନିକତା, ମାତ୍ରାଧିକ ବ୍ୟକ୍ତି ସ୍ୱାଧୀନତା ଓ ଭୌତିକ ସୁଖ ଅର୍ଜନ ଦୌଡରେ ସଂଯୁକ୍ତ ପରିବାରର ସ୍ଥିତି ଆଜି ବିପନ୍ନ। ସଂଯୁକ୍ତ ପରିବାରର ବିଘଟନରେ ଘର ବିଭାଜିତ ହୁଏ, ଧନ ସମ୍ପତ୍ତି ବିଭାଜିତ ହୁଏ ଓ ପାରସ୍ପରିକ ସମ୍ପର୍କ ବି ଦୁର୍ବଳ ହୋଇଯାଏ। ସଂଯୁକ୍ତ ପରିବାରର ବିଘଟନରେ ସର୍ବାଧିକ କ୍ଷତିଗ୍ରସ୍ତ ହୁଅନ୍ତି ଘରର ଛୋଟ ଛୋଟ ପିଲା, ଜେଜେମା ଓ ଜେଜେ ବାପାଙ୍କ ଭଳି ବୟସ୍କ ଗୁରୁଜନମାନେ। ଉଭୟ ଅବହେଳିତ ହୋଇଯାନ୍ତି ଏକକ ବା ଅଣୁ ପରିବାରରେ। ଛୋଟ ପିଲାମାନେ ସେମାନଙ୍କ ଆଦରର ଜେଜେମା ଓ ଜେଜେବାପାଙ୍କଠାରୁ ଦୂରେଇଯାନ୍ତି ଏବଂ ବୟସ୍କ ଜେଜେମା ଓ ଜେଜେ ବାପାମାନେ ନାତୁଣୀ-ନାତିଙ୍କ ମମତାରୁ ଦୂରରେ ରହିଯାନ୍ତି। ପରିବାର ଚଳାଇବା ପାଇଁ ଏବେ ଅଧିକାଂଶ ପରିବାରରେ ଉଭୟ ପତ୍ନୀ-ପତିଙ୍କୁ ରୋଜଗାରକ୍ଷମ ହେବାକୁ ପଡୁଛି, ଯଦ୍ୱାରା କି ପିଲାମାନଙ୍କୁ ସେମାନେ ସମୟ ଦେଇ ପାରୁନାହାନ୍ତି। ପିଲାଙ୍କ ଦାୟିତ୍ୱ ଦିଆଯାଉଛି ଆୟାମାନଙ୍କୁ। ପରିବାର ସଦସ୍ୟ ଓ ଆୟାଙ୍କ ମଧ୍ୟରେ ଅନେକ ଫରକ। ମାନସିକ ତଥା ଭାବନାତ୍ମକ ସ୍ତରରେ ପିଲାମାନେ ଆୟାମାନଙ୍କ ନିକଟରେ ନିଜକୁ ଅସହାୟ ମନେକରୁଥିଲେ ବି ସେମାନଙ୍କ ନିକଟରେ ଅନ୍ୟ ବିକଳ୍ପ ନ ଥାଏ। ନିଜ ଲୋକଙ୍କଠାରୁ ଦୂରେଇଯାଇ ପର ଲୋକଙ୍କ ପାଖରେ ଲାଳନପାଳନ ହେବାକୁ ପଡିଥାଏ ଛୋଟ ଛୁଆମାନଙ୍କୁ। ଯେଉଁଠାରେ ହୃଦୟର ସମ୍ପର୍କ ରୁହେନାହିଁ, ସେଠାରେ ପିଲାମାନେ ଅଧିକ ଏକଲାପଣର ଶିକାର ନ ହେବେ ବା କେମିତି। ଯେଉଁ ପରିବାରରେ ଛୋଟ ପିଲାମାନଙ୍କୁ ଘରର ଅଭିଭାବକମାନେ ସମୟ ଦେଇପାରୁନାହାନ୍ତି, ସେଠାରେ ବୟସ୍କ ଗୁରୁଜନଙ୍କ ଯତ୍ନ ନେବାକୁ ସେମାନେ



କୁଆଡୁ ସମୟ ପାଇବେ। ବାଧ୍ୟ ହୋଇ ସ୍ୱଇଚ୍ଛାରେ ବା ବୋହୂ-ପୁଅଙ୍କ ଇଚ୍ଛାରେ ଅନାଥାଶ୍ରମ ବା ବୃଦ୍ଧାଶ୍ରମକୁ ଆଦରି ନେଉଛନ୍ତି ବୟସ୍କ ମା-ବାପାମାନେ। ନିଜ ସନ୍ତାନମାନଙ୍କ ଗହଣରେ ଶେଷ ଜୀବନ ବିତାଇବାକୁ ଆଶା ରଖିଥିବା ଏହି ବୟସ୍କମାନେ ଶେଷରେ ଏକୁଟିଆ ହୋଇଯାନ୍ତି ନତୁବା ବୃଦ୍ଧାଶ୍ରମର ଅନ୍ତେବାସୀମାନଙ୍କ ଗହଣରେ ଜୀବନ ବିତାଇବାକୁ ବାଧ୍ୟ ହୋଇଥାନ୍ତି।

ପ୍ରାରମ୍ଭିକ ସମୟରେ ପିଲାମାନଙ୍କର ମସ୍ତିଷ୍କ ବିକାଶ ସମୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ସମୟରେ ଅତି ଚତୁରତାର ସହ ସେମାନଙ୍କର ମାନସିକ ବିକାଶରେ ପରିବାରର ସଦସ୍ୟମାନେ ସହଯୋଗ କରିବା ଆବଶ୍ୟକ। ଶିଶୁଟିଏ ଜନ୍ମ ହେବାର ପ୍ରଥମ ହଜାର ଦିନ ମଧ୍ୟରେ ତାର ମସ୍ତିଷ୍କ ତୀବ୍ର ଭାବରେ ବିକାଶ ହୋଇଥାଏ। ଏହି ସମୟରେ ଶିଶୁଟିଏ ଶାରୀରିକ ବୃଦ୍ଧି ସହ ପାରିପାର୍ଶ୍ୱିକ ପରିବେଶରୁ ଅନେକ କିଛି ଶିଖିଥାଏ, ଯାହାକି ତା'ର ଭବିଷ୍ୟତ ଗଠନର ମୂଳଦୁଆ ହୋଇଥାଏ। ଗୋଟିଏ ଶିଶୁକୁ ଠିକ୍ ଭାବରେ ପ୍ରଥମରୁ ଗଢ଼ିପାରିଲେ ଗୋଟିଏ ସୁସ୍ଥ ଓ ବିକଶିତ ସମାଜ ଗଠନ ସହଜ ସମ୍ଭବ ହୁଏ । କିନ୍ତୁ ଗୋଟିଏ ଏକକ ପରିବାରରେ ଶିଶୁଟିଏ ସର୍ବଦା ସମ୍ପର୍କ ଓ ସମ୍ବନ୍ଧ ଅଭାବରେ ଦିନ କାଟିଥାଏ । ସମ୍ପର୍କର ଅଭାବରେ ଜର୍ଜରିତ ହୋଇଯାଏ ତା'ର ଶୈଶବ। ମାତା, ପିତାମାନେ ସେମାନଙ୍କ ପିଲାମାନଙ୍କ ପାଇଁ ସବୁ ଖୁସି ଓ ସୁବିଧା ଦେବାକୁ ଚେଷ୍ଟା କରୁଛନ୍ତି। କିନ୍ତୁ ସେହି ପିଲା ବଡ ହେବା ପରେ ସେମାନଙ୍କ ସାହାରା ହେବା ବଦଳରେ ବୃଦ୍ଧାଶ୍ରମରେ ଛାଡିଦେବା ପାଇଁ କୁଣ୍ଠାପ୍ରକାଶ କରୁନାହାନ୍ତି। ଯେତିକି ଯେତିକି ସଂଯୁକ୍ତ ପରିବାର ଭାଙ୍ଗି ଅଣୁ ପରିବାର ବଢୁଛି, ସେହି ଅନୁପାତରେ ବୃଦ୍ଧାଶ୍ରମ ସଂଖ୍ୟା ବଢୁଛି। ଏକ ଭଲ ସମାଜ ଗଠନରେ ପରିବାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ପରିବାରରୁ ହିଁ ଜଣେ ବ୍ୟକ୍ତି ନିଜ ମାତୃଭାଷା, ସଂସ୍କୃତି ଏବଂ ସଂସ୍କାର ଜ୍ଞାନ ପାଇଥାଏ। ପ୍ରତ୍ୟେକ ପଦକ୍ଷେପରେ ସେ ନିଜର ଭାବର ଆଦାନ ପ୍ରଦାନ ପାଇଁ ଏକ ସାଥୀ ଆବଶ୍ୟକ କରେ। ପରିବାରରେ ସେ ସେହି ସାଥୀକୁ ତାଙ୍କ ଭାଇ, ଭଉଣୀ, ମାତା,ପିତା ଏବଂ ପତ୍ନୀ ଆକାରରେ ପାଇଥା'ନ୍ତି, ଯାହାଫଳରେ ସେ ନିଜ ଜୀବନକୁ ଖୁସିରେ ଆଗକୁ ବଢାଇଥାଏ। ସେଥିରେ ଅଭାବ ରହିଲେ ସେ ଏକଲାପଣର ଶିକାର ହେବା ସ୍ୱାଭାବିକ। ଯଦି ଗୋଟିଏ ଶିଶୁକୁ ଭଲ ଖେଳଣା ଦିଆ ନ ଯାଏ, ତେବେ ସେ କିଛିସମୟ କାନ୍ଦିପାରେ, ମାତ୍ର ଯଦି ତାକୁ ଭଲ ସଂସ୍କାର ଦିଆ ନ ଯାଏ, ତେବେ ସେ ଜୀବନସାରା କାନ୍ଦି ଥାଏ। ଭଲ ସଂସ୍କାର ଶିଶୁଟି ପାଇଥାଏ ନିଜ ପରିବାରରୁ, ବିଶେଷ କରି ସଂଯୁକ୍ତ ପରିବାରରୁ। ଆଜିର ସମୟରେ ଭାରତରେ ସେହି ଭାରତୀୟ ମହାନ୍ ସଂସ୍କୃତିର ମୂଳପିଣ୍ଡ ସଂଯୁକ୍ତ ପରିବାରର ପୁନଃ ସ୍ଥାପନର ଆବଶ୍ୟକତା ଅନୁଭବ ହେଉଛି। ବିଖଣ୍ଡିତ ପରିବାରକୁ ପୁନଃ ଅଖଣ୍ଡ ପରିବାରରେ ପରିଣତ କରିପାରିଲେ ଉଭୟ ଶିଶୁ ଓ ବୟସ୍କ ନାଗରିକମାନେ ଏକ ସୁସ୍ଥ ଓ ସୁଖକର ପରିବେଶରେ ସମୟ କାଟିପାରନ୍ତେ। ଶିଶୁଙ୍କ ଦେଖାଚାହାଁ ଆୟା ନୁହେଁ, ଜେଜେ ମା' ଜେଜେ ବାପାଙ୍କ ପାଖରେ ହେଉ ଓ ଜେଜେ ମା' ଜେଜେ ବାପାଙ୍କ ସମୟ ବୃଦ୍ଧାଶ୍ରମ ନୁହେଁ, ନାତୁଣୀ ନାତିଙ୍କ ଗହଣରେ କଟୁ। ଏହା ହିଁ ଆଜିର ସମୟରେ ସବୁଠାରୁ ବଡ ସାମାଜିକ ଆହ୍ୱାନ।

**ମୋ– ୯୪୩୭୨୩୨୪୬୩**

# ସନ୍ଦେହରୁ ବିନାଶ



ହରେକୃଷ୍ଣ ଦାସ

ମହାଭାରତ ଯୁଦ୍ଧରେ ଆତ୍ମୀୟସ୍ୱଜନଙ୍କ ବିରୋଧରେ ଲଢ଼ିବାର ଔଚିତ୍ୟକୁ ନେଇ ସଂଶୟରେ ଥିବା ଅର୍ଜୁନକୁ ଭଗବାନ୍ ଶ୍ରୀକୃଷ୍ଣ ତାତ୍ତ୍ୱିକ ଉପଦେଶ ତଥା ସଦ୍‌ଜ୍ଞାନ ପ୍ରଦାନ କରିବା ଅବସରରେ କହିଥିଲେ, 'ଅଜ୍ଞଶ୍ଚ ଅଶ୍ରଦ୍ଧଧାନଶ୍ଚ ସଂଶୟାତ୍ମା ବିନଶ୍ୟତି, ନାୟଂ ଲୋକୋସ୍ତି ନ ପରୋ ନ ସୁଖଂ ସଂଶୟାତ୍ମନଃ।' ଅର୍ଥାତ୍ ଅଜ୍ଞ, ଶ୍ରଦ୍ଧାହୀନ ତଥା ସବୁବେଳେ ସନ୍ଦେହ ଭିତରେ ରହୁଥିବା ଲୋକ କେବଳ ବିନାଶ ଅଭିମୁଖେ ହିଁ ଗତି କରୁଥାଏ। ସନ୍ଦେହୀ ଲୋକ କୌଣସି ସ୍ଥିତିରେ ବି ସୁଖ ଅନୁଭବ କରିପାରେନା।

ସାମ୍ପ୍ରତିକ ସାମାଜିକ ଅବସ୍ଥା ଭୋଗୁଥିବା ଆମେମାନେ କିନ୍ତୁ ସନ୍ଦେହ କରିବା ବା ନ କରିବାକୁ ନେଇ ଯେଉଁ ଦ୍ୱିଧାରେ ଅଛୁ, ତା'ର ସମାଧାନ ଶ୍ରୀକୃଷ୍ଣଙ୍କ ଉପଦେଶର ଏକ ଆପେକ୍ଷିକ ଗ୍ରହଣୀୟତା ଦ୍ୱାରା ସମ୍ଭବ ହେଇପାରେ। ଆପେକ୍ଷିକ ହେବା ଏଥିପାଇଁ ଆବଶ୍ୟକ ଯେ ଶ୍ଳୋକର ଆକ୍ଷରିକ ଅର୍ଥ ଭିତରେ ସ୍ଥିର ନ ରହି ଅନେକ ସମୟରେ ଅନ୍ୟକୁ ସନ୍ଦେହ କରିବାର ଆବଶ୍ୟକତା ନିଶ୍ଚୟ ଥାଏ। ବର୍ତ୍ତମାନର କଳୁଷିତ ସମାଜରେ ଜଣକୁ ବିଶ୍ୱାସ କରିବା ପୂର୍ବରୁ ଅନେକ ଥର ପରଖିବାର ଆବଶ୍ୟକତା ଅଛି। ଆମ ସହ କଅଁଳ କଥା ହେଉଥିବା ଲୋକ ଯେ ଆମର ମନ୍ଦ ପାଞ୍ଚୁନଥିବ, ସେ କଥା କହି ହେବନି। ଯିବାଆସିବା ବାଟରେ ବନ୍ଧୁତା ଜମେଇ ଏକାନ୍ତ ଆପଣାର ମନେହେଉଥିବା ଲୋକ ହିଁ ସହଜରେ ଆମକୁ ଲୁଟିପାରେ ଏଇଥିପାଇଁ ଯେ ଆମେ ତା'ର ସଇତାନ ମନୋଭାବକୁ ପଢ଼ି ନ ପାରି ତାକୁ ଅନ୍ଧ ଭାବରେ ବିଶ୍ୱାସ କରିଯାଇଥାଉ। ଅନ୍ୟର ଭାବନାକୁ ସନ୍ଦେହ ନ କରିପାରିବା କାରଣରୁ ଏ ସଂସାରରେ ବହୁ ଅନର୍ଥ ଘଟିଯାଇଛି ଏବଂ ନିରନ୍ତର ଘଟିଚାଲିଛି ମଧ୍ୟ।

କିନ୍ତୁ ସନ୍ଦେହ କରିବାର ପ୍ରବୃତ୍ତିକୁ ନିଜ ଚାରିତ୍ରିକ ବୈଶିଷ୍ଟ୍ୟ ବନେଇଦେଲେ ତା'ର ପରିଣତି କେବଳ ବିନାଶ ହିଁ ହୋଇଥାଏ। ସନ୍ଦେହୀମାନେ ନିଜ ସପକ୍ଷରେ ଅନେକ ଯୁକ୍ତି ବାଢ଼ି ଅନ୍ୟମାନଙ୍କ ପ୍ରତିଟି କାର୍ଯ୍ୟକଳାପ ତଥା ମନୋଭାବ ଉପରେ ଦୀକ୍ଷାନ୍ତ ଭାଷଣ ଦେଇପାରନ୍ତି। ଅନ୍ୟମାନେ ଯାହା କଲେ ବି ତା' ପଛରେ ନିଶ୍ଚୟ କିଛି ମନ୍ଦ ଉଦ୍ଦେଶ୍ୟ ଅଛି ବୋଲି ଏମାନେ ଈଶ୍ୱରଙ୍କ ଭଳି ଠଉରେଇପାରନ୍ତି, ଏବଂ ସେଇ ଅନୁସାରେ ସେମାନଙ୍କ ସହିତ ବ୍ୟବହାର କରନ୍ତି ଓ ସମ୍ପର୍କ ରଖନ୍ତି। ତା' ଦ୍ୱାରା ଏ ସନ୍ଦେହୀମାନଙ୍କର ସାମାଜିକ ସମ୍ପର୍କ ଖରାପ ତ ହୁଏ ନିଶ୍ଚୟ, ତା' ସହ ସବୁବେଳେ ନିଜକୁ ଅସୁରକ୍ଷିତ ମଣି ଏମାନେ ଭୟ ଭିତରେ ହିଁ ଜୀବନ ବିତେଇବାକୁ ବାଧ୍ୟ ହୁଅନ୍ତି। ପ୍ରତ୍ୟେକଟି କଥାକୁ କେବଳ ନକାରାତ୍ମକ ଦୃଷ୍ଟିକୋଣରୁ ବିଚାର କରି ନିଜେ ତ ଅଶାନ୍ତି ଭୋଗନ୍ତି, ନିଜ ପରିବେଶରେ ମଧ୍ୟ ସେଇ ଅଶାନ୍ତି ଖେଳେଇ ଦିଅନ୍ତି।

ଅସ୍ୱାଭାବିକ ସନ୍ଦେହ ପ୍ରବଣତାରୁ ମଣିଷ ଅସ୍ୱାଭାବିକ ଭାବରେ ଭୟଭୀତ ହୋଇପଡ଼େ ଏବଂ ବେଳେବେଳେ ଅସ୍ୱାଭାବିକ ପରିଣତି ମଧ୍ୟ ଭୋଗେ। ଏଇ କଥାଟି ବୁଝେଇବାକୁ ଯାଇ ସେଦିନ



ଆମେରିକୀୟ ଲେଖକ ଅର୍ଣ୍ଣେଷ୍ଟ ହେମିଙ୍ଗୱେଙ୍କ କଥା ବନ୍ଧୁଙ୍କୁ ଶୁଣେଉଥିଲି ଯେ ସେ ଯେତେବେଳେ ସନ୍ଦେହ କରିବା ରୋଗର ଶିକାର ହେଇଗଲେ ତାଙ୍କୁ ଲାଗିଲା ଯେ ତାଙ୍କ ସ୍ତ୍ରୀ ଓ ପିଲା ତାଙ୍କ ବିରୋଧରେ ଷଡ଼ଯନ୍ତ୍ର କରୁଛନ୍ତି। ଏ ପ୍ରକାର ସନ୍ଦେହ ତାଙ୍କୁ ଏତେ ଭୟଭୀତ ଓ ବିଚଳିତ କରିଦେଲା ଯେ, ସେ ନିଜ ପାଖିରେ ବନ୍ଧୁକ ରଖି ଗୁଳି ମାରି ଆତ୍ମହତ୍ୟା କଲେ। ଏକଥା ଶୁଣି ବନ୍ଧୁ ମୁହଁ ଶୁଖାଇ ନିଜ କାହାଣୀ ବଖାଣିଲେ।

''ମୋ ଶାଶୁ ଓ ଶ୍ୱଶୁରଙ୍କର ଆମ ପ୍ରତି ଶ୍ରଦ୍ଧା ନାହିଁ ବୋଲି ମୁଁ ଜାଣେ, ହେଲେ ସେମାନଙ୍କର ସନ୍ଦେହ କରିବାର ଚରିତ୍ର ଏତେ ଭୟଙ୍କର ଯେ ମତେ ଅନେକ ଥର କଷ୍ଟ ଲାଗେ। ସେ ସବୁ ବରଦାସ୍ତ କରିହୁଏନି। ଥରେ ସେମାନେ ଆମ ଘରକୁ ବୁଲିବାକୁ ଆସିଥିଲେ ଯେ ତାଙ୍କ ଲୁଗାପଟା, ହାତଘଣ୍ଟା, ପର୍ସ ଇତ୍ୟାଦି ଆମ ଆଲଣା କି ସେଲ୍ଫରେ ନରଖି ଗୋଟେ ପରିବାକିଣା ଜରି ବ୍ୟାଗରେ ଭର୍ତ୍ତିକରି ଆମ ଗେଷ୍ଟ ରୁମର କବାଟ କୋଣରେ ରଖିଲେ। ଏବଂ ଶ୍ୱଶୁର ମଧ୍ୟ ମଝିରେ ମଝିରେ ଲୁଚି ଲୁଚି ନଜର ରଖୁଥା'ନ୍ତି କାରଣ ସେ ସନ୍ଦେହ କରୁଥିଲେ ଯେ ମୁଁ କାଳେ ତାଙ୍କ ବ୍ୟାଗରେ ହାତ ମାରି କିଛି ଚୋରେଇ ନେଉଥିବି। ଶାଶୁ ବି ତଦ୍ରୂପ ବଳି। ତାଙ୍କ ଘରେ କୌଣସି ଜିନିଷ ନ ମିଳିଲେ, ଏମିତିକି ରୋଷେଇଘର ଜିନିଷ ନ ମିଳିଲେ ବି ସେ ସନ୍ଦେହ କରନ୍ତି ଯେ ତାଙ୍କ ଘରକୁ ଯାଉଥିବା ଲୋକମାନେ ବୋଧେ ଚୋରି କରି ନେଇଯାଇଛନ୍ତି। ସନ୍ଦେହ କରି ଅଭିଶାପ ଦେଲା ଭଳି ଗାଳି ବି ଦିଅନ୍ତି। ତାଙ୍କର ଏ ପ୍ରକାର ସନ୍ଦେହରୁ ଆମେମାନେ ମଧ୍ୟ ବାଦ ପଡ଼ିନୁ। ସେଥିପାଇଁ ତାଙ୍କ ଘରକୁ ଯିବାକୁ ଆମକୁ ଭୟ ଲାଗେ। ଗଲେ ବି ସାବଧାନ ଥାଉ ଯେ ସେମାନେ ନ ଦେଖୁଥିବା ସମୟରେ ତାଙ୍କର କୌଣସି ଜିନିଷରେ ଯେମିତି ଆମେ ହାତ ନ ଲଗାଉ। ରାସ୍ତାରେ ଚାଲି ଯାଉଥିବା ଭିକାରି କିମ୍ବା ଗରିବ ଦିଶୁଥିବା ଲୋକଟେ ଦେଖିଲେ ବି ସେମାନେ ନିଶ୍ଚିତ ହେଇଯାଆନ୍ତି ଯେ ସେ ଲୋକଟା ଚୋର ହିଁ ହେଇଥିବ। ଯା' ଦ୍ୱାରା ଅନେକ ଭଦ୍ରଲୋକ ଏମାନଙ୍କୁ ଆଭଏଡ୍ କରି ରହନ୍ତି। ଅଥଚ ସେକଥା ଏମାନେ ବୁଝି ମଧ୍ୟ ପାରନ୍ତିନି। ଯୋଉମାନଙ୍କୁ ସନ୍ଦେହ କରିବା ଉଚିତ, ସେମାନେ ଯା'ଙ୍କୁ ଭଦ୍ରଲୋକ ଭଳିଆ ଦିଶନ୍ତି। କିନ୍ତୁ ଯୋଉମାନେ ଯାଙ୍କୁ ନିଃସ୍ୱାର୍ଥପର ଭାବରେ ସାହାଯ୍ୟ କରନ୍ତି, ସେଇମାନଙ୍କୁ ହିଁ ଏମାନେ ସନ୍ଦେହ କରନ୍ତି। ଏମାନଙ୍କ ଅଜ୍ଞତା ଓ ମୂର୍ଖତା ଦେଖିଲେ ବହୁତ ରାଗ ଆସେ।''

ବନ୍ଧୁଙ୍କ ଅସନ୍ତୋଷ ଓ ବିରକ୍ତି ସ୍ପଷ୍ଟ ବାରି ହୋଇପଡୁଥାଏ। ସେମାନଙ୍କ ଉପରୁ ଧ୍ୟାନ ହଟେଇବାକୁ ମୁଁ କହିଲି, 'ଦୁନିଆରେ ଏମିତି ଅନେକ ଲୋକ ଅଛନ୍ତି। ସେମାନଙ୍କୁ ଗୁରୁତ୍ୱ ନଦେଇ ଫୁ କରି ଉଡ଼େଇଦିଅ। ଏ ଦୁହେଁ ତ କେହି କାହାକୁ କମ୍ ନୁହନ୍ତି। ହେଲେ ଏତେ ସନ୍ଦେହୀ ମା'ବାପାଙ୍କ ଜିନ୍‌ଟା ତାଙ୍କ ଝିଅ ପାଖରେ...' ମତେ ଅଧାରୁ ଅଟକେଇ ଦେଇ ବନ୍ଧୁ କହିଲେ 'ଥାଉ, ଥାଉ ପଚାରନି। ଜାଣେ, ମୋ ଉତ୍ତର ଶୁଣିବାମାତ୍ରେ ତମେ ପୁଣି କହିବ ଯେ ସଂଶୟାତ୍ମା ବିନଶ୍ୟତି।'

**ଅଧ୍ୟାପକ, ଇଂରାଜୀ ବିଭାଗ**
**ନିଆଳି କଲେଜ, ନିଆଳି, କଟକ**
**ମୋ: ୯୮୬୧୩୪୫୬୫୮**

## ଏଇ ଭାରତରେ

ବିଭିନ୍ନ ସାମାଜିକ ତଥା ସାଂସ୍କୃତିକ ଉତ୍ସବରେ ବାହ୍ୟ ସଂସ୍କୃତି ଉପରେ କଟକଣା ଲଗାଇବା ସହିତ ଖର୍ଚ୍ଚକାଟ କରିବା ଲାଗି ଏକ ଅଜବ ନିଷ୍ପତ୍ତି ନିଆଯାଇଥିବା ଘଟଣା ସାମ୍ନାକୁ ଆସିଛି ହିମାଚଳ ପ୍ରଦେଶରେ। ଉକ୍ତ ରାଜ୍ୟର ଆଦିବାସୀ ବହୁଳ ଲାହୁଲ ଏବଂ ସ୍ପିଟି ଜିଲାର କେଲଙ୍ଗ ପଞ୍ଚାୟତରେ ବିଭିନ୍ନ ଉତ୍ସବରେ ହେଉଥିବା ଅତ୍ୟଧିକ ଖର୍ଚ୍ଚକୁ ରୋକିବା ପାଇଁ ବିୟର ପିଇବାକୁ ନିଷିଦ୍ଧ କରିବା ଲାଗି ଏକ ପ୍ରସ୍ତାବ ପାରିତ କରିଛି। କେବଳ ଏତିକି ନୁହେଁ, ପର୍ବପର୍ବାଣିରେ ବାହ୍ୟ ସଂସ୍କୃତିର ମିଶ୍ରଣକୁ ରୋକିବା ପାଇଁ ପଞ୍ଚାୟତ ବୈଠକରେ ଆଲୋଚନା କରାଯାଇଛି। ପଞ୍ଚାୟତ ମୁଖ୍ୟ ସୋନମ ଜାଙ୍ଗପୋ କହିଛନ୍ତି, ଗ୍ରାମ ସଭା ବୈଠକରେ ବିବାହ ତଥା ଅନ୍ୟାନ୍ୟ ଉତ୍ସବରେ ବିୟର ପରଷା ଯିବା ଉପରେ ନିଷେଧାଦେଶ ଜାରି କାରାଯିବା ସହ ବାହ୍ୟ ସଂସ୍କୃତିର ମିଶ୍ରଣ ତଥା ଖର୍ଚ୍ଚକୁ ରୋକିବା ସକାଶେ ସହମତ ପ୍ରକାଶ ପାଇଛି। ଜିଲା ପରିଷଦ ସଦସ୍ୟ କୁଙ୍ଗା ବୋଡ ଆଶା ପ୍ରକଟ କରିଛନ୍ତି, ସଂସ୍କୃତି ଏବଂ ପରମ୍ପରାର ସଂରକ୍ଷଣକୁ ନେଇ ଯୁବକମାନେ ମଧ୍ୟ ଚିନ୍ତିତ ଥିବାରୁ ବାହ୍ୟ ସଂସ୍କୃତିର ପ୍ରଭାବକୁ ହଟାଇବା ପାଇଁ ପଦକ୍ଷେପ ନିଆଯିବ। ରୋହତଙ୍ଗ ପାସ ଅନ୍ତର୍ଗତ ଅଟଳ ଟନେଲ ନିର୍ମାଣ ପରେ କେଲଙ୍ଗକୁ ପର୍ଯ୍ୟଟକଙ୍କ ଆସିବା ବହୁଗୁଣିତ ହୋଇଛି। ସେଠାକାର ପାରମ୍ପରିକ ସଂସ୍କୃତି ଓ ପରମ୍ପରା ଏବଂ ପରିବେଶ କିଭଳି ଉଜ୍ଜୀବିତ ରହିବ ସେଥିପାଇଁ ପଞ୍ଚାୟତବାସୀ ସଚେତନ ହୋଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୨ ଏପ୍ରିଲ ୧୯୯୮

- କଂଗ୍ରେସକୁ ସୁଦୃଢ଼ କରିବା ସକାଶେ କାର୍ଯ୍ୟସୂଚୀ ପ୍ରସ୍ତୁତ ଲାଗି ପୂର୍ବତନ ବାଚସ୍ପତି ପି.ଏ. ସାଙ୍ଗମାଙ୍କ ନେତୃତ୍ୱରେ ଏଆଇସିସିର ଉଚ୍ଚସ୍ତରୀୟ ଟାସ୍କଫୋର୍ସ ଗଠିତ।
- ପୂର୍ବ ଇରାନ୍‌ରେ ଏକ ବଡ଼ ଧରଣର ଭୂମିକମ୍ପ ହେବା ଫଳରେ ୧୮ଟି ଗ୍ରାମ କ୍ଷତିଗ୍ରସ୍ତ ହେବା ସହ ୧୦ ଜଣଙ୍କ ମୃତ୍ୟୁ।

## ପାଠକ ଶ୍ରେଷ୍ଠ ବିଚାରକ

### ଦୃଷ୍ଟି ପଡୁ

ମହାଶୟ,

ସରକାରଙ୍କ ପ୍ରଚେଷ୍ଟାରେ ମୋ ବସ୍ ସେବା ଭୁବନେଶ୍ୱରରେ ଏକ ଉଲ୍ଲେଖନୀୟ କାର୍ଯ୍ୟ। ପ୍ରଥମାବସ୍ଥାରେ ସ୍ୱଳ୍ପ ବସ୍ ଚଳାଚଳ କରୁଥିବାରୁ ଡୁମୁଡୁମା ରୁଟ୍‌ରେ କୌଣସି ମୋ ବସ୍ ସେବା ନ ଥିଲା। ବାରମ୍ବାର ଦାବି ଉପସ୍ଥାପନ ଦ୍ୱାରା ପରିଶେଷରେ ଡୁମୁଡୁମା, ଯଦୁପୁର, ପଞ୍ଚସଖାନଗର, ଡୁମୁଡୁମା ହାଉସିଂ ବୋର୍ଡ ଜନସାଧାରଣଙ୍କ ଯାତାୟାତର ସମସ୍ୟାକୁ ନଜରରେ ରଖି ୨୬ ନମ୍ବର ରୁଟ୍‌ରେ ମୋ ବସ୍ ସେବା କାର୍ଯ୍ୟ ଆରମ୍ଭ ହେଲା। ଏହି ବସ୍‌ଗୁଡ଼ିକ ବରମୁଣ୍ଡା ଦେଇ ନ ଯାଇ ଯଦୁପୁରରୁ ବାହାରି ଡୁମୁଡୁମା ପାଲାମଣ୍ଡପ, କସ୍ମୋପଲିସ, ଖଣ୍ଡଗିରି, ନୂଆରୋଡ୍ ଓ ଷ୍ଟେଶନ ଦେଇ ଚକେଇସିଆଣିକୁ ଯାତାୟାତ କରୁଛି। ଡୁମୁଡୁମାରୁ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ରୁଟ୍‌ରେ କୌଣସି ମୋ ବସ୍ ସିଧା ଯାଉନାହିଁ। ଉକ୍ତ ଅଞ୍ଚଳର ଦୈନିକ ଯାତ୍ରୀ, କଲେଜ ଛାତୀଛାତ୍ର ଏବଂ ବରିଷ୍ଠ ନାଗରିକମାନେ ବସ୍‌ଷ୍ଟାଣ୍ଡକୁ ଯିବାକୁ ହେଲେ ଦୁଇଟି ବସ୍ ବଦଳାଇବାକୁ ପଡୁଛି। ଏଣୁ ୨୬ ନମ୍ବର ରୁଟ୍‌ରେ ମୋ ବସ୍‌ର ଦୈନନ୍ଦିନ ରାଜସ୍ୱକୁ ଦୃଷ୍ଟିରେ ରଖି ବରମୁଣ୍ଡା ରୁଟ୍‌ରେ ମୋ ବସ୍ ସେବା ଯୋଗାଇଦେବାକୁ ଅନୁରୋଧ। ଫଳରେ ମୁଖ୍ୟତଃ କଲେଜ ଛାତ୍ରୀଛାତ୍ର ଓ ବରିଷ୍ଠ ନାଗରିକମାନେ ଉପକୃତ ହେବେ।

**–ବିଶ୍ୱନାଥ ଜେନା,ବରିଷ୍ଠ ନାଗରିକ,**
**ଡୁମୁଡୁମା ହାଉସିଂ ବୋର୍ଡ କଲୋନି, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସକଳ ମମତା ତେଜି ନ ଖୋଜଇଁ ମୁକତି ମାରଗ,
ହୁଅଇ ନାସ୍ତିକ ପଛେ, ନ ଲୋଡ଼ଇ ଅପର ସ୍ୱରଗ,
କି ଆନନ୍ଦ ନିହିତ ସେ ସ୍ୱର୍ଗ ପରବାସେ,
ହୁଏ କି ତା' ସୁଷମିତ ଶିଶୁର ସୁହାସେ !
ସେ ସଙ୍ଗୀତ ପ୍ରିୟାର ନୂପୁରେ,
ଅଛି କେଉଁ ବଇକୁଣ୍ଠ ପୁରେ ?
ପ୍ରିୟା ରୂପ–ଶଶୀ
ସେ କେଉଁ ଉର୍ବଶୀ
ପାରେ ଜିଣି
ଗରବିଣୀ ! –(ପୁରୀ–ମନ୍ଦିର)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ବସ୍ ଦୁର୍ଘଟଣା: ଚିକିତ୍ସାଧୀନ ମହିଳାଙ୍କ ମୃତ୍ୟୁ

**ରାଉରକେଲା ଅଫିସ,୧୧।୪:** ଗତ ମାର୍ଚ୍ଚ ୨୭ ତାରିଖରେ ଚାନ୍ଦିପୋଷ ସ୍ଥିତ ଖୁସବୁ ଢାବା ନିକଟରେ ଭୁବନେଶ୍ୱରରୁ ରାଉରକେଲାକୁ ଆସୁଥିବା ବେଳେ ପ୍ରଭା ନାମକ ଏକ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ଦୁର୍ଘଟଣାରେ ସେତେବେଳେ ଜଣେ ଶିଶୁକନ୍ୟାଙ୍କ ସମେତ ୩ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ୧୫ଜଣ ଆହତ ହୋଇ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଉକ୍ତ ଆହତଙ୍କ ମଧ୍ୟରୁ ଚିକିତ୍ସାଧୀନ ଅବସ୍ଥାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତା ମହିଳା ଜଣଙ୍କ ସେକ୍ଟର-୭ ଅଞ୍ଚଳର ଜୟନ୍ତୀ ବିଶ୍ୱାଳ(୪୩) ବୋଲି ଜଣାପଡିଛି। ଜୟନ୍ତୀ ଗୋଟିଏ ସ୍କୁଲରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିଲେ ଏବଂ ସେ ଜଣେ ସାହିତ୍ୟିକା ଭାବେ ପରିଚିତ ଥିଲେ। ତାଙ୍କ ମୃତ୍ୟୁରେ ମଙ୍ଗଳବାର ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା।

### ଜେଲ ଗଲେ ପ୍ରେମିକ, ସୁପାରୀକିଲର

**ଦେବଗଡ଼, ୧୧।୪(ଡି.ଏନ.ଏ.):** ମହିଳା ଫାଇନାନ୍ସ କର୍ମଚାରୀ ରୀତା ସାହୁ ହତ୍ୟା ଘଟଣାରେ ଦେବଗଡ଼ ଥାନା ପୋଲିସ ୨ ଅଭିଯୁକ୍ତ ପ୍ରେମିକ ଅଶ୍ୱିନୀ ଷଣ୍ଢ(୩୪) ଓ ସୁପାରୀ କିଲର ଶ୍ୟାମ ଖଡ଼ିଆ(୨୯) ଓରଫ ଚେରୁଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରିଛି। ଏ ନେଇ ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ପ୍ରମୋଦ କୁମାର ରଥ ସୂଚନା ଦେଇଛନ୍ତି। ଏସ୍‌ପି ରଥ କହିଥିଲେ, ଦୀର୍ଘବର୍ଷ ଧରି ପ୍ରେମ ସମ୍ପର୍କ ରଖିବା ପରେ ରୀତା ଅଶ୍ୱିନୀଙ୍କ ସହ ସମ୍ପର୍କ ଛିନ୍ନ କରିବାରୁ ପ୍ରେମରେ ବିଫଳ ହୋଇ ଅଭିଯୁକ୍ତ ହତ୍ୟାକାରୀ ସାଜିଥିଲେ। ସୁପାରୀ କିଲର ରୀତାଙ୍କୁ ୧୬ ଥର ଛୁରୀ ଭୁସିବା ପରେ ପଥର ଛେଚି ହତ୍ୟା କରିଥିଲେ। ହତ୍ୟାକାଣ୍ଡ ପରେ ଚେରୁ ଏକ ବାଇକ୍ ଚୋରି କରି ଫେରାର ହୋଇଯାଇଥିଲେ। ମୃତ ରୀତାଙ୍କ ମା’ ମଞ୍ଜୁ ଦେବୀଙ୍କ ରିପୋର୍ଟ ଆଧାରରେ ଦେବଗଡ଼ ଥାନା ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ଅଭିଯୁକ୍ତ ଦ୍ୱୟଙ୍କୁ କାବୁ କଲା ପରେ ଉଭୟ ହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ସ୍ୱୀକାର କରିଥିଲେ ଏବଂ ସୋମବାର ପୋଲିସ ଅଭିଯୁକ୍ତଙ୍କୁ ନେଇ କ୍ରାଇମ ସିନ୍ ରିକ୍ରିଏଶନ କରିଥିଲା ବୋଲି ଏସ୍‌ପି ରଥ କହିଥିଲେ। ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଅନିଲ କୁମାର ବେଉରିଆ, ଆଦର୍ଶ ଥାନାଧିକାରୀ ସୁରେନ୍ଦ୍ର କୁମାର ନାୟକ ଓ ଅତିରିକ୍ତ ଥାନାଧିକାରୀ ସରୋଜ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଏଡିଏମ୍‌ଙ୍କୁ ସ୍ମାରକପତ୍ର ଦେଲା କଂଗ୍ରେସ

**ଭତ୍ତା, ଜାଗା ମିଶନ ଓ ଭେଣ୍ଡିଂ ଜୋନ୍ ସମସ୍ୟାର ସମାଧାନ ଦାବି**

ରାଉରକେଲା ଅଫିସ,୧୧।୪

ରାଉରକେଲା ସହରରେ ଭତ୍ତା, ଜାଗା ମିଶନ ଓ ଭେଣ୍ଡିଂ ଜୋନ ଆଦି ୩ଟି ପ୍ରମୁଖ ସମସ୍ୟା ରହିଛି। ଏଗୁଡିକର ତ୍ୱରିତ ସମାଧାନ ଦାବିରେ ରାଉରକେଲା ଜିଲା କଂଗ୍ରେସ ପକ୍ଷରୁ ମଙ୍ଗଳବାର ଏଡିଏମ୍ ଡଃ ଶୁଭଙ୍କର ମହାପାତ୍ରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।



ଏଡିଏମଙ୍କୁ ଜିଲା କଂଗ୍ରେସ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

ସ୍ମାରକପତ୍ରରେ କୁହାଯାଇଛି, ଗତ ୪ ମାସ ହେଲାଣି ବାର୍ଦ୍ଧକ୍ୟ ଏବଂ ଭିନ୍ନକ୍ଷମ ହିତାଧିକାରୀଙ୍କୁ ଭତ୍ତା ଅର୍ଥ ପ୍ରଦାନରେ ସମସ୍ୟା ସୃଷ୍ଟି ହେଉଛି। ବିଶେଷକରି ମଧୁବାବୁ ପେନସନ ଯୋଜନାରେ ବ୍ୟାଙ୍କ ଜରିଆରେ ଭତ୍ତା ଅର୍ଥ ପୈଠ ହେଲା ପରେ ଏହି ସମସ୍ୟା ଉପୁଜିଛି। ଅନେକ ଜରାଗ୍ରସ୍ତ ଓ ଭିନ୍ନକ୍ଷମ ହିତାଧିକାରୀ ଅର୍ଥ ଉଠାଣ ପାଇଁ ଖର୍ଚ୍ଚାନ୍ତ ହୋଇ ବ୍ୟାଙ୍କକୁ ଯାଉଥିଲେ ମଧ୍ୟ ବ୍ୟାଙ୍କ କର୍ତ୍ତୃପକ୍ଷ ଭତ୍ତା ଆସିନାହିଁ କହି ସେମାନଙ୍କୁ ଫେରାଇ ଦେଉଛନ୍ତି। ସେହିପରି ୮୦ବର୍ଷରୁ ଊର୍ଦ୍ଧ୍ୱ ଓ ୬୦ ପ୍ରତିଶତରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମମାନଙ୍କୁ ମାସିକ ୭ଶହ ଟଙ୍କା ମିଳିବା ବ୍ୟବସ୍ଥା ଥିଲେ ମଧ୍ୟ ୫ଶହ ଟଙ୍କା ମିଳୁଛି। ହିତାଧିକାରୀଙ୍କ ପୁରୁଣା ବ୍ୟାଙ୍କ ଖାତାରେ ଆଧାର ସଂଯୋଗ ବ୍ୟବସ୍ଥା ଦ୍ୱାରା ଏହି ସମସ୍ୟା ଉପୁଜିଛି। ଏଣୁ ହିତାଧିକାରୀମାନଙ୍କ ନୂତନ ବ୍ୟାଙ୍କ ଖାତାରେ ଭତ୍ତା ଅର୍ଥ ପୈଠ କରିବାକୁ କଂଗ୍ରେସ ଦାବି କରିଛି। ରାଉରକେଲା ମହାନଗର ନିଗମ ଅନ୍ତର୍ଗତ ବିଭିନ୍ନ ବସ୍ତି ଅଞ୍ଚଳରେ ଜାଗା ମିଶନ କାର୍ଯ୍ୟକ୍ରମରେ ବସ୍ତି ବାସିନ୍ଦାଙ୍କୁ ଭୂମି ଅଧିକାର ଦେବା ପାଇଁ ଉଷା ସର୍ଭେ କରାଯାଇଛି। ମାତ୍ର ଏହି ସର୍ଭେ କେତେକ ବସ୍ତିରେ ସମ୍ପୂର୍ଣ୍ଣ ହେଲା ପରେ ଜାଗା ପାଇବା ପାଇଁ ଅଳ୍ପ କିଛି ଲୋକଙ୍କ ନାମ ମନୋନିତ କରାଯାଇଥିବାରୁ ବହୁ ବସ୍ତିବାସିନ୍ଦା ଏଥିରୁ ବାଦ୍ ପଡିଛନ୍ତି। ସେହିପରି ଡିଏଭି ପୋଖରୀ ଓ ଆଇଟିଆଇ ଛକ ସ୍ଥିତ ଭେଣ୍ଡିଂ ଜୋନ୍‌ରେ ରାସ୍ତାପାଖ ଉଠା ଦୋକାନୀମାନଙ୍କୁ ଥଇଥାନ ନେଇ ମଧ୍ୟ ଅବ୍ୟବସ୍ଥା ଦେଖାଦେଇଛି। ଯେଉଁ ଦୋକାନୀମାନେ ଉକ୍ତ ଭେଣ୍ଡି ଜୋନ୍‌ରେ ଦୀର୍ଘଦୀନ ଧରି ବ୍ୟବସାୟ କରିଆସୁଥିଲେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଉଠାଦୋକାନୀ ଏଯାଏ ଭେଣ୍ଡିଂ ଜୋନରେ ଜାଗା ପାଇନାହାନ୍ତି। ଅନ୍ୟପଟେ ଉକ୍ତ ଅଞ୍ଚଳରେ କୌଣସି ବ୍ୟବସାୟ କରୁ ନ ଥିବା କିଛି ବ୍ୟକ୍ତିଙ୍କ ନାମ ଏହି ତାଲିକାରେ ପ୍ରକାଶ ପାଇଛି। ତେଣୁ ଉକ୍ତ ଅଞ୍ଚଳରେ ଉଠାଦୋକାନ କରି ପରିବାର ପ୍ରତିପୋଷଣ କରୁଥିବା ଦୋକାନୀଙ୍କୁ ସେହି ଜୋନରେ ଥଇଥାନ କରାଯିବା ସହ ଅଣଦୋକାନୀଙ୍କୁ ତାଲିକାରୁ ବାଦ୍ ଦେବାକୁ ଜିଲା କଂଗ୍ରେସ ପକ୍ଷରୁ ଆର୍‌ଏମ୍‌ସି ଆୟୁକ୍ତଙ୍କ ନିକଟରେ ଦାବି କରାଯାଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ଜିଲା କଂଗ୍ରେସ ସଭାପତି ଦେବବ୍ରତ ବିହାରୀ, ବିରେନ ସେନାପତି, ଗଣେଶ ପ୍ରଧାନ, ସୁଧୀର କୁମାର ନାଥ, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଲିୟାରସିଂ ପ୍ରମୁଖ ବହୁ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ ଚନ୍ଦନ



@ ଜୟରାମ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## କୁପୋଷଣମୁକ୍ତ ସହର ପାଇଁ ପୋଷଣ ପଖୱାଡା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ରାଉରକେଲା ଅଫିସ,୧୧।୪

ରାଉରକେଲା ଉଦିତନଗର ସ୍ଥିତ ସମନ୍ୱିତ ଶିଶୁ ବିକାଶ କେନ୍ଦ୍ର ସଭାଗୃହରେ ମଙ୍ଗଳବାର ପୋଷଣମୁକ୍ତ ସହରାଞ୍ଚଳ ଗଠନ ନେଇ ୫ମ ପୋଷଣ ପଖୱାଡା-୨୦୨୩ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଡିପିଓ ଦର୍ଶନ ଏକ୍କାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସହକାରୀ କୃଷି ଅଧିକାରିଣୀ ଦୁଃଖିନୀ ବିଶି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିପିସି ମିଶନ ଶକ୍ତିର ପ୍ରତିଭା ଲାକ୍ରା, ମିଶନ ଶକ୍ତି ସହ ସଂଯୋଜିକା ତପସ୍ୱିନୀ ବେସନ, ଆଇସିଡିଏସ୍‌ର ମିନାକ୍ଷୀ ପଟ୍ଟନାୟକ, ସୁଷମା ମିଶ୍ର, ବୃନ୍ଦାବତୀ ସିଂ, ଜିଲା ମାନବାଧିକାର କର୍ମୀ ସସ୍ମିତା ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ରାଉରକେଲା ସହରାଞ୍ଚଳର ମୋଟ ୧୧୫ ଜଣ ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିଲେ। ସିଡିପିଓ ଏକ୍କା କହିଥିଲେ, ପୋଷଣ ପଖୱାଡାରେ କ୍ଷୁଦ୍ରଅନ୍ନ (ମିଲେଟ୍) ବା ଶ୍ରୀଅନ୍ନ, ମାଣ୍ଡିଆ, ବାଜରା ଯଅ ଆଦି ମା’ ଏବଂ ଶିଶୁଙ୍କ ପୁଷ୍ଟି ସାଧନରେ ସହାୟକ ହୋଇଥାଏ। ଏ ସମସ୍ତ ଖାଦ୍ୟ ଦ୍ୱାରା ମା’ ଓ ଶିଶୁ ଶରୀରରୁ କୁପୋଷଣ ଦୂରୀକରଣ ହୋଇଥାଏ। ତେଣୁ ପ୍ରତିଦିନ ଖାଦ୍ୟରେ ଶ୍ରୀଅନ୍ନକୁ ସାମିଲ କରି ରାଉରକେଲାକୁ କୁପୋଷଣମୁକ୍ତ ସହର ଭାବେ ପରିଗଣିତ କରିବାକୁ ଏକ୍କା ଦିଗ୍‌ଦର୍ଶନ ଦେଇଥିଲେ। ପରେ କିଶୋର ବାଳିକା ବାଳକ ବର୍ଗରେ ମ୍ୟୁଜିକ ଚେୟାର ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ସ୍ୱୟଂ ସାଗର ପଣ୍ଡା ପ୍ରଥମ, ସଗୁନ ନାଏକ ଦ୍ୱିତୀୟ ଓ ସିନୁ କୁମାରୀ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସେହିପରି ନିଡିଲ ରେସ୍‌ରେ ଆଟ ଭେସ୍ରା ପ୍ରଥମ, ଇତିଶ୍ରୀ ଜେନା ଦ୍ୱିତୀୟ ଓ ଲିପ୍‌ସିତା ତୃତୀୟ ସ୍ଥାନ ଅଧିକାର କରିଥିଲେ। ବକ୍ତୃତା ପ୍ରତିଯୋଗିତାରେ ଲିପ୍‌ସିତା ସୁଇ ପ୍ରଥମ, ମୁସ୍କାନ ସିଂ ଦ୍ୱିତୀୟ ଓ ପାୟଲ ସାହୁ ୩ୟ ସ୍ଥାନ ଅର୍ଜନ କରି ପୁରସ୍କୃତ ହୋଇଥିଲେ। ମିଶନ ଶକ୍ତି ସହ ସଂଯୋଜିକା ତପସ୍ୱିନୀ ବେସନ ଧନ୍ୟବାଦ ଅର୍ପଣ କରିଥିଲେ।

## ଲାପ୍‌ଟପ୍, କ୍ୟାମେରା ଜବତ, ୨ ଗିରଫ

ରାଉରକେଲା ଅଫିସ,୧୧।୪

ବନ୍ଧମୁଣ୍ଡା ରେଲୱେ କ୍ୱାର୍ଟର୍ସରୁ ଚୋରି ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ରାୟବଗା ଅଞ୍ଚଳର ମନୋଜ କିଣ୍ଡୋ ଓ ଦେବାଙ୍ଗ କୁଲୁ। ଅଭିଯୁକ୍ତଙ୍କଠାରୁ ୪ଟି ସ୍ମାର୍ଟଫୋନ, ଏକ ଲାପ୍‌ଟପ ଓ ଏକ କ୍ୟାମେରା ଜବତ କରାଯାଇଛି। ଉଭୟଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ବନ୍ଧମୁଣ୍ଡା ରେଲୱେ କ୍ୱାର୍ଟର୍ସର ଜଣଙ୍କ ଘରୁ ଗତ ଦୁଇ ସପ୍ତାହ ତଳେ ଲାପ୍‌ଟପ୍, କ୍ୟାମେରା ଓ ମୋବାଇଲ ଚୋରି ହୋଇଥିଲା। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ କରୁଥିଲା।

## ଯୁବକଙ୍କୁ ଛୁରାମାଡ଼, ଅଭିଯୁକ୍ତ ଗିରଫ

ରାଉରକେଲା ଅଫିସ,୧୧।୪

ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ମଛଲି ମାର୍କେଟ ଅଞ୍ଚଳରେ ଜଣେ ଯୁବକଙ୍କୁ ଛୁରାମାଡ଼ ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଡେଲିମାର୍କେଟ ଅଞ୍ଚଳର ଅମନ କୁମାର ସୋନି(୧୯)। ଏ ନେଇ ପୋଲିସ ଏକ ମାମଲା (ନଂ.୧୨୭।୨୩) ରୁଜୁ କରି ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ, କାହ୍ନୁ ସିଂ ସୋମବାର ଡେଲିମାର୍କେଟ ସ୍ଥିତ ମଛଲି ମାର୍କେଟକୁ କୌଣସି କାମ ପାଇଁ ଯାଇଥିବାବେଳେ ଅମନ ତାଙ୍କୁ ଅଟକାଇ ଟଙ୍କା ମାଗିଥିଲେ। କାହ୍ନୁ ବାରଣ କରିବାରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଅମନ ରାଗିଯାଇ ଏକ ଛୁରାରେ କାହ୍ନୁଙ୍କୁ ଆକ୍ରମଣ କରିଥିଲେ।

## ବସ୍ତି ଉଚ୍ଛେଦ ବେଳେ ଆକ୍ରମଣ, ୨ ଗିରଫ

ରାଉରକେଲା ଅଫିସ,୧୧।୪

ଦୀର୍ଘଦିନ ଧରି ରେଲୱେ ଜାଗାରେ ଘର କରି ରହିଆସୁଥିବା ବସ୍ତିବାସୀଙ୍କୁ ଉଚ୍ଛେଦ କରିବା ସମୟରେ ଆର୍‌ପିଏଫ୍‌କୁ ଆକ୍ରମଣ ଅଭିଯୋଗରେ ବନ୍ଧମୁଣ୍ଡା ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ନେପାଳିବସ୍ତିର ମହେଶ୍ୱର ତନ୍ତୀ(୪୫) ଓ ଚାରୁ ଓରାମ(୫୨)। ମଙ୍ଗଳବାର ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି। ପୋଲିସ ସୂଚନା ଅନୁସାରେ, ବନ୍ଧମୁଣ୍ଡା ବି’ ସେକ୍ଟର ଅଞ୍ଚଳରେ ଥିବା ନେପାଳିବସ୍ତିର କିଛି ଲୋକ ଦୀର୍ଘ ୪୦ ବର୍ଷ ଧରି ରେଲୱେ ଜାଗାକୁ ଅକ୍ତିଆର କରି ରହିଆସୁଥିଲେ। ଗତ ୬ ମାସ ତଳେ ରେଲୱେ କର୍ତ୍ତୃପକ୍ଷ ୬ଷ୍ଠ ରେଳ ଧାରଣା କାର୍ଯ୍ୟର ସମ୍ପ୍ରସାରଣ ପାଇଁ ବସ୍ତିବାସୀଙ୍କୁ ଉଚ୍ଛେଦ ପାଇଁ ନୋଟିସ ଜାରିକରିଥିଲେ। ମାତ୍ର ବସ୍ତିବାସୀ ଉକ୍ତ ନୋଟିସକୁ ଅଣଦେଖା କରି ରାଉରକେଲା ମହାନଗର ନିଗମ କମିଶନରଙ୍କ ନିକଟରେ ବସ୍ତି ଉଚ୍ଛେଦ ପୂର୍ବରୁ ଥଇଥାନ କରିବା ପାଇଁ ଦାବି କରିଥିଲେ। ଆର୍‌ଏମ୍‌ସି ପକ୍ଷରୁ ବସ୍ତିବାସୀଙ୍କୁ ଥଇଥାନ କରିବା ପାଇଁ ସେଭଳି କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଅନ୍ୟପକ୍ଷେ ସୋମବାର ରେଲୱେ ୬ଷ୍ଠ ରେଳ ଲାଇନ କାମ ପୁଣି ଆରମ୍ଭ କରିଥିଲା। ବନ୍ଧମୁଣ୍ଡା ନେପାଳି ବସ୍ତିବାସୀ ଏହି କାମକୁ ବିରୋଧ କରିଥିଲେ। ଫଳରେ ରେଲୱେ କର୍ତ୍ତୃପକ୍ଷ ସେଠାରେ ଆରପିଏଫ ପୋଲିସ ମୁତୟନ କରିଥିଲେ। ମାତ୍ର ବସ୍ତିବାସୀ ଆର୍‌ପିଏଫ୍ ପୋଲିସକୁ ଆକ୍ରମଣ କରିବାରୁ ଏ ନେଇ ବନ୍ଧମୁଣ୍ଡା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା (ନଂ.୫୪।୨୩) ରୁଜୁ କରି ମହେଶ୍ୱର ଓ ଚାରୁଙ୍କୁ ଗିରଫ କରିଥିଲା।

**କେନ୍ଦ୍ରୀୟ ପଣ୍ୟାଗାର ନିଗମ**
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ଆଞ୍ଚଳିକ କାର୍ଯ୍ୟାଳୟ, ମୌର୍ଯ୍ୟ ଲୋକ କମ୍ପ୍ଲେକ୍ସ, ବ୍ଲକ୍-ଏ, ୨ୟ ମହଲା, ଡାକବଙ୍ଗଳା ରୋଡ୍, ପାଟନା-୮୦୦୦୦୧
ଫୋନ୍ ନଂ.- ୦୬୧୨-୨୨୨୫୯୪୯ ଇ-ମେଲ୍: rmpat@cewacor.nic.in
ନଂ.: ସିଡବ୍ଲ୍ୟୁସି/ଆର୍‌ଓ ପିଏଟି/ଇଏନ୍‌ଜିଜି/ପିଏନ୍/୨୦୨୩-୨୪
**ପ୍ରେସ୍ ବିଜ୍ଞପ୍ତି**
(ନଂ. ସିଡବ୍ଲ୍ୟୁସି/ଆର୍‌ଓ-ପିଏଟି/ଇଏନ୍‌ଜିଜି/୨୩-୨୪/୦୧)
ସିଡବ୍ଲ୍ୟୁସି ନିମ୍ନଲିଖିତ କାର୍ଯ୍ୟ ପାଇଁ ଠିକାଦାରମାନଙ୍କଠାରୁ ଅନ୍‌ଲାଇନ୍ ଟେଣ୍ଡର ଆହ୍ୱାନ କରୁଛି:

| କ୍ର. ସଂ. | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ (ଟ. ଲକ୍ଷରେ) | ଅନ୍‌ଲାଇନ୍ ଦାଖଲର ଶେଷ ତାରିଖ |
|---|---|---|---|
| ୧ | ସିଡବ୍ଲ୍ୟୁ, କୋକସରା (ଓଡ଼ିଶା)ଠାରେ ଗୋଦାମ, ସଡ଼କ, କ୍ଷତିଗ୍ରସ୍ତ ପ୍ଲଟ୍‌ଫର୍ମର ଉନ୍ନତୀକରଣ, ଭୁଶୁଡ଼ି ପଡ଼ିଥିବା ସୀମା ପ୍ରାଚୀର ସହିତ ନୂଆ ଅଫିସ ବ୍ଲକ୍ ନିର୍ମାଣ । | ୧୧୨.୧୨ | ୨୫।୦୪।୨୦୨୩ |

ସବିଶେଷ ଟେଣ୍ଡର ବିଜ୍ଞପ୍ତି ସମେତ ଠିକାର ସର୍ତ୍ତାବଳୀ ଏବଂ ଇ-ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି ସିଡବ୍ଲ୍ୟୁସିର ୱେବ୍‌ସାଇଟ୍ www.cewacor.nic.in କିମ୍ବା ଇ-ଟେଣ୍ଡର ୱେବ୍‌ସାଇଟ୍ www.cwceprocure.com କିମ୍ବା ସିପିପି ପୋର୍ଟାଲ http://eprocure.gov.in/epublish/appରେ ଦେଖାଯାଇପାରିବ ଓ ଡାଉନଲୋଡ୍ କରାଯାଇପାରିବ ।
ଏହି ଟେଣ୍ଡର ବାବଦରେ ପରବର୍ତ୍ତୀ ଶୁଦ୍ଧିପତ୍ର/ଯୋଗପତ୍ର, ଯଦି ଥାଏ, କେବଳ ଉପରଦର୍ଶିତ ୱେବ୍‌ସାଇଟ୍‌ରେ ପ୍ରକାଶିତ କରାଯିବ । ଏଥିପାଇଁ ଖବରକାଗଜରେ ପ୍ରେସ୍ ବିଜ୍ଞପ୍ତି ଜାରି କରାଯିବ ନାହିଁ । **ନିର୍ବାହୀ ଯନ୍ତ୍ରୀ**

**PARADIP PORT AUTHORITY**
**WORKSHOP DIVISION**
No.EM/WS/TECH-04/2022/554, Date.10.04.2023
Corrigendum-I to e-Tender Call Notice No.EM/WS-08/2023 for the work : “Grant of license for Supply, Installation, Commissioning, Operation & Maintenance of 03 nos. 100 Ton Capacity HMCs for a period of 05 years.”
The last date of bid submission and opening of the bid for the above e-Tender Call Notice are hereby extended as follows: 1. Last date and time of bid submission : 26.04.2023 up to 18:00 Hrs. 2. Opening of technical Bid : 28.04.2023 at 11: 00 Hrs.
All Other terms and conditions of the original tender will remain unchanged.
Executive Engineer (M)
Workshop Division-I, PPA.
PPA/PR/02/2023-24, Dt.11.4.23

**NATIONAL PROJECTS CONSTRUCTION CORPORATION LIMITED**
(A Govt. of India Enterprise)
SOUTH EASTERN ZONE, BHUBANESWAR
Plot No. HIG/166, Sailashree Vihar, Bhubaneswar-751021
Ph.: 0674-3510414, Email-ID: npccbbsr@gmail.com
**WALK-IN-INTERVIEW**
**Advt. No: SEZ/Contract Basis/1746** **Dated: 11.04.2023**
NPCC Ltd. a schedule “B” Premier Central Public Sector Enterprise, Miniratna, Category-1 Company invites applications for the post of Site Engineer (Civil) on Contract basis.
For details, please visit our Website : **www.npcc.gov.in**
**Zonal Manager**

## ଆର୍‌ଏସ୍‌ପି ଅଗ୍ନିଶମ କର୍ମଚାରୀଙ୍କୁ ନେଇ ପ୍ରତିଯୋଗିତା

ରାଉରକେଲା ଅଫିସ,୧୧।୪

ଆଗାମୀ ଅଗ୍ନିଶମ ସେବା ସପ୍ତାହ ପାଳନ ଉପଲକ୍ଷେ ଆର୍‌ଏସ୍‌ପି ଅଗ୍ନିଶମ ବାହିନୀ ପକ୍ଷରୁ ବିଭିନ୍ନ ଟ୍ରାକ୍ ଇଭେଣ୍ଟ, ଡ୍ରିଲ ଏବଂ ଡ୍ରାଇଭିଂ କୌଶଳ ପରୀକ୍ଷା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଟ୍ରାକ୍ ଇଭେଣ୍ଟରେ ୧୦୦ ମିଟର ଓ ୨୦୦ ମିଟର ଦୌଡ ପ୍ରତିଯୋଗିତା ହୋଇଥିଲା। ୪୦ବର୍ଷ ବୟସରୁ କମ ବୟସ ବର୍ଗରେ ୩୩ଜଣ ଅଗ୍ନିଶମ କର୍ମଚାରୀ ଅଂଶଗ୍ରହଣ କରିଥିଲେ ଏବଂ ୪୦ବର୍ଷରୁ ଊର୍ଦ୍ଧ୍ୱ ବୟସ ବର୍ଗରେ ୧୦ଜଣ ଅଂଶଗ୍ରହଣ କରିଥିଲେ। ଅଗ୍ନି ନିରାପତ୍ତା ନିୟମ, ସଡ଼କ ସୁରକ୍ଷା ନୀତି, ଗାଡିଚାଳନା ନିୟମ ଆଦି ବିଷୟବସ୍ତୁ ଗୁଡିକୁ ଆଧାର କରି ପୁରୁଷବର୍ଗ ଅଗ୍ନିଶମ ବାହିନୀ ଲିଖିତ ଓ ମୌଖିକ ପରୀକ୍ଷାରେ ସାମିଲ ହୋଇଥିଲେ। ପ୍ରତିଯୋଗିତାକୁ ଏଫ୍‌ଏମ୍‌ଏମ୍ ବିଭାଗର ଏଜିଏମ୍ ସୁନୀଲ କୁମାର ଏବଂ ମାଷ୍ଟର ଟେକ୍ନିସିଆନ ଓ ଯାନବାହନ ରକ୍ଷଣାବେକ୍ଷଣ ଇନଚାର୍ଜ ରିତ ମହାନ୍ତି ପରିଚାଳନା କରିଥିଲେ। ମିଡ୍‌ଲି ଡ୍ରିଲ ପ୍ରତିଯୋଗିତାରେ ସିଣ୍ଟର, ଆଧୁନିକୀକରଣ, ସିସିଡି, ରୋଲିଂ ମିଲ୍ସ ଫାୟାର ଷ୍ଟେଶନ ଓ ପ୍ରତିଷେଧକ ବିଭାଗୀୟ ଦଳ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ଦଳରେ ୭ ସଦସ୍ୟ ରହିଥିଲେ।



ଆର୍‌ଏସ୍‌ପି ଅଗ୍ନିଶମ ବାହିନୀ କୌଶଳ ପ୍ରଦର୍ଶନ କରୁଛନ୍ତି।

**DIRECTORATE OF AGRICULTURE & FOOD PRODUCTION, ODISHA**
No. L-07
**REQUEST FOR PROPOSAL**
**ENGAGEMENT OF PROFESSIONAL AGENCY FOR PROJECT MANAGEMENT UNIT UNDER CROP DIVERSIFICATION PROGRAMME IN MEGA LIFT IRRIGATION PROJECTS**
**RFP No. 13215 Dated 11/04/2023:** The Director of Agriculture & Food Production, Odisha, Bhubaneswar of Department of Agriculture & Farmers Empowerment, Odisha invites sealed RFP proposal from eligible bidders for **Engagement of Professional Agency for Project Management Unit under Crop Diversification Programme in Mega Lift Irrigation Projects.**
The detailed RFP document can download from the website; **agrisnetodisha.ori.nic.in / agriodisha.nic.in.**
The proposal complete in all respect must reach the undersigned by **Speed Post/Registered Post to The Director of Agriculture & Food Production, Krushi Bhawan, Gopabandhu Marg Bhubaneswar, Odisha PIN-751001 latest by 09/05/2023 up to 4:30 PM.**
The proposals received beyond the scheduled last date & time will be rejected out rightly. The Director of Agriculture & Food Production, Odisha, Bhubaneswar reserves the right to reject any/all proposals without assigning any reason thereof.
Sd./-
Director of Agriculture & Food Production, Odisha
OIPR-01102/11/0002/2324

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ.03/ET/SBP/ENGG/2023-24, ତା.04.04.2023ରିଖ
(1)ଇ-ଟେଣ୍ଡର ସଂ.03-eT-SDENE-SBP-23
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ସମ୍ବଲପୁର ସିଟି, ଝାରସୁଗୁଡ଼ା ରୋଡ଼, ରେଢ଼ାଖୋଲ, ବରଗଡ଼ ରୋଡ଼, ବଲାଙ୍ଗୀର, ବରପାଲି ଏବଂ ହୀରାକୁଦ ଷ୍ଟେସନଗୁଡ଼ିକ ଠାରେ ସେଡ୍ ସହିତ ପ୍ଲାଟଫର୍ମ ସେଲ୍ଟର ଏବଂ ପାଥୱେର ବ୍ୟବସ୍ଥା ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 34,25,70,167.10, ବିଡ୍ ସିକ୍ୟୁରିଟି (ଟଙ୍କାରେ): 18,62,900/- ।
(2)ଇ-ଟେଣ୍ଡର ସଂ.04-eT-SDENE-SBP-23
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ ରେଢ଼ାଖୋଲ ଷ୍ଟେସନ ଠାରେ ବର୍ତ୍ତମାନର ଫୁଟ୍ ଓଭର ବ୍ରିଜ୍ (FOB)ର ସମ୍ପ୍ରସାରଣ ଏବଂ ରେଢ଼ାଖୋଲ, ସମ୍ବଲପୁର ସିଟି, ଝାରସୁଗୁଡ଼ା ରୋଡ଼, ହୀରାକୁଦ, ବରଗଡ଼ ରୋଡ଼ ଏବଂ ବରପାଲି ଷ୍ଟେସନଗୁଡ଼ିକ ଠାରେ ର୍‍ୟାମ୍ ସହିତ 12m ପ୍ରସ୍ଥ ବିଶିଷ୍ଟ ଫୁଟ୍ ଓଭର ବ୍ରିଜ୍ (FOB)ର ବ୍ୟବସ୍ଥା ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 27,41,38,833.74, ବିଡ୍ ସିକ୍ୟୁରିଟି (ଟଙ୍କାରେ): 15,20,700/- ।
କାର୍ଯ୍ୟ ଶେଷ ହେବା ଅବଧି : 06 ମାସ (ଉଭୟ ଟେଣ୍ଡର ନିମନ୍ତେ) ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.26.04.2023 ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ) ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ), ସମ୍ବଲପୁର
PR-39/O/23-24

**OFFICE OF THE DISTRICT MAGISTRATE & COLLECTOR, SAMBALPUR**
(Social Security Section)
No.701/SS (RCDR) TUE Dtd. 11.04.2023
**Tender Call Notice**
Sealed tenders in plain paper are hereby invited separately from the intending CGST/SGST registered Firms / Suppliers/ Companies / Manufacturers etc. for supply of e-Rickshaw for the purpose of self employment of Persons with Disabilities. The detailed specification for supply of e-Rickshaw is enclosed in Annexure-A.
The tender papers containing detailed terms and conditions, EMD and others statutory requirements etc. can be downloaded from the District Website: www.sambalpur.nic.in. The tender fee of Rs.15,000/- (Rupees fifteen thousand) only which is non refundable shall be submitted along with the tender papers. The tender papers complete in all respect along with other required documents should reach in sealed cover to the DSSO, Sambalpur on or before 1.00 P.M. of Dt.26.04.2023 by Registered / Speed Post only. The tender shall be opened on 27.04.2023 at 12.00 N. by the Collector, Sambalpur / The officer authorized by Collector in presence of the members of District Purchase Committee and the tenderers or their authorized representatives. The tender received beyond the scheduled date & time and incomplete tenders shall not be taken into consideration.
The undersigned reserves the right to reject or cancel any or all the tenders without assigning any reasons thereof.
**Sd./- Collector, Sambalpur**

**JHRKHAND STATE BEVERAGES CORPORATION LTD. RANCHI**
**(A GOVT. OF JHARKHAND UNDERTAKING)**
Corporate Identification No :-U51228JH2010SGC014519, TIN No – 20520108277
E-mail :- jsbcl.jharkhand@gmail.comUtpad Bhawan, Ground Floor, Near New Police Station, Kanke Road, Ranchi - 834008
E-Tender Notice No :- JSBCL/08 Date- 10-04-2023
**VERY SHORT NOTICE INVITING E-TENDER**
**E-TENDER FOR EMPANELMENT OF PLACEMENT AGENCY**
E- Tenders are invited for empanelment of placement agency for supply of manpower for retail vending shops of JSBCL in the designated three (03) zones within the state of Jharkhand through e-tender process. Detailed tender document is available at https://jharkhandtenders.gov.in & http://jsbcl.in Interested companies/firms/parties may visit the website for more details.

**Important dates**

| S.N. | Particulars | Date | Time |
|---|---|---|---|
| 1 | Date of Uploading of tender document on website. | 10/04/2023 | |
| 2 | Starting Date for submission of E-Tender | 11/04/2023 | |
| 3 | Last date/closing date for submission of E-Tender | 17/04/2023 | 04:00 P.M. |
| 4 | Last date for submission of document (Hard copy) in the JSBCL office. | 17/04/2023 | 06:00 P.M. |
| 5 | Online opening of Technical Bid. | 18/04/2023 | 11:00 A.M. |

Note :- 1) For details of tender terms & conditions please visit website https://jharkhandtenders.gov.in & http://jsbcl.in from the dates mentioned above.
2) Bidders has to submit their bids online through https://jharkhandtenders.gov.in and physical copy of the same is to be submitted in JSBCL (HQ) at Ranchi.
Sd/-
Managing Director,
Jharkhand State Beverages Corporation Ltd.
Jharkhand, Ranchi
PR 294784 (Excise) 23-24 (D)

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୨ ଏପ୍ରିଲ, ୨୦୨୩



## ସଂକ୍ଷେପରେ

### ନୂଆପଡ଼ା ଜିଲାରେ ଭ୍ରାମ୍ୟମାଣ ପାଠାଗାର

**ଖଡ଼ିଆଳ,୧୧।୪(ଡି.ଏନ.ଏ.):** ଛାତ୍ରୀଛାତ୍ରମାନଙ୍କ ମଧରେ ପଠନ ପ୍ରବୃତ୍ତି ବୃଦ୍ଧି ସକାଶେ ଦୀର୍ଘ ଦୁଇବର୍ଷ ଧରି ବିଦ୍ୟାଶ୍ରୀ ଭ୍ରାମ୍ୟମାଣ ପାଠାଗାର ବିଭିନ୍ନ ଜିଲାର ବିଦ୍ୟାଳୟରେ କାର୍ଯ୍ୟକ୍ରମ କରି ଆସୁଛି। ବଲାଙ୍ଗୀର ଜିଲାର ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ବୃନ୍ଦାବନ କୁମ୍ଭାରଙ୍କ ପ୍ରଚେଷ୍ଟାରେ ଭ୍ରାମ୍ୟମାଣ ପାଠାଗାର କଳାହାଣ୍ଡି ଜିଲାରେ କାର୍ଯ୍ୟକ୍ରମ ସାରିବା ପରେ ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଲଛିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପହଞ୍ଚିଥିଲା। ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତଥା ଶିକ୍ଷକ ସସ୍ମିତା ମହାନ୍ତି, ଗଙ୍ଗାଧର ମହାଉତି, ଧୀରେନ୍ଦ୍ର ପଣ୍ଡା, କବିତା ମାଝି ଉପସ୍ଥିତ ଥିଲେ। ପାଠାଗାରର ପ୍ରତିଷ୍ଠାତା କୁମ୍ଭାର ଓ ଅନ୍ୟ ଅତିଥିମାନେ ପୁସ୍ତକ ହେଉଛି ଜ୍ଞାନର ଭଣ୍ଡାର ଓ ପ୍ରକୃତ ବନ୍ଧୁ ବୋଲି ଛାତ୍ରୀଛାତ୍ରମାନଙ୍କୁ କହିଥିଲେ। ପୁସ୍ତକ ପଠନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ପତ୍ରିକା ପଠନ ପାଇଁ ଛାତ୍ରୀଛାତ୍ରମାନଙ୍କୁ ଦିଆଯାଇଥିଲା। ପରେ ସେମାନଙ୍କୁ କିଛି ପ୍ରଶ୍ନ ପଚରାଯାଇଥିଲା। କୃତୀ ଛାତ୍ର ତିରୁପତି ଘିଭେଲା, ପ୍ରଭାତୀ ଜଗତ, ସଞ୍ଜନା ଛତ୍ରିଆଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା।

### ମଦଭାଟି ବନ୍ଦ ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ ଏସ୍ଏଚ୍‌ଜି

**ଭବାନୀପାଟଣା,୧୧।୪(ଡି.ଏନ.ଏ.)** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକର ଦୁର୍ଗମ ଅଞ୍ଚଳ କର୍ଲାପାଟ ପଞ୍ଚାୟତ ପୁରୁଣାଗୁମ୍ମା ଗାଁରେ କିଛି ଲୋକ ଏକ ଦେଶୀ ମଦଭାଟି ତିଆରି କରିଥିବା ସହ ମଦ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ଏହି ପଞ୍ଚାୟତରେ ପ୍ରାୟ ଗରିବ ଶ୍ରେଣୀର ଲୋକେ ରହୁଥିବା ବେଳେ ପ୍ରାୟ ସମସ୍ତେ ଦିନ ମଜୁରିଆ ଭାବରେ ନିଜ ଗୁଜୁରାଣ ମେଣ୍ଟାଇ ଥାଆନ୍ତି । କିନ୍ତୁ ଏହି ମଦ ଭାଟି ହେବା ପରେ ଗାଁର ପୁରୁଷମାନେ ପ୍ରତିଦିନ ମଦ ପିଇବା ସହ ରାସ୍ତାରେ ଯାଉଥିବା ଲୋକଙ୍କୁ ଦୁର୍ବ୍ୟବହାର କରିବା ସହ ଘରକୁ ଆସି ମହିଳାମାନଙ୍କ ଉପରେ ଅତ୍ୟାଚାର କରିବା ଭଳି ଅଭିଯୋଗ ଆସିଛି। ଏହାକୁ ନେଇ ମଙ୍ଗଳବାର ଗାଁର ୪ଟି ଏସଏଚଜି ଗ୍ରୁପ ମହିଳା ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଏହି ମଦ ଭାଟିକୁ ବନ୍ଦ କରିବା ପାଇ ଜିଲାପାଳଙ୍କୁ ଏକ ଲିଖିତ ଅଭିଯୋଗ ଦେଇଛନ୍ତି।

### ବେକାର ଯୁବତୀଙ୍କୁ ସୁଦକ୍ଷା ଯୋଜନାରେ ସ୍ୱାବଲମ୍ବୀ କରିବ ଆଇଟିଆଇ

**ନୂଆପଡ଼ା ଅଫିସ,୧୧।୪:** ନୂଆପଡା ଏକ ଦାଦନ ପ୍ରବଣ ଜିଲା ହୋଇଥିବାରୁ ଦାଦନ ଶ୍ରମିକ ଭାବେ ଯାଇ ଉଦ୍ଧାର ହୋଇଥିବା କୋମନା ବ୍ଲକର ୫ଟି ପଞ୍ଚାୟତର ଯୁବତୀମାନେ ଖରିଆର ରୋଡସ୍ଥିତ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ପରିଭ୍ରମଣ କରିବା ସହ ବିଭିନ୍ନ ଟ୍ରେଡ ବୁଲିଛନ୍ତି। କୋମନା ବ୍ଲକର କୋନାବିରା, ପେଣ୍ଡରାବନ, କୋମନା, ଦର୍ଲିପଡା ଓ ଛତା ପଞ୍ଚାୟତର ମୋଟ ୧୩୨ଜଣ ଯୁବତୀ ଯୋଗଦେଇଥିଲେ। ଏହି ଯୁବତୀମାନଙ୍କୁ ସୁଦକ୍ଷା ଯୋଜନାରେ ସ୍ୱାବଲମ୍ବୀ କରିବା ପାଇଁ ଖରିଆର ରୋଡ ଆଇଟିଆଇ ଅଧ୍ୟକ୍ଷ ହେମନ୍ତ ରଣା କହିଛନ୍ତି। ଏଠିକାର ଯୁବତୀମାନେ କୌଣସି କାମଧନ୍ଦା ନ ପାଇଁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ବିଭିନ୍ନ ସମୟରେ ନିର୍ଯାତନାର ଶିକାର ହେଉଛନ୍ତି। ସୁଦକ୍ଷା ଯୋଜନାରେ ବେକାର ଯୁବତୀମାନଙ୍କୁ ସାମିଲ କରି ବିଭିନ୍ନ ତାଲିମ ଦେଇ ସ୍ୱାବଲମ୍ବୀ କରାଯିବ। ଏମାନେ ପରେ ନିଜର ପରିଶ୍ରମ ବଳରେ ଦୁଇ ପଇସା ରୋଜଗାର କରି ପାରିବେ। ଯୁବତୀମାନଙ୍କ ସହ ଅଙ୍ଗନୱାଡି କର୍ମୀମାନେ ଉପସ୍ଥିତ ଥିଲେ।

### ଆଇପିଏଲ ବ୍ୟାଟିଂ ବନ୍ଦ ପାଇଁ ଏସ୍‌ପିଙ୍କୁ ଅଭିଯୋଗ କଲେ ନଗରପାଳ

**ଭବାନୀପାଟଣା,୧୧।୪(ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୁନାଗଡ ସହରରେ ଆଇପିଏଲ ବ୍ୟାଟିଂ ଏବେ ଜୋରଦାର ଚାଲିଥିବା ଅଭିଯୋଗ ହୋଇଛି। ଫଳରେ ଅନେକ ଯୁବପିଢୀ, ନିରୀହ, ଗରିବ ଲୋକ ଏଥିରେ ପଥଭ୍ରଷ୍ଟ ହୋଇ ନିଜର ସର୍ବସ୍ୱ ଟଙ୍କା ହରାଉଛନ୍ତି। ଏହି ଆଇପିଏଲ ବ୍ୟାଟିଂ ରାୟପୁର ସହିତ ମଧ ଲିଙ୍କ ଥିବା ଅଭିଯୋଗ ହୋଇଛି। ସହରର କିଛି ଅସାମାଜିକ ବ୍ୟକ୍ତି ମାରୱାଡିପଡା, ଗନ୍ତାୟତ ପଡା ଆଦିରେ ଏହି କାରବାର ଚଳାଇଛନ୍ତି। ଏହାକୁ ବନ୍ଦ କରିବା ସହ ଏଥିରେ ସାମିଲ ଥିବା ଅସାମାଜିକ ବ୍ୟକ୍ତିଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ମଙ୍ଗଳବାର ଜୁନାଗଡ ନଗରପାଳ ମୁକେଶ ଅଗ୍ରୱାଲ ଭବାନୀପାଟଣାରେ ଏସ୍‌ପି ଅଭିଲାଷ ଜିଙ୍କୁ ସାକ୍ଷାତ କରି ଲିଖିତ ଭାବେ ଜଣାଇଛନ୍ତି। ଏସ୍‌ପି ମଧ ଏହି କଥାକୁ ଗୁରୁତ୍ୱ ଦେଇ ଶୀଘ୍ର ଏହା ଉପରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ୮ ବର୍ଷରୁ ଊର୍ଦ୍ଧ୍ୱ ପରେ ବି ଡିପିଏମ୍‌ଙ୍କ ବଦଳି ହୋଇନି

**ଭବାନୀପାଟଣା,୧୧।୪(ସ୍ୱ.ପ୍ର.)**

ଜନକେନ୍ଦ୍ରିକ ଶାସନ ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ରାଜ୍ୟ ସରକାର ୫-ଟି ଅନ୍ତର୍ଗତ ମୋ ସରକାର ଭଳି ଏକ ଅଭିନବ ଓ ଗୁରୁତ୍ୱପୂର୍ଣ୍ଣ ଉଦ୍ୟମ ଆରମ୍ଭ କରିଛନ୍ତି। ସେହିପରି ସରକାରୀ କାର୍ଯ୍ୟାଳୟକୁ ବିଭିନ୍ନ ସେବା ପାଇଁ ଆସୁଥିବା ଜନସାଧାରଣଙ୍କୁ ମିଳୁଥିବା ସେବା ଆଚରଣ ଓ ପ୍ରତ୍ୟକ୍ଷ ମତାମତ ସଂଗ୍ରହ କରାଯାଇ ଅଧିକାରୀଙ୍କ ଆଚରଣ ଓ ବୃତ୍ତିଗତ ଦକ୍ଷତାରେ ପରିବର୍ତ୍ତନ ଆଣିବା ମୋ ସରକାରର ଲକ୍ଷ୍ୟ ରହିଛି। ହେଲେ ଏହି ଶାସନ ବ୍ୟବସ୍ଥାରେ ଏବେ ବି ରାଜ୍ୟର ବିଭିନ୍ନ ସ୍ଥାନରେ ଅଧିକାରୀମାନେ ଦୀର୍ଘ ବର୍ଷ ଧରି ଗୋଟିଏ ସ୍ଥାନରେ ପତିଆରା ଜମାଇ ରହିବା ଏହାର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲାରେ ଏବେ ମଧ ବିଭିନ୍ନ ଅଫିସରେ ଦୀର୍ଘ ବର୍ଷ ଧରି କିଛି ଅଧିକାରୀ, ପରିଚାଳକ ବଦଳି ନ ହୋଇ ନିଜ ପତିଆରା ବଢେଇ ଛାଲିଛନ୍ତି। ଏପରି ଏକ ଉଦାହରଣ ଭାବେ ନିଆଯାଇ ପାରେ କଳାହାଣ୍ଡି ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ଥିବା ଜିଲା କାର୍ଯ୍ୟକ୍ରମ ପରିଚାଳନା ଶାଖା। ଏଠାରେ କାର୍ଯ୍ୟରତ ଜିଲା କାର୍ଯ୍ୟକ୍ରମ



ଜିଲା କାର୍ଯ୍ୟକ୍ରମ ପରିଚାଳନା ଶାଖା।

ପରିଚାଳକ (ଡିପିଏମ) ୮ ବର୍ଷରୁ ଊର୍ଦ୍ଧ୍ୱ ହେବ ବଦଳି ନ ହୋଇନାହାନ୍ତି। ୨୦୧୫ରେ କଳାହାଣ୍ଡିରେ ଯୋଗଦେବା ପରଠୁ ତାଙ୍କର ବଦଳି ହୋଇନାହିଁ। ରାଜ୍ୟର ପ୍ରାୟ ଜିଲାରେ ଡିପିଏମମାନଙ୍କ ବଦଳି ହୋଇଥିବାବେଳେ କଳାହାଣ୍ଡିରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଗତ କୋଭିଡ୍ ସମୟରେ ଡିପିଏମଙ୍କ ବଦଳି ହେବାର ଥିଲା। କିନ୍ତୁ କାହାର ଆଶିର୍ବାଦ ଯୋଗୁ ତାଙ୍କ ବଦଳି ହୋଇପାରି ନ ଥିଲା। ଜିଲା ସ୍ୱାସ୍ଥ୍ୟ ବିଭାଗ ତାଙ୍କ ଇଙ୍ଗିତରେ ପରିଚାଳନା ହେଉଥିବା ଅଭିଯୋଗ ହେଉଥିବାବେଳେ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଯୋଜନା ଓ ନିଯୁକ୍ତି କ୍ଷେତ୍ରରେ ମଧ ତାଙ୍କ ହାତ ରହୁଥିବା ଅଭିଯୋଗ ହୋଇଛି। ଏହାର ଭିଜିଲାନ୍ସ ତଦନ୍ତ କରାଗଲେ ସତ୍ୟତା ସାମାନାକୁ ଆସିବ ବୋଲି ସାଧାରଣରେ ଆଲୋଚନା ହେଉଛି। ନିୟମୁନାଯାୟୀ ୬ ବର୍ଷ ପରେ ଡିପିଏମଙ୍କ ବଦଳି ହେବା କଥା କିନ୍ତୁ ରାଜନୈତିକ ଓ ଉଚ୍ଚ ଅଧିକାରୀଙ୍କ ଛତ୍ର ଛାୟାରେ ରହିଥିବା ଯୋଗୁ ତାଙ୍କୁ ବଦଳି ହେଉ ନ ଥିବା ଶୁଣିବାକୁ ମିଳୁଛି। ଏ ସମ୍ପର୍କରେ ଡିପିଏମ ଅବନୀ ରଞ୍ଜନ ମହାପାତ୍ରଙ୍କୁ ପଚାରିବାରୁ ମୁଁ ବଦଳି ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଜଣାଉଛି, ହେଲେ ବଦଳି ହେଉନାହିଁ ବୋଲି କହିଥିଲେ। ଯାହାକି ଶୁଣିଲେ ବେଶ ଆଶ୍ଚର୍ଯ୍ୟ ଲାଗେ। ଏଥିପ୍ରତି ରାଜ୍ୟ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଲିନି ପଣ୍ଡିତ ଦୃଷ୍ଟି ଦେବାକୁ ଦାବି ହୋଇଛି।

**କଳାହାଣ୍ଡି ଜିଲା**

■ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଲେ ମଧ ହେଉନି ବଦଳି: ଡିପିଏମ୍


ଡିପିଏମ ଅବନୀ ରଞ୍ଜନ ମହାପାତ୍ର

# ଖଡ଼ିଆଳ ସ୍ୱୟଂଶାସିତ କଲେଜରେ ଜି ୨୦ ବକ୍ତୃତା ମାଳା

**ଖଡ଼ିଆଳ,୧୧।୪(ଡି.ଏନ.ଏ.)**

ନୂଆପଡା ଜିଲା ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟଠାରେ ଜି ୨୦ ବିଶ୍ୱ ବିଦ୍ୟାଳୟ ବକ୍ତୃତା ମାଳା ଅଧକ୍ଷ ଡ଼ା ତରୁଣ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରିସ ନୂଆଦିଲ୍ଲୀ ଡାରେକ୍ଟର ଜେନେରାଲ ପ୍ରଫେସର ସଚିତ ଚର୍ତୁବେଦୀ ଯୋଗଦେଇଥିବା ବେଳେ ବିଶିଷ୍ଟ ଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, ମୁଖ୍ୟବକ୍ତା ଭାବେ ରିସ ନୂଆଦିଲ୍ଲୀ ସହଯୋଗୀ ପ୍ରଫେସର ପ୍ରିୟଦର୍ଶୀ ଦାସ, ସମ୍ମାନିତ ଅତିଥି ନୂଆପଡା ପିଡି ଡିଆରଡିଏ ମଧୁଛନ୍ଦା ସାହୁ, ପରିଚାଳନା କମିଟି ସଭାପତି ବିଶ୍ୱଜିତ ପାଢ଼ୀ, ସଂଯୋଜକ ଭାବେ ଡ଼ା ଜ୍ୟୋତିରାଜ ପାତ୍ର ପାଣିପାଗ ବିଶେଷଜ୍ଞ ଇଉ ଏନଡିପି ନୂଆଦିଲ୍ଲୀ ଯୋଗଦାନ କରିଥିଲେ। ମୁଖ୍ୟଅତିଥି ଜି ୨୦ରେ ଭାରତର ସଭାପତିତ୍ୱର ବିଶେଷତ୍ୱ, ତାର ମୁଖ୍ୟ ଆଧାର, ଲକ୍ଷ୍ୟ ଓ ତାର ଭୂମିକା ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଜି ୨୦ ଯୁବକଙ୍କ ଭୂମିକା ଓ ଭାରତର ଲକ୍ଷ ବସୁଦେଇବ କୁଟୁମ୍ବକମ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧାପିକା ନିବେଦିତା ଆଚାର୍ଯ୍ୟ ଅତିଥିମାନଙ୍କୁ ଆମନ୍ତ୍ରଣ କରିଥିବା ବେଳେ ଅତିଥିମାନେ ତୁଳସୀ ବୃକ୍ଷରେ ଜଳ ପ୍ରଦାନ ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପରେ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ଅଧାପକ, ଅଧାପିକାଙ୍କ ସମେତ କର୍ମଚାରୀ ଓ ପିଜି ଇଉଜି ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। କଲେଜ ପରିଚାଳନା ସଭାପତି ବିଶ୍ୱଜିତ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

# ମା' ଠାକୁରାଣୀଙ୍କ ଚୈତ୍ର ମଣ୍ଡେଇ ଯାତ୍ରା


ଦେବଦେବୀଙ୍କ ଲାଠି ଶୋଭାଯାତ୍ରା।

**କୋକସରା,୧୧।୪(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତର ବଣ ପାହାଡ଼ ଘେରା ଖଲିଗଡ଼ ଗ୍ରାମରେ ମଙ୍ଗଳବାର ମା' ଠାକୁରାଣୀଙ୍କ ଚୈତ୍ର ମଣ୍ଡେଇ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଚୈତ୍ର ମଣ୍ଡେଇ ଯାତ୍ରାରେ ଖଲିଗଡ଼ ଗ୍ରାମ ମା' ଠାକୁରାଣୀଙ୍କ ସହ ପାର୍ଶ୍ୱ ଦେବଦେବୀଙ୍କୁ ମଧ ପୂଜାର୍ଚ୍ଚନା କରାଯାଏ। ଖଲିଗଡ଼ ଗ୍ରାମ ହେଉଛି ସାହାଜଖୋଲ ଜଙ୍ଗଲର ପାଦଦେଶରେ ଥିବା ବଣ ଜଙ୍ଗଲ ଘେରା ଗାଁ। ଦେବଦେବୀଙ୍କ ଉପରେ ଏହି ଅଞ୍ଚଳରେ ରହୁଥିବା ଅଧିବାସୀଙ୍କ ବିଶ୍ୱାସ ରହିଛି। ଚୈତ୍ର ମାସରେ ମା' ଠାକୁରାଣୀ ସବୁଠାରେ ଘଟ ରୂପରେ ଦର୍ଶନ ଦେଉଥିବା ବେଳେ ଆଦିବାସୀ ବନବାସୀ ଲାଠିଯାତ୍ରା କରି ଦେବୀଙ୍କ ପର୍ବପାଳନ କରିବା ଦେଖିବାକୁ ମିଳେ। ଚୈତ୍ର ମଣ୍ଡେଇ ଯାତ୍ରା ପାଇଁ ଦିନକ ପୂର୍ବରୁ ଗ୍ରାମର ପୂଝାରୀ, ଦିଶାରୀଙ୍କ ପରାମର୍ଶ ଅନୁସାରେ ଗ୍ରାମବାସୀ ସମସ୍ତ ପ୍ରକାର ପ୍ରସ୍ତୁତି କରନ୍ତି। ମା' ଠାକୁରାଣୀଙ୍କ ମଣ୍ଡେଇ ଯାତ୍ରା ଦିନ ସକାଳୁ ଗ୍ରାମର ପୂଝାରୀ ମାନସିଂ ପୂଝାରୀ ମାଟି ଦେବତାଙ୍କ ଆବାହନ କରିବା ପରେ ଖଲିଗଡ଼ ଗାଁକୁ ଲାଗି ରହିଥିବା ବିଭିନ୍ନ ପାଳି ଗାଁରୁ ମା' ଭଣ୍ଡାର ଘରଣୀ, ମା' ମାଉଲୀ, ମା' ଘାଟି ମୁଣ୍ଡିଆଣୀ, ବୁଢାରଜା, ଭୀମା ଦେବଦେବୀଙ୍କ ଲାଠି ଆସି ଏକତ୍ରିତ ହୋଇଥିଲେ। ପରେ ଦେବଦେବୀ ଲାଠିଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ଖଲିଗଡ଼ ଗୌନ୍ତିଆ ଗର୍ବ ମାଝି, ଗଣ୍ଡା ଡ଼ମ୍ବୁ ମହାନନ୍ଦ, ଗ୍ରାମ ଶିରା ନବେ ମାଝି, ଜୟଧର ଚଲାନ, ନରସିଂ ଚଲାନ, ବିରେନ ମାଝି, ବନୁ ମାଝି, ପଦ୍ମନ ଚଲାନ, ମଦନ ଚଲାନ, ରାମଦାସ କନ୍ଧ, ତ୍ରିନାଥ ପୂଝାରଙ୍କ ସହ ଖଲିଗଡ଼ ଗ୍ରାମବାସୀ ମା' ଠାକୁରାଣୀଙ୍କ ଚୈତ୍ର ମଣ୍ଡେଇ ଯାତ୍ରା କାର୍ଯ୍ୟ ତୁଲାଇଥିଲେ।

**ଦେବଦେବୀଙ୍କ ଲାଠିଯାତ୍ରା ମୁଖ୍ୟ ଆକର୍ଷଣ**

### ସମାଜ ସଂସ୍କାରକ ମହାତ୍ମା ଜ୍ୟୋତିକ ଜୟନ୍ତୀ ପାଳିତ

**ଖଡ଼ିଆଳ,୧୧।୪(ଡି.ଏନ.ଏ.)**

ନୂଆପଡା ଜିଲା ଖଡ଼ିଆଳ ଶ୍ରୀଜି ମଣ୍ଡପଠାରେ ଜିଲା ଭାଜପା ଓବିସି ମୋର୍ଚ୍ଚା ସଭାପତି ଅଜିତ କିଶୋର ଚଲାନଙ୍କ ସଭାପତିତ୍ୱରେ ସମାଜ ସଂସ୍କାରକ ମହାତ୍ମା ଜୌତିବା ଫୁଲେଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଭାଜପା ଦ୍ୱାରା ସାମାଜିକ ନ୍ୟାୟ ସପ୍ତାହ ଗତ ୬ ତାରିଖରୁ ଭାଜପା ପ୍ରତିଷ୍ଠା ଦିବସଠାରୁ ୧୪ ଯାଏ ବାବା ସାହେବ ଭୀମ ରାଓ ଆମ୍ବେଡକରଙ୍କ ଜୟନ୍ତୀ ପାଳନ ଅବସରରେ ସମାଜ ସଂସ୍କାରକ ମହାତ୍ମା ଜୌତିବା ଫୁଲେଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଥମେ ତାଙ୍କ ପ୍ରତିମା ଓ ଫୋଟୋ ଚିତ୍ରରେ ମାଲ୍ୟାର୍ପଣ ଓ ପୁଷ୍ପାଞ୍ଜଳି ଅର୍ପଣ କରିବା ସହ ତାଙ୍କ ବିଚାର ଓ ସମାଜ ସୁଧାର ଦିଗରେ ହୋଇଥିବା ପ୍ରୟାସ ସମ୍ବନ୍ଧରେ ଆଲୋଚନା କରିଥିଲେ। ଏଥିରେ ଜିଲା ଭାଜପା ସଭାପତି ସୁବ୍ରତ କୁମାର ଠାକୁର, ପୂର୍ବତନ ବିଧାୟକ ହିତେଶ କୁମାର ବଗର୍ତ୍ତି, ମୁଖ୍ୟବକ୍ତା ଭାବେ ବରିଷ୍ଠ ନେତା ପୃଥୀରାଜ ମହାନ୍ତି ଓ ଜିଲା ସାଧାରଣ ସମ୍ପାଦକ ତଥା ରାଜ୍ୟ କୃଷକ ମୋର୍ଚ୍ଚା କାର୍ଯ୍ୟ କାରିଣୀ ସଦସ୍ୟ ଦେବ ଦେବ ପ୍ରସାଦ ସିଂଦେଓ ମଞ୍ଚାସୀନ ହୋଇଥିବା ବେଳେ ବରିଷ୍ଠ ନେତା କ୍ଷୀର ପ୍ରସାଦ ରାଉତରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ମଣ୍ଡଳ ସଭାପତି ପ୍ରତାପ ଚନ୍ଦ୍ର ମେହେର, ମାର୍କଣ୍ଡ ଗହୀର, ରୁଦ୍ର ପଟେଲ, ଜନକ ରାମ ନାଏକ, ଗୋପ ବନ୍ଧୁ ବନ୍ଦୀଛୋର, ପ୍ରଶାନ୍ତ ଦାସ, ମୋହନ ଭୋଇ, ସୁକ୍ରୁ ବାଗ, ଦେବ ଦତ୍ତ ଯୋଶୀ, ସୁଜନ ନାଗ, ମିନିକେତନ ବିଶି, ଚିତ୍ରସେନ ମେହେର, ପୁରୁନ୍ଦର ବାଗ, ପୁରୁଷୋତ୍ତମ ମଶ୍ର, ହୃଷିକେଶ ଗହୀରଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ହୋଇଥିଲେ।

# ଭୁଲ୍‌ରେ ଜମା ହୋଇଥିବା ଟଙ୍କା ଫେରାଇଲେ ବିଶାମିତ୍ର

**ବେହେରା,୧୧।୪(ଡି.ଏନ.ଏ.)**

**ମାନବିକତା ଦେଖାଇଲେ**

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରା ପଞ୍ଚାୟତ ଗଇନ୍ତାପଡ଼ା ଗ୍ରାମର ବିଶାମିତ୍ର କେତକୀ ମଙ୍ଗଳବାର ଭୁଲରେ ଜମା ହୋଇଥିବା ଟଙ୍କା ଫେରସ୍ତ କରି ମାନବିକତା ଦେଖାଇଛନ୍ତି। ସୂଚନା ଅନୁଯାୟୀ ଧର୍ମଗଡ଼ ବ୍ଲକ ବୋଡ଼େନ ପଞ୍ଚାୟତ ବୃନ୍ଦା ଖର୍ସେଲ ନାମକ ଜଣେ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଘର କାର୍ଯ୍ୟ ସମ୍ପୂର୍ଣ କରିଥିଲେ। ତାଙ୍କ ବାକି ଥିବା ଶେଷ ବିଲ ବାବଦ ୪୫ ହଜାର ଟଙ୍କା ତାଙ୍କ ଆକାଉଣ୍ଟରେ ଜମା ନ ହୋଇ ଭୁଲରେ ବେହେରା ପଞ୍ଚାୟତ ବିଶାମିତ୍ର କେତକୀଙ୍କ ଆକାଉଣ୍ଟରେ ଜମା ହୋଇଥିଲା। ହିତାଧିକାରୀ ଟଙ୍କା ପାଇବା ବିଳମ୍ବ ହେବାରୁ ବିଡିଓଙ୍କ ଦ୍ୱାରସ୍ଥ ହୋଇଥିଲେ। ପରବର୍ତ୍ତୀ ସମୟରେ ବିଡିଓ ଜାଣିବାକୁ ପାଇଲେ ଯେ, ଟଙ୍କା ବୃନ୍ଦା ଖର୍ସେଲଙ୍କ ନାଁରେ ଜମା ହେବା ବଦଳରେ ଭୁଲବଶତଃ ବେହେରା ପଞ୍ଚାୟତ ବିଶାମିତ୍ରଙ୍କ ଆକାଉଣ୍ଟରେ ପଡ଼ିଯାଇଛି। ଏହା ଜାଣିବା ପରେ ଧର୍ମଗଡ ବିଡିଓ ଶରତ କୁମାର ସେଠୀ ବେହେରା ସରପଞ୍ଚଙ୍କୁ ଜଣାଇଥିଲେ। ସରପଞ୍ଚ ଏ ବିଷୟରେ ବିଶାମିତ୍ରଙ୍କୁ ଜଣାଇବା ପରେ ସେ ଟଙ୍କା ଫେଇବାକୁ ଇଚ୍ଛା ପ୍ରକାଶ କଲେ। ହିତାଧିକାରୀ ବୃନ୍ଦା ଖର୍ସେଲଙ୍କୁ ଧର୍ମଗଡ଼ ବିଡିଓ ଶରତ କୁମାର ସେଠୀ, ବୋଡ଼େନ ସରପଞ୍ଚ ଅର୍ଜୁନ ବାଗ, ବେହେରା ସରପଞ୍ଚଙ୍କ ପ୍ରତିନିଧି ଭବେଶ ଗଇନ୍ତାଙ୍କ ଉପସ୍ଥିତିରେ ବିଶାମିତ୍ର ୪୫ ହଜାର ଟଙ୍କା ଫେରାଇ ଦେଇଛନ୍ତି। ବିଶାମିତ୍ରଙ୍କ ଏହି କାର୍ଯ୍ୟ ଅନ୍ୟମାନଙ୍କ ପାଇଁ ଉଦାହରଣ ବୋଲି ସାଧାରଣରେ ଆଲୋଚନା ହେଉଛି।


ବିଡିଓଙ୍କ ଉପସ୍ଥିତିରେ ବିଶାମିତ୍ର କେତକୀ ଟଙ୍କା ଫେରସ୍ତ କରୁଛନ୍ତି।

# ଶିଶୁ ଅଧିକାର ଉପରେ ସଚେତନତା କାର୍ଯ୍ୟକ୍ରମ

**ଖଡ଼ିଆଳ,୧୧।୪(ଡି.ଏନ.ଏ.)**

ନୂଆପଡା ଜିଲା ଖଡ଼ିଆଳସ୍ଥିତ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟ ସଭାଗୃହଠାରେ ରାଜ୍ୟ ଶିଶୁ ଅଧିକାର ଆୟୋଗ ଆନୁକୂଲ୍ୟରେ ଶିଶୁ ଅଧିକାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନ୍ତର୍ଯ୍ୟାମୀ ବଳୀୟାରସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, ମୁଖ୍ୟବକ୍ତା ଭାବରେ ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପ୍ରାକ୍ତନ ଅଧକ୍ଷ ଡକ୍ଟର ଫଣିନ୍ଦମ ଦେଓ, ସମ୍ମାନିତ ଅତିଥି ଭାବରେ ଖଡ଼ିଆଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବୀରସେନ ବେହେରା ଓ ଅବସରପ୍ରାପ୍ତ ଓଡ଼ିଶା ପ୍ରଶାସନିକ ଅଧିକାରୀ ନୀଳାମ୍ବର ସୁନା ଯୋ ଦେଇ ଶିଶୁମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଭିନ୍ନ ପ୍ରକାରର ଅଧିକାର ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ଆଲୋଚନା ମାଧମରେ ଅବଗତ କରାଇଥିଲେ। ବିଦ୍ୟାଳୟ ଶିକ୍ଷକ ଗୌରାଙ୍ଗ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଶିକ୍ଷକ ଅଶୋକ କୁମାର ବେହେରା, ସୁରବିଜୟ କାନ୍ତ ତାଣ୍ଡି, ଗୌରୀ ଶଙ୍କର ଦୁବେ ପ୍ରଭୁଦତ୍ତ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

# କେସିଙ୍ଗା, ନର୍ଲା ବ୍ଲକ ଲୋକେ ହେବେ ଉପକୃତ

**କେସିଙ୍ଗା,୧୧।୪(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ଓ ନର୍ଲା ବ୍ଲକ ସୀମାନ୍ତ ଅଞ୍ଚଳକୁ ସଂଯୋଗ କରୁଥିବା ବାଲସି, ମଶାଣିବନ୍ଧ, ବଲବସ୍ପୁର, ଭାୟା ଡ଼ମସିଲେଟ, ବୁଢ଼ୀପଦର ଆଦି ୫ଟି ଗ୍ରାମପଞ୍ଚାୟତ ପ୍ରାୟ ୨୫ ହଜାର ଲୋକେ କାଦୁଅ ରାସ୍ତାରେ ଦୀର୍ଘ ୭୬ ବର୍ଷ ହେଲା ଗମନାଗମନ କରି ଆସୁଥିଲେ। ଏବେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମିତ ରାସ୍ତାରେ ଗମନାଗମନର ସୁବିଧା ପାଇବେ। ବୁଡିପଦର ଗ୍ରାମର ସାପ୍ତାହିକ ଶନିବାର ବଜାରକୁ କାଦୁଅ ରାସ୍ତାରେ ଲୋକମାନେ ଯିବାଆସିବା କରୁଥିଲେ। ବ୍ୟବସାୟୀମାନେ ବଳଦ ଗାଡି, ଯାନବାହନରେ ବର୍ଷା ଦିନରେ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏ ନେଇ ୫ଟି ପଞ୍ଚାୟତ ଲୋକମାନେ କେସିଙ୍ଗା ଗ୍ରାମ୍ୟ ଉନ୍ନୟନ ଅଧୀକ୍ଷଣ ଯନ୍ତ୍ରୀ ଗ୍ରାମ୍ୟ ନିର୍ମାଣ ବିଭାଜନଙ୍କୁ ନୂତନ ରାସ୍ତା ନିର୍ମାଣ ପାଇଁ ଦାବି କରି ଆସୁଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ୨୦୨୧-୨୨ ଆର୍ଥିକ ବର୍ଷରେ ରାସ୍ତା ସର୍ଭେ କରି ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ପଠାଇଥିଲେ। ମୁଖ୍ୟମନ୍ତ୍ରୀ ଲୋକଙ୍କ ସମସ୍ୟା ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଉକ୍ତ ୭.୨୦୦ କି.ମି. ରାସ୍ତା ପାଇଁ ୨ କୋଟି, ୯୨ ଲକ୍ଷ, ୪୯ ହଜାର ଅର୍ଥ ମଞ୍ଜୁର କରିଥିଲେ। ଟେଣ୍ଡର ପ୍ରକାଶ ପାଇବା ପରେ ଶ୍ରୀଗଣେଶ କନ୍‌ଷ୍ଟ୍ରକଶନକୁ ରାସ୍ତା ନିର୍ମାଣ ପାଇଁ ଦାୟିତ୍ୱ ଦିଆଯାଇଥିଲା। ୩ ଜାନୁୟାରୀ ୨୦୨୨ରେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। କିନ୍ତୁ ଲୋକଙ୍କ ଜମି ଅଧିଗ୍ରହଣ ପାଇଁ ନିର୍ମାଣରେ ବିଳମ୍ବ ହୋଇଛି। ଆଉ ୫ ଦିନ ପରେ ବାଲସି, ମଶାଣିବନ୍ଧ, ବଲବସ୍ପୁର, ଡମ୍ବସିଲେଟ, ବୁଡିପଦର, ଗ୍ରାମବାସୀ, ବ୍ୟବସାୟୀ, ସରପଞ୍ଚ, ସମିତି ସଭ୍ୟ, ସଭ୍ୟା, ୱାର୍ଡ ମେମ୍ବର ଏବଂ ସ୍ଥାନୀୟ ଅଞ୍ଚଳବାସୀ ଖୁସିରେ ସୁବିଧାରେ ଯିବାଆସିବା କରିପାରିବୁ ବୋଲି ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ନିର୍ବାହୀ ଯନ୍ତ୍ରୀ ଇ.ଅଜିତ କୁମାର ସିଂଙ୍କୁ ପଚାରିବାରୁ ଏଣିକି ଲୋକମାନେ ଠିକ ଭାବେ ଯିବାଆସିବା କରିପାରିବେ ବୋଲି ପ୍ରକାଶ କରିଥିଲେ। ଏ ନେଇ ଯନ୍ତ୍ରୀ ତପନ କୁମାରଙ୍କୁ ପଚାରିବାରୁ ରାସ୍ତା ମଝିରେ କେତେକ ଲୋକ ଜମି ଛାଡୁନାହାନ୍ତି, ଯେତେ ବୁଝାଇଲେ ବି ବୁଝୁ ନାହାନ୍ତି ବୋଲି ପ୍ରକାଶ କରିଥିଲେ।


ପୂର୍ବରୁ ଯିବାଆସିବା କରୁଥିବା କାଦୁଅ ରାସ୍ତା।


ବାଲସିଠାରୁ ଡମ୍ବସିଲେଟ ରାସ୍ତା କାମ ଚାଲିଛି।

**ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା**

■ ୭୬ ବର୍ଷ ପରେ ଗମନାଗମନର ସୁବିଧା ପାଇବେ ୨୫ ହଜାର ଲୋକ

## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକ ମୃତ

ବୌଦ୍ଧ,୧୧।୪(ଡି.ଏନ.ଏ.): ମଙ୍ଗଳବାର ସନ୍ଧ୍ୟାରେ ବୌଦ୍ଧ ମହାନଦୀ ପୋଲ ନିକଟରେ ଏକ ଟ୍ରକ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ବୌଦ୍ଧ ମୁଷୁଣ୍ଡି ଗ୍ରାମର କୃପାସିନ୍ଧୁ ବାରିକ । ଦୁର୍ଘଟଣା ଘଟାଇବା ଟ୍ରକ ଚାଳକ ଫେରାର ହୋଇଯାଇଥିବା ଜଣାପଡିଛି । ପ୍ରକାଶ ଯେ, ବୌଦ୍ଧ ମହାନଦୀ ପୋଲ ନିକଟ ଦେଇ କୃପାସିନ୍ଧୁ ନିଜ ଘରକୁ ଫେରୁଥିବା ବେଳେ ପଛରୁ ଆସୁଥିବା ଏକ ଟ୍ରକ ତାଙ୍କ ଉପରେ ମାଡି ଯାଇଥିଲା । ଟ୍ରକଟି ରେଢାଖୋଲ ପଟୁ ବୌଦ୍ଧ ଆଡକୁ ଆସୁଥିବା ବେଳେ ଏହି ଦୁର୍ଘଟଣା ଘଟିଛି । ଖବର ପାଇ ଅନୁଗୁଳ ଜିଲା କିଆକଟା ପୋଲିସ ଘଟଣାସ୍ଥଳରେ ପହଁଚି ମୃତଦେହ ଜବତ କରଛି । ଏହି ଘଟଣାରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

### ଗ୍ୟାରେଜରେ ଅଗ୍ନିକାଣ୍ଡ: ଜଳିଗଲା କାର୍, ୬ ବାଇକ

ବିନିକା,୧୧।୪(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବିନିକା ସହରର ଡେଲ୍ଲୀମାର୍କେଟ ପାଖରେ ଥିବା ରାକେଶ ସାହୁଙ୍କ ଗ୍ୟାରେଜରେ ସୋମବାର ରାତିରେ ନିଆଁ ଲାଗିଥିଲା । ଡ୍ୟୁଟିରେ ଥିବା ହୋମଗାର୍ଡଙ୍କଠାରୁ ଖବର ପାଇ ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କଲାବେଳକୁ ଗ୍ୟାରେଜ ଥିବା ୬ ବାଇକ ଓ ଗୋଟିଏ କାର ଜଳିଯାଇଥିଲା । ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଉଛି । ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ ।

### ତୀରନ୍ଦାଜ ସଂଘର କର୍ମକର୍ତ୍ତା ଚୟନ

ବୌଦ୍ଧ,୧୧।୪(ସ୍ୱ.ପ୍ର.): ବୌଦ୍ଧ ଜିଲା ତୀରନ୍ଦାଜ ସଂଘ ପକ୍ଷରୁ ଜିଲା ଷ୍ଟାଡିୟମଠାରେ କର୍ମକର୍ତ୍ତା ଚୟନ ହୋଇଯାଇଛି । ସଭାପତି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ବସନ୍ତ କୁମାର ସାହୁ, ଉପ ସଭାପତି ବିଶ୍ୱପ୍ରକାଶ ସାହୁ, ସମ୍ପାଦକ ଅର୍ଜୁନ କହଁର, ସହ ସମ୍ପାଦକ ମମତା ଦାଶ, କୋଷାଧ୍ୟକ୍ଷ ଭାବେ ନିରଞ୍ଜନ ମେହେର ଓ ଇନ୍ଦ୍ରମଣି ମେହେରଙ୍କୁ ଚୟନ କରାଯାଇଥିଲା । ଏହାଛଡା ଅମିତା ପଟ୍ଟନାୟକ, ଗାୟତ୍ରୀ ବେହେରା, ସିଦ୍ଧାର୍ଥ ଅଗ୍ରୱାଲା, ପ୍ରେମାନନ୍ଦ ମିଶ୍ର, ଶିବଶଙ୍କର ଶତପଥୀ, ନିତିନ ମେହେଟା କାର୍ଯ୍ୟକାରୀ ସଭ୍ୟ ଭାବେ ମନୋନୀତ ହୋଇଥିଲେ । ଉପଦେଷ୍ଟା ଭାବେ ବରିଷ୍ଠ ଆଇନଜୀବୀ ନବକୁମାର ମିଶ୍ର, ବରିଷ୍ଠ କ୍ରୀଡାବିତ୍ ରବୀନ୍ଦ୍ର କୁମାର ରାଉତ, ସୂର୍ଯ୍ୟକାନ୍ତ ଦଳବେହେରା, ଦିଲିପ କୁମାର ସାହୁ ମନୋନୀତ ହୋଇଛନ୍ତି ।

### ଆଇପିଏଲ ବ୍ୟାଟିଂ ବନ୍ଦ ପାଇଁ ଏସ୍‌ପିଙ୍କୁ ଅଭିଯୋଗ କଲେ ନଗରପାଳ

ଭବାନୀପାଟଣା,୧୧।୪(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ସହରରେ ଆଇପିଏଲ ବ୍ୟାଟିଂ ଏବେ ଜୋରଦାର ଚାଲିଥିବା ଅଭିଯୋଗ ହୋଇଛି। ଫଳରେ ଅନେକ ଯୁବପିଢ଼ୀ, ନିରୀହ, ଗରିବ ଲୋକ ଏଥିରେ ପଥଭ୍ରଷ୍ଟ ହୋଇ ନିଜର ସର୍ବସ୍ୱ ଟଙ୍କା ହରାଉଛନ୍ତି। ଏହି ଆଇପିଏଲ ବ୍ୟାଟିଂ ରାୟପୁର ସହିତ ମଧ ଲିଙ୍କ ଥିବା ଅଭିଯୋଗ ହୋଇଛି। ସହରର କିଛି ଅସାମାଜିକ ବ୍ୟକ୍ତି ମାରୱାଡିପଡା, ଗନ୍ତାୟତ ପଡା ଆଦିରେ ଏହି କାରବାର ଚଳାଇଛନ୍ତି। ଏହାକୁ ବନ୍ଦ କରିବା ସହ ଏଥିରେ ସାମିଲ ଥିବା ଅସାମାଜିକ ବ୍ୟକ୍ତିଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ମଙ୍ଗଳବାର ଜୁନାଗଡ ନଗରପାଳ ମୁକେଶ ଅଗ୍ରୱାଲ ଭବାନୀପାଟଣାରେ ଏସ୍‌ପି ଅଭିଲାଷ ଜିଙ୍କୁ ସାକ୍ଷାତ କରି ଲିଖିତ ଭାବେ ଜଣାଇଛନ୍ତି।

# ମାଣ୍ଡିଆକୁ ନବାନ୍ନ ଭକ୍ଷଣରେ ସାମିଲ କରାଯାଉ

ସୋନପୁର,୧୧।୪(ନି.ପ୍ର)

ପୋଷଣ ପକ୍ଷ ପାଳନର ଉଦ୍‌ଯାପନୀ ସମାରୋହ ସୁବର୍ଣ୍ଣପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଭାରପ୍ରାପ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୋଷକତତ୍ତ୍ୱ ପୂର୍ଣ୍ଣ ଖାଦ୍ୟ ଶ୍ରୀଅର୍ଣ୍ଣ ମାଣ୍ଡିଆକୁ ନବାନ୍ନ ଭକ୍ଷଣରେ ସାମିଲ କରିବାକୁ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ସମାରୋହରେ ସମ୍ମାନୀତ ଅତିଥିଭାବେ ଅତିରିକ୍ତ ଜିଲାପାଳ ନିଶି ପୁନମ ମିଞ୍ଜି, ଭାରପ୍ରାପ୍ତ ଉପ ଜିଲାପାଳ ଖଦାଳ ପାତ୍ର, ଡ଼ିଆଇପିଆରଓ ଅଶ୍ୱିନୀ କୁମାର ଭୋଇ, ମିଶନ ଶକ୍ତିର ଜିଲା କାର୍ଯ୍ୟକ୍ରମ ପରିଚାଳକ ଫ୍ରାନସିସ ବାର୍ଲା, ଜିଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ ଓ



ପୋଷଣ ପକ୍ଷ ପାଳନ ଉଦ୍‌ଯାପନୀ ସମାରୋହରେ ଅତିଥି ବୃନ୍ଦ ।

ଜିଲା ଶିଶୁ ସୁରକ୍ଷା ବିଭାଗର ଅଧିକାରୀ କେଶବ ଚନ୍ଦ୍ର ମେହେର ଯୋଗଦେଇ ଦେଇଥିଲେ । ଶ୍ରୀଅର୍ଣ୍ଣ ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟ ଶିଶୁ ଏବଂ ଗର୍ଭବତୀ ମା'ମାନଙ୍କର ଶାରୀରିକ ଓ ମାନସିକ ବିକାଶରେ ବିଶେଷ ସହାୟକ ହେଉଥିବା ଅତିଥି ବୃନ୍ଦ ମନ୍ତବ୍ୟକ୍ତ କରିଥିଲେ । ଶ୍ରୀଅର୍ଣ୍ଣ ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟକୁ ଜିଲ୍ଲାର ପ୍ରତ୍ୟେକସ୍ତରରେ ବ୍ୟବହାର କରିବାପାଇଁ ଅନୁରୋଧ କରି ମାଣ୍ଡିଆ ଚାଷକୁ ଜିଲ୍ଲାରେ ଯେପରି ଆଗକୁ ନିଆଯାଇ ପାରିବ ଅତିଥିବୃନ୍ଦ ମତବ୍ୟକ୍ତ କରିଥିଲେ ।

ଏହି ଅବସରରେ ମାଣ୍ଡିଆ ଦ୍ୱାରା ପ୍ରସ୍ତୁତ ବିଭିନ୍ନପ୍ରକାର ଖାଦ୍ୟ ପସରାର ପ୍ରଦର୍ଶନୀ ଜିଲାର ୬ଟି ବ୍ଲକର ଶିଶୁ ବିକାଶ ପ୍ରକଳ୍ପ ଅଧୀନରେ ଥିବା ଅଙ୍ଗନୱାଡି କର୍ମୀ, ସହକର୍ମୀ ତଥା ମହିଳାଙ୍କ ଦ୍ୱାରା ପ୍ରଦର୍ଶନ କରାଯାଇଥିଲା । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ରେଣୁବାଳା ଦାଶଙ୍କ ପୌରାହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିଡିପିଓ ନିବେଦିତା ସରାଫ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ଅଧିକାରୀ ଅନିତା ଗୁରୁ ପୋଷଣପକ୍ଷ ପାଳନ ସମ୍ପର୍କରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମ ସଞ୍ଜିବ କୁମାର ମିଶ୍ର, ମୋହନ କୁମାର ମେହେର, ସମସ୍ତ ସିଡିପିଓ, ସୁପରଭାଇଜର ଓ ଅଙ୍ଗନବାଡି କର୍ମୀ ଉପସ୍ଥିତ ଥିଲେ । ଏହି ଅବସରରେ ଅନୁଷ୍ଠିତ ପ୍ରବନ୍ଧ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

# ସୁବର୍ଣ୍ଣପୁର ଜିଲା ପୁରସ୍କୃତ



ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସ୍ୱତନ୍ତ୍ର ସଚିବ ଶାଳିନୀ ପଣ୍ଡିତ ପୁରସ୍କାର ପ୍ରଦାନ କରୁଛନ୍ତି ।

ସୋନପୁର,୧୧।୪(ନି. ପ୍ର)

**ସୁରକ୍ଷିତ ମାତୃତ୍ୱ ସେବା ସୁପରିଚାଳନା**

ସୁରକ୍ଷିତ ମାତୃତ୍ୱ ସେବାର ସୁପରିଚାଳନା ପାଇଁ ସୁବର୍ଣ୍ଣପୁର ଜିଲା ପୁରସ୍କୃତ ହୋଇଛି । ଭୁବନେଶ୍ୱରରେ ମଙ୍ଗଳବାର ଆୟୋଜିତ ରାଜ୍ୟସ୍ତରୀୟ ଜାତୀୟ ନିରାପଦ ମାତୃତ୍ୱ ଦିବସ ପାଳନ ଅବସରରେ ସୁବର୍ଣ୍ଣପୁର ଜିଲ୍ଲାକୁ ୨୦୨୨-୨୩ବର୍ଷ ପାଇଁ ପୁରସ୍କୃତ କରାଯାଇଛି । ମାତୃ ସ୍ୱାସ୍ଥ୍ୟ ସେବାର ସୁପରିଚାଳନା ତଥା ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସୁବର୍ଣ୍ଣପୁର ଜିଲା ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି । ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ(ପରିବାର କଲ୍ୟାଣ) ଡାକ୍ତର ଦୈତ୍ୟ ନାରାୟଣ ପାଢ଼ୀ ଏବଂ ଉପ ପରିଚାଳକ ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ସୁଧାଂଶୁ ଶେଖର ନାୟକ ଯୋଗଦାନ କରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସ୍ୱତନ୍ତ୍ର ସଚିବ ଶାଳିନୀ ପଣ୍ଡିତ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଡ଼. ବୃନ୍ଦା ଡିଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି ।

# ଭିତ୍ତିପ୍ରସ୍ତର ଉନ୍ମୋଚନ କଲେ ରାଜ୍ୟପାଳ

ବରଗଡ଼ ଅଫିସ୍,୧୧।୪

ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ାସ୍ଥିତ ବିକାଶ ଅଡ଼ିଟୋରିୟମରେ ମଙ୍ଗଳବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁରଲିକ୍ରୀଷ୍ଣା ଫାଉଣ୍ଡେଶନ ଅନ୍ତର୍ଭୁକ୍ତ ବିକାଶ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ସୋସିଆଲ ୱେଲଫେୟାରର ଭିତ୍ତିପ୍ରସ୍ତର ଉନ୍ମୋଚନ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା ଅତିଥିମାନଙ୍କୁ ସ୍ୱାଗତ ଜଣାଇ ନିଜ ଅଭିଭାଷଣରେ ଆର୍ଥିକ ଅନଗ୍ରସର ଛାତ୍ରୀଛାତ୍ରଙ୍କ ପାଇଁ ବିକାଶ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ସୋସିଆଲ ୱେଲଫେୟାର ନିଃଶୁଳ୍କ ଉତ୍କୃଷ୍ଟ ଧରଣର ଶିକ୍ଷା ଏବଂ ଆବାସିକ ବ୍ୟବସ୍ଥା ଯୋଗାଇବା ସ୍ୱପ୍ନ ସାକାର ହେବାର ଆଉ ଏକ ସୋପାନରେ ଉପନୀତ ହୋଇଛି ବୋଲି କହିଥିଲେ । ୨୦୧୬ରୁ ଆରମ୍ଭ ହୋଇଥିବା ବିକାଶ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ସୋସିଆଲ ୱେଲଫେୟାରରେ ପ୍ରତିବର୍ଷ ଆଇଟିଆଇରେ ୧୫୦ ଏବଂ କମ୍ୟୁନିଟି ସ୍କୁଲରେ ୨୫୦ ଛାତ୍ରୀଛାତ୍ରଙ୍କୁ ବରଗଡ଼



ରାଜ୍ୟପାଳ ବିକାଶ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ସୋସିଆଲ ୱେଲଫେୟାରର ଭିତ୍ତିପ୍ରସ୍ତର ଉନ୍ମୋଚନ କରୁଛନ୍ତି ।

ରେଳ ଷ୍ଟେଶନ ପାଖରେ ଭଡ଼ାରେ ନିଆଯାଇଥିବା ଏକ ବିଦ୍ୟାଳୟରେ ଶିକ୍ଷାଦାନ ଚାଲିଆସୁଥିଲା ଏବଂ ଆଗାମୀ ଦିନରେ ବରଗଡ଼ ତିଳପାଲିରେ ହେବାକୁ ଥିବା ନବନିର୍ମିତ ଆବାସିକ ବିଦ୍ୟାଳୟରେ ସମସ୍ତ ଅତ୍ୟାଧୁନିକ ସୁବିଧା ସହିତ ପ୍ରତିବର୍ଷ ୨ହଜାର ଆର୍ଥିକ ଅନଗ୍ରସର ଛାତ୍ରୀଛାତ୍ରଙ୍କୁ ନିଃଶୁଳ୍କ ଶିକ୍ଷା ଦିଆଯିବ ବୋଲି ସେ କହିଥିଲେ । ମୁରଲିକ୍ରୀଷ୍ଣା ଫାଉଣ୍ଡେଶନର ପ୍ରତିଷ୍ଠାତା ଡି. ମୁରଲି କ୍ରୀଷ୍ଣାଙ୍କ ଏଭଳି ପଦକ୍ଷେପକୁ ରାଜ୍ୟପାଳ ପ୍ରଶଂସା କରିବା ସହିତ ଶୁଭକାମନା ଜଣାଇଥିଲେ । କାର୍ଯ୍ୟକ୍ରମରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ଜିଲାପାଳ ମୋନିଷା ବାନାର୍ଜୀ, ଏସ୍‌ପି ପ୍ରହଲ୍ଲାଦ ସାହାଇ ମୀନା, ବିକାଶ ଗ୍ରୁପ୍‌ର ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ପ୍ରମୁଖ ମଞ୍ଚାସୀନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିକାଶ ଗ୍ରୁପ୍‌ର ବିଭିନ୍ନ ଶାଖାର ଡାଇରେକ୍ଟର, ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର, ଜିଲା ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଜାତୀୟ ନିରାପଦ ମାତୃତ୍ୱ ଦିବସ ପାଳିତ

ସୋନପୁର, ୧୧।୪(ନି.ପ୍ର)

ସୁବର୍ଣ୍ଣପୁର ଜିଲା ସ୍ୱାସ୍ଥ୍ୟ ସମିତି ତରଫରୁ ସୋନପୁର ବ୍ଲକ ସହାଜପିଟା ପ୍ରାଥମିକ ସାସ୍ଥ୍ୟକେନ୍ଦ୍ରଠାରେ ଜିଲାସ୍ତରୀୟ ଜାତୀୟ ନିରାପଦ ମାତୃତ୍ୱ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି । ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ଡାକ୍ତର ରମେଶ ଚନ୍ଦ୍ର ସାଇଁ ସଭାରେ ଅଧକ୍ଷତା କରି ନିରାପଦ ମାତୃତ୍ୱ ପାଇଁ ସରକାରଙ୍କ ବିଭିନ୍ନ ଯୋଜନାର ଲାଭ ନେବା ପାଇଁ ଆହ୍ୱାନ ଦେଇଥିଲେ । ସ୍ତ୍ରୀ ରୋଗ ବିଶେଷଜ୍ଞ ତଥା ନାଇକେନପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡାକ୍ତର ସଂଗୀତା ଚୌଧୁରୀ ଗର୍ଭଧାରଣ ସମୟରେ ଦେଖାଦେଉଥିବା ବିଭିନ୍ନ ବିପଦ ଲକ୍ଷଣ ଉପରେ ସତର୍କ ରହିବାକୁ ଉପଦେଶ ଦେଇଥିଲେ । ସହକାରୀ ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁ ଗର୍ଭାବସ୍ଥାରେ ନିୟମିତ ସାସ୍ଥ୍ୟ ପରୀକ୍ଷା ସହ ସକରାତ୍ମକ ମାନସିକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ଅର୍ଜୁନପୁରର ମା' ପୂର୍ଣ୍ଣମାସୀ କରମା ଦଳ ତରଫରୁ ଲୋକଗୀତ ମାଧ୍ୟମରେ ନିରାପଦ ମାତୃତ୍ୱ ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ପୂଜାଶ୍ରୀ ମିଶ୍ର, ଏପିଡେମିଓଲୋଜିଷ୍ଟ ଡାକ୍ତର ବିଷ୍ଣୁଚରଣ ମାଝି, ସହକାରୀ କାର୍ଯ୍ୟକ୍ରମ ପରିଚାଳକ(କମ୍ୟୁନିଟି ପ୍ରସେସ) ତରଣୀସେନ ପ୍ରଧାନ, ଆଇସିଏ ସଞ୍ଜୟ କୁମାର ପଣ୍ଡା, ସାସ୍ଥ୍ୟ ପରିଦର୍ଶକ ପ୍ରମୋଦ ସାହୁ, ଉପେକ୍ଷିତ ଟ୍ରୋପିକାଲ ରୋଗ ଜିଲା ଅଧିକାରୀ ମଞ୍ଚାସୀନ ଥିଲେ । ଭାରପ୍ରାପ୍ତ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶାନ୍ତନୁ ମେହେର ସମଗ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଆୟୁଷ ଡାକ୍ତର ପ୍ରସନ୍ନ ଦାଶ ସାଗତ ଭାଷଣ ଦେଇଥିଲେ ଏବଂ ବିପିଏମ ପ୍ରିୟରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃ ଅଭିଯାନ କାର୍ଯ୍ୟକ୍ରମରେ ଭାଗନେଇ ୫୦ରୁ ଉର୍ଦ୍ଧ୍ୱ ଗର୍ଭବତୀ ନିଜ ସ୍ୱାସ୍ଥ ପରୀକ୍ଷା କରାଇଥିଲେ ।

# ବ୍ଲକସ୍ତରୀୟ ପୋଷଣ ପକ୍ଷ ପାଳିତ

ତରଭା, ୧୧।୪(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅନ୍ତର୍ଗତ ଶିବତଲା ପ୍ରାଥମିକ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ପୋଷଣ ପକ୍ଷ ସୋମବାର ପାଳିତ ହୋଇଯାଇଛି । ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସବିତା ଦୋରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ସରପଞ୍ଚ ଉପେନ୍ଦ୍ର ନିଆଳି, ସିଏଚଇଓ ସ୍ୱପ୍ନାରାଣୀ ନନ୍ଦ, ପ୍ରଧାନ ଶିକ୍ଷୟିତ୍ରୀ କବିତା ମିଶ୍ର ଅତିଥିଭାବେ ଯୋଗ ଦେଇଥିଲେ । ଆଇସିଡିଏସ ସୁପରଭାଇଜର, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ଗର୍ଭବତୀ, ପ୍ରସୂତି, ୬ ବର୍ଷର ଶିଶୁର ମା', କିଶୋରୀ ଉପସ୍ଥିତ ଥିଲେ । ପୃଷ୍ଟିକର ଖାଦ୍ୟ ସହ ମାଣ୍ଡିଆ, ବାଜରା, କୁଦ ଭଳି ପାରମ୍ପରିକ ଖାଦ୍ୟରେ ଶରୀର ଉପଯୋଗୀ ପୋଷତତ୍ତ୍ୱ ରହିଥିବା କୁହାଯାଇଥିଲା । ଏହା ସହ ସକ୍ଷମ ଅଙ୍ଗନୱାଡି କେନ୍ଦ୍ର, ସୁସ୍ଥ ବାଳକ, ବାଳିକା ବିଷୟରେ ଦୋରା ବୁଝାଇଥିଲେ । ପ୍ରକଳ୍ପସ୍ତରୀୟ ପୋଷଣ ପକ୍ଷ ପାଳନ ଅବସରରେ ପୃଷ୍ଟିକର ଖାଦ୍ୟ ପ୍ରଦର୍ଶନୀ ଓ ସ୍କୁଲ ଛାତ୍ରୀମାନଙ୍କ ମଧ୍ୟରେ ରଚନା ଓ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

# କାଏମ ରହିଲା ୧୫ଜଣଙ୍କ ପ୍ରାର୍ଥୀପତ୍ର

ଅମରପାଲି,୧୧।୪(ଡି.ଏନ.ଏ.)

**ଖଣ୍ଡହତା ପଞ୍ଚାୟତରେ ସମତି ସଭ୍ୟ ଉପନିର୍ବାଚନ**

- ମଇଦାନରେ ପୂର୍ବତନ ବିଧାୟକଙ୍କ ପୁଅ
- ଗତ ବିଧାନ ସଭା ନିର୍ବାଚନର ପରାଜିତ ବିଧାୟକ ପ୍ରାର୍ଥୀ ବି ରେସ୍‌ରେ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ପଞ୍ଚାୟତରେ ଆଗାମୀ ମେ ୨ ତାରିଖରେ ସମିତି ସଭ୍ୟ ପାଇଁ ହେବ ଉପନିର୍ବାଚନ । ସାଧାରଣ ବର୍ଗ ପାଇଁ ସଂରକ୍ଷିତ ଏହି ପଦ ପାଇଁ ମଙ୍ଗଳବାର ପ୍ରାର୍ଥୀପତ୍ର ଯାଞ୍ଚ ପରେ ମଇଦାନରେ ୧୫ଜଣ ପ୍ରାର୍ଥୀ ରହିଲେ । ୧୫ଜଣଙ୍କ ମଧ୍ୟରୁ ଖଣ୍ଡହତା ପଞ୍ଚାୟତର ୮ଜଣ ରହିଥିବା ବେଳେ ଜଟେସିଙ୍ଘା ଓ ବାଗବର ପଞ୍ଚାୟତର ୨ଜଣ ଲେଖାଏ ଏବଂ ଲୁଡୁରପଙ୍କ, କେନଝିରିଆପାଲି ଓ ଉଫୁଲା ପଞ୍ଚାୟତରୁ ଜଣେ ଲେଖାଏ ପ୍ରାର୍ଥୀ ରହିଛନ୍ତି । ତାଲିକାରେ ଜଣେ ମହିଳା ପ୍ରାର୍ଥୀ ରହିଛନ୍ତି । ଗତ ପଞ୍ଚାୟତ ନିର୍ବାଚନରେ ସମିତି ସଭ୍ୟା ଭାବେ ନିର୍ବାଚିତ ହୋଇ ପରେ ଇସ୍ତଫା ଦେଇଥିବା ତନୁଜା ରଣବଂଶୀୟାଙ୍କ ଦିଅର ପ୍ରଦୀପ ମୁଖି ମଧ ପ୍ରାର୍ଥୀ ହୋଇଛନ୍ତି । ଗତ ନିର୍ବାଚନରେ ଉକ୍ତ ପଞ୍ଚାୟତରୁ ସମିତିସଭ୍ୟ ଭାବେ ପରାଜିତ ଅରବିନ୍ଦ ନାଏକ ପୁଣି ଥରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ତାଲିକାରେ ଜଣେ ପୂର୍ବତନ ବିଧାୟକଙ୍କ ପୁଅ ଏବଂ ପୂର୍ବତନ ବ୍ଲକ ଅଧକ୍ଷଙ୍କ ଭାଇ ମଧ ରହିଛନ୍ତି । ବୀରମହାରାଜପୁରର ପୂର୍ବତନ ବିଧାୟକ ସ୍ୱର୍ଗତ ବୈଷ୍ଣବ ପ୍ରଧାନଙ୍କ ସାନପୁଅ ତଥା ପୂର୍ବତନ ବ୍ଲକ ଅଧକ୍ଷ ବିବେକାନନ୍ଦ ପ୍ରଧାନଙ୍କ ସାନ ଭାଇ ବିନୋବାନନ୍ଦ ପ୍ରଧାନଙ୍କ ସମେତ କେନଝିରିଆପାଲି ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ଋଷଭ ପ୍ରଧାନ ମଧ ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି । ଏପରିକି ଗତ ବିଧାନସଭା ନିର୍ବାଚନରେ ବିଧାୟକ ଭାବେ ସ୍ୱାଧୀନଭାବେ ଲଢି ପରାସ୍ତ ହୋଇଥିବା ଇଂ.ଆଶ୍ରୟ ମହାନନ୍ଦ ମଧ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ବୁଧୁବାର ପ୍ରାର୍ଥୀପତ୍ର ପ୍ରତ୍ୟାହାର ଦିବସ ରହିଛି । ତେବେ କେତେଜଣ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବେ ନା ନାହିଁ ତାହା ବୁଧବାର ସ୍ପଷ୍ଟ ହେବ । ପ୍ରଥମ ଥର ପାଇଁ ବାହାର ପଞ୍ଚାୟତର ୭ଜଣ ପ୍ରାର୍ଥୀପତ୍ର ଦାଖଲ କରିବା ରାଜନୈତିକ ଗତିବିଧିକୁ ଜୋର କରିଛି । ସୂଚନାଯୋଗ୍ୟ ଉକ୍ତ ପଞ୍ଚାୟତର ସମିତି ସଭ୍ୟା ତନୁଜା ରଣବଂଶୀୟା ଅଙ୍ଗନୱାଡି କର୍ମୀ ଭାବେ ନିଯୁକ୍ତି ହେବାପରେ ଗତ ଜାନୁୟାରୀ ୩୦ରେ ନିଜ ପଦବୀରୁ ଇସ୍ତଫା ଦେଇଥିଲେ ।

# ଉପଖଣ୍ଡ ଡାକ୍ତରଖାନା ଅଧୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ

ଅମରପାଲି,୧୧।୪ (ଡି.ଏନ.ଏ)

**୧୭ରୁ ସାମୂହିକ ଛୁଟିରେ ଯିବେ ଫର୍ମାଶିଷ୍ଟ**

ରାଜ୍ୟ ଫର୍ମାଶିଷ୍ଟ ସଂଘ ଡାକରାରେ ଆସନ୍ତା ୧୭ ତାରିଖରୁ ଛୁଟିରେ ଯିବେ ଫର୍ମାଶିଷ୍ଟମାନେ । ସେମାନଙ୍କ ଦାବି ପ୍ରତି ଅଣଦେଖା କରିବା ପ୍ରତିବାଦରେ ମଙ୍ଗଳବାର ବୀରମହାରାଜପୁର ଉପଖଣ୍ଡସ୍ତରୀୟ ଡାକ୍ତରଖାନାରେ କାର୍ଯ୍ୟରତ ଫର୍ମାଶିଷ୍ଟ ସଂଘ କର୍ମକର୍ତ୍ତାମାନେ ଉପଖଣ୍ଡ ଡାକ୍ତରଖାନା ଅଧୀକ୍ଷକ ଡା. ରବିନ୍ଦ୍ରନାଥ ପଣ୍ଡାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ସରକାର ସେମାନଙ୍କ ଦାବି ପ୍ରତି ୧୫ ତାରିଖ ମଧ୍ୟରେ ନିଷ୍ପତ୍ତି ନ ନେଲେ ୧୭ତାରିଖରୁ କାର୍ଯ୍ୟରତ ଫର୍ମାଶିଷ୍ଟମାନେ ସମୂହ ଛୁଟିରେ ରହିବାକୁ ସଂଘ କର୍ମକର୍ତ୍ତା ୫ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି । କର୍ମଚାରୀମାନଙ୍କ ମୂଳ ଦରମା ଗ୍ରେଡ ପେ ୨୮୦୦ କୁ ବୃଦ୍ଧି, ୨୦୧୬ ରୁ କ୍ୟାଡର ପରିବର୍ତ୍ତେ ୨୦୧୩ କରାଯିବା, ଫର୍ମାଶିଷ୍ଟ ପଦକୁ ପରିବର୍ତ୍ତନ କରି ଫାରମାସିସ ଅଫିସର ଭାବେ ନାମକରଣ, ୨୦୧୩ ପୂର୍ବରୁ ଠିକା ନିଯୁକ୍ତି ପାଇଥିବା ସମସ୍ତଙ୍କୁ ବରିଷ୍ଠତା ଭିତ୍ତିରେ ସହାୟତା ଓ ଏମଏଚୟୁ ଓ ଆରବିଏସକେରେ କାର୍ଯ୍ୟରତ ଫରମାସିଷ୍ଟ ମାନଙ୍କୁ ସ୍ୱାସ୍ଥ୍ୟ ବିଭାଗରେ ଖାଲିଥିବା ସ୍ଥାନରେ ନିୟମିତ କରିବା ଆଦି ଦାବି ନେଇ ବିଭାଗୀୟ ମନ୍ତ୍ରୀ, ସଚିବ, ନିର୍ଦ୍ଦେଶକ ଓ ପ୍ରମୁଖ ଶାସନ ସଚିବଙ୍କୁ ଜଣାଇଥିଲ । ମାତ୍ର ଏ ଯାଏ କୌଣସି ପଦକ୍ଷେପ ନେଇ ନ ଥିବାରୁ ସାମୂହିକ ଛୁଟି ରହିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲ ସଂଘର ଜିଲା ସମ୍ପାଦକ ସାନୁଜ ପଧାନ ସୂଚନା ଦେଇଛନ୍ତି । ଦାବିପତ୍ର ପ୍ରଦାନ ସମୟରେ ଉଦୟନାଥ ଦେହୁରି, ରାଜୀବ ସାହୁ, ଗୁପ୍ତେଶ୍ୱର ମେହେର ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ମଞ୍ଚସ୍ଥ ହେଲା ନାଟକ ଲକ୍ଷ୍ମଣ ଶକ୍ତିଭେଦ

ବୌଦ୍ଧ,୧୧।୪(ସ୍ୱ.ପ୍ର.)

**ବୌଦ୍ଧ ରାମଲୀଳା ଯାତ୍ରା**

ବୌଦ୍ଧ ଗଡଜାତର ଗଣପର୍ବ ପ୍ରସିଦ୍ଧ ରାମଲୀଳା ଯାତ୍ରାର ମଙ୍ଗଳବାର ତ୍ରୟୋଦଶ ଦିବସରେ ମଞ୍ଚସ୍ଥ ହୋଇଛି ନାଟକ ଲକ୍ଷ୍ମଣ ଶକ୍ତିଭେଦ । ରାବଣର ଅଲିଅଳ ପୁତ୍ର ଇନ୍ଦ୍ରଜିତର ଲକ୍ଷ୍ମଣ ହସ୍ତରେ ମୃତ୍ୟୁ ଖବର ପାଇ ମର୍ମାହତ ଦଶାନନ । ପୁତ୍ର ମୃତ୍ୟୁରେ ଜର୍ଜରିତ ରାବଣ ନିଜେ ଯୁଦ୍ଧକୁ ଯାଇ ପ୍ରଭୁ ରାମଚନ୍ଦ୍ର, ଅନୁଜ ଲକ୍ଷ୍ମଣ ଓ ଭାତୃ ବିଭୀଷଣଙ୍କୁ ମାରିବା ପାଇଁ ମନସ୍ଥ କରିଛି । ଏଥିପାଇଁ ଘରେ ସାଇତି ରଖି ପୂଜାର୍ଚ୍ଚନା କରୁଥିବା ଏକଘ୍ନି ଅସ୍ତ୍ର ଧରି ବାହାରି ପଡିଛି ରଣକ୍ଷେତ୍ର । ଏକଘ୍ନି ଶାୟକ ଅସ୍ତ୍ର ଭାତୃ ବିଭୀଷଣକୁ ମାରିବା ବେଳେ ଅସ୍ତ୍ର ବାଜିଛି ଲକ୍ଷ୍ମଣଙ୍କ ଦେହରେ । ଟଳି ପଡିଛନ୍ତି ଲକ୍ଷ୍ମଣ । ଲକ୍ଷ୍ମଣ ଟଳି ପଡିବା ପରେ ଛତ୍ରଭଙ୍ଗ ଦେଇଛି ରାବଣ । ଲକ୍ଷ୍ମଣ ଟଳି ପଡିବା ପରେ ବିଚଳିତ ହୋଇ ପଡିଥିଲେ ପ୍ରଭୁ ଶ୍ରୀରାମ । ଶୁଶେଣ ବୈଦ୍ୟର ଆଦେଶରେ ହନୁମାନ ଗନ୍ଧମାର୍ଦ୍ଦନରୁ ବିଶଲ୍ୟକରଣୀ ଔଷଧ ଆଣି ବଞ୍ଚାଇ ପାରିଛନ୍ତି ଲକ୍ଷ୍ମଣଙ୍କ ଜୀବନ । ନାଟକକୁ ନିଖୁଣ ଭାବେ ଅନୁଷ୍ଠାନର କଳାକାରମାନେ ପ୍ରଦର୍ଶିତ କରିଥିଲେ । ନାଟ୍ୟକାର ହୃଦାନନ୍ଦ ମେହେରଙ୍କ ରଚିତ ଓ ଭାବାନୀ ଶଙ୍କର ମହାପାତ୍ରଙ୍କ ନିର୍ଦ୍ଦେଶନାରେ ନାଟକରେ ଶ୍ରୀରାମ ଭୂମିକାରେ ଶିରିଶ ବେହେରା,ସୀତା ବିଶ୍ୱାମିତ୍ର ସାହୁ, ଲକ୍ଷ୍ମଣ ଦନାର୍ଦ୍ଦନ ମିଶ୍ର, ହନୁମାନ ଶାନ୍ତନୁ ବେହେରା, ସୁଗ୍ରୀବ ଦିବାକର ଜେନା, ବିଭୀଷଣ ପ୍ରମୋଦ ପ୍ରଧାନ, ରାବଣ ସୁଦାମ ବେରିହା, ଭରତ ତପନ ବାରିକ, କାଳନେମି ଚକ୍ରଧର ସାହୁ, ମନ୍ଦୋଦରୀ ଜଗଦୀଶ ବାରିକ ପ୍ରମୁଖ ଉଚ୍ଚକୋଟୀର ଅଭିନୟ କରିଥିଲେ । ଇନ୍ଦ୍ରଜିତ ବଧ ଦେଖିବାକୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ହଜାର ହଜାର ଦର୍ଶକଙ୍କ ଭିଡ ଲାଗି ରହିଥିଲା ।


ରାମଲୀଳା ନାଟକର ଏକ ଦୃଶ୍ୟ ।

# ୟଙ୍ଗ ଷ୍ଟୁଡେଣ୍ଟସ କ୍ରିକେଟ କ୍ଲବ ଚାମ୍ପିୟନ

**ରାଧାଗୋବିନ୍ଦ ସାହୁ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ**

ତରଭା, ୧୧।୪(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ତରଭା ହାଇସ୍କୁଲ ଖେଳ ପଡିଆଠାରେ ସ୍ପୋର୍ଟିଂ ତରଫରୁ ପ୍ରଥମ ରାଧାଗୋବିନ୍ଦ ସାହୁ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚରେ ୟୁନିଭରସିଟି ବଲାଙ୍ଗୀର ଓ ୟଙ୍ଗ ଷ୍ଟୁଡେଣ୍ଟସ କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା । ନିର୍ଦ୍ଧାରିତ ୨୦ ଓଭରରେ ୟଙ୍ଗ ଷ୍ଟୁଡେଣ୍ଟସ କ୍ରିକେଟ କ୍ଲବ ବଲାଙ୍ଗୀର ୮ ଉଇକେଟରେ ୧୫୯ ରନ କରିଥିଲା । ଜବାବରେ ୟୁନିଭରସିଟି ଦଳ ୧୮.୪ଓଭରରେ ସମସ୍ତ ଉଇକେଟ ହରାଇ ୧୪୦ ରନ କରି ପରାଜିତ ହୋଇଥିଲା । ୱାଇଏସସିସିର କୁନାଲ ପଣ୍ଡା ମ୍ୟାନ ଅଫ ଦି ମ୍ୟଚ ଘୋଷିତ ହୋଇଥିଲେ । କ୍ଲବ ସଭାପତି ଆକବର ଅଲ୍ଲୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ବ୍ଲକ ଅଧକ୍ଷ ସରୋଜ କର୍ଣ୍ଣ ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ଗୋପାଳ ପ୍ରସାଦ ଝାରଝାରିଆ, ବିଚିତ୍ର ସାହୁ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ନଗଦ ଅର୍ଥ ରାଶି ପ୍ରଦାନ କରି ପୁରସ୍କୃତ କରିଥିଲେ ।


ଅତିଥିଙ୍କ ସହ ଚାମ୍ପିୟନ ଟିମ୍‌ର ଖେଳାଳିମାନେ ।

## ସଂକ୍ଷେପରେ

### ମହିଳାଙ୍କ ଆତ୍ମହତ୍ୟା

ଲହୁଣୀପଡା,୧୧।୪(ଡି.ଏନ.ଏ.): ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ଦର୍ଜାଂ ପଞ୍ଚାୟତ ବାଲିସୁଡା ଗ୍ରାମର ଜଣେ ବିବାହିତା ମହିଳା ଆତ୍ମହତ୍ୟା କରିଛନ୍ତି। ପ୍ରକାଶ ଯେ, ବାଲିସୁଡା ଗ୍ରାମର ସୁରେ ମୁଣ୍ଡାଙ୍କ ସ୍ତ୍ରୀ ବାସନ୍ତୀ(୩୨) ଘର ନିକଟସ୍ଥ ଏକ ଗଛରେ ବେକରେ ଶାଢୀ ବାନ୍ଧି ଆତ୍ମହତ୍ୟା କରିଥିବା ମଙ୍ଗଳବାର ଭୋର ସମୟରେ ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଖବରପାଇ କେ ବଲାଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା । ଲହୁଣୀପଡା ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି । ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଆତ୍ମହତ୍ୟାର କାରଣ ଜଣାପଡିନାହିଁ ।

### ଦିନ ଦ୍ୱିପ୍ରହରରେ ୩ ଘରୁ ଚୋରି

ଲହୁଣୀପଡା,୧୧।୪(ଡି.ଏନ.ଏ.): ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ପୃଥକ ପୃଥକ ତିନୋଟି ଗାଁର ତିନୋଟି ଘରୁ ଦିନ ଦ୍ୱିପ୍ରହରରେ ଚୋରି ହୋଇଯାଇଛି । ଚୋରମାନେ ସୁନା, ରୁପା ଗହଣା ଓ ନଗଦ ଟଙ୍କା ଚୋରି କରି ନେଇଥିବା ଲହୁଣୀପଡା ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ପୃଥକ ପୃଥକ ଭାବେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲେ ସୁଦ୍ଧା ଚୋରଙ୍କ ସନ୍ଧାନ ମିଳିନାହିଁ । ପ୍ରକାଶ ଯେ, ସୋମବାର ଲହୁଣୀପଡା ଥାନା ଅନ୍ତର୍ଗତ ବଡ ପୁରୁଣାପଣି ଗ୍ରାମର ଗ୍ରୀଡ଼ ନିକଟରେ ରହୁଥିବା ସାଗର ସିଂ ମୁଣ୍ଡାରୀ ଘରେ ତାଲା ପକାଇ କୌଣସି କାର୍ଯ୍ୟରେ ରାଉରକେଲା ଯାଇଥିଲେ। ସେଠାରୁ ଫେରି ଦେଖିଲା ବେଳକୁ ତାଙ୍କ ଘରର କବାଟ ତାଡ଼ି ଚୋରମାନେ ଦୁଇ ହଳ ପାଉଁଜି, ରୁପା ଚେନ, ଏକ ହଳ ସୁନା ରିଙ୍ଗ, ନଗଦ ୧୫ ହଜାର ଟଙ୍କା ଚୋରି କରି ନେଇଯାଇଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ସେହିଭଳି ଲହୁଣୀପଡା ଥାନା ଅନ୍ତର୍ଗତ କୁରଡ଼ା ଗ୍ରାମର ବୁଦ୍ଧଦେବ ମାହାନ୍ତଙ୍କ ଘରେ କେହି ନ ଥିବାର ସୁଯୋଗ ନେଇ ଚୋରମାନେ ଆଲମୀରା ଓ ବାକ୍ସକୁ ଭାଙ୍ଗି ଦୁଇ ହଳ କାନଫୁଲ, ଦୁଇ ହଳ ପାଉଁଜି, ଚାରୋଟି ସୁନା ପଦକ ଓ ନଗଦ ୩୦ ହଜାର ଟଙ୍କା ଚୋରି କରି ନେଇ ଯାଇଛନ୍ତି। ବ୍ରାହ୍ମଣ ଗାଁ ରୁଗୁଡି ସାହିର ଡାକ୍ତର ପାତ୍ରଙ୍କ ଘରୁ ମଧ ହଳେ କାନଫୁଲ , ହଳେ ରୁପା ପାଉଁଜି ,ସୁନା ପଦକ ସାତଟି, ନଗଦ ୭ ହଜାର ଟଙ୍କା ଚୋରି କରି ଚୋରମାନେ ଫେରାର ହୋଇଯାଇଛନ୍ତି ।

### ମଦଭାଟି ବନ୍ଦ ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ ଏସ୍‌ଏଚ୍‌ଜି

ଭବାନୀପାଟଣା,୧୧।୪(ଡି.ଏନ.ଏ.) କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକର କର୍ଲାପାଟ ପଞ୍ଚାୟତ ପୁରୁଣାଗୁମା ଗାଁରେ କିଛି ଲୋକ ଏକ ଦେଶୀ ମଦଭାଟି ତିଆରି କରି ମଦ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ଏହି ପଞ୍ଚାୟତରେ ପ୍ରାୟ ସମସ୍ତେ ଦିନ ମଜୁରିଆ ଭାବରେ ନିଜ ଗୁଜୁରାଣ ମେଣ୍ଟାଇ ଥାଆନ୍ତି । କିନ୍ତୁ ଏହି ମଦ ଭାଟି ହେବା ପରେ ଗାଁର ପୁରୁଷମାନେ ପ୍ରତିଦିନ ମଦ ପିଇବା ସହ ଲୋକଙ୍କୁ ଦୁର୍ବ୍ୟବହାର କରିବା ସହ ଅତ୍ୟାଚାର କରୁଥିବା ଅଭିଯୋଗ ଆସିଛି।

# ବୋଲେରୋ ଉପରେ ଚଢ଼ିଗଲା ଭାରିଯାନ : ୨ ମୃତ, ୫ ଆହତ

ସୁନ୍ଦରଗଡ଼/ହେମଗିର,୧୧।୪(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକରେ ଥିବା ମହାନଦୀ କୋଇଲା ଖଣି ଲିମିଟେଡ (ଏମ୍‌ସିଏଲ୍)ର ଗର୍ଜନବାହାଲ କୋଇଲା ଖଣି ଭିତରେ ମଙ୍ଗଳବାର ସକାଳେ ଏକ ଭାରିଯାନ (କାଟାର ପିଲାର) ସେଠାକୁ ଯାଇଥିବା ବୋଲେରୋ ଉପରେ ଚଢ଼ିଯିବାରୁ ୨ ଜଣ କର୍ମଚାରୀଙ୍କ ମୃତ୍ୟୁ ଘଟିଛି ଓ ଅନ୍ୟ ୫ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ଏମ୍‌ସିଏଲର ଶିଫ୍ଟ ଇନ୍‌ଚାର୍ଜ ଜଗଦୀଶ ଓରାମ(୩୭) ଓ ଉମାକାନ୍ତ ପଟେଲ (୫୦)। ଦୁର୍ଘଟଣା ପରେ ଖଣିରେ ଉତ୍ତୋଳନ ଓ ପରିବହନ କାର୍ଯ୍ୟ ବନ୍ଦ ରହିଛି। ଏହି ଦୁର୍ଘଟଣାକୁ ନେଇ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ସୁରକ୍ଷା ଦାବି କରି ଶ୍ରମିକ ଓ କର୍ମଚାରୀମାନେ ଆନ୍ଦୋଳନ କରିବା ସହ କାର୍ଯ୍ୟ ବନ୍ଦ କରିଥିବା ସୂଚନା



ଦୁର୍ଘଟଣାଗ୍ରସ୍ତ ବୋଲେରୋ ।

ମିଳିଛି । ଉତ୍ତେଜନାକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ମୁତୟନ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ସକାଳ ପ୍ରାୟ ୬ଟା୪୫ରୁ ୭ଟା ୧୫ ଭିତରେ ଏକ ବୋଲେରୋରେ ଏମ୍‌ସିଏଲ୍‌ର ୬ ଜଣ କର୍ମଚାରୀ ଗର୍ଜନବାହାଲ କୋଇଲା

**କୋଇଲା ଖଣିରେ ଦୁର୍ଘଟଣା**

ଖଣିରେ କାମ କରିବାକୁ ଯାଉଥିଲେ । ଏହି ସମୟରେ ଖଣି ଭିତରେ କୋଇଲା ଖନନ କାର୍ଯ୍ୟରେ ନିୟୋଜିତ ଉକ୍ତ ଭାରିଯାନ ବୋଲେରୋ ଉପରେ ଚଢି ଯାଇଥିଲା । ଫଳରେ ବୋଲେରୋଟି ଚାପି ହୋଇଯିବା ସହ ଖଣି ଭିତରେ ପ୍ରାୟ ୧୫ଫୁଟ୍ ତଳକୁ ଖସି ପଡିଥିଲା । ଗାଡିଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି । ଖବରପାଇ ପୋଲିସ ଓ ଏମ୍‌ସିଏଲ ବସୁନ୍ଧରା କ୍ଷେତ୍ରର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଡ୍ରାଇଭର ସମେତ ୭ ଜଣଙ୍କୁ ଉଦ୍ଧାର କରି ପ୍ରଥମେ ବସୁନ୍ଧରା ଡାକ୍ତରଖାନା ନେଇଥିଲେ । ପରେ ସେଠାରୁ ୪୦ କି.ମି. ଦୂର ପଡ଼ୋଶୀ ଛତିଶଗଡ଼ ରାଜ୍ୟ ରାୟଗଡସ୍ଥିତ ଜିନ୍ଦଲ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ୨ ଜଣ କର୍ମଚାରୀଙ୍କୁ ମୃତ ଘୋଷଣା କରିଥିଲେ । ଆହତମାନେ ହେଲେ ଡୋଲାମଣି ପଧାନ, ନିରଞ୍ଜନ ମୁଣ୍ଡା, ହେମାନନ୍ଦ ଧୂଆ (ଡ୍ରାଇଭର), ଗଣେଶ ରାମ, ରାମଧନି ମାଝି । ଏମାନଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ ସନ୍ଧ୍ୟାରେ ଏୟାର ଆମ୍ବୁଲାନ୍ସ ଯୋଗେ ହାଇଦ୍ରାବାଦର ଯଶୋଦା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି ବୋଲି ଏମ୍‌ସିଏଲ୍ ଗର୍ଜନବାହାଲ କୋଇଲା ଖଣିର ଜିଏମ୍ ପି.ବି. ରେଡ୍ଡୀ ସୂଚନା ଦେଇଛନ୍ତି ।

ସୂଚନଯୋଗ୍ୟ, ଖଣି ଭିତରେ କୋଇଲା ଉତ୍ତୋଳନ ପରେ କାଟାର ପିଲାରରେ ଏକାଥରକେ ୧୦୦ ଟନ କୋଇଲା ବୋଝେଇ ହୋଇ କୋଇଲା ଡମ୍ପି ୟାର୍ଡକୁ ଯାଇଥାଏ । ଡମ୍ପିୟାର୍ଡରୁ ଅନ୍ୟ ଡମ୍ପର ଯୋଗେ କୋଇଲା ପରିବହନ ହୋଇଥାଏ ।

## ଆମ୍ବଗଛରୁ ପଡ଼ି ଚିକିତ୍ସାଧୀନ ବୃଦ୍ଧଙ୍କ ମୃତ୍ୟୁ

କୁଆଁରମୁଣ୍ଡା,୧୧।୪(ଡି.ଏନ.ଏ.)

ଗତ କିଛି ଦିନ ତଳେ ଆମ୍ବଗଛରୁ ପଡି ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଥିବା ଜଣେ ବୃଦ୍ଧଙ୍କ ରାଉରକେଲାର ଏକ ଘରୋଇ ହସ୍ପିଟାଲରେ ମଙ୍ଗଳବାର ମୃତ୍ୟୁ ଘଟିଛି । ମୃତକ ହେଲେ ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅଧୀନ ଲାଖୋଟୋଲିର ଭୀମା ତନ୍ତୀ (୬୦) । ପ୍ରକାଶ ଯେ, ଗତ ୨୪ ତାରିଖରେ ଭୀମା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ପଦମପୁର ପଞ୍ଚାୟତ ନିକଟସ୍ଥ ଏକ ଆମ୍ବଗଛରେ ଚଢି ଶୁଖିଲା ଡାଳ ସଂଗ୍ରହ କରୁଥିବା ବେଳେ ତଳକୁ ଖସି ପଡିଥିଲେ । ତାଙ୍କୁ ପରିବାର ଲୋକେ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରୁ ଅନ୍ୟ ଏକ ଘରୋଇ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା । ଖବର ପାଇ ଫାଣ୍ଡି ପୋଲିସ ସେଠାରେ ପହଞ୍ଚ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ବୁଧବାର ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି।

# ସୂପର୍ଣ୍ଣଖାର ନାସା ଛେଦନ ପରେ ରାବଣ ସଭା

ବଡ଼ଗାଁ,୧୧।୪(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ବଡ଼ଗାଁର ମୁକ୍ତ ମଞ୍ଚରେ ଅଭିନୀତ ପ୍ରସିଦ୍ଧ ରାମଲୀଳା ଯାତ୍ରାରେ ରାବଣର ଭଉଣୀ ସୂପର୍ଣ୍ଣଖାର ନାସା ଛେଦନ ପରେ ରାବଣ କ୍ରୋଧରେ ଜର୍ଜରିତ ହୋଇ ମନ୍ତ୍ରୀ ପରିଷଦକୁ ଡକାଇ ସୀତାଙ୍କୁ ଅପହରଣ ପାଇଁ ଷଡ଼ଯନ୍ତ୍ର ଯୋଜନା ରଚିଥିଲେ। ଏହାପରେ ମାୟାବୀ ମାରୀଚକୁ ମାୟା ମୃଗ ରୂପ ଧାରଣ କରି ସୀତାଙ୍କ କୁଟୀର ସମ୍ମୁଖରେ ବିଚରଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଯୋଜନା ମୁତାବକ ମାରୀଚ କୁଟୀର ସମ୍ମୁଖରେ ବିଚରଣ କଲେ। ସୀତା ସ୍ୱର୍ଣ୍ଣ ମୃଗ ଦେଖି ରାମଚନ୍ଦ୍ର ଙ୍କୁ ଧରି ଆଣିବାକୁ

**ସୁଗ୍ରୀବଙ୍କ ସହିତ ମିତ୍ରତା**

କହିଲେ। ରାମଚନ୍ଦ୍ର ସ୍ୱର୍ଣ୍ଣ ମୃଗ ପଛରେ ଯିବାର କିଛି ସମୟ ପରେ ତ୍ରାହି ଲକ୍ଷ୍ମଣ ଡାକ ଶୁଣି ସୀତା ଲକ୍ଷ୍ମଣଙ୍କୁ ଯିବାପାଇଁ କହିଥିଲେ। ଲକ୍ଷ୍ମଣ ଯିବାକୁ ମନା କରିବାରୁ ସୀତା ଭର୍ତ୍ସନା କରିଥିଲେ। ଏହାପରେ ଲକ୍ଷ୍ମଣ ତିନି ଗାର ଟାଣି ବନସ୍ତ ଅଭିମୁଖେ ଧାଇଁ ଚାଲି ଯାଇଥିଲେ। ଏହି ସୁଯୋଗରେ ରାବଣ ବ୍ରାହ୍ମଣ ରୂପରେ ଆସି ଭିକ୍ଷା ମାଗିଥିଲେ। ସୀତା ଗାର ଡେଇଁ ଭିକ୍ଷା ଦେଲା ବେଳେ ରାବଣ ଅପହରଣ କରି ନେଇଥିଲେ। ରାସ୍ତାରେ ଜଟାୟୁ ସହିତ ରାବଣଙ୍କ ଯୁଦ୍ଧ ହୋଇଥିଲା ଓ ଜଟାୟୁ ନିହତ ହୋଇଥିଲେ। ରାମ ଓ ଲକ୍ଷ୍ମଣ ସୀତାଙ୍କୁ ନ ପାଇ ବନସ୍ତ ଭିତରକୁ ଖୋଜିବା ପାଇଁ ଯାଇଥିଲେ। ସେପଟେ ମାତଙ୍ଗ ଋଷିଙ୍କ ଆଜ୍ଞା କ୍ରମେ ଭଗବାନଙ୍କ ଅପେକ୍ଷାରେ ଥିବା ଶବରୀ ପ୍ରତିଦିନ ନିଜ କୁଟୀରକୁ ପୁଷ୍ପରେ ସଜାଇ ଓ ଫଳମୂଳ ରଖି ଚାହିଁ ରହିଥିଲେ। ଶେଷରେ ଶ୍ରୀରାମଚନ୍ଦ୍ର ଶବରୀର କୁଟୀରରେ ପହଞ୍ଚିଥିଲେ। ଶବରୀ ପ୍ରଭୁଙ୍କୁ ଦେଖି ମିଠା ଫଳ ଚାଖି ରାମ ଓ ଲକ୍ଷ୍ମଣଙ୍କୁ ଖାଇବାକୁ ଦେଇଥିଲେ। ଏହାପରେ ରାମ ଓ ଲକ୍ଷ୍ମଣ ଋଷ୍ୟମୁଖ ପର୍ବତ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ସୁଗ୍ରୀବ ଦୁଇ ବନବାସୀଙ୍କୁ ଦେଖି ସନ୍ଦେହ କରିଥିଲେ ଓ ହନୁମାନଙ୍କୁ କିଏ ସେହି ବନବାସୀ ଜାଣିବା ପାଇଁ ପଠାଇଥିଲେ। ହନୁମାନ ବ୍ରାହ୍ମଣ ରୂପରେ ଯାଇ ପଚାରି ବୁଝିଥିଲେ। ହନୁମାନ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ଜାଣିପାରି ନିଜ ସ୍ୱରୂପ ପ୍ରକଟ କରିଥଲେ। ଏହାପରେ ହନୁମାନ ସୁଗ୍ରୀବଙ୍କ ସହିତ ରାମ ଲକ୍ଷ୍ମଣଙ୍କୁ ସାକ୍ଷାତ କରାଇଥିଲେ। ସେଠାରେ ସୁଗ୍ରୀବଙ୍କ ସହିତ ମିତ୍ରତା ସ୍ଥାପନ ହୋଇଥିଲା। ଏହି ବିଷୟବସ୍ତୁ ଉପରେ କଳାକାରମାନେ ସୁନ୍ଦର ଅଭିନୟ ପ୍ରଦର୍ଶନ କରିଥଲେ। ରାମ, ଲକ୍ଷ୍ମଣ, ସୀତା, ହନୁମାନ, ସୁଗ୍ରୀବ, ଶବରୀ ଭୂମିକାରେ ଯଥାକ୍ରମେ ଲୁଲୁ ପାଣିଗ୍ରାହୀ, ଦୀପକ ପୃଷେଟ, କମଳେନ୍ଦୁ ପାଣିଗ୍ରାହୀ, ବାବୁଲୁ ପ୍ରଧାନ, ରାଜେଶ ଚକ୍ରବର୍ତ୍ତୀ, ଭିକାରୀ ଚରଣ ସା ଅଭିନୟ କରିଥିଲେ।

# ସଂଗ୍ରାମୀ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ରଙ୍କ ଜୟନ୍ତୀ



ଲକ୍ଷ୍ମୀନାରାୟଣଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି ।

ସମ୍ବଲପୁର,୧୧।୪(ବ୍ୟୁରୋ)

ପଶ୍ଚିମ ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ରଙ୍କ ୧୨୦ତମ ଜୟନ୍ତୀ ମଙ୍ଗଳବାର ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ପାଳିତ ହୋଇଯାଇଛି। ସମାଜର ସଭାପତି ଅଶୋକ କୁମାର ମିଶ୍ରଙ୍କ ଅଧକ୍ଷତାରେ ଉତ୍ସବ ହୋଇଥିଲା । ଲଜପତ ରାୟ ଆଇନ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ବିଜୟାନନ୍ଦ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ଲକ୍ଷ୍ମୀନାରାୟଣ ମିଶ୍ର ଅଞ୍ଚଳର ଜଣେ ପ୍ରାତଃ ସ୍ମରଣୀୟ ବ୍ୟକ୍ତି। ସେ ଏକ ଶୃଙ୍ଖଳିତ ସମାଜ ଗଠନ ପାଇଁ ସର୍ବଦା ଚେଷ୍ଟିତ ଥିଲେ। ଆଜିର ସମୟରେ ତାଙ୍କର ଗୁଣ ସମଗ୍ର ଦେଶରେ ବିଚ୍ଛୁରିତ ହେବା ଆବଶ୍ୟକ। ମୁଖ୍ୟବକ୍ତା ଡ. ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ କହିଥିଲେ, ଲକ୍ଷ୍ମୀନାରାୟଣ ଥିଲେ ବିରଳ ପ୍ରତିଭାର ଅଧିକାରୀ । ତାଙ୍କ ନେତୃତ୍ୱରେ ହିଁ ସମ୍ବଲପୁରର ଛାତ୍ରମାନେ ମହାତ୍ମା ଗାନ୍ଧୀଙ୍କ ଡାକରାରେ ଶ୍ରେଣୀ କକ୍ଷ ଛାଡି ଅସହଯୋଗ ଆନ୍ଦୋଳନରେ ସାମିଲ ହେବାପାଇଁ ବୁଢାରଜା ପାହାଡ ତଳେ ଏକତ୍ରିତ ହୋଇଥିଲେ । ନିର୍ଭୀକତା, ସ୍ପଷ୍ଟବାଦିତା, ସମୟବଦ୍ଧତା ତାଙ୍କର ବିଶେଷତ୍ୱ ଥିଲା। ସମୁଦାୟ ପନ୍ଦରଟି ଭାଷା ଉପରେ ତାଙ୍କର ଦକ୍ଷତା ଥିଲା। ସାହିତ୍ୟ ଏକାଡେମୀ ପକ୍ଷରୁ ତାଙ୍କ ରଚିତ ବାରଟି ପୁସ୍ତକ ପ୍ରକାଶନ ପାଇଁ ଦିଆଯାଇଥିଲା । ତେବେ ମାତ୍ର ଗୋଟିଏ ପୁସ୍ତକ ପ୍ରକାଶ ପାଇଥିଲା। ଅନ୍ୟ ପୁସ୍ତକର ପାଣ୍ଡୁଲିପି ଆଉ ଫେରସ୍ତ କରା ନ ଯିବା ବିଡମ୍ବନାର ବିଷୟ। ସମ୍ପାଦକ ଡ. ସିଦ୍ଧାର୍ଥ ପଣ୍ଡା ପ୍ରାରମ୍ଭିକ ସୂଚନା ଓ ସହସମ୍ପାଦକ ସୁରେଖା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସକାଳେ ସମ୍ବଲପୁର ଗଙ୍ଗାଧର ମେହେର କଲେଜ ଛକସ୍ଥିତ ଲକ୍ଷ୍ମୀନାରାୟଣଙ୍କ ପ୍ରତିମୂର୍ତ୍ତିରେ ଓଡ଼ିଶା ସାଂସ୍କୃତିକ ସମାଜ କର୍ମକର୍ତ୍ତାଙ୍କ ସମେତ ବିଭିନ୍ନ ଅଞ୍ଚଳରୁ ଜନସାଧାରଣ ଯୋଗଦେଇ ମାଲ୍ୟାର୍ପଣ କରିଥିଲେ ।

# ୫୦୦ ଘର ଡେଲକି ଖଡ଼ିଆ ସମାଜ ମହାସଭା



ମହାସଭାରେ ଯୋଗଦେଇଥିବା କର୍ମକର୍ତ୍ତା।

ସୁନ୍ଦରଗଡ,୧୧।୪(ଡି.ଏନ.ଏ.)

୫୦୦ ଘର ଡେଲକି ଖଡିଆ ସମାଜର ମହାସଭା ସ୍ଥାନୀୟ କରମଡିହି ହନୁମାନ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଗତ ୭ ତାରିଖରୁ ଆରମ୍ଭ ହୋଇଥିବା ଏହି ମହାସଭା ରବିବାର ଉଦ୍‌ଯାପିତ ହୋଇଯାଇଛି। କୋଲ ଇଣ୍ଡିଆର ପୂର୍ବତନ କମିଶନର ତୁଳାରାମ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ମହାସଭାକୁ ଉଦ୍‌ଘାଟନ କରିଥିଲେ। ଛତିଶଗଡ଼ ଡେଲକି ଖଡିଆ ସମାଜର ସଭାପତି ମଦନ ନାଏକ, ସୁନ୍ଦରଗଡ ସଭାପତି ପରମାନନ୍ଦ ବାଗ ଓ ନୃପଚରଣ ଦଣ୍ଡସେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଦ୍ୱିତୀୟ ଦିବସରେ ପରମଲ ସିଂ ଠକରିଆ, ଦୁର୍ଜନ ବାଗ, ଯଦୁମଣି ବାଗ ଅତିଥି ଭାବେ ଯୋଗଦାନ କରିଥିଲେ। ରବିବାର ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ୫୦୦ ଘର ଡେଲକି ସମାଜର ରାଜ୍ୟ ସଭାପତି ଧନେଶ୍ୱର ନାଏକ ଏବଂ ମୁଖ୍ୟବକ୍ତା ଭାବେ ଓଡିଶା ସରକାରଙ୍କ ପଛୁଆ ବର୍ଗ ର ପୂର୍ବତନ ନିର୍ଦ୍ଦେଶକ ମାଧବ ଚନ୍ଦ୍ର ବରିହା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜାଏସର ପଙ୍କଜିନୀ ମାଝୀ ଯୋଗ ଦେଇଥିଲେ। ଅତିଥିମାନେ ଡେଲକି ଖଡିଆ ସମାଜର ନୀତି ନିୟମ ଉପରେ ଆଲୋକପାତ କରି ସମାଜର ଆର୍ଥିକ ଓ ସାମାଜିକ ଉନ୍ନତି ପାଇଁ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ସମାଜର ଏକ ଷ୍ଟିୟରିଂ କମିଟି ଗଠିତ ହୋଇଥିଲା। ନୃପଚରଣ ଦଣ୍ଡସେନାଙ୍କୁ ଷ୍ଟିୟରିଂ କମିଟିର ସଭାପତି ଭାବେ ମନୋନୀତ କରାଯାଇଛି। ମନୋହର ପ୍ରଧାନ, ବିଶେଶର ଦଣ୍ଡସେନା, ଗୋପାଳ ପ୍ରଧାନ, ଶିବଶଙ୍କର ନାଏକ, ମୁକେଶ ଡେଲକି, ବାବଲୁ ଡେଲକି, ରଏବାରୀ ପ୍ରଧାନ, ସୁନେଲି ପ୍ରଧାନ, ରେଣୁ ପ୍ରଧାନ ପ୍ରମୁଖ ସଭା ପରିଚାଳନା କରିଥିଲେ।

## ୨ପୁରୁଖା କଂଗ୍ରେସ କର୍ମୀଙ୍କ ବିୟୋଗରେ ଜିଲା କଂଗ୍ରେସ କମିଟି ପକ୍ଷରୁ ଶୋକ

ସୁନ୍ଦରଗଡ,୧୧।୪(ଡି.ଏନ.ଏ.)

ସୁନ୍ଦରଗଡ଼ର ବରିଷ୍ଠ ଆଇନଜୀବୀ ତଥା ପୁରୁଖା କଂଗ୍ରେସ କର୍ମୀ କେଶବ ଚନ୍ଦ୍ର ନାଏକ ଓ ଅମଦ ଅହମ୍ମଦଙ୍କ ବିୟୋଗରେ ଜିଲା କଂଗ୍ରେସ କମିଟି ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ନାରୀକଲ୍ୟାଣ କେନ୍ଦ୍ରଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଜିଲା ସଭାପତି ବେଣୁମାଧବ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶୋକସଭାରେ ଦିବଙ୍ଗତ ପୁରୁଖା କର୍ମୀଙ୍କ ନିସ୍ୱାର୍ଥପର ସେବା ଓ କଂଗ୍ରେସ ଦଳ ପ୍ରତି ଅନୁରକ୍ତିର ସ୍ମୃତିଚାରଣ କରାଯାଇ ଅମର ଆତ୍ମାର ସଦଗତି କାମନା କରାଯାଇଥିଲା । ଉକ୍ତ ସଭାରେ ପର୍ଶୁରାମ ସରାଫ, ନିର୍ମଳ ଚନ୍ଦ୍ର ନାଏକ, ପ୍ରଣବ ସିଂ, ନେପାଳ ଚନ୍ଦ୍ର ସାହୁ, ଗୋବିନ୍ଦ ଭୋଇ, ସୂର୍ଯ୍ୟ ନାରାୟଣ ସାହୁ, ମୁନୁସରାଫ, ସୁନ୍ଦର ଲାଲ ଶର୍ମା, ବିଶ୍ୱଜିତ ପଟ୍ଟନାୟକ, ଲବଣୀ ବାଗ, ଦେବାଶିଷ ଦାସ, ସୋୟବ ଖାନ ଉପସ୍ଥିତ ଥିଲେ।

## ପେଟରେ ଲୁହାରଡ୍ ପଶି ଯୁବକ ଗୁରୁତର

କୁଚିଣ୍ଡା,୧୧।୪(ଡି.ଏନ.ଏ.)

ଜମନକିରା ବ୍ଲକ ଫାସିମାଲ ପଞ୍ଚାୟତ ଅନ୍ତର୍ଗତ ଗୁଲୁଜିପାଲି ଗ୍ରାମରେ ଘର କାମ କରୁଥିବା ସମୟରେ ଦୁଷ୍ମନ୍ତ କିଷାନ(୩୫)ଙ୍କ ପେଟରେ ଲୁହାରଡ ପଶି ଗୁରୁତର ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ବୁର୍ଲା ମେଡିକାଲରେ ଭର୍ତ୍ତି କରାଯାଇଛି। ଦୁଷ୍ମନ୍ତ ନିଜ ଗ୍ରାମ ଗୁଲୁଜିପାଲିରେ ମଙ୍ଗଳବାର ଏକ ଘର କାମରେ ଶ୍ରମିକ ଭାବେ କାମ କରୁଥିଲେ। କୌଣସି କାରଣରୁ ତାଙ୍କ ପେଟରେ ଏକ ଲୁହାରଡ୍ ପଶିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପରିବାର ଲୋକେ କୁଚିଣ୍ଡା ମେଡିକାଲକୁ ଆଣିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ଖଡ଼ିଆଳ ସ୍ୱୟଂଶାସିତ କଲେଜରେ ଜି ୨୦ ବକ୍ତୃତାମାଳା

ଖଡ଼ିଆଳ,୧୧।୪(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟଠାରେ ଜି ୨୦ ବିଶ୍ୱ ବିଦ୍ୟାଳୟ ବକ୍ତୃତା ମାଳା ଅଧକ୍ଷ ଡ଼ା ତରୁଣ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରିସ ନୂଆଦିଲ୍ଲୀ ଡାରେକ୍ଟର ଜେନେରାଲ ପ୍ରଫେସର ସଚିତ ଚର୍ତୁବେଦୀ ଯୋଗଦେଇଥିବା ବେଳେ ବିଶିଷ୍ଟ ଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, ମୁଖ୍ୟବକ୍ତା ଭାବେ ରିସ ନୂଆଦିଲ୍ଲୀ ସହଯୋଗୀ ପ୍ରଫେସର ପ୍ରିୟଦର୍ଶୀ ଦାସ, ସମ୍ମାନିତ ଅତିଥି ନୂଆପଡା ପିଡି ଡିଆରଡିଏ ମଧୁଛନ୍ଦା ସାହୁ, ପରିଚାଳନା କମିଟି ସଭାପତି ବିଶ୍ୱଜିତ ପାଢ଼ୀ, ସଂଯୋଜକ ଭାବେ ଡ଼ା ଜ୍ୟୋତିରାଜ ପାତ୍ର ପାଣିପାଗ ବିଶେଷଜ୍ଞ ଇଉ ଏନଡିପି ନୂଆଦିଲ୍ଲୀ ଯୋଗଦାନ କରିଥିଲେ। ମୁଖ୍ୟଅତିଥି ଜି ୨୦ରେ ଭାରତର ସଭାପତିତ୍ୱର ବିଶେଷତ୍ୱ, ତାର ମୁଖ୍ୟ ଆଧାର, ଲକ୍ଷ୍ୟ ଓ ତାର ଭୂମିକା ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଜି ୨୦ ଯୁବକଙ୍କ ଭୂମିକା ଓ ଭାରତର ଲକ୍ଷ ବସୁଦେଇବ କୁଟୁମ୍ବକଂମ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପିକା ନିବେଦିତା ଆଚାର୍ଯ୍ୟ ଅତିଥିମାନଙ୍କୁ ଆମନ୍ତ୍ରଣ କରିଥିବା ବେଳେ ଅତିଥିମାନେ ତୁଳସୀ ବୃକ୍ଷରେ ଜଳ ପ୍ରଦାନ ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପରେ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକାଙ୍କ ସମେତ କର୍ମଚାରୀ ଓ ପିଜି ଇଉଜି ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। କଲେଜ ପରିଚାଳନା ସଭାପତି ବିଶ୍ୱଜିତ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

# ପଡ଼ିଆ ଜମିରେ ଫଳଚାଷକୁ ପ୍ରୋତ୍ସାହନ

ସୁନ୍ଦରଗଡ଼,୧୧।୪(ଡି.ଏନ.ଏ.)

ସୁନ୍ଦରଗଡ ଜିଲାର ଜନଜାତି ବର୍ଗର ଚାଷୀମାନଙ୍କୁ ଦୀର୍ଘସ୍ଥାୟୀ ଜୀବିକା ଯୋଗାଇ ଦେବା ପାଇଁ ବିଭିନ୍ନ ପ୍ରକାରର ଫଳ ଚାଷ କରାଯାଉଛି। ଚାଷୀମାନେ ସେମାନଙ୍କ ପଡିଆ ଜମିରେ ଆମ୍ବ, କାଜୁ ଓ ଲେମ୍ବୁ ଆଦି ଚାରା ଲଗାଉଛନ୍ତି। ଏଥିପାଇଁ ସୁନ୍ଦରଗଡ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) ପକ୍ଷରୁ ଆବଶ୍ୟକ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି।

ସୁନ୍ଦରଗଡ଼ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା( ଆଇଟିଡିଏ) ଅଧୀନରେ ଥିବା ମୋଟ ୯ଟି ବ୍ଲକରେ ଏହି ଫଳ ଚାଷ କରାଯାଉଛି। ୨୦୨୦-୨୧ରୁ ବର୍ତ୍ତମାନ ସୁଦ୍ଧା ଏହି ଚାଷରେ ୧୧୭୦ରୁ ଅଧିକ ହିତାଧିକାରୀ ଯୋଡି ହୋଇଛନ୍ତି। ୧୯୦୦ରୁ ଅଧିକ ଏକର ଜମିରେ ଆମ୍ବ, କାଜୁ ଓ ଲେମ୍ବୁ ଚାଷ କରାଯାଉଛି। ୨୦୨୨-୨୩ରୁ ଲେମନ ଗ୍ରାସ ଚାଷ ଲାଗି ମଧ ପ୍ରୋତ୍ସାହନ ଦିଆଯାଉଛି। ଲେଫ୍ରିପଡା ବ୍ଲକ ଅଧୀନ ସାହେବଡେରା ଗ୍ରାମର ମଧୁସୂଦନ ମାଝି କୁହନ୍ତି, 'ମୋର ୫ ଏକର ଜମି ପଥୁରିଆ ଥିବାରୁ ଏଥିରେ କୌଣସି ଚାଷ ହେଉ ନ ଥିଲା। ଏହି ଜମିରେ ଆମ୍ବ ଗଛ ଲଗାଇବାକୁ ସୁନ୍ଦରଗଡ ଆଇଟିଡିଏର



ପଡିଆ ଜମିରେ ଫଳ ଚାଷ କରାଯାଇଛି।

ଅଧିକାରୀମାନେ ଆସି ବୁଝାଇଥିଲେ। ସେଠି ଆମ୍ବ ଗଛ ଲଗାଇଥିଲି। ଚଳିତବର୍ଷ ପ୍ରଥମ ଥର ପାଇଁ ଫଳ ଆସିଛି। ଏହାସହ ଇଣ୍ଟରକ୍ରପିଂରେ ତରଭୁଜ ଚାଷ ମଧ କରିଛି ବୋଲି ମାଝି କହିଛନ୍ତି । ସେହିପରି ଟାଙ୍ଗରପାଲି ବ୍ଲକ କେପସେ ଗ୍ରାମର ହିତାଧିକାରୀ ସୁଦର୍ଶନ ମାଝି କହିଛନ୍ତି, କାଜୁ ଚାଷ କରିଛି। କାଜୁ ଚାରା, ଖତ ସାର ଆଦି ମାଗଣାରେ ମିଳିଥିଲା। ଆସନ୍ତା ବର୍ଷକୁ ଫଳ ଆସିଯିବ। ଏହାକୁ ବିକ୍ରି କରି ଲାଭ କରିବି ବୋଲି ଆଶା ରହିଛି। ଫଳ ଚାଷ ପାଇଁ ହିତାଧିକାରୀମାନଙ୍କୁ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ମାଗଣାରେ ଚାରା ଓ ଜୈବିକ ସାର ଦିଆଯାଉଛି। ଏହି ଚାରାକୁ ସୁରକ୍ଷା ପାଇଁ ତାରବାଡ ମଧ ଯୋଗାଇ ଦିଆଯାଉଛି। ଚାରା ଲଗାଇବାଠାରୁ ଆରମ୍ଭ କରି ୩ ବର୍ଷ ପର୍ଯ୍ୟନ୍ତ ଏହାର ରକ୍ଷଣାବେକ୍ଷଣ କରାଯାଉଛି। ଏବାବଦରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଶ୍ରମଜୀବୀମାନଙ୍କୁ ମଜୁରି ସହାୟତା ଦିଆଯାଉଛି। ଏହାଛଡା ଜଳସେଚନ ସୁବିଧା ପାଇଁ ପ୍ରତି ୫ ଏକର ଜମିରେ ମଧ ଗୋଟିଏ ଲେଖାଏ କୂଅ ଖୋଳାଯାଉଛି।

ସୁନ୍ଦରଗଡ଼ ଆଇଟିଡିଏର ଏକ ସୁଦୂରପ୍ରସାରୀ କାର୍ଯ୍ୟକ୍ରମ ହେଉଛି ଫଳ ଚାଷ। ଆଦିବାସୀ ବର୍ଗର ଚାଷୀଙ୍କୁ ଆର୍ଥିକ ସ୍ତରରେ ସଶକ୍ତ କରିବା ପାଇଁ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଆଗାମୀ ଦିନରେ ଏହାକୁ ଆହୁରି ବ୍ୟାପକ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି କହିଛନ୍ତି ସୁନ୍ଦରଗଡ଼ ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ରାମକୃଷ୍ଣ ଗଣ୍ଡ। ଚାଷୀମାନେ ଆମ୍ବ, କାଜୁ ଓ ଲେମ୍ବୁ

**ଜନଜାତି ବର୍ଗର ଚାଷୀଙ୍କୁ ଦୀର୍ଘସ୍ଥାୟୀ ଜୀବିକା**

ବଗିଚା ଭିତରେ ଆଳୁ, ତରଭୁଜ, ଟମାଟୋ, ବାଇଗଣ, ଲଙ୍କା ଆଦି ଚାଷ କରିଛନ୍ତି। ଏହାକୁ ସେମାନେ ସ୍ଥାନୀୟ ବଜାରରେ ବିକ୍ରି କରି ଭଲ ଦି' ପଇସା ପାଉଛନ୍ତି। ଏହି ଫଳ ଚାଷରେ ହିତାଧିକାରୀମାନଙ୍କୁ ସହଯୋଗ କରିବା ପାଇଁ ସ୍ଥାନୀୟ ସ୍ୱେଚ୍ଛାସେବୀ ସଙ୍ଗଠନକୁ ଦାୟିତ୍ୱ ଦିଆଯାଇଛି। ସୁନ୍ଦରଗଡ ଆଇଟିଡିଏର ଅଧିକାରୀଙ୍କ ସହ ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତାମାନେ ହିତାଧିକାରୀ ଚିହ୍ନଟ କରିବା ସହିତ ଫଳ ଚାଷ ଲାଗି ପଡିଆ ଜମିକୁ ପ୍ରସ୍ତୁତ କରିବାରେ ଚାଷୀମାନଙ୍କୁ ଆବଶ୍ୟକ ପରାମର୍ଶ ଦେଇଥାନ୍ତି।

ବର୍ତ୍ତମାନ ୭୯୪ ଜଣ ହିତାଧିକାରୀ ପ୍ରାୟ ୧୨୫୬ ଏକର ଜମିରେ ଆମ୍ବ ଚାରା ରୋପଣ କରିଛନ୍ତି। ସେହିପରି ୨୫୦ରୁ ଅଧିକ ହିତାଧିକାରୀ ୪୫୦ ଏକର ଜମିରେ କାଜୁ ଚାଷ କରିଥିବା ବେଳେ ୯୦ରୁ ଅଧିକ ହିତାଧିକାରୀ ପ୍ରାୟ ୧୪୦ ଏକର ଜମିରେ ଲେମ୍ବୁ ଚାଷ କରିଛନ୍ତି। ପ୍ରଥମ ଥର ପାଇଁ ୪୦ ଜଣ ହିତାଧିକାରୀ ୬୦ ଏକର ଜମିରେ ଲେମନ ଗ୍ରାସ ଚାଷ କରିଛନ୍ତି।

## ସଂକ୍ଷେପରେ

### ଓଲଟିଲା କୃଷି ସଚେତନତା ରଥ, ଡ୍ରାଇଭର ଗୁରୁତର



**ମୁରିବାହାଲ,୧୧।୪(ଡ଼ି.ଏନ.ଏ.):** କୃଷକ ସଚେତନତା ପାଇଁ ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର (ଆତ୍ମା)କାର୍ଯ୍ୟାଳୟରୁ ସୋମବାର ବାହାରିଥିବା କୃଷି ସଚେତନତା ରଥ ଦୁର୍ଘଟଣାଗ୍ରସ୍ତ ହୋଇଛି। ଭୁବନେଶ୍ୱରରୁ ଆସିଥିବା ଏହି କୃଷିରଥ ମଙ୍ଗଳବାର ଡଙ୍ଗରପଡା ଗାଁର ଜୋଡାମହୁଲ ପୋଲ ନିକଟରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଡ୍ରାଇଭରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବଙ୍ଗୋମୁଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

### ଖଇର ଗଣ୍ଡି ବୋଝେଇ ପିକ୍‌ଅପ ଜବତ



**ଲାଠୋର,୧୧।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ବନ ବିଭାଗ ପାଟ୍ରୋଲିଂ ଟିମ୍ ସୋମବାର ରାତିରେ ଘାଗୁର୍ଲି ଗ୍ରାମ ନିକଟରେ ଖଇର ଗଣ୍ଡି ବୋଝେଇ ଏକ ପିକ୍‌ଅପ ଜବତ କରିଛି। କାଠ ଚାଲାଣ କରୁଥିବା ଦୁଇ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଖଇର କାଠ ରାଜ୍ୟ ବାହାରକୁ ଚାଲାଣ କରାଯାଉଥିବା ବନ ବିଭାଗ ଜାଣିବାକୁ ପାଇଛି। କାଠ ବୋଝେଇ ପିକ୍‌ଅପ(ନଂ ଓଡ଼ି-୦୩-୬୨୯୨)କୁ ଲାଠୋର ବନ କାର୍ଯ୍ୟାଳୟକୁ ଅଣାଯାଇଛି। କାଠରେ ହାରାହାରି ମୂଲ୍ୟ ୫୦ ହଜାର ଟଙ୍କା ହେବ। ଫେରାର ଅଭିଯୁକ୍ତଙ୍କୁ ଖୋଜା ଚାଲିଛି ବୋଲି ବନାଞ୍ଚଳ ଅଧିକାରୀ ପ୍ରଭାତୀ ସେଠ କହିଛନ୍ତି। ବାରମ୍ବାର ଏହି ଅଞ୍ଚଳରୁ ଖଇର କାଠ ବୋଝେଇ ଗାଡ଼ି ଜବତ ହେଉଥିଲେ ହେଁ ଅଭିଯୁକ୍ତମାନେ ଧରା ପଡୁ ନଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି।

### ପଛୁଆବର୍ଗଙ୍କ ସାମାଜିକ, ଶିକ୍ଷାଗତ ସ୍ଥିତି ଆକଳନ ପାଇଁ ତାଲିମ

**ମୁରିବାହାଲ,୧୧।୪(ଡ଼ି.ଏନ.ଏ.):** ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ପ୍ରଶାସନ ତରଫରୁ ଓଡିଶା ପଛୁଆ ବର୍ଗ ଲୋକମାନଙ୍କର ସାମାଜିକ ଓ ଶିକ୍ଷା ସ୍ଥିତି ସମ୍ପର୍କରେ ଜାଣିବା ପାଇଁ ମଙ୍ଗଳବାର ଦୁଇଟି ସ୍ଥାନରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାଗୃହରେ ଅନୁଷ୍ଠିତ ଶିବିରକୁ ବିଡିଓ ପୂର୍ଣ୍ଣାନନ୍ଦ ପୁଟେଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସେହିପରି ମୁରିବାହାଲ ଜୁନିୟର ମହାବିଦ୍ୟାଳୟରେ ଅନୁଷ୍ଠିତ ଏହି ସମ୍ପର୍କିତ ଶିବିରକୁ ସ୍ଥାନୀୟ ତହସିଲଦାର ସୋନାଲି ପାତ୍ର ଉଦ୍‌ଘାଟନ କରିଥିଲେ। ମାଷ୍ଟର ତାଲିମଦାତାଭାବେ ଆକାଉଣ୍ଟ ଅଧିକାରୀ ଘେନୁରାମ ତାଣ୍ଡି, ବିଏସଏସଓ ରିଙ୍କୁ ମେହେର, ଡବ୍ଲ୍ୟୁଇଓ ଭୀମରାମ ମାଝି, ପିଏ ବୀରେନ୍ଦ୍ର କୁମାର ରାୟ ଯୋଗଦେଇ ପଛୁଆ ବର୍ଗ ଲୋକମାନଙ୍କର ସାମାଜିକ ଓ ଶିକ୍ଷାର ସ୍ଥିତିର ସଠିକ ଆକଳନ କରିବା, ଉକ୍ତ ବର୍ଗରେ ୨୦୮ ପ୍ରକାରର ଜାତି ଏଥିରେ ଅନ୍ତର୍ଭୁକ୍ତ ଥିବା ଯୋଗୁ ତାହାର ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ କରିବା ଉପରେ ତାଲିମ ପ୍ରଦାନ କରାଯାଇଥିଲା। ଉକ୍ତ ସର୍ଭେ କାର୍ଯ୍ୟ ଆସନ୍ତା ମେ ୧ ତାରିଖରୁ ୨୭ତାରିଖ ପର୍ଯ୍ୟନ୍ତ ମଧ୍ୟରେ ଅନୁଷ୍ଠିତ ହେବ। ଏଥିରେ ୯୮ ଜଣ ଆଙ୍ଗନୱାଡ଼ି, ୧୦ ଜଣ ପରିଦର୍ଶୀକା ଯୋଗଦେଇ ତାଲିମ ଗ୍ରହଣ କରିଥିଲେ।

### ଚାଷଜମିରେ ପାଣିମଡାକୁ ନେଇ ଆକ୍ରମଣ

**ଖପ୍ରାଖୋଲ,୧୧।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ଭାନପୁର ପଞ୍ଚାୟତ ଅନ୍ତର୍ଗତ ଭୁର୍ସିବାଞ୍ଜି ଗାଁରେ ଚାଷଜମିରେ ପାଣି ମାଡ଼ାକୁ ନେଇ ମଙ୍ଗଳବାର ଜଣଙ୍କୁ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ଗାଁର ରାମେଶ୍ୱର ବରିହା (୪୭) ନିଜ ଜମିରେ ଜଗିଥିବା ବେଳେ ଛିନୁ ବରିହା (୫୨) ତାଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ପାଖଷର ଥିବା ଲୋକେ ତାଙ୍କୁ ଉଦ୍ଧାର କରି ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ଥାନାରେ ଏକ ମାମଲା(୪୬/୨୩)ରୁଜୁ ହୋଇଥିବା ଏଏସଆଇ ସେୱାନ କେରକେଟା ପ୍ରକାଶ କରିଛନ୍ତି।

# ଦିନ ଗଡୁଛି, ତାଲିକା ଲମ୍ବୁଛି

**ବଲାଙ୍ଗୀର ଅଫିସ, ୧୧।୪**

**କ୍ରାଇମ୍‌ବ୍ରାଞ୍ଚ ତଦନ୍ତକୁ ବିତିଲା ୧୧ ଦିନ**

ଜାଲ୍ ସାର୍ଟିଫିକେଟ୍ ମାମଲାର କ୍ରାଇମ୍‌ବ୍ରାଞ୍ଚସ୍ତରୀୟ ତଦନ୍ତକୁ ଇତିମଧ୍ୟରେ ୧୧ ଦିନ ବିତିଛି। ଗତ ୧୧ ଦିନ ହେଲା କ୍ରାଇମ୍‌ବ୍ରାଞ୍ଚଟିମ୍ ବଲାଙ୍ଗୀର ଆସି ଡେରା ପକାଇଛନ୍ତି। ଜାଲ୍ ସାର୍ଟିଫିକେଟ୍ ମାମଲାରେ ବଲାଙ୍ଗୀର ପୋଲିସ ଗିରଫ କରିଥିବା ୧୯ଜଣଙ୍କ ମଧ୍ୟରୁ ଦୁଇ ମୁଖ୍ୟ ଅଭିଯୁକ୍ତ ମନୋଜ ମିଶ୍ର ଓ ଆଲୋକ ରଞ୍ଜନ ଉଦ୍‌ଗାତା ଏବଂ ଅନ୍ୟ ଦୁଇ ଅଭିଯୁକ୍ତ ତ୍ରିବିହାରୀ ପଣ୍ଡା ଓ ପରେଶ ବୁଡେକଙ୍କୁ ତିନିଦିନିଆ ରିମାଣ୍ଡରେ ଆଣି କ୍ରାଇମ୍‌ବ୍ରାଞ୍ଚ ଟିମ୍ ପଚରାଉଚରା କରିଥିଲା। ଏହି ମାମଲାର ଦୁଇ ପୀଡିତାଙ୍କୁ କୋର୍ଟରେ ହାଜର କରି ୧୬୪ ବୟାନ ରେକର୍ଡ କରାଯାଇଥିଲା। ଖୋଦ୍ କ୍ରାଇମ୍‌ବ୍ରାଞ୍ଚ ଆଇଜି ଅମିତେନ୍ଦ୍ରନାଥ ସିହ୍ନା ବଲାଙ୍ଗୀର ଆସି ବଲାଙ୍ଗୀର ପ୍ରଧାନ ଡାକଘର, ରିଲାଏନ୍ସ କୋଚିଂ ସେଣ୍ଟର ପରିଦର୍ଶନ କରିବା ସହ ରିମାଣ୍ଡରେ ଅଣାଯାଇଥିବା ୪ ଅଭିଯୁକ୍ତଙ୍କ ଜେରା ପ୍ରକ୍ରିୟାକୁ ସିଧାସଳଖ ନିରୀକ୍ଷଣ କରିଥିଲେ। କ୍ରାଇମ୍‌ବ୍ରାଞ୍ଚ ତଦନ୍ତକୁ ୧୧ ଦିନ ବିତିଯାଇଥିଲେ ମଧ୍ୟ ଜାଲ୍ ସାର୍ଟିଫିକେଟ୍ ମାମଲା ଆଗକୁ ବଢୁଥିବା ଭଳି ମନେ ହେଉନାହିଁ। କ୍ରାଇମ୍‌ବ୍ରାଞ୍ଚ ଡିଏସ୍‌ପି ଦେବବ୍ରତ ଚକ୍ର ଗଣମାଧ୍ୟମକୁ ବିଶେଷ କିଛି ସୂଚନା ଦେଉନାହାନ୍ତି। କେତେବେଳେ କେମିତି ଗଣମାଧ୍ୟମ ପ୍ରତିନିଧିଙ୍କ ନଛୋଡବନ୍ଧା ପ୍ରଶ୍ନର ଅଧପନ୍ତରିଆ ଉତ୍ତର ଦେଇ ବିଶେଷ କିଛି କହିହେବନାହିଁ ବୋଲି କହୁଛନ୍ତି। ଗତ ୧୧ ଦିନ ଭିତରେ କ୍ରାଇମ୍‌ବ୍ରାଞ୍ଚ ଡିଏସ୍‌ପି ଚକ୍ର ଜାଲ ସାର୍ଟିଫିକେଟ ମାମଲାକୁ ଏକ ବହୁତ ବଡ ମାମଲା ବୋଲି କହିବା ସହ ଏହାର ତଦନ୍ତ ପ୍ରକ୍ରିୟା ଢ଼େର ବିଳମ୍ବ ହେବ ବୋଲି କହିଥିଲେ। ଏଭଳିକି ଅଭିଯୁକ୍ତଙ୍କୁ ଜେରା ଏବଂ ତଦନ୍ତ ସମୟରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହସ୍ତଗତ ହୋଇଥିବା କହିଥିଲେ।

ଗତ କିଛି ଦିନ ଭିତରେ କ୍ରାଇମ୍‌ବ୍ରାଞ୍ଚ ଟିମ୍ ଦୁଇ ମୁଖ୍ୟ ଅଭିଯୁକ୍ତ ମନୋଜ ମିଶ୍ର ଓ ଆଲୋକ ଉଦ୍‌ଗାତାଙ୍କ ଘରକୁ ଚଢ଼ାଉ କରିଥିଲା। ଉଭୟ ଅଭିଯୁକ୍ତଙ୍କ ସ୍ତ୍ରୀଙ୍କୁ ଟାଉନ୍ ଥାନାକୁ ଡକାଇ ବିଭିନ୍ନ ପ୍ରଶ୍ନ ପଚାରିଥିଲା। ଏଭଳିକି କ୍ରାଇମ୍‌ବ୍ରାଞ୍ଚ ଟିମ୍ ଅଭିଯୁକ୍ତ ମନୋଜ ମିଶ୍ରଙ୍କ ୫ଟି ପ୍ଲଟ୍ ସମେତ ପ୍ରାୟ ଦେଢ଼ କୋଟି ଟଙ୍କାର ସମ୍ପତ୍ତି ଯାହା ଜାଲ୍ ସାର୍ଟିଫିକେଟ କାରବାର କରି ଅର୍ଜନ କରିଥିବା ସନ୍ଦେହ କରାଯାଇଛି ତାକୁ ବାଜ୍ୟାପ୍ତି ପାଇଁ ଆକଳନ କରିସାରିଥିବା କୁହାଯାଇଥିଲା। ତଦନ୍ତ ବେଳେ ଜାଲ୍ ସାର୍ଟିଫିକେଟ କାରବାରେ ୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ସମ୍ପୃକ୍ତି ରହିଥିବା ଜଣାପଡିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ତାଲିକା ପ୍ରସ୍ତୁତି ହୋଇସାରିଥିବା ଚର୍ଚ୍ଚାର ବିଷୟ ହୋଇଥିଲା। ତଦନ୍ତ ଆଗକୁ ବଢୁଛି ଓ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହସ୍ତଗତ ହୋଇ ଜାଲ୍ ସାର୍ଟିଫିକେଟର ତାଲିକା ଲମ୍ବୁଥିବା କୁହାଯାଉଛି। ବାସ୍ତବରେ କ୍ରାଇମ୍‌ବ୍ରାଞ୍ଚ ଟିମ୍ ଜାଲ ସାର୍ଟିଫିକେଟର କେଉଁ ଦିଗକୁ ଅଧିକ ତଦନ୍ତ କରୁଛି ତାହା ଜଣାପଡୁନାହିଁ। ଖୋଦ୍ କ୍ରାଇମ୍‌ବ୍ରାଞ୍ଚ ଆଇଜି ସିହ୍ନା ଗଣମାଧ୍ୟମକୁ ତଦନ୍ତ ଠିକ୍‌ଠାକ୍ ଚାଲିଛି ବୋଲି କହିଥିଲେ। ତେବେ ଏହା ପ୍ରକୃତରେ କିଭଳି ଚାଲିଛି ତାହା ଏଯାଏ ସ୍ପଷ୍ଟ ହୋଇନାହିଁ। ଗତ ଦୁଇଦିନ ଭିତରେ କ୍ରାଇମ୍‌ବ୍ରାଞ୍ଚ ଟିମ୍ ଜାଲ୍ ସାର୍ଟିଫିକେଟ୍ ମାମଲାରେ ସମ୍ପୃକ୍ତ ୭ ଜଣଙ୍କୁ ଉଠାଇ ଆଣି ପଚରାଉଚରା କରୁଥିବା ଜଣାପଡିଥିଲା। ତେବେ ସୋମବାର ରାତିରେ ସମ୍ପୃକ୍ତ ୭ ଜଣଙ୍କୁ ନୋଟିସ୍ କରି କ୍ରାଇମ୍‌ବ୍ରାଞ୍ଚ ଛାଡି ଦେଇଥିବା ଜଣାପଡିଛି। କ୍ରାଇମ୍‌ବ୍ରାଞ୍ଚ କାହାକୁ ଉଠାଉଛି ଏବଂ କାହାକୁ ଛାଡୁଛି କିଛି ଜଣାପଡୁନାହିଁ। ଗଣମାଧ୍ୟମକୁ କିଛି ବି ସୂଚନା ଦିଆଯାଉ ନ ଥିବାରୁ କ୍ରାଇମ୍‌ବ୍ରାଞ୍ଚ ଟିମ୍ ଏହି ଚର୍ଚ୍ଚିତ ମାମଲାର କେଉଁ ଦିଗକୁ ଅଧିକ ତଦନ୍ତ କରୁଛି ତାହା ଜଣାପଡିନାହିଁ। ବଲାଙ୍ଗୀର ପୋଲିସ ଡାକମଣ୍ଡଳ ଅଧୀକ୍ଷକଙ୍କ ଏଫ୍‌ଆଇଆରକୁ ଭିତ୍ତିକରି ତଦନ୍ତ କରୁଥିଲା। ୪ଟି ଟିମ୍ କରି ରାଜ୍ୟ ବାହାରକୁ ଯିବା ଯୋଜନା କରୁଥିଲା। ସ୍ଥାନୀୟ ଦଲାଲ ଏବଂ ଜାଲ ସାର୍ଟିଫିକେଟ ନେଇ ସରକାରୀ ଚାକିରି କରୁଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିବାକୁ ପ୍ରସ୍ତୁତି ସାରିଥିବାବେଳେ ସରକାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏବେ ଗତ ୧୧ ଦିନ ହେଲା କ୍ରାଇମ୍‌ବ୍ରାଞ୍ଚ ଜଣେ ବି ନୂଆ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବାରୁ ତଦନ୍ତ ଦିଶାହୀନ ହୋଇଥିବା ଚର୍ଚ୍ଚାର ବିଷୟ ହୋଇଛି।

# ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଉଦ୍‌ଘାଟିତ




ରାଜସ୍ୱ କାର୍ଯ୍ୟାଳୟ ଉଦ୍‌ଘାଟନ ଅବସରରେ ଅତିଥି ଓ ଜନସାଧାରଣ।

**ମୁରିବାହାଲ,୧୧।୪(ଡ଼ି.ଏନ.ଏ.)**

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ତହସିଲ ଅଧୀନ ପତ୍ରାପାଲି(କ) ଗ୍ରାମରେ ନୂତନ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ତହସିଲ କାର୍ଯ୍ୟାଳୟ ସେକ୍ସସନ ଅଧିକାରୀ ଭରତ ଭୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥିଭାବେ ପତ୍ରାପାଲି(କ) ସରପଞ୍ଚ ରାଧେକୃଷ୍ଣ ଦୀପ, ସମିତି ସଭ୍ୟ ସନ୍ୟାସୀ ପୁଟେଲ, ରାଜସ୍ୱ ନିରୀକ୍ଷକ ଅଭିଜିତ ସାହୁ, ଅତିରିକ୍ତ ରାଜସ୍ୱ ନିରୀକ୍ଷକ ସୌମ୍ୟରଞ୍ଜନ ସାହୁ, ବରିଷ୍ଠ ରାଜସ୍ୱ ସହାୟକ ହେବଲେଟ ବାର୍ଲା ଓ ପଞ୍ଚାନନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ୨୦ଖଣ୍ଡ ଗ୍ରାମକୁ ନେଇ ନୂତନ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଗଠନ କରାଯାଇଛି। ମିଶନ ଶକ୍ତି ଗୃହରେ ଅସ୍ଥାୟୀଭାବେ ଏହି କାର୍ଯ୍ୟାଳୟ ଚାଲିବ।

# ଏମିତି ବି ମୃତ୍ୟୁ ଆସେ

**ଲୋଇସିଂହା,୧୧।୪(ଡି.ଏନ.ଏ)**

**ସ୍ତ୍ରୀଙ୍କ ସହ କାରରେ ଫେରୁଥିବା ବେଳେ ଟଳି ପଡିଲେ**



ବିକାଶ ପଧାନ।

ସ୍ତ୍ରୀଙ୍କ ସହ ବିବାହ ଭୋଜିରେ ଯୋଗଦେବାକୁ ଯାଇଥିଲେ। ହସଖୁସିରେ ଭୋଜିଭାତ ଖାଇ କାର ଚଳାଇ ଘରକୁ ଫେରୁଥିବାବେଳେ ମୃତ୍ୟୁ ଆସିଲା। ପାଖରେ ଥିବା ସ୍ତ୍ରୀ ବି କିଛି କରି ପାରିଲେନି। ଏହିଭଳି ଏକ ଦୁଃଖଦ ଘଟଣା ଘଟିଛି ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଆଗଲପୁର ବ୍ଲକ ଅନ୍ତର୍ଗତ ଲୁହୁରମୁଣ୍ଡା ଗ୍ରାମରେ। ଗାଁର ବିକାଶ ପଧାନ(୪୫) ସୋମବାର ସ୍ତ୍ରୀଙ୍କ ସହ ଆଗଲପୁରକୁ ଏକ ବାହାଘର କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଇଥିଲେ। ରାତି ପ୍ରାୟ ସାଢ଼େ ୧୧ଟାରେ ନିଜେ କାର ଚଳାଇ ସେଠାରୁ ଘରକୁ ଫେରୁଥିଲେ। ସଲେଭଟା ନିକଟସ୍ଥ ଶିବ ମନ୍ଦିର ପାଖରେ ହଠାତ୍ ସେ ଅସୁସ୍ଥତା ଅନୁଭବ କରିଥିଲେ। ସ୍ତ୍ରୀଙ୍କୁ ଜଣାଇ ଷ୍ଟିୟରିଂ ଉପରେ ଶୋଇ ପଡିଥିଲେ। ଏହି ସମୟରେ ଉକ୍ତ ରାସ୍ତାରେ ଗାଡି ନେଇ ଯାଉଥିବା ଦୁଇଜଣଙ୍କୁ ତାଙ୍କ ସ୍ତ୍ରୀ ଅଟକାଇ ଘଟଣା ସଂକ୍ରାନ୍ତରେ ଜଣାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଡୁଙ୍ଗରିପାଲି ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର କହିଥିଲେ। ଗତବର୍ଷ ପୁଇଁତଳା ବ୍ଲକ ଲୁକପଡା ଗ୍ରାମରେ ବିକାଶ ବିବାହ କରିଥିଲେ। ତାଙ୍କର ସନ୍ତାନସନ୍ତତି ନାହାନ୍ତି।

## ଜିଲା ପରିଷଦ ଷ୍ଟାଣ୍ଡିଂ କମିଟିର ଗସ୍ତ

**ଟିଟିଲାଗଡ଼, ୧୧।୪ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ପରିଷଦର ଷାଣ୍ଡିଙ୍ଗ କମିଟି (ସି) ମଙ୍ଗଳବାର ଟିଟିଲାଗଡ ବ୍ଲକ ଗସ୍ତ କରି ବିଭିନ୍ନ ଉନ୍ନୟନ କାର୍ଯ୍ୟର ତଦାରଖ କରିଛନ୍ତି। କମିଟି ପକ୍ଷରୁ ବ୍ଲକ ଉପାଧ୍ୟକ୍ଷ ମିଥିଳା ମାଝି, ଜିଲା ପରିଷଦ ସଭ୍ୟ ସଞ୍ଜୟ ବେହେରା, ଗିତା ବିଶି, ଟିକି ପୋଢ, ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା ନାଏକ ବିଭିନ୍ନ ନିର୍ମାଣ କାମ ତଦାରଖ କରିଥିଲେ। ବିନେକେଲା ପଞ୍ଚାୟତରେ ବିଭିନ୍ନ ଉନ୍ନୟନ କାମ, ଡିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ନିର୍ମାଣାଧୀନ ଟାଉନ ହଲ ଆଦି ଟିମ୍ ପରିଦର୍ଶନ କରିଥିଲା। ପରେ ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ବିଡିଓ ନବୀନ ଚନ୍ଦ୍ର ନାୟକ, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଦିଲୀପ ମାଝି, ବ୍ଲକ କନିଷ୍ଠ ଯନ୍ତ୍ରୀ ବୃନ୍ଦାବନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଚିହ୍ନଟ ହେଲେଣି ୨୩୫ ଶିକ୍ଷକ

**ବଲାଙ୍ଗୀର ଅଫିସ, ୧୧।୪**

**ରାଜ୍ୟ ବାହାର ବୋର୍ଡ ସାର୍ଟିଫିକେଟ ଦେଇ ଚାକିରି**

ବଲାଙ୍ଗୀର ଡାକମଣ୍ଡଳରେ ଜାଲ ସାର୍ଟିଫିକେଟ ଦେଇ ଚାକିରି ଆବେଦନ କରିବା ଘଟଣା ଜଣାପଡିବା ପରେ ରାଜ୍ୟବ୍ୟାପୀ ହଇଚଇ ସୃଷ୍ଟି ହୋଇଥିଲା। ବଲାଙ୍ଗୀର ପୋଲିସ ପକ୍ଷରୁ ପ୍ରଥମେ ଏହି ମାମଲାର ତଦନ୍ତ ଭାର ନେଇଥିଲେ। ପ୍ରାରମ୍ଭିକ ତଦନ୍ତ ବେଳେ ଶିକ୍ଷା ବିଭାଗରେ ସବୁଠୁ ବେଶୀ ଶିକ୍ଷକ ଜାଲ୍ ସାର୍ଟିଫିକେଟ ଦେଇ ଚାକିରି କରୁଥିବା ଚର୍ଚ୍ଚା ହେବାରୁ ଏସପି ଅଫିସ ପକ୍ଷରୁ ଏନେଇ ଜିଲା ଶିକ୍ଷା ଅଧିକାରୀଙ୍କୁ ତଦନ୍ତ କରିବାକୁ କୁହାଯାଇଥିଲା। ବାସ୍ତବରେ କେତେ ଆବେଦନକାରୀ ରାଜ୍ୟ ବାହାର ବୋର୍ଡର ସାର୍ଟିଫିକେଟ୍ ଦେଇ ଚାକିରି କରୁଛନ୍ତି ସେନେଇ ସବିଶେଷ ତଥ୍ୟ ଦେବାକୁ କୁହାଯାଇଥିଲା। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ଏନେଇ ଏସ୍‌ପି ଅଫିସକୁ ତଥ୍ୟ ଦିଆଯାଇଥିବା ଜଣାପଡିଛି। ଗତ ୨୦୨୧ ଏବଂ ୨୦୨୨ ମସିହାରେ ଯଥାକ୍ରମେ ଯେତିକି ପ୍ରାର୍ଥୀ ଶିକ୍ଷକ ଚାକିରି ପାଇଛନ୍ତି ସେମାନଙ୍କ ମଧ୍ୟରୁ ୨୩୫ ଜଣ ରାଜ୍ୟ ବାହାର ବୋର୍ଡର ବିଭିନ୍ନ ସାର୍ଟିଫିକେଟ୍ ଦେଇଥିବା ଜଣାପଡିଛି। ଏନେଇ ଶିକ୍ଷା ବିଭାଗ କି ଏସପି ଅଫିସ କୌଣସି ତଥ୍ୟ ଦେଇନଥିଲେ ମଧ୍ୟ ତଦନ୍ତ ବେଳେ ରାଜ୍ୟ ବାହାର ସାର୍ଟିଫିକେଟ ଦେଇଥିବା ୨୩୫ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଚିହ୍ନଟ କରାଯାଇ ସାରିଥିବା ଜଣାପଡିଛି। ବାସ୍ତବରେ ଏହି ଶିକ୍ଷକମାନେ ଦେଇଥିବା ସାର୍ଟିଫିକେଟର ଷ୍ଟାଟସ କ'ଣ ରହିଛି ତାହା ଜାଣିବା ପାଇଁ ସମ୍ପୃକ୍ତ ବୋର୍ଡକୁ ଚିଠି କରାଯାଇଥିବା ଜଣାପଡିଛି। ଏହି ଯାଞ୍ଚ ପ୍ରକ୍ରିୟା ସରିଲେ ଏହା ପ୍ରକୃତରେ ଅସଲି କି ନକଲି ସାର୍ଟିଫିକେଟ ଜଣାପଡିଯିବ ବୋଲି କୁହାଯାଉଛି।

# ୫ ବାଇକ୍ ଲୁଟେରା ଗିରଫ



ଗିରଫ ଅଭିଯୁକ୍ତ ଓ ଜବତ ବାଇକ।

**ବେଲପଡା,୧୧।୪(ଡି.ଏନ.ଏ.)**

**୮ ବାଇକ୍ ଜବତ**

ବଲାଙ୍ଗୀର ଜିଲା ବେଲପଡା ପୋଲିସ ମଙ୍ଗଳବାର ୫ବାଇକ ଲୁଟେରାଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୮ଟି ଚୋରି ବାଇକ ଜବତ କରାଯାଇଛି। ଅଭିଯୁକ୍ତମାନେ ହେଲେ ବେଲପଡା ଶିବମନ୍ଦିର ପଡାର ରାଜେଶ ସିନ୍ଧିରିଆ (୩୫), ମାଉସୀମନ୍ଦିର ପଡାର କାହ୍ନା ମେହର(୨୦), କଟାପଡାର ମନୋଜ ମେହେର(୨୪), ବାସୁଦେବ ପଡାର ଦେବରାଜ ଶବର (୨୩) ଓ ପଦମପୁର ଥାନା ଅନ୍ତର୍ଗତ କଂସିଘା ଗାଁର ଭିକି ରାଉତ (୨୫)। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ପାଟଣାଗଡ଼ ଉପକାରାଗାରକୁ ପଠାଇ ଦିଆଯାଇଛି। ବେଲପଡା ଥାନା ଅନ୍ତର୍ଗତ ଗିଦମାଲ ଗାଁର ମୋହନ ପୁଞ୍ଜିଙ୍କ ହିରୋହୋଣ୍ଡା ସ୍ପ୍ଲେଣ୍ଡର ପ୍ରୋ ଓଆର୍ ୦୩-୯୩୮୭ ଓ ପର୍ଲିମାଲ ଗାଁର ସୁବାଷ ମାଝିଙ୍କ ଏଚଏଫ ଡିଲକ୍ସ ଓଡି-୦୩-ପି -୭୬୪୫ ଚୋରି ହୋଇଥିଲା। ଦୁହେଁ ପୃଥକଭାବେ ବେଲପଡା ଥାନାରେ ଅଭିଯୋଗ କରିଥିଲେ। ତଦନ୍ତ ସମୟରେ ଲୁଟେରାମାନଙ୍କୁ ପୋଲିସ ବିଭିନ୍ନ ଜାଗାରୁ ଉଠାଇ ଆଣିଥିଲା। ପରେ ସେମାନଙ୍କଠାରୁ ବାଇକକୁ ଉଦ୍ଧାର କରାଯାଇଥିବା ବେଲପଡା ଥାନା ଆଆଇସି ବୁଲୁ ମୁଣ୍ଡା ମଙ୍ଗଳବାର ସୂଚନା ଦେଇଛନ୍ତି।

## ପୋଷ୍ୟ ସନ୍ତାନ ଗ୍ରହଣ ନିୟମାବଳୀ ତାଲିମ ଶିବିର

**ବଲାଙ୍ଗୀର ଅଫିସ, ୧୧।୪**

ବଲାଙ୍ଗୀର ଜିଲା ପଞ୍ଚାୟତ ସାଧନ କେନ୍ଦ୍ର ସଭାଗୃହରେ ଗ୍ରାମ ମଙ୍ଗଳ ପାଠାଗାର ପକ୍ଷରୁ ପରିଚାଳିତ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ ସଂସ୍ଥାର ସମସ୍ତ କର୍ମଚାରୀ ତଥା କମିଟି ସଭ୍ୟମାନଙ୍କ ତାଲିମ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଶିବ ପ୍ରସାଦ ସାହୁଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂ, ସମ୍ମାନିତ ଅତିଥି ଶିଶୁ ମଙ୍ଗଳ କମିଟିର ଏସ୍. ଲତାଶ୍ରୀ, ଚୂଡାମଣି ପଣ୍ଡା, ଅରୁଣ କୁମାର ଖୁଆସ, କ୍ଷମାନିଧି ମେହେର, ଭୁବନେଶ୍ୱର ସାମଲ, ଗୋପାଳ ସାମଲ ଯୋଗଦାନ କରିଥିଲେ। ତାଲିମଦାତା ଭାବେ ନନ୍ଦି କିଶୋର ଷାଣ୍ଢ, ସୁଧାଂଶୁ ଶେଖର କୁମ୍ଭାର ଏବଂ ବସୁନ୍ଧରା ସାମଲ ଯୋଗ ଦେଇଥିଲେ । ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ ସଂସ୍ଥା କର୍ମଚାରୀ ଦେବାଶିଷ ପଟେଲ, ପୁଷ୍ପାଞ୍ଜଳି ସୁନା, ରେଣୁକା କୁମ୍ଭାର, ପଦ୍ମିନୀ ପଧାନ, ଆହ୍ଲାଦିନୀ ସେଠ, ପ୍ରମିଳା କୁଅଁର, ଭାଗ୍ୟବତୀ ସାହୁ, ପଦ୍ମାବତୀ ନାଏକ ଏବଂ ଗନ୍ଧର୍ବୀ ବେହେରା ତାଲିମ ଗ୍ରହଣ କରିଥିଲେ। ଠାକୁର ଭୋଇ, ଶୁଭେନ୍ଦୁ ମେହେର ସହଯୋଗ କରିଥିଲେ।

# ଭାଜପାର ସାଙ୍ଗଠନିକ ବୈଠକ



ସାଙ୍ଗଠନିକ ବୈଠକରେ ଉପସ୍ଥିତ ଭାଜପା ନେତା ଓ କର୍ମୀ।

**ମୁରିବାହାଲ, ୧୧।୪(ଡ଼ି.ଏନ.ଏ.)**

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଭାଜପାର ସାଙ୍ଗଠନିକ ବୈଠକ ମଙ୍ଗଳବାର ସ୍ଥାନୀୟ ବଜାରପଡା ନିକଟରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଭାଜପା ସାଧାରଣ ସମ୍ପାଦକ ଶ୍ରୀବସ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଯଶିପୁର ବିଧାୟକ ଗଣେଶରାମ ଖୁଣ୍ଟିଆ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବୁଥସ୍ତରରୁ ଦଳୀୟ ସଂଗଠନକୁ ମଜଭୁତ କରିବା, ମହିଳା ଓ ଯୁବବର୍ଗଙ୍କୁ ଅଧିକ ଗୁରୁତ୍ୱ ଦେବା ଉପରେ ବିଧାୟକ ଖୁଣ୍ଟଇଆ ଗୁରୁତ୍ୱାରୋପ କରିଥିଲେ। ମୁରିବାହାଲ ମଣ୍ଡଳ ସଭାପତି ସୁରେଶ ଭୋଇ, ସାଧାରଣ ସମ୍ପାଦକ ରାମୁ କୁମ୍ଭାର, ସୁବାସ ପୋଢ଼, ପଦ୍ମନାଭ ସାହୁ, ସରୋଜ ବାଗ, ଲାଲାହାଦୁର ପୁଟେଲ, ଚନ୍ଦ୍ରହାସ୍ୟ ବାଗ, ହରିଦାସ ଛୁରା, ଧ୍ରୁବଳେଶ୍ୱର ଲୁହା, ହରେକୃଷ୍ଣ ସାହୁ, ଉମ୍ବରୁଧର ହେରନା, ତହସିଲ ନାଗ, ହିମାଂଶୁ ଜାଲ ପ୍ରମୁଖ ଉପସ୍ଥିତ ରହି ବୁଥ ସଶକ୍ତିକରଣ କାର୍ଯ୍ୟକ୍ରମରେ ପ୍ରତ୍ୟେକ ବୁଥରେ ୪୧ ଜଣିଆ କମିଟି ଗଠନ କରାଯାଇଥିବା ବିଷୟରେ ମୁଖ୍ୟ ଅତିଥିଙ୍କୁ ଅବଗତ କରିଥିଲେ। ଭାଜପା ସେବା ସପ୍ତାହ ଚାଲିଥିବାବେଳେ ମୁରିବାହାଲ ବ୍ଲକର ତିନି ମଣ୍ଡଳ ହଳଦୀ, ଗଁରେଇ, ଓ ମୁରିବାହାଲ ମଣ୍ଡଳର ସମସ୍ତ ବରିଷ୍ଠ ସଦସ୍ୟ ବୈଠକରେ ଉପସ୍ଥିତ ଥିଲେ। ମଣ୍ଡଳର ସାଧାରଣ ସମ୍ପାଦକ ନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଭାଜପା ଓବିସି ମୋର୍ଚ୍ଚାର ଗାଁ ଚାଲ ଅଭିଯାନ

**ଟିଟିଲାଗଡ଼, ୧୧।୪ (ଡି.ଏନ.ଏ)**

ଭାଜପା ଓବିସି ମୋର୍ଚ୍ଚା ପକ୍ଷରୁ ଗାଁ ଗାଁ ଚାଲ, ଘର ଘର ଚାଲ ଅଭିଯାନ ଚାଲିଛି। ଏନେଇ ମୋର୍ଚ୍ଚାର ରାଜ୍ୟ ଉପସଭାପତି ଦିଲୀପ ଖର୍ସେଲଙ୍କ ନେତୃତ୍ୱରେ ବିଭିନ୍ନ ଗାଁରେ ସଭା, ଶୋଭାଯାତ୍ରା ସଭା ଆଦି ଅନୁଷ୍ଠିତ ହେଉଛି। ମୋଦି ସରକାର ଓବିସି ବର୍ଗର ଅର୍ଥନୈତିକ ବିକାଶ ପାଇଁ ବିଭିନ୍ନ ଉଦ୍ୟମ ଜାରି ରଖିଛନ୍ତି। କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ଓବିସି ବର୍ଗରୁ ୨୭ ଜଣଙ୍କୁ ସ୍ଥାନ ପ୍ରଦାନ, ପ୍ରଥମ ଥର ପାଇଁ ଜାତୀୟ ସ୍ତରରେ ଓବିସି କମିଶନ ଗଠନ, ଓବିସି ସ୍ୱୟଂ ସହାୟିକା ଗୋଷ୍ଠିଙ୍କୁ ସ୍ୱତନ୍ତ୍ର ଋଣ ଓ ସବିସିଡି, ଓବିସି ଛାତ୍ରଛାତ୍ରୀଙ୍କ ପାଇଁ ଡାକ୍ତରି ସମେତ ସମସ୍ତ ଉଚ୍ଚ ଶିକ୍ଷା କ୍ଷେତ୍ରରେ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ ଆଦି ବ୍ୟବସ୍ଥା ହୋଇଥିବା ଭାଜପା ଓବିସି ନେତା ଲୋକଙ୍କୁ ସଚେତନ କରୁଛନ୍ତି। ଏହା ସହ ରାଜ୍ୟ ସରକାର ପଞ୍ଚାୟତ ନିର୍ବାଚନରେ ଓବିସି ବର୍ଗଙ୍କୁ ସ୍ଥାନ ସଂରକ୍ଷଣ ବାତିଲ କରିବା ସହ ବିଭିନ୍ନ କ୍ଷେତ୍ରରେ ଅବହେଳା ଜାରି ରଖିଥିବା ଓବିସି ନେତା ପ୍ରଚାର କରୁଛନ୍ତି। ଏହି ଅଭିଯାନରେ ଓବିସି ମୋର୍ଚ୍ଚା ଜିଲା ସଭାପତି ଅକ୍ଷୟ ରଣା, ଉପସଭାପତି ଭୈରବ କଟା, ସାଧାରଣ ସମ୍ପାଦକ ନିଲାଞ୍ଚଳ ନାଗ, ଯୁବ ମୋର୍ଚ୍ଚା ଜିଲା ଉପସଭାପତି ଧ୍ରୁବଲେ ପୋଢ ପ୍ରମୁଖ ବିନେକେଲା, ଅମୁର୍ଲା, ସାଲେଡିଗ୍ରୀ, ମାର୍ଲାଡ ଆଦି ଅଞ୍ଚଳ ଗସ୍ତ କରିଥିଲେ।

# ରାସ୍ତାକାମ ନ କରି ବିଲ୍ ଉଠିଛି

**ଲୋଇସିଂହା,୧୧।୪(ଡି.ଏନ.ଏ.)**

- **ଏମ୍‌ଜିଏନଆରଇଜିଏସରେ ବଢୁଛି ଦୁର୍ନୀତି**
- **ଜିଲାପାଳଙ୍କୁ ଫେରାଦ ହେଲେ ଗ୍ରାମବସୀ**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ମାଗୁରବେଡା ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଅନିୟମିତତା କରି ଅର୍ଥ ଆତ୍ମସାତ୍ କରାଯାଉଥିବା ଅଭିଯୋଗ ହୋଇଛି। ପଞ୍ଚାୟତ ଅଧୀନ କପିଳପଡା ରାସ୍ତା କାମ ନକରି ବିଲ ଉଠାଯାଇଛି। ପୁଣି ଉକ୍ତ ରାସ୍ତାରେ କାମ ନାଁରେ ମଷ୍ଟରରୋଲ ପ୍ରସ୍ତୁତ କରାଯାଇଛି । ଉପରୋକ୍ତ ରାସ୍ତା ବଲାଙ୍ଗୀର ସଦର ବ୍ଲକ ଅଧୀନରେ ରହିଛି। ତେବେ କେଉଁ ସ୍ୱାର୍ଥରେ ଲୋଇସିଂହା ବ୍ଲକ ପ୍ରଶାସନ ପକ୍ଷରୁ ରାସ୍ତା କାମ ନାମରେ ବାରମ୍ବାର ଫାଇଲ ଖୋଲା ଚାଲିଛି ତାକୁ ନେଇ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ଏନେଇ ସୋମବାର ଜିଲାପାଳ ଚଞ୍ଚଳ ରାଣାଙ୍କ ନିକଟରେ ବ୍ରାହ୍ମଣୀଡୁଙ୍ଗରୀ ଗ୍ରାମବାସୀ ଫେରାଦ ହୋଇ ତଦନ୍ତ ଦାବି କରିଛନ୍ତି। ୨୦୨୨-୨୩ ଆର୍ଥିକ ବର୍ଷରେ ମାଗୁରବେଡା ପଞ୍ଚାୟତ ପକ୍ଷରୁ ବ୍ରାହ୍ମଣୀଡୁଙ୍ଗରୀ ନିକଟସ୍ଥ ପ୍ରଧାନମନ୍ତ୍ରୀ ସଡକ ରାସ୍ତାରୁ କପିଳପଡା ରାସ୍ତାରେ ମୋରୁମ କାମ କରାଯାଇଥିଲା। ୧୫୬୦ ଜଣ ଶ୍ରମିକ ନିୟୋଜିତ ହୋଇଥିଲେ। ଶ୍ରମିକ ବାବଦକୁ ୩ ଲକ୍ଷ ୪୬ ହଜାର୩୨୦ ଟଙ୍କା ପୈଠ ହୋଇଥିବା ବେଳେ ସାମଗ୍ରୀ ବାବଦକୁ ୨ ଲକ୍ଷ ୧୮ ହଜାର ୪୬୮ ବ୍ୟୟ ହୋଇଛି । ରାସ୍ତା କାମରେ ମୋଟ ୫ ଲକ୍ଷ ୬୪ ହଜାର୭୮୮ ଟଙ୍କା ବିଲ ଉଠିଛି। ସେତେବେଳେ ଶ୍ରମିକ ବଦଳରେ ମେଶିନରେ କାମ କରାଯାଇଥିଲା। ଶ୍ରମିକମାନେ କାମ ନପାଇ ଉପେକ୍ଷିତ ହୋଇଥିଲେ। ଅପରପକ୍ଷେ ବିଲ ମୁତାବକ ସନ୍ତୋଷଜନକ କାମ ମଧ୍ୟ ହୋଇ ନ ଥିବା ନେଇ ବ୍ରାହ୍ମଣୀଡୁଙ୍ଗରୀ ଗ୍ରାମବାସୀ ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଗଲାନାହିଁ। ଏବେ ପୁଣି ଏହି ରାସ୍ତାରେ କାମ ପାଇଁ ମାଷ୍ଟରରୋଲ ପ୍ରସ୍ତୁତ କରାଯାଉଛି। ସ୍ଥାନୀୟ ସମିତି ସଭ୍ୟ ଦେବାଶିଷ ମିଶ୍ରଙ୍କ ନେତୃତ୍ୱରେ ବ୍ରାହ୍ମଣୀଡୁଙ୍ଗୁରୀ ଗ୍ରାମବାସୀ ଜିଲାପାଳ ଏବଂ ଜିଲା ପ୍ରକଳ୍ପ କାର୍ଯ୍ୟ ନିର୍ବାହୀଙ୍କ ନିକଟରେ ଫେରାଦ ହୋଇଛନ୍ତି।

## ଭାଲୁ ଆକ୍ରମଣରେ ୨ ମହିଳା ଗୁରୁତର

ପଦ୍ମପୁର (ଡି.ଏନ.ଏ.): ଭାଲୁ ଆକ୍ରମଣରେ ଜଗଦଲପୁର ଥାନା ଅଧୀନ ସାପଲହର ଗ୍ରାମର ଦୁଇ ମହିଳା ଲକ୍ଷ୍ମୀ ବରିହା ଓ ବାସନ୍ତୀ ବରିହା ଗୁରୁତର ହୋଇଛନ୍ତି। ଉଭୟ ନିତ୍ୟ କର୍ମ ପାଇଁ ଗାଁ ନିକଟସ୍ଥ ବିଲକୁ ଯାଇଥିଲେ। ସେଠାରେ ଏକ ଭାଲୁ ଉଭୟଙ୍କୁ ଆକ୍ରମଣ କରିଥିଲା। ସ୍ଥାନୀୟ ଲୋକମାନେ ଉଭୟଙ୍କୁ ଉଦ୍ଧାର କରି ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ପଠାଇଥିଲେ।

## ସଂକ୍ଷେପରେ

### ଭିଣୋଇ ଟାଙ୍ଗିଆ ଚୋଟରେ ଶଳା ମୃତ

କନ୍ଧମାଳ,୧୧।୪(ଡି.ଏନ.ଏ.): ବୌଦ୍ଧ ଜିଲା ମନମୁଣ୍ଡା ଥାନା ଅଧୀନ ଗୋପାଳପୁର ଗ୍ରାମର ଡାଙ୍ଗସାହିରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ସାମାନ୍ୟ ବଚସାକୁ କେନ୍ଦ୍ରକରି ଭିଣୋଇର ଟାଙ୍ଗିଆ ଚୋଟରେ ଶଳାର ମୃତ୍ୟୁ ଘଟିଛି। ମୃତକ ହେଲେ ଶ୍ରୀକାନ୍ତ ସେଠୀ। ହତ୍ୟାକାଣ୍ଡ ଘଟାଇ ଭିଣୋଇ ଫେରାର ହୋଇଯାଇଛନ୍ତି। ପ୍ରକାଶ ଯେ, ଶୁଣ୍ଡିପଦର ପଞ୍ଚାୟତ ଗୋପାଳପୁର ଗ୍ରାମର ଜଣେ ବ୍ୟକ୍ତି ମନମୁଣ୍ଡା ଥାନା ଦପଲ ପଞ୍ଚାୟତ ଲଏଡା ଗ୍ରାମର ଶ୍ରୀକାନ୍ତ ସେଠୀଙ୍କ ଭଉଣୀଙ୍କୁ ବିବାହ କରିଥିଲେ। ମଙ୍ଗଳବାର ଦିନ ଶଳା ଶ୍ରୀକାନ୍ତ, ମା' ଓ ଭଉଣୀ ସହ ଡାଙ୍ଗସାହିକୁ ଆସିଥିଲେ। ଶ୍ରୀକାନ୍ତ ଭଉଣୀର ଚିକିତ୍ସା ପାଇଁ ଭିଣୋଇଙ୍କୁ ଟଙ୍କା ମାଗିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ହାତାହାତି ଯାଏ କଥା ଯାଇଥିଲା। ଏହି ସମୟରେ ଭିଣୋଇ ଉତ୍ତ୍ୟକ୍ତ ହୋଇ ଶଳା ଶ୍ରୀକାନ୍ତଙ୍କୁ ଏକ ଟାଙ୍ଗିଆରେ ଚୋଟ ମାରିଥିଲା। ଫଳରେ ସେ ତଳେ ପଡି ଯାଇଥିଲେ। ଏତିକିରେ ରାଗ ଶାନ୍ତ ହୋଇ ନ ଥିଲା। ଭିଣୋଇ ପୁନର୍ବାର ଟାଙ୍ଗିଆରେ ଚୋଟ ମାରିବାରୁ ଘଟଣାସ୍ଥଳରେ ଶ୍ରୀକାନ୍ତଙ୍କ ମୃତ୍ୟୁ ଘଟିଥିବା ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଖବର ପାଇ ମନମୁଣ୍ଡା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଶ୍ରୀକାନ୍ତଙ୍କ ଭଉଣୀ କୌଣସି କାରଣରୁ ବାପଘରେ ରହୁଥିଲେ।

### ସତର୍କ ହେଲେ ବଜ୍ରପାତରୁ ରକ୍ଷା ମିଳିବ

**ପ୍ରସ୍ତୁତି ବୈଠକରେ ମତପ୍ରକାଶ**

ବରଗଡ଼ ଅଫିସ୍,୧୧।୪: ବରଗଡ଼ ଜିଲାରେ ବଜ୍ରଘାତଜନିତ ଦୁର୍ଘଟଣା, ମୃତ୍ୟୁସଂଖ୍ୟା ହ୍ରାସ କରାଇବା ଲକ୍ଷ୍ୟ ନେଇ ଜିଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଭର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲାପାଳ କୃତିବାସ ରାଉତ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଆଦିତ୍ୟ ଗୋୟଲ, ଜିଲା ଜରୁରୀକାଳୀନ ଅଧିକାରୀ ନିରୁପମା ବୁଡ଼େକଙ୍କ ସମେତ ଜିଲାର ତହସିଲଦାର, ବିଡ଼ିଓ ଏବଂ ଅନ୍ୟ ପଦାଧିକାରୀ ଅଂଶଗ୍ରହଣ କରିଥିଲେ। ଜିଲାରେ ବଜ୍ରପାତ ଜନିତ ଦୁର୍ଘଟଣା ତଥା ମୃତ୍ୟୁ ହ୍ରାସ ପାଇଁ ଜନସଚେତନତା ସୃଷ୍ଟି, ଭାରତୀୟ ପାଣିପାଗ, ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦତ୍ତ ସତର୍କ ସୂଚନାଗୁଡ଼ିକର ବହୁଳ ପ୍ରଚାର ପ୍ରସାର ପାଇଁ ବୈଠକରେ ଆଲୋଚନା କରାଯାଇଥିଲା। ବଜ୍ରପାତ ସାଧାରଣତଃ ଅପରାହ୍ନ ୨ଟାରୁ ରାତି ୯ଟା ମଧ୍ୟରେ ହେଉଥିବାରୁ କୃଷି ଶ୍ରମିକ, ନିର୍ମାଣ ଶ୍ରମିକ, ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହକାରୀମାନେ କାମ ସାରି ଫେରିବା ବେଳକୁ ଏହାର ଶିକାର ହୋଇଥାନ୍ତି। ତେଣୁ ସତର୍କତା ଅବଲମ୍ବନ ହିଁ ବଜ୍ରପାତରୁ ରକ୍ଷା ପାଇବା ପାଇଁ ଏକମାତ୍ର ଉପାୟ ବୋଲି ଜିଲାପାଳ ବାନାର୍ଜୀ କହିଥିଲେ। ଏହି ପରିପ୍ରେକ୍ଷୀରେ ପଞ୍ଚାୟତସ୍ତରରେ ସଚେତନତା ସୃଷ୍ଟି କରିବା ପାଇଁ ଜିଲାପାଳ ସମସ୍ତ ବିଡ଼ିଓମାନଙ୍କୁ ନିର୍ଦ୍ଦେଶ ଦେବା ସହିତ ବଜ୍ରପାତରେ ମୃତ୍ୟୁବରଣ କରିଥିବା ଲୋକଙ୍କ ପରିବାରକୁ ଯଥାଶୀଘ୍ର ସହାୟତା ରାଶି ପ୍ରଦାନ ନିମିତ୍ତ ପଦକ୍ଷେପ ନେବା ପାଇଁ ସମସ୍ତ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

### ବାରିକଟିକ୍ରାରେ ପାନୀୟଜଳ ସମସ୍ୟା ଉତ୍କଟ



ବରପାଲି,୧୧।୪(ଡି.ଏନ.ଏ.): ବରପାଲି ବ୍ଲକ ଅଧୀନ ଜୁଲଟ ବାରିକଟିକ୍ରା ତଳିପଡ଼ାରେ ଉତ୍କଟ ପାନୀୟଜଳ ସମସ୍ୟା ଦେଖାଦେଇଛି। ଉକ୍ତ ପଡ଼ାରେ ନଳକୂପ ନାହିଁ। ପିଇବା ପାଣି ପାଇଁ ମହିଳାମାନେ ହଇରାଣ ହେଉଛନ୍ତି। ଏବେ ଗ୍ରୀଷ୍ମଋତୁରେ ତାତି ଦିନକୁ ଦିନ ବଢିବାରେ ଲାଗିଛି। ତେଣୁ ପାନୀୟ ଜଳ ସମସ୍ୟାର ପାଇଁ ଜୁଲଟ ବାରିକଟିକ୍ରାର ମାହେଶ୍ୱରୀ ଏସ୍ଏଚ୍‌ଜି ପକ୍ଷରୁ ବରପାଲି ବିଡିଓଙ୍କୁ ମଙ୍ଗଳବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ତୁରନ୍ତ ଏଠାରେ ପାନୀୟଜଳ ସମସ୍ୟା ଦୂର ପାଇଁ ଗଭୀର ନଳକୂପ କିମ୍ବା ସୌରଶକ୍ତି ଚାଳିତ କୂପ କରିବା ପାଇଁ ସଙ୍ଗଠନ ସଭାନେତ୍ରୀ ଶୈଳସୂତା ବାରିକ, ପଦ୍ମିନୀ ବାରିକ, ସୁଷମା ବାରିକ, ଦୀପାଞ୍ଜଳି ବାରିକ, ପଦ୍ମାବତୀ ବାରିକ, ଜୟନ୍ତୀ ବାରିକ ପ୍ରମୁଖ ଦାବି କରିଛନ୍ତି।

# 'ଭାରତୀୟ ଝିଅଙ୍କ ଭୟ ନାହିଁ'

## ରାଜ୍ୟପାଳଙ୍କ ଦିନିକିଆ ବରଗଡ଼ ଗସ୍ତ

ବରଗଡ଼ ଅଫିସ୍/ପାଇକମାଳ/ବରପାଲି, ୧୧।୪(ଡି.ଏନ.ଏ.)




ସମଲେଇପଦର ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ସମାରୋହରେ ରାଜ୍ୟପାଳ ଗଣେଶୀ ଲାଲ ଏବଂ ଅନ୍ୟ ଅତିଥିବୃନ୍ଦ।

ଆମେ ସମସ୍ତେ ଆଦିଶକ୍ତିଙ୍କ ସନ୍ତାନ ଅଟୁ। ଆଦିଶକ୍ତି ପ୍ରଭୁ ଜଗନ୍ନାଥ କୌଶଲ୍ୟା ରୂପରେ ଶ୍ରୀରାମ ଏବଂ ଦେବକୀ ରୂପରେ କୃଷ୍ଣଙ୍କୁ ଜନ୍ମ ଦେଇଛନ୍ତି। ଏହି ଦୃଷ୍ଟିକୋଣରେ ନାରୀ କେବେ ପଛୁଆ ନୁହେଁ, ନାରୀ ସବୁକ୍ଷେତ୍ରରେ ଆଗୁଆ। ଆମେ ଭାରତ ମାତାଙ୍କ ଝିଅ, କାହାକୁ ଆମର ଭୟ ନାହିଁ। ଭାରତୀୟ ଝିଅ ଶୀର୍ଷସ୍ଥାନରେ ପହଞ୍ଚିପାରେ। ରାମାୟଣ, ମହାଭାରତ, ଉପନିଷଦ୍, ଗୀତା, ଭାଗବତରୁ ପୌରାଣିକ ତଥ୍ୟ ଉଦ୍ଧାର ସହିତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉଦାହରଣ ଦେଇ ମଙ୍ଗଳବାର ବରଗଡ଼ ଜିଲା ପାଇକମାଳ ଯମୁନା କନ୍ଧୁଣି ବାଳିକା ଉଚ୍ଚବିଦ୍ୟାଳୟର ରୌପ୍ୟ ଜୟନ୍ତୀ ସମାରୋହରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହା କହିଛନ୍ତି।

ରାଜ୍ୟପାଳ ଚୋପର ଯୋଗେ ଆସି ଦିନ ପ୍ରାୟ ୯ଟା ୪୫ମିନିଟ୍‌ରେ ପାଇକମାଳ ଏମ୍.ଇ. ସ୍କୁଲ ପଡ଼ିଆ ସ୍ଥିତ ଅସ୍ଥାୟୀ ହେଲିପ୍ୟାଡ଼ରେ ଓହ୍ଲାଇଥିଲେ। ସେଠାରୁ କାର୍ ଯୋଗେ ସ୍ଥାନୀୟ ଯମୁନା କନ୍ଧୁଣି ବାଳିକା ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ସମାରୋହକୁ ଯାଇ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ସ୍ମରଣିକା 'ଯମୁନା'କୁ ଉନ୍ମୋଚନ ସହିତ କସ୍ତୁରବା ଗାନ୍ଧୀ ମାତୃ ନିକେତନର ସମାଜସେବୀ ନିରୁପମା ମହାପାତ୍ରଙ୍କୁ ସେ ସମ୍ବର୍ଦ୍ଧିତ କରିଥିଲେ। ଚିତ୍ରଶିଳ୍ପୀ ଡୋଲାମଣି ଭୁଏ ଆଙ୍କିଥିବା ରାଜ୍ୟପାଳଙ୍କ ଏକ ଫଟୋଚିତ୍ର ରାଜ୍ୟପାଳଙ୍କୁ ପ୍ରଦାନ କରିଥିଲେ। ପ୍ରତିମା ପୁରୋହିତ ଓ ସଙ୍ଗୀତା ସାହୁ ନୃସିଂହନାଥଙ୍କ ଫଟୋ ରାଜ୍ୟପାଳଙ୍କୁ ପ୍ରଦାନ କରିଥିଲେ। ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, ଜିଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରତାପ ସିଂ ବରିହା, ସମିତିସଭ୍ୟା ନିରୂପମା ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ପ୍ରଧାନ ଶିକ୍ଷକ ସୁଶାନ୍ତ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବାବେଳେ ଶିକ୍ଷୟିତ୍ରୀ ଅନୀମା ରାଉତ ପରିଚୟ ପ୍ରଦାନ କରିଥିଲେ। ରୌପ୍ୟ ଜୟନ୍ତୀ କମିଟି ସଭାପତି ସସ୍ମିତା ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

ସେଠାରେ କାର୍ଯ୍ୟକ୍ରମ ସାରି ରାଜ୍ୟପାଳ ଚୋପର ଯୋଗେ ବିଜେପୁର ଅଭିମୁଖେ ଯାଇଥିଲେ। ଏହି ବ୍ଲକ ଅନ୍ତର୍ଗତ ସମଲେଇପଦର ଉନ୍ନୀତ ଉଚ୍ଚବିଦ୍ୟାଳୟର ଶତବାର୍ଷିକୀ ସମାରୋହରେ ରାଜ୍ରପାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଜଗନ୍ନାଥ ଚେତନାରେ ଉଦ୍‌ବୁଦ୍ଧ ହୋଇ ଜୀବନରେ ଭଲ ମଣିଷ ହୋଇ ଭଲ କର୍ମ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ, ବ୍ଲକ ଅଧ୍ୟକ୍ଷ ମୋତିରାମ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଆରତୀ ଯୋଶୀ ସଭାପତିତ୍ୱ କରିଥିବାବେଳେ ଶିକ୍ଷକ ବିଜୟ ଦାଶ ସଭା ସଂଯୋଜନା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହାପରେ ରାଜ୍ୟପାଳ ସଡ଼କ ପଥରେ ବରପାଲି ବ୍ଲକ ଅନ୍ତର୍ଗତ ତୁଲଣି ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକୀ ସମାରୋହରେ ଯୋଗଦେବା ପାଇଁ ଯାଇଥିଲେ।

ବରପାଲି ବ୍ଲକ ଅନ୍ତର୍ଗତ ତୁଲଣ୍ଡି ସରକାରୀ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକୀ ସମାରୋହସ୍ଥଳରେ ଦିନ ପ୍ରାୟ ୧ଟା ୨୦ମିନିଟରେ ରାଜ୍ୟପାଳ ପହଞ୍ଚିଥିଲେ। ସେଠାରେ ସେ ଶତବାର୍ଷିକୀ ତୋରଣକୁ ଉଦ୍‌ଘାଟନ କରିବା ସହ ସମାରୋହରେ ଯୋଗ ଦେଇଥିଲେ। ଜଗନ୍ନାଥଙ୍କ ଶରଣାପନ୍ନ ହେଲେ ସମସ୍ତ ବିପତ୍ତିରୁ ମୁକ୍ତି ମିଳିବ। ଛାତ୍ରୀଛାତ୍ରଙ୍କୁ ବଡ଼ ହୋଇ ବରପୁତ୍ର ସ୍ୱଭାବ କବି ଗଙ୍ଗାଧର ମେହେର, ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଭଳି ଦେଶର ବିକାଶରେ ସକ୍ରିୟ ଭୂମିକା ନେବାକୁ ସେ ତାଙ୍କ ବକ୍ତବ୍ୟରେ କହିଥିଲେ। ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ, ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଅଶୋକ କୁମାର ସାହୁ ଅଧ୍ୟକ୍ଷତା କରିଥିବାବେଳେ ସଙ୍ଗୀତା ପଣ୍ଡା ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ।



ବରପାଲି ବ୍ଲକ ଅନ୍ତର୍ଗତ ତୁଲଣ୍ଡି ସରକାରୀ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକୀ ସମାରୋହରେ ଉପସ୍ଥିତ ମହିଳାବୃନ୍ଦ।

# ପ୍ରସ୍ତାବିତ ସମବାୟ ସମିତିରେ ମିଶିବାକୁ ଚାଷୀ ଅରାଜି

ବରଗଡ଼ ଅଫିସ୍,୧୧।୪

ସମବାୟ କ୍ଷେତ୍ରରେ ଚାଷୀଙ୍କୁ ସହଜରେ ଉତ୍ତମ ସେବା ଯୋଗାଇବା ଲକ୍ଷ୍ୟ ରଖି ରାଜ୍ୟ ସରକାର କେତେକ ନୂତନ ସେବା ସମବାୟ ସମିତି ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି କ୍ରମରେ ପୁରୁଣା ସମବାୟ ସମିତିରେ ରହିଥିବା କିଛି ଗ୍ରାମକୁ ନୂତନ ପ୍ରସ୍ତାବିତ ସେବା ସମବାୟ ସମିତିରେ ମିଶାଇବାକୁ ଯୋଜନା ଚାଲିଛି। ତେବେ ପାଇକମାଳ ବ୍ଲକ କେଛୋଦାଦର ପଞ୍ଚାୟତ ଅଧୀନ ହୀରାପୁର ଗ୍ରାମକୁ ପ୍ରସ୍ତାବିତ ଟେମରୀ ସେବା ସମବାୟ ସମିତିରେ ମିଶାଇବାକୁ ଯୋଜନା ଚାଲିଥିବା ସୂଚନା ପାଇବା ପରେ ହୀରାପୁର ଗ୍ରାମର ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ସେମାନେ ନୂତନ ସେବା ସମବାୟ ସମିତିରେ ମିଶିବାକୁ ଅରାଜି ଥିବାବେଳେ ପୂର୍ବବତ୍ ପାଇକମାଳ ସେବା ସମବାୟ ସମିତି ଅଧୀନରେ ରହିବାକୁ ସହମତି ପ୍ରକାଶ କରିଛନ୍ତି। ଏ ନେଇ ହୀରାପୁର ଗ୍ରାମର ଚାଷୀ ପ୍ରତିନିଧି ଦଳ ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ସୂଚନା ଅନୁସାରେ, ହୀରାପୁର ଗ୍ରାମରୁ ପାଇକମାଳକୁ ମାତ୍ର ୫କି.ମି ଦୂର ଅଟେ। ଅନ୍ୟପଟେ ହୀରାପୁର ଗ୍ରାମରୁ ଟେମରୀ ଗ୍ରାମର ଦୂରତ୍ୱ ୧୫କି.ମି ହେବ। ଏହି ଦୃଷ୍ଟିରୁ ନୂତନ ଟେମରୀ ସେବା ସମବାୟ ସମିତିରେ ହୀରାପୁର ଗ୍ରାମକୁ ମିଶାଇଲେ ଯାତାୟାତ କ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହେବେ ବୋଲି ଚାଷୀମାନେ କହିଛନ୍ତି। ଫଳରେ ପୂର୍ବବତ୍ ପାଇକମାଳ ସେବା ସମବାୟ ସମିତି ଅଧୀନରେ ତାଙ୍କ ଗ୍ରାମକୁ ରଖାଯାଉ ବୋଲି ଗିରିଧାରୀ ପାତ୍ର, ଚତୁର୍ଭୁଜ ବାଗ, ଅନୀଲ ପାତ୍ର, କୁବେର ହଂସ ପ୍ରମୁଖ ଚାଷୀମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି।



ଜିଲାପାଳଙ୍କୁ ଫେରାଦ ହୋଇଥିବା ହୀରାପୁର ଗ୍ରାମର ଚାଷୀ ପ୍ରତିନିଧିବୃନ୍ଦ।

# ରାବଣ ବଧ ସହ ରାମଲୀଳା ଉଦ୍‌ଯାପିତ

ଭେଡ଼େନ,୧୧।୪(ଡି.ଏନ.ଏ.)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ଗଣ୍ଡତୁରୁମ ଗ୍ରାମର ପ୍ରସିଦ୍ଧ ଗଣପର୍ବ ରାମଲୀଳା ରାବଣ ବଧ ସହ ଉଦ୍‌ଯାପିତ ହୋଇଛି। ନାଟ୍ୟାଭିନୟରେ ମହାପରାକ୍ରମୀ ପୁତ୍ର ଇନ୍ଦ୍ରଜିତଙ୍କ ମୃତ୍ୟୁ ପରେ ରାବଣ କ୍ରୋଧାନ୍ୱିତ ହୋଇଛନ୍ତି। ନିଜର ଗୁପ୍ତଭେଦ କଥା ଶତ୍ରୁ ଆଗରେ ପ୍ରକାଶ କରୁଥିବା ବିଭୀଷଣଙ୍କୁ ବିନାଶ କରିବା ପାଇଁ ରାବଣ ଯୁଦ୍ଧକ୍ଷେତ୍ରକୁ ଯାଇଛନ୍ତି। ମାତ୍ର ବିଭୀଷଣଙ୍କୁ ରକ୍ଷା କରିବାକୁ ଲକ୍ଷ୍ମଣ ରାବଣର ଶକ୍ତିଭେଦ ଅସ୍ତ୍ରର ସାମନା କରି ନ ପାରି ମୂର୍ଚ୍ଛିତ ହୋଇଛନ୍ତି। ଲକ୍ଷ୍ମଣଙ୍କୁ ବଞ୍ଚାଇବାକୁ ବୈଦ୍ୟରାଜ ସୁଶେଣଙ୍କ ପରାମର୍ଶ କ୍ରମେ ବିଶଲ୍ୟକରଣୀ ମହୌଷଧି ଅନ୍ୱେଷଣରେ ହନୁମାନ ଗନ୍ଧମାର୍ଦ୍ଦନ ପର୍ବତକୁ ଯାଇଛନ୍ତି। ତେବେ ବିଶଲ୍ୟକରଣୀ ଚିହ୍ନି ନ ପାରି ସମଗ୍ର ପର୍ବତକୁ ଉଠାଇ ଆଣି ଆକାଶ ମାର୍ଗରେ ଯିବା ସମୟରେ ଭରତଙ୍କ ବାଟୁଳିରେ ତଳେ ପଡ଼ିଛନ୍ତି। ପରେ ଉଭୟଙ୍କ କଥୋପକଥନରେ ପରିଚିତ ହୋଇ ହନୁମାନ ଲଙ୍କାପୁରୀ ଅଭିମୁଖେ ଯାତ୍ରା କରିଛନ୍ତି। ବୈଦ୍ୟରାଜ ସୁଶେଣଙ୍କ ଉପଚାରରେ ଲକ୍ଷ୍ମଣ ଆରୋଗ୍ୟ ହୋଇଛନ୍ତି। ଶକ୍ତିଭେଦ ଅସ୍ତ୍ରର ବିଫଳତା ପରେ ରାବଣ ପାତାଳପୁରୀରୁ ନିଜର ମାୟାବୀ ପୁତ୍ର ମହିରାବଣକୁ ଆମନ୍ତ୍ରଣ କରିଛନ୍ତି। ମହିରାବଣ ମାୟା ଭିଆଇ ରାମଲକ୍ଷ୍ମଣଙ୍କୁ ପାତାଳପୁରୀକୁ ନେଇଯାଇଛି। ସେଠାରେ ଉଭୟଙ୍କୁ ପାତାଳ ଭୈରବୀଙ୍କ ପାଖରେ ବଳି ଦେବାର ଆୟୋଜନ କରିଛି। ହନୁମାନ ପାତାଳପୁରୀକୁ ଯାଇ ମହିରାବଣକୁ ବଧ କରି ରାମ ଲକ୍ଷ୍ମଣଙ୍କୁ ଉଦ୍ଧାର କରିଛନ୍ତି। ଶେଷରେ ରାମ ଓ ରାବଣଙ୍କ ମଧ୍ୟରେ ଘୋର ଯୁଦ୍ଧ ହୋଇ ରାବଣଙ୍କ ମୃତ୍ୟୁ ହୋଇଛି। ପରେ ରାମଚନ୍ଦ୍ର ବିଭୀଷଣଙ୍କୁ ଲଙ୍କାଗଡ଼ରେ ରାଜା ଅଧିଷ୍ଠିତ କରାଇ ରାମଚନ୍ଦ୍ର ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏଭଳି ଭାବେ ଗଣ୍ଡତୁରୁମ ରାମଲୀଳା ମହୋତ୍ସବ ଶେଷ ହୋଇଛି।



ରାମଲୀଳା ନାଟକର ଅନ୍ତିମ ଦୃଶ୍ୟ।

# ୧୧ଦଫା ଦାବିରେ ସ୍ମାରକପତ୍ର ପ୍ରଦାନ

ବରଗଡ଼ ଅଫିସ୍,୧୧।୪

ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକଙ୍କ ପ୍ରତି ସରକାର ଅଣଦେଖା ମନୋଭାବ ପୋଷଣ କରୁଛନ୍ତି। ଏଭଳି ଅଭିଯୋଗ ନେଇ ସୋମବାର ଓଡ଼ିଶା ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ବରଗଡ଼ ଜିଲାର ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ସ୍ମାରକପତ୍ର ଗ୍ରହଣ କରିଥିଲେ। ସ୍ମାରକପତ୍ରରେ ୧୧ଦଫା ଦାବି କରାଯାଇଛି। ସ୍ୱୀକୃତିପ୍ରାପ୍ତ ଡାକ୍ତରଖାନା ଗୁଡ଼ିକରେ ସେବା ନିବୃତ୍ତ କର୍ମଚାରୀଙ୍କୁ ବିନା ଦେୟରେ ସ୍ୱାସ୍ଥ୍ୟସେବା, ଚିକିତ୍ସା ପାଇଁ ମାସିକ ୧୫୦୦ ଟଙ୍କା ଲେଖାଏଁ ପ୍ରଦାନ, ୬୫ବର୍ଷ ବୟସରୁ ଅତିରିକ୍ତ ପେନସନ ପ୍ରଦାନ, ୨୦୦୬ ଜାନୁୟାରୀ ପହିଲାକୁ ପିଛିଲା ତାରିଖ ଭାବେ ନେଇ ସମ୍ପୂର୍ଣ୍ଣ ପେନସନ ପ୍ରଦାନ, ଡିସେମ୍ବର ୧୭ତାରିଖକୁ ପେନସନର୍ସ ଡେ ଭାବେ ଘୋଷଣା କରିବା, ବସ୍‌ରେ ସେବା ନିବୃତ୍ତ କର୍ମଚାରୀଙ୍କୁ ୫୦ ପ୍ରତିଶତ ଭଡ଼ା ଛାଡ଼ କରିବା ଆଦି ଦାବି ଗୁଡ଼ିକ ରହିଛି। ଇନ୍ଦ୍ରଜିତ ପଣ୍ଡାଙ୍କ ସମେତ ବହୁ ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ସ୍ମାରକପତ୍ର ପ୍ରଦାନ କରିଥିଲେ।



ଜିଲାପାଳଙ୍କୁ ଫେରାଦ ହୋଇଥିବା ସେବା ନିବୃତ୍ତ କର୍ମଚାରୀ, ଶିକ୍ଷକ ପ୍ରତିନିଧିବୃନ୍ଦ।

## ନବୋଦୟ ସ୍କୁଲରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କର୍ମଶାଳା

ପାଇକମାଳ,୧୧।୪(ଡି.ଏନ.ଏ.)

ବରଗଡ ଜିଲା ପାଇକମାଳ ସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ମଙ୍ଗଳବାର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅନ୍ତଃରାଷ୍ଟ୍ରୀୟ ଆର୍ଥିକ ସହଯୋଗର ପ୍ରମୁଖ ମଞ୍ଚ ଜି-୨୦ର ପୂର୍ବ ନିର୍ଦ୍ଧାରିତ ସୂଚନା ଓ ନିର୍ଦ୍ଦେଶ ଅନୁସାରେ ବିଦ୍ୟାଳୟର ଅଧକ୍ଷ ସରୋଜ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଉକ୍ତ କର୍ମଶାଳା ହୋଇଥିଲା। ଏଥିରେ ଏକାଦଶ ଓ ଦ୍ୱାଦଶ ବିଜ୍ଞାନ ଶ୍ରେଣୀର ୫୦ ଜଣ ବିଦ୍ୟାର୍ଥୀ ଭାଗ ନେଇଥିଲେ। ଶିକ୍ଷୟିତ୍ରୀ ଶିକ୍ଷକ ଜଗଦୀଶ ପାତ୍ର, ପ୍ରାଚୀ ପରମିତା ବଡ଼ପଣ୍ଡା, ମୋହନ ସୁନ୍ଦର ବେହେରା, ଆକାଂକ୍ଷା ଲୋଧୀ, ଏମ୍. ଏସ୍. ସୌମ୍ୟା ଓ ସଙ୍ଗୀତା ମେହେତା ପ୍ରମୁଖ ସହଯୋଗ କରିଥିଲେ।

# ୭ଦଫା ଦାବି କଲେ ଗ୍ରାମ୍ୟ ସାଧନ କର୍ମୀ

ବରଗଡ଼ ଅଫିସ୍,୧୧।୪

ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ଅଧୀନରେ କାମ କରୁଥିବା ବରଗଡ଼ ଜିଲାର ଗ୍ରାମ୍ୟ ସାଧନ କର୍ମୀ (ଭିଆର୍‌ପି)ମାନେ ୭ଦଫା ଦାବି କରିଛନ୍ତି। ଦାବି ସମୂହ ନେଇ ସେମାନେ ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି, ୨୦୧୭ରୁ ଦୀର୍ଘ ୬ ବର୍ଷ ହେଲା ସେମାନେ ଭିଆର୍‌ପି ଭାବେ ରାଜ୍ୟ ସରକାରଙ୍କ ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଏନ୍‌ଏସ୍‌ଏପି, ଏନ୍‌ଏଫ୍‌ଏସ୍‌ଏ, ଆଇସିଡ଼ିଏସ୍ ଆଦି ଯୋଜନାରେ ସୂଚାରୁ ଭାବେ କାର୍ଯ୍ୟ ସମ୍ପାଦନ କରି ଆସୁଛନ୍ତି। ତେବେ କାମ ତୁଳନାରେ ସେମାନଙ୍କୁ ପାରିଶ୍ରମିକ ମିଳୁନାହିଁ। ଫଳରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିବା ସେମାନେ କହିଛନ୍ତି। ଏହି ଦୃଷ୍ଟିରୁ ପାରିଶ୍ରମିକ ବୃଦ୍ଧି କରିବାକୁ ଗ୍ରାମ୍ୟ ସାଧନ କର୍ମୀମାନେ ଦାବି କରିଛନ୍ତି। ସେହିପରି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ କରୁଥିବା ଭିଆର୍‌ପିମାନଙ୍କୁ ନିୟମିତ କାମ ଦେବା, ଭିଆର୍‌ପିମାନଙ୍କୁ ଡ୍ରେସ୍‌କୋଡ୍, ଆଇଡ଼ି କାର୍ଡ, ସ୍ମାର୍ଟଫୋନ ପ୍ରଦାନ, ଇପିଏଫ୍ ଓ ଇନ୍‌ସ୍ୟୁରାନ୍ସ ସୁବିଧା ଏବଂ ଓଡ଼ିଶା ଜୀବିକା ମିଶନରେ ସାମିଲ କରିବାକୁ ସେମାନେ ଦାବି କରିଛନ୍ତି।



ଜିଲାପାଳଙ୍କୁ ଫେରାଦ ହୋଇଥିବା ଗ୍ରାମ୍ୟ ସାଧନ କର୍ମୀବୃନ୍ଦ।

# ବିଦ୍ୟୁତ୍ ସମସ୍ୟା, ବଢ଼ୁଛି ଅସନ୍ତୋଷ

ବରଗଡ଼ ଅଫିସ୍,୧୧।୪

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅଞ୍ଚଳରେ ବିଦ୍ୟୁତ୍ ସମସ୍ୟା ଅସମାହିତ ହୋଇ ରହିଛି। ଏଠାରେ ଲୋ ଭୋଲ୍‌ଟେଜ ସମସ୍ୟା ନିତିଦିନିଆ ଘଟଣାରେ ପରିଣତ ହୋଇଥିବାବେଳେ ଅଘୋଷିତ ବିଦ୍ୟୁତ କାଟ୍ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି। ଲୋ ଭୋଲ୍‌ଟେଜ ସମସ୍ୟା ଯୋଗୁ ଗଭୀର ନଳକୂପ ଗୁଡ଼ିକରୁ ପାଣି ବାହାରୁନାହିଁ। ଏଥିଯୋଗୁ ଫସଲ ଉଜୁଡ଼ି ଯାଉଥିବାବେଳେ ପିଇବା ପାଣି ପାଇଁ ମଧ୍ୟ ସମସ୍ୟା ଉପୁଜିଛି। ଏହାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ଅସନ୍ତୋଷ ବଢୁଥିବାବେଳେ ଆନ୍ଦୋଳନ ମୁଣ୍ଡ ଟେକିଛି। ସୋମବାର ଅମ୍ବାଭୋନା ବାରପାହାଡ଼ କୃଷକ ସଙ୍ଗଠନର ଏକ ପ୍ରତିନିଧି ଦଳ ଉକ୍ତ ସମସ୍ୟା ନେଇ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କୁ ଭେଟି ସେମାନେ ସମସ୍ୟା ଅବଗତ କରିଥିଲେ। ସେହିପରି ବିଦ୍ୟୁତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ସୁରେନ୍ଦ୍ର ହୋତାଙ୍କୁ ଭେଟି ତୁରନ୍ତ ବିଦ୍ୟୁତ୍ ସମସ୍ୟାର ସମାଧାନ କରିବାକୁ ଦାବି କରିଥିଲେ। ଏହାର ତ୍ୱରିତ ସମାଧାନ ନ ହେଲେ ଅଞ୍ଚଳବାସୀ ବାଧ୍ୟ ହୋଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି ବାରାପାହାଡ଼ କୃଷକ ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।



ବିଦ୍ୟୁତ୍ ସମସ୍ୟା ସମାଧାନ ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀବୃନ୍ଦ।

ପ୍ରକାଶ ଯେ, ଅମ୍ବାଭୋନା ବ୍ଲକର ଡୁଙ୍ଗୁରୀ, ଲଖନପୁର ସମେତ ବିଭିନ୍ନ ଗ୍ରାମରେ ବର୍ଷ ବର୍ଷ ଧରି ଲୋ ଭୋଲ୍‌ଟେଜ ସମସ୍ୟା ଲାଗି ରହିଛି। ଏହାର ସମାଧାନ ପାଇଁ ଅଞ୍ଚଳବାସୀ ବାରମ୍ବାର ଦାବି କରିବା ସତ୍ତ୍ୱେ କିଛି ସୁଫଳ ମିଳି ନ ଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ତାତି ବଢ଼ି ଚାଲିଥିବାବେଳେ ଲୋ ଭୋଲ୍‌ଟେଜ ଅଞ୍ଚଳବାସୀଙ୍କ ସେହି ସମସ୍ୟାକୁ ଦ୍ୱିଗୁଣିତ କରି ପକାଇଛି। ନଳକୂଅରୁ ପାଣି ବାହାରୁ ନ ଥିବାବେଳେ ଘରେ ଥିବା ମୋଟରପମ୍ପ ମଧ୍ୟ ଚାଲୁନାହିଁ। ସେହିପରି କ୍ଷେତରେ ମୋଟର ପମ୍ପ ଚାଲୁ ନଥିବା ଯୋଗୁ ଗଭୀର ନଳକୂପରୁ ପାଣି ବାହାରୁନାହିଁ ଏବଂ ଧାନ, ପରିବା ଫସଲ ଉଜୁଡ଼ିଯାଉଛି ବୋଲି ଚାଷୀ ଇସାନ କୁମାର ଭୁଏ କହିଛନ୍ତି। ସେହିପରି ବିଦ୍ୟୁତ ଦେୟ ଅସୁଲିରେ ତତ୍ପର ହୋଇ ଉଠୁଥିବା ବିଭାଗ ବିଦ୍ୟୁତ୍ ସମସ୍ୟାର ସମାଧାନ କରିବାରେ ବିଫଳ ହେଉଛି। ତୁରନ୍ତ ଏହି ସମସ୍ୟାର ସମାଧାନ କରା ନ ଗଲେ ଅଞ୍ଚଳବାସୀ ଏହାର ଉଚିତ ଜବାବ ଦେବେ ବୋଲି ଚାଷୀନେତା ରମେଶ ମହାପାତ୍ର କହିଛନ୍ତି।

## ସଂକ୍ଷେପରେ

### ସାମ୍ପ୍ରଦାୟିକ ଦଙ୍ଗା ଭିଡିଓ ଭାଇରାଲ: ପୂର୍ବତନ ଏସ୍‌ଡିଏ ଅଧ୍ୟକ୍ଷ ଗିରଫ

**ସମ୍ବଲପୁର,୧୧।୪(ବ୍ୟୁରୋ):** ସମ୍ବଲପୁର ଜିଲା ଧନୁପାଲି ପୋଲିସ ପୂର୍ବତନ ଏସ୍‌ଡିଏ ଅଧ୍ୟକ୍ଷ ଜୟବ୍ରତ ଦେଙ୍କୁ ଗିରଫ କରିଛି। ଧାର୍ମିକ ଉତ୍ତେଜନାପୂର୍ଣ୍ଣ ଓ ସାମ୍ପ୍ରଦାୟିକ



ଦଙ୍ଗା ହେବା ଭଳି ଅଡିଓ ଜାରି କରିବା ଯୋଗୁ ତାଙ୍କୁ ଗିରଫ କରାଯାଇଛି। ଜୟବ୍ରତ ଅଡିଓ ତିଆରି କରି ସାମାଜିକ ଗଣମାଧମରେ ଭାଇରାଲ କରିଥିଲେ। ଏ ନେଇ ଥାନାରେ ଏକ ମାମଲା (ନଂ.୧୫୩/୨୩) ରୁଜୁ କରାଯାଇ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଧନୁପାଲି ଥାନା ଏଏସ୍‌ଆଇ ଧର୍ମେନ୍ଦ୍ର ଭୁଏ ଅଡିଓ ଯାଞ୍ଚ କରିବା ପରେ ଅଭିଯୋଗ କରିଥିଲେ। ଭାଇରାଲ ଅଡିଓରେ ଜୟବ୍ରତ ଏକ ଧର୍ମକୁ ଗାଳି ଦେଉଛନ୍ତି। ଏପରି କି ମୁଣ୍ଡଗଣ୍ଡି ଅଲଗା କରି ଦିଆଯିବ ବୋଲି ଧମକ ଦେଉଛନ୍ତି। ପ୍ରାୟ ୨୦ ମିନିଟର ଅଡିଓରେ ପୋଲିସ ଏସ୍‌ପି ଓ ପୁରା ବ୍ୟବସ୍ଥାକୁ ଦାୟୀ କରି ସମାଲୋଚନା କରାଯାଉଛି। ଏହି ଅଡିଓ ଭାଇରାଲ ହେବା ପରେ ଉତ୍ତେଜନାମୂଳକ ବାତାବରଣ ଦେଖାଦେଇଥିଲା। ଅଡିଓକୁ ପୋଲିସ ଯାଞ୍ଚ କରି ମାମଲା ରୁଜୁ କରିଥିଲା। ଅଡିଓଟି ଦୁଇଦିନ ପୂର୍ବରୁ ଭାଇରାଲ ହୋଇଥିବା ବେଳେ ପୋଲିସ ତଦନ୍ତ ଆରମ୍ଭ କରିଥିଲା।

### ନିଖୋଜର ୮ଦିନ ପରେ ବି ପୋଲିସ ହାତ ଖାଲି

**ଜମନକିରା,୧୧।୪(ଡି.ଏନ.ଏ.):** ଜମନକିରା ଥାନା ଗୌଡ଼ପାଲି ଫାଣ୍ଡି ଅନ୍ତର୍ଗତ ବଡରମା ଛକରେ ପରିବାର ସହ ରହୁଥିବା ସୁଦର୍ଶନ ବେହେରା (୬୧) ନିଖୋଜ ହେବାର ୮ଦିନ ପରେ ବି ପୋଲିସ ଏହାର ରହସ୍ୟ ଉନ୍ମୋଚନ କରିପାରି ନାହିଁ। ସୂଚନା ଅନୁସାରେ ସୁଦର୍ଶନ ୧୩ବର୍ଷ ହେବ ନିଜ ଗାଁ ଯୁଯୁମୁରା ଥାନା ଟାମ୍ପେରଗଡ଼ ଛାଡି ପରିବାର ସହ ବଡରମା ଛକରେ ରହିଆସୁଥିଲେ। ସୁଦର୍ଶନ ବଢ଼େଇ କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ଏପରିସ୍ଥଳେ ଗତ ୪ତାରିଖରେ ସେ ନିଜ ଘରଆଡେ ଯାଉଛି କହି ଆଉ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରି ନ ପାଇବାରୁ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଥାନାରେ ଏକ ମାମଲା ରୁଜୁ କରିଥିଲା। ମାତ୍ର ୮ଦିନ ବିତିଯାଇଥିଲେ ମଧ ସୁଦର୍ଶନଙ୍କ ପତ୍ତା ମିଳିପାରି ନାହିଁ। ଅନ୍ୟପଟେ ସୁଦର୍ଶନଙ୍କ ସ୍ତ୍ରୀ ପୂର୍ବରୁ ଶତ୍ରୁତା ଥିବା ଟାମ୍ପେରଗଡର ଏକ ପରିବାର ଲୋକେ ଅପହରଣ କରି ନେଇଥିବା ଅଭିଯୋଗ କରିଛନ୍ତି। ତେବେ ଏ ନେଇ ତଦନ୍ତ ଜାରି ରହିଥିବା ଜମନକିରା ଥାନା ଅଧିକାରୀ ପ୍ରେମଜିତ ଦାସ ପ୍ରକାଶ କରିଛନ୍ତି। ଏହାସହ ସୁଦର୍ଶନଙ୍କ ସ୍ତ୍ରୀ ଆରୋପ କରୁଥିବା ପରିବାର ଲୋକଙ୍କୁ ପୋଲିସ ପଚରାଉଚୁରା କରିଥିବା ବେଳେ ସେମାନେ ଅଭିଯୋଗକୁ ଖଣ୍ଡନ କରିଥିବା ସେ କହିଛନ୍ତି।

# ପୋଲିସ ତଥ୍ୟରେ ତାଳମେଳ ନାହିଁ

**ସମ୍ବଲପୁର,୧୧।୪(ବ୍ୟୁରୋ)**

**ପଣ୍ଡଲୋଇ ପୋଲିସ ଚଢାଉରେ ୫ ବସ୍ତା ଟଙ୍କା ଗାଏବ ଘଟଣା**

- ଝିଅଙ୍କ ଫଟୋ ନେଇ ତନ୍ତ୍ର ସାଧନା କରୁଥିଲେ ଅଭିଯୁକ୍ତ
- ହନୁମାନ ପଇସା ପାଇଁ ଗ୍ରାହକ ଆସୁଥିଲେ

ଦେବଗଡ ଟାଉନ ଥାନାରେ ହୋଇଥିବା ରୀତା ସାହୁ ହତ୍ୟା ମାମଲାରେ ସମ୍ବଲପୁର ଜିଲା ରେଙ୍ଗାଲି ଥାନା ପଣ୍ଡଲୋଇ ଗ୍ରାମର ଅଶ୍ୱିନୀ ଷଣ୍ଡ ଗିରଫ ହୋଇଛନ୍ତି। ଏହାସହ ତାଙ୍କ ସହଯୋଗୀ ତଥା ସୁପାରିକିଲର ଅଇଁଠାପାଲି ଥାନା ଦାନିପାଲିର ଶ୍ୟାମ ଖଡିଆ (ଚେରୁ)ଙ୍କୁ ମଧ ପୋଲିସ ଗିରଫ କରିଛି। ପୋଲିସ ଏ ନେଇ ମଙ୍ଗଳବାର ଖବରଦାତ ସମ୍ମିଳନୀ କରି ସୂଚନା ଦେବା ସହ ପ୍ରେସ ବିବୃତି ଦେଇଛି। ଅଭିଯୁକ୍ତ ଶ୍ୟାମ ସୁପାରି ନେଇଥିବା ପୋଲିସ କହୁଛି। ହେଲେ ଅଭିଯୁକ୍ତ ଅଶ୍ୱିନୀ କେତେ ଟଙ୍କା ସୁପାରି ଦେଇଥିଲେ, କେତେ ଅଗ୍ରିମ ଦେଇଥିଲେ ଓ କେତେ ବାକି ଥିଲା ସ୍ପଷ୍ଟ କରୁନାହିଁ। ଉଭୟ ଅଭିଯୁକ୍ତ ଭଲ ସାଙ୍ଗ ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି।

ଅନ୍ୟପଟେ ମୁଖ୍ୟ ଅଭିଯୁକ୍ତ ଅଶ୍ୱିନୀ ତନ୍ତ୍ର ସାଧନା କରନ୍ତି। ପୋଲିସ ଚଢାଉ ସମୟରେ ଅନ୍ୟ ଝିଅଙ୍କ ଫଟୋ ଜବତ କରିଥିଲା। ଝିଅଙ୍କ ଫଟୋକୁ ଓଲଟାଇ ରଖି ତନ୍ତ୍ର ପୂଜା କରୁଥିଲେ। ନିୟମିତ ଏଭଳି ପୂଜା କରିବା ପାଇଁ ଅଶ୍ୱିନୀଙ୍କ ଘରକୁ ଲୋକମାନେ ଆସୁଥିଲେ।



ଦେବଗଡ ପୋଲିସ ଜବତ କରିଥିବା ସାମଗ୍ରୀ ।

ଏପରି କି ଅଶ୍ୱିନୀ ହନୁମାନ ପଇସା ଖୋଜିବା ପାଇଁ କାମ କରୁଥିଲେ। ତେଣୁ ତାଙ୍କ ପାଖକୁ ଜିଲା ଓ ରାଜ୍ୟ ବାହାର ଲୋକମାନେ ଆସୁଥିଲେ। ଏଭଳି ଅନେକ ତଥ୍ୟ ପୋଲିସ ଖବରଦାତା ସମ୍ମିଳନୀରେ ସୂଚନା ଦେଇ ନ ଥିଲା। ଏହାସହ ଚଢାଉ ସମୟରେ ଅଶ୍ୱିନୀଙ୍କ ଘରୁ ବସ୍ତାଭର୍ତ୍ତି ଟଙ୍କା ଜବତ ହୋଇଥିଲା। ମୋବାଇଲ, ବାଇକ୍, ମାରଣାସ୍ତ୍ର ଆଦି ଜବତ ହୋଇଥିବା ପୋଲିସ ସୂଚନା ଦେଇଥିବା ବେଳେ ଜବତ ଟଙ୍କା ବିଷୟରେ କୌଣସି ତଥ୍ୟ ଦେଇ ନ ଥିଲା। ଅନ୍ୟପଟେ ଏହାକୁ ନେଇ ଦେବଗଡ ଟାଉନ ଥାନା ଅଧିକାରୀ ସୁରେନ୍ଦ୍ର ନାଏକ କହିଛନ୍ତି, ଅଭିଯୁକ୍ତ ଅଶ୍ୱିନୀ ତନ୍ତ୍ର ସାଧକ। ତାଙ୍କ ଘରୁ ଏଭଳି ଅନେକ ସାମଗ୍ରୀ ଜବତ ହୋଇଛି। ହେଲେ ଟଙ୍କା ଆଦୌ ଜବତ ହୋଇ ନାହିଁ। ହନୁମାନ ପଇସାକୁ ନେଇ କୌଣସି ତଥ୍ୟ କିମ୍ବା ସୁରାକ ଆମେ ପାଇ ନାହୁଁ। ତାଙ୍କର ୨ ଗୋଟି ବ୍ୟକ୍ତିଗତ ଡାଏରି ଜବତ ହୋଇଛି। ସେଥିରେ ଅନେକ ବିଷୟରେ ତଥ୍ୟ ଲେଖାଯାଇଛି। ଏପରି କି ରୀତାଙ୍କ ପାଇଁ ସେ ପ୍ରାୟ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି, ଯାହାକି ସେ ଉଲ୍ଲେଖ କରିଛନ୍ତି ବୋଲି କହିଥିଲେ। ଏହାସହ ଗତ ଏପ୍ରିଲ ୬ ତାରିଖ ଚଢାଉ ସମୟରେ ରେଙ୍ଗାଲି ପୋଲିସ ସାଙ୍ଗରେ ଉପସ୍ଥିତ ଥିବା ମଧ କହିଥିଲେ। ରେଙ୍ଗାଲି ଥାନା ଦାୟିତ୍ୱରେ ଥିବା ଅଧିକାରୀ ଚଢାଉ ଓ ଟଙ୍କା ଜବତ ବିଷୟରେ ଜାଣି ନ ଥିବା କହୁଥିବା ବେଳେ ଦେବଗଡ ପୋଲିସ ଚଢାଉ ସମୟରେ ଉପସ୍ଥିତ ଥିବା କହୁଛି। ଉଭୟ ଜିଲାର ପୋଲିସ ବୟାନରେ ତାଳମେଳ ରହୁ ନ ଥିବା ବେଳେ ଟଙ୍କା ଗାଏବ ହେବା ଘଟଣା ସନ୍ଦେହକୁ ଘନିଭୂତ କରିଛି। ତେଣୁ ପଦସ୍ଥ ଅଧିକାରୀ ଘଟଣାର ତଦନ୍ତ କରି ସତ୍ୟାସତ୍ୟ ସାମ୍ନାକୁ ଆଣିବେ ନା ଅନ୍ୟ ମାମଲା ଭଳି ଚପାଇ ଦିଆଯିବ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ସୂଚନାଯୋଗ୍ୟ ଏପ୍ରିଲ ୬ ତାରିଖ ରାତିରେ ଅଭିଯୁକ୍ତ ଅଶ୍ୱିନୀଙ୍କ ଘରେ ପୋଲିସ ଚଢାଉ କରିଥିଲା। ଦେବଗଡ ଜିଲା ପୋଲିସ ଓ ରେଙ୍ଗାଲି ଥାନା ପୋଲିସ ଟିମ୍ ଚଢାଉରେ ସାମିଲ ରହିଥିଲେ। ଚଢାଉ ସମୟରେ ଉକ୍ତ ବ୍ୟକ୍ତିଙ୍କ ଘରୁ ପ୍ରାୟ ୫ ବସ୍ତା ୨ ହଜାର ଟଙ୍କିଆ ନୋଟ୍ ଜବତ ହୋଇଥିବା ଚର୍ଚ୍ଚା ହୋଇଥିଲା।

# ସମ୍ବଲପୁରରୁ ପ୍ରମୋଦ ମିଶ୍ରଙ୍କ ପିଏମ୍‌ଓ ଯାତ୍ରା

**ସମ୍ବଲପୁର,୧୧।୪(ବ୍ୟୁରୋ)**



ବରିଷ୍ଠ ଆଇଏଏସ୍ ଅଫିସର ତଥା ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଡ. ପ୍ରମୋଦ କୁମାର ମିଶ୍ର ଇଣ୍ଡିଆ ଟୁଡ଼େର ସଦ୍ୟ ସଂସ୍କରଣରେ ପ୍ରକାଶିତ ଦେଶର ପ୍ରଭାବଶାଳୀ ବ୍ୟକ୍ତିତ୍ୱମାନଙ୍କ ମଧ୍ୟରେ ଶ୍ରେଷ୍ଠ ମାନ୍ୟତା ହାସଲ କରିଛନ୍ତି। ସମ୍ବଲପୁର ପଟ୍ଟନାୟକପଡ଼ାର ଆଡ୍‌ଭୋକେଟ ପ୍ରସନ୍ନ କୁମାର ମିଶ୍ରଙ୍କ ପୁତ୍ର ଡ. ମିଶ୍ର ବ୍ରଜମୋହନ ପଟ୍ଟନାୟକ ସ୍କୁଲରୁ ପ୍ରାଥମିକ ଶିକ୍ଷା, ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲରୁ ମାଟ୍ରିକ୍ ପାସ୍ କରିବା ପରେ ଗଙ୍ଗାଧର ମେହେର କଲେଜ (ବର୍ତ୍ତମାନର ବିଶ୍ୱବିଦ୍ୟାଳୟ)ରୁ ଅର୍ଥନୀତିରେ ସ୍ନାତକ ଡିଗ୍ରୀ ହାସଲ କରି ଦିଲ୍ଲୀରେ ପିଜି ଓ ବ୍ରିଟେନରୁ ପିଏଚ୍.ଡ଼ି. ହାସଲ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁଜରାଟର ମୁଖ୍ୟମନ୍ତ୍ରୀ ହେବା ସମୟରେ ସେ ପ୍ରମୁଖ ସଚିବ ରହିଥିଲେ। ଆର୍‌ଏସ୍‌ଏସ୍ ପ୍ରଚାରକରୁ ସଫଳ ମୁଖ୍ୟମନ୍ତ୍ରୀ ହେବା ପଛରେ ଡ. ମିଶ୍ରଙ୍କ ଭୂମିକା ରହିଥିବା କୁହାଯାଏ। ମିଶ୍ର ଗୁଜରାଟର ବିଭିନ୍ନ ଜିଲାର ଜିଲାପାଳ ଓ ବିଭିନ୍ନ ବିଭାଗର ସଚିବ ପଦରେ ଅଧିଷ୍ଠିତ ଥିଲେ। ସେ କେନ୍ଦ୍ର କୃଷି ମନ୍ତ୍ରଣାଳୟର ସଚିବ ପଦରେ ରହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୨୦୧୪-୨୦୧୯ କାର୍ଯ୍ୟକାଳରେ ମଧ ଡ଼. ମିଶ୍ର ପ୍ରଧାନମନ୍ତ୍ରୀଙ୍କ ଅତିରିକ୍ତ ପ୍ରମୁଖ ସଚିବ ପଦବୀରେ ରହିଥିଲେ। ମୋଦିଙ୍କ ଦ୍ୱିତୀୟ ପାଳିରେ ତାଙ୍କୁ କ୍ୟାବିନେଟ ପାହ୍ୟା ପ୍ରଦାନ କରାଯାଇଛି। ବନ୍ୟା ଓ ମରୁଡ଼ି ଭଳି ଆପଦର ମୁକାବିଲା ପାଇଁ ଲୋକଙ୍କ ପ୍ରତିରୋଧ କ୍ଷମତାରେ ଉନ୍ନତି ଆଣିଥିବାରୁ ଗତବର୍ଷ ଡ଼. ମିଶ୍ର ୨୦୧୯ରେ ମିଳିତ ଜାତିସଂଘ ପକ୍ଷରୁ ସମ୍ମାନଜନକ ସାସାକାଓା ପୁରସ୍କାର ହାସଲ କରିଥିଲେ।

# ଭୋଟର, ପୋଲିଂ ପାର୍ଟି ସ୍ୱାସ୍ଥ୍ୟର ଯତ୍ନ ନିଆଯିବ



ଉପନିର୍ବାଚନ ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।

**ସମ୍ବଲପୁର,୧୧।୪(ବ୍ୟୁରୋ)**

**ଝାରସୁଗୁଡ଼ା ଉପନିର୍ବାଚନ ପ୍ରସ୍ତୁତି ବୈଠକ**

ମେ ୧୦ରେ ଝାରସୁଗୁଡ଼ା ଉପନିର୍ବାଚନ ଅନୁଷ୍ଠିତ ହେବ। ଏହାକୁ ନେଇ ମଙ୍ଗଳବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସମୀକ୍ଷା କରିଥିଲେ। ଜିଲାପାଳ ଅବୋଲି ସୁନୀଲ ନରୱଣେ, ଡ଼ିଆଇଜି ବ୍ରିଜେଶ ରାଏ, ଏସ୍‌ପି ସ୍ମିଥ ପରମାରଙ୍କ ସମେତ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଡ. ସୁରେଶ ଚନ୍ଦ୍ର ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ନିର୍ବାଚନ ଅଧିକାରୀ ଧଳ କହିଛନ୍ତି, ମେ ୧୦ ତାରିଖରେ ଉପନିର୍ବାଚନ ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଛି। ଏହାକୁ ନେଇ ସମୀକ୍ଷା କରାଯାଇଥିଲା। ଏବେ ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଇବାରେ ଲାଗିଛି। ମତଦାନ ଦିନ ମଧ ଗ୍ରୀଷ୍ମପ୍ରବାହ ସହ କାଳବୈଶାଖି ହେବା ଆଶଙ୍କା ରହିଛି। ତେଣୁ ଭୋଟର ଓ ପୋଲିଂ ପାର୍ଟିକୁ ସ୍ୱାସ୍ଥ୍ୟଗତ ଓ ଅନ୍ୟାନ ସୁବିଧା ଯୋଗାଇ ଦେବାକୁ ପ୍ରାଧାନ୍ୟ ଦିଆଯାଇଛି। ସ୍ୱଚ୍ଛ ଓ ନିରପେକ୍ଷ ମତଦାନ ହେବା ଉପରେ ପ୍ରାଥମିକତା ଦିଆଯାଇଛି। ସୁରକ୍ଷା ବ୍ୟବସ୍ଥା କଡାକଡି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କେନ୍ଦ୍ରୀୟ ପୋଲିସ ଫୋର୍ସ ମୁତୟନ କରାଯିବ ବୋଲି ସେ କହିଥିଲେ।

# ଏସ୍‌ୟୁ ଏସ୍‌ଟିଏସ୍‌ସି କର୍ମଚାରୀ ସଂଘର ପ୍ରତିଷ୍ଠା ଦିବସ

**ସମ୍ବଲପୁର,୧୧।୪(ବ୍ୟୁରୋ)**

ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସୟୁ) ଏସ୍‌ଟି/ଏସ୍‌ସି କର୍ମଚାରୀ ସଂଘର ୩୩ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ଜିଲା ସାମ୍ବାଦିକ ଭବନରେ ପାଳିତ ହୋଇଯାଇଛି। ଏଥିସହ ରାଷ୍ଟ୍ରଶିକ୍ଷା ନିର୍ମାତା ମହାତ୍ମା ଜ୍ୟୋତିରାଓ ଫୁଲେଙ୍କ ୧୯୭ତମ ଜୟନ୍ତୀ ଅନୁଷ୍ଠିତ ହୋଇଥିଲା। କର୍ମଚାରୀ ସଂଘ ସଭାପତି ନିହାଲ ସିଂଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ପଦ୍ମଶ୍ରୀ ଡ. ଜିତେନ୍ଦ୍ର ହରିପାଲ ମୁଖ୍ୟଅତିଥି ଓ ଗୁରୁ ରଞ୍ଜନ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ଗୋପାଳ ଚରଣ ସେଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ଉପସଭାପତି ଶିବଶଙ୍କର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ମହାତ୍ମା ଫୁଲେ ତାଙ୍କର ଜୀବନକାଳ ମଧ୍ୟରେ ଭାରତ ବର୍ଷରେ ନିଜ କାର୍ଯ୍ୟ ଦ୍ୱାରା ଶିକ୍ଷାର କ୍ରାନ୍ତି ଆଣି ପାରିଥିଲେ ବୋଲି ବକ୍ତାମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କର୍ମଚାରୀ ସଂଘର ଲୋକନାଥ କାଲୋ, ଭଗବାନ କୁମ୍ଭାର, ଅର୍ଜୁନ ବରାଇ, ରଘୁ କଲେତ ପ୍ରମୁଖ ଉପସ୍ଥିତ ଥିଲେ ।

### ପିଡିଏସ୍ ସାମଗ୍ରୀ ନେଇ ଫେରୁଥିବା ଯୁବକଙ୍କ ମୃତ୍ୟୁ

**କୁଚିଣ୍ଡା,୧୧।୪(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ଗୁରୁଣ୍ଡିଆ ଥାନା ସୋଲ ପଞ୍ଚାୟତ ଅଫିସରୁ ପିଡିଏସ୍ ଚାଉଳ ନେଇ ଘରକୁ ଫେରୁଥିବା ସୋଲଗୁଡା ଗ୍ରାମର କଷ୍ଟୁ ମହାକୁଡ(୨୩)ଙ୍କ ମୃତ୍ୟୁ ହୋଇଛି। ସୋମବାର ଚାଉଳ ନେଇ ସୋଲଗୁଡାକୁ ଫେରୁଥିବା ସମୟରେ କଷ୍ଟୁ ସାଇକେଲରୁ ପଡି ଗୁରୁତର ହୋଇଥିଲେ। ଖବରପାଇ ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ କୁଚିଣ୍ଡା ମେଡିକାଲକୁ ମଙ୍ଗଳବାର ସକାଳେ ଆଣିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ ଗୁରୁଣ୍ଡିଆ ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

### ପୋଷ୍ୟ ସନ୍ତାନ ଗ୍ରହଣ ନିୟମାବଳୀ ତାଲିମ ଶିବିର

**ବଲାଙ୍ଗୀର ଅଫିସ, ୧୧।୪**

ବଲାଙ୍ଗୀର ଜିଲା ପଞ୍ଚାୟତ ସାଧନ କେନ୍ଦ୍ର ସଭାଗୃହରେ ଗ୍ରାମ ମଙ୍ଗଳ ପାଠାଗାର ପକ୍ଷରୁ ପରିଚାଳିତ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ ସଂସ୍ଥାର ସମସ୍ତ କର୍ମଚାରୀ ତଥା କମିଟି ସଭ୍ୟମାନଙ୍କ ତାଲିମ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଶିବ ପ୍ରସାଦ ସାହୁଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂ, ସମ୍ମାନିତ ଅତିଥି ଶିଶୁ ମଙ୍ଗଳ କମିଟିର ଏସ୍. ଲତାଶ୍ରୀ, ଚୂଡାମଣି ପଣ୍ଡା, ଭୁବନେଶ୍ୱର ସାମଲ, ଗୋପାଳ ସାମଲ ଯୋଗଦାନ କରିଥିଲେ। ତାଲିମଦାତା ଭାବେ ନନ୍ଦି କିଶୋର ଷାଣ୍ଢ, ସୁଧାଂଶୁ ଶେଖର କୁମ୍ଭାର ଏବଂ ବସୁନ୍ଧରା ସାମଲ ଯୋଗ ଦେଇଥିଲେ। ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ ସଂସ୍ଥା କର୍ମଚାରୀ ଦେବାଶିଷ ପଟେଲ, ପୁଷ୍ପାଞ୍ଜଳି ସୁନା, ରେକ୍ସନା କୁମ୍ଭାର, ପଦ୍ମିନୀ ପଧାନ ଏବଂ ଗର୍ନ୍ଧବୀ ବେହେରା ତାଲିମ ଗ୍ରହଣ କରିଥିଲେ ।

# ଜ୍ୟୋତିରାଓ ଫୁଲେଙ୍କ ଜୟନ୍ତୀ




ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

**ଜମନକିରା,୧୧।୪(ଡି.ଏନ.ଏ.)**

ଜମନକିରା ବ୍ଲକ ଭାତପୁରା ଗ୍ରାମସ୍ଥ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ସଭାକକ୍ଷରେ କୁଚିଣ୍ଡା ପ୍ରତିଭା ବିକାଶ ଅଭିଯାନର ସଭାପତି ସୁବାସ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ସମାଜସେବୀ ମହାତ୍ମା ଜ୍ୟୋତିରାଓ ଫୁଲେଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ କୁଚିଣ୍ଡାର ଆଦିବାସୀ ଉନ୍ନୟନ ସଂସ୍ଥା ଯୋଜନା ପ୍ରଶାସକ ହେମସାଗର ଭୋଇ ମୁଖ୍ୟଅତିଥି ଓ ସ୍ଥାନୀୟ ସରପଞ୍ଚ ପ୍ରହଲ୍ଲାଦ ଧୁରୁଆ, ଅବସରପ୍ରାପ୍ତ ଶିକ୍ଷକ ରୁଦ୍ରନାରାୟଣ ବେହେରା ସମ୍ମାନିତ ଅତିଥି ଭାବରେ ଯୋଗଦେଇ ମହାତ୍ମା ଫୁଲେଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ବିଗତ ଶିକ୍ଷାବର୍ଷରେ ଅନୁଷ୍ଠିତ ଲିଖିତ କୁଇଜ୍ ଓ ଡ୍ରଇଂ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷକ ରତନଲାଲ ସିଂ ସ୍ୱାଗତ ଭାଷଣ ଓ ସହକାରୀ ଶିକ୍ଷକ କୈଳାସ ଚନ୍ଦ୍ର ଗୌଡ଼ ଅତିଥି ପରିଚୟ ଦେଇଥିଲେ। ଅଭିଯାନର ସଂଯୋଜକ ରମେଶ ପଧାନ ବିବରଣୀ ପ୍ରଦାନ ଓ ଶିକ୍ଷକ ଖଗେଶ୍ୱର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ଆକର୍ଷଣୀୟ ନୃତ୍ୟ ପରିବେଷଣ କରାଯାଇଥିଲା।

# ଜିଏମ୍‌ୟୁକୁ ହିଣ୍ଡାଲ୍‌କୋର ବ୍ୟାଟେରି ଚାଳିତ ଗାଡ଼ି ପ୍ରଦାନ

**ସମ୍ବଲପୁର,୧୧।୪(ବ୍ୟୁରୋ)**

ସମ୍ବଲପୁର ହୀରାକୁଦ ହିଣ୍ଡାଲ୍‌କୋ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ଦ୍ୱାରା କ୍ଲଷ୍ଟର ହେଡ କୈଳାସ ନାଥ ପାଣ୍ଡେଙ୍କ ଉପଦେଶ କ୍ରମେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟକୁ ବ୍ୟାଟେରି ଚାଳିତ ଯାନ ପ୍ରଦାନ କରାଯାଇଛି। ଏହି ଗାଡିଟି ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ସେବାରେ ଲାଗିବ। ଜିଏମ୍‌ୟୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ୍ ନାଗାରାଜୁ, ହିଣ୍ଡାଲ୍‌କୋ ହୀରାକୁଦର ମାନବସମ୍ବଳ ମୁଖ୍ୟ କ୍ରିଷ୍ଣା ପାଢ଼ୀ, ବିଶ୍ୱବିଦ୍ୟାଳୟର କୁଳସଚିବ ଯୁଗଳେଶ୍ୱରୀ ଦାଶ, ଉପକୁଳସଚିବ ଉମାଶଙ୍କର ପତି, କଣ୍ଟ୍ରୋଲେର ଅଫ ଫାଇନାନ୍ସ କନକଲତା ଏକ୍କା ସବୁଜ ପତାକା ଦେଖାଇ ଗାଡିର ଶୁଭାରମ୍ଭ କରିଥିଲେ। ଏହି ଅବସରରେ କୁଳପତି ପ୍ରଫେସର ଏନ୍ ନାଗାରାଜୁ ହିଣ୍ଡାଲ୍‌କୋର ସହାୟତା ପାଇଁ ସାଧୁବାଦ ଜଣାଇଥିଲେ। ବିଶ୍ୱବିଦ୍ୟାଳୟ ଅଧାପିକା, ଅଧାପକ, ଛାତ୍ରୀଛାତ୍ର ଓ ହିଣ୍ଡାଲକୋର ବହୁ ଅଧିକାରୀ ଉପସ୍ଥିତ ଥିଲେ।

# ଆଧ୍ୟାତ୍ମିକ ରୂପାନ୍ତରଣ ଆଲୋଚନାଚକ୍ର

**ନାକଟିଦେଉଳ,୧୧।୪(ଡି.ଏନ୍.ଏ.)**

ନାକଟିଦେଉଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସ୍ନାତକ ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ପୃଥକ୍ ଭାବେ ସମ୍ବଲପୁର ଜିଲା ଶ୍ରୀ ସତ୍ୟସାଇ ସେବା ସଂଗଠନ ପକ୍ଷରୁ ଆଧ୍ୟାତ୍ମିକ ରୂପାନ୍ତରଣ-ବର୍ତ୍ତମାନର ଆବଶ୍ୟକତା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଶିକ୍ଷା ବିଭାଗ ଅଧାପକ ଡ. ପ୍ରଶାନ୍ତ କୁମାର ଦାଶ ସଭାପତିତ୍ୱ କରିଥିଲେ। ସତ୍ୟସାଇ ସେବା ସଂଗଠନ ସମ୍ବଲପୁର ଶାଖାର ପ୍ରକାଶ ଚନ୍ଦ୍ର ଦାଶ ଓ ପ୍ରତାପ କୁମାର ସ୍ୱାଇଁ ଅତିଥି ଭାବେ ଯୋଗଦେଇ ବିଶ୍ୱ ପ୍ରଶାନ୍ତି ନିମନ୍ତେ ବ୍ୟକ୍ତିର ଆଧ୍ୟାତ୍ମିକ ଦିଗରେ ବିକାଶର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ୧୮୫ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶେଷରେ ଗ୍ରନ୍ଥାଗାରିକ ଅରୁଣ କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ସେହିପରି ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱରେ କଲେଜ ପରିସରରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଅଧାପକ/ଅଧାପିକା ଉପସ୍ଥିତ ଥିଲେ। ଏହି ଅବସରରେ ସୋମବାର ସନ୍ଧ୍ୟାରେ କଲେଜ ପରିସରରେ ପହଞ୍ଚିଥିବା ଶ୍ରୀ ସତ୍ୟସାଇଙ୍କ ପାଦୁକା ରଥକୁ ହଷ୍ଟେଲ ଅନ୍ତେବାସୀ ବନ୍ଦାପନା କରିଥିଲେ।



ଆଲୋଚନାଚକ୍ରରେ ଅତିଥିଙ୍କ ସହ ଛାତ୍ରୀଛାତ୍ର।

# ଜିଏମ୍‌ୟୁ ସମାବର୍ତ୍ତନ ଉତ୍ସବ ଆଜି

**ସମ୍ବଲପୁର,୧୧।୪(ବ୍ୟୁରୋ)**

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ତୃତୀୟ ସମାବର୍ତ୍ତନ ସମାରୋହ ବୁଧବାର ଅମୃତବିହାର କ୍ୟାମ୍ପସ୍‌ରେ ଅନୁଷ୍ଠିତ ହେବ। ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ର ତଥା ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପ୍ରମୋଦ କୁମାର ମିଶ୍ରଙ୍କୁ ପ୍ରଥମ ସମ୍ମାନସୂଚକ ଡି.ଲିଟ୍ ଉପାଧି ପ୍ରଦାନ କରାଯିବ। ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି ଡିଗ୍ରୀ ପ୍ରଦାନ କରାଯିବା ଗର୍ବର ବିଷୟ ବୋଲି କୁଳପତି ଡ. ଏନ୍. ନାଗରାଜୁ ଜିଏମ୍‌ୟୁ ପରିସରରେ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସେ ଆହୁରି କହିଥିଲେ, ସମାବର୍ତ୍ତନ ସମାରୋହରେ କୁଳାଧିପତି ତଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଅଧ୍ୟକ୍ଷତା କରିବେ। ଭାରତ ବିଶ୍ୱବିଦ୍ୟାଳୟ ସଂଗଠନର ସଭାପତି ତଥା ଯାଦବପୁର ବିଶ୍ୱବିଦ୍ୟାଳୟର କୁଳପତି ଡ. ସୁରଞ୍ଜନ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଶିକ୍ଷାବର୍ଷ ୨୦୨୦-୨୧ ଓ ୨୦୨୧-୨୨ ପାଇଁ ୩୭ ଜଣଙ୍କୁ ପିଏଚ୍‌ଡି ଡିଗ୍ରୀ ଏବଂ ୨୧୪ ଜଣଙ୍କୁ ପଦକ ପ୍ରଦାନ କରାଯିବ। ଏହାସହିତ ୪୬୩୨ ସାର୍ଟିଫିକେଟ୍ ଦିଆଯିବାର କାର୍ଯ୍ୟକ୍ରମ ରହିଛି। ୟୁଜିସିର ମାର୍ଗଦର୍ଶିକା ଅନୁଯାୟୀ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ର ନିବନ୍ଧ ଉପସ୍ଥାପନ କରିବାର ୬୦ରୁ ୯୦ଦିନ ମଧ୍ୟରେ ଡିଗ୍ରୀ ପ୍ରଦାନ କରିବା ପରମ୍ପରା ନିର୍ବାହ କରାଯାଉଛି। ଏଥିପାଇଁ ଗବେଷଣା ବୋର୍ଡରେ ଜାତୀୟ ଓ ଆର୍ନ୍ତଜାତୀୟ ସ୍ତରର ଗବେଷକମାନେ ରହୁଛନ୍ତି। ସେହିଭଳି ମୋ ବିଶ୍ୱବିଦ୍ୟାଳୟ ଅଭିଯାନରେ ଜିଏମ୍‌ୟୁ ପ୍ରଥମ କରି ରାଜ୍ୟ ସରକାରଙ୍କଠାରୁ ଅଧିକ ପରିମାଣରେ ଅନୁଦାନ ହାସଲ କରିବାକୁ ସକ୍ଷମ ହୋଇଛି। ବିଶ୍ୱବିଦ୍ୟାଳୟରେ ସ୍ନାତକଠାରୁ ଏମ୍‌ଫିଲ ପର୍ଯ୍ୟନ୍ତ ୨୭ଟି ବିଷୟରେ ଶିକ୍ଷାଗ୍ରହଣର ବ୍ୟବସ୍ଥା ରହିଛି।



ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି କୁଳପତି ।

**ପ୍ରମୋଦ ମିଶ୍ର ପାଇବେ ସମ୍ମାନସୂଚକ ଡି.ଲିଟ୍**

କ୍ୟାମ୍ପସ୍‌ରେ ଥିବା ଆଇଟି ଦକ୍ଷତା କେନ୍ଦ୍ରକୁ ସମ୍ପ୍ରସାରଣ କରାଯିବ। ସେହିଭଳି ପ୍ରତି ବିଭାଗ ପାଇଁ ଆଇଟି କେନ୍ଦ୍ର ରହିବ। ଏଥିପାଇଁ ୩ଶହରୁ ଉର୍ଦ୍ଧ୍ୱ କମ୍ପ୍ୟୁଟର କ୍ରୟ କରାଯିବା ସହିତ ପାଠାଗାରରେ ଅଧ୍ୟୟନ କକ୍ଷକୁ ସମ୍ପ୍ରସାରଣ କରିବା ଯୋଜନା ରହିଛି। ବର୍ତ୍ତମାନ ବିଶ୍ୱବିଦ୍ୟାଳୟରେ ଭୀମଭୋଇ ଚେୟାରରେ ଗବେଷଣାର ସୁବିଧା ରହିଥିବା ବେଳେ ବୀର ସୁରେନ୍ଦ୍ର ସାଏ ଓ ପାର୍ବତୀ ଗିରିଙ୍କ ନାମରେ ଚେୟାର ପ୍ରତିଷ୍ଠାର ପ୍ରସ୍ତାବ ରହିଛି। ଖୁବ୍ ଶୀଘ୍ର ବିଶ୍ୱବିଦ୍ୟାଳୟର ଅତ୍ୟାଧୁନିକ ପ୍ରେକ୍ଷାଳୟ କାର୍ଯ୍ୟକ୍ଷମ ହେବ ବୋଲି କୁଳପତି ନାଗାରାଜୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁଳସଚିବ ଯୁଗଳେଶ୍ୱରୀ ଦାଶ, ଉପକୁଳସଚିବ ତଥା ଜନସମ୍ପର୍କ ଅଧିକାରୀ ଡ. ଉମାଚରଣ ପତି ଉପସ୍ଥିତ ଥିଲେ ।

# TAHASIL OFFICE, KAKATAPUR

| 232 | 86 | Private | Sharad -2 | 0.0236746 | Babula Swain, Jhupa Swain S/o Sarveshwar Swai, Ras Swain Swa- Sarveshwar Swain, Dhruba Swai S/o Gopal Swain Jati- Khandayat R/o- Nijgaon |
| 233 | 87 | Private | Sharad -2 | 0.0242817 | Bholanath Senapati, Birendra Senapati S/o Chhail Senapati Jati- Khandayat R/o- Adual |
| 234 | 88 | Private | Sharad -2 | 0.026467 | Indumati Bewa Swa- Baidhar Bewa, Raj Kishore Bishwal, Praful Chandra Bishwal, Rambha Dei S/o Baidhar Bishwal, Bishwambar Biswal S/o Hadibandhu Bishwal, Bauri Bandhu Bishwal, Batakrishna Bishwal S/o Ratnamakar Bishwal , Kuma Bewa w/o- Maheswar Biswal, Naran Bishwal, Purnananda Bishwal, Pareshwar Bishwal, Laxmidhar Bishwal S/o Uchhab Bishwal Jati- Shudra R/o- Talsua |
| 235 | 89 | Private | Sharad -2 | 0.1011736 | Indumati Bewa Swa- Baidhar Bewa, Raj Kishore Bishwal, Praful Chandra Bishwal, Rambha Dei S/o Baidhar Bishwal, Bishwambar Biswal S/o Hadibandhu Bishwal, Bauri Bandhu Bishwal, Batakrishna Bishwal S/o Ratnamakar Bishwal , Kuma Bewa w/o- Maheswar Biswal, Naran Bishwal, Purnananda Bishwal, Pareshwar Bishwal, Laxmidhar Bishwal S/o Uchhab Bishwal Jati- Shudra R/o- Talsua |
| 236 | 90 | Private | Sharad -2 | 0.0050992 | Dhadi Behera S/o Gazi Behera Jati- Gopal R/o- Nijgaon |
| 237 | 90/1028 | Private | Sharad -2 | 0.0367463 | kedar kumar nayak pi- prahallad nayak ,pradipta kumar nayak pi- trilochan nayak , jaa- khandayat vill- nijagaon |
| **Village: Pubei** | | | | | |
| 238 | 164 | Private | Sharad -2 | 0.0821934 | Shri Dharma Niranjan Deb BJ Kurum Marfat - R/o- Prahallad Panda s/o- Anand Panda, Kashinath Panda S/o Banchha Nidhi Panda, Vrindavan Panda, Navaghan Panda S/o Ganesh Panda Jati- Brahman R/o- Kurum Samili Patsani Pur |
| 239 | 165 | Private | Sharad -2 | 0.0731688 | Shru Dharma Niranjan Deb BJ Kurum Marfat - R/o-Prahallad Panda s/o- Anand Panda, Kashinath Panda S/o Banchha Nidhi Panda, Vrindavan Panda, Navaghan Panda S/o Ganesh Panda Jati- Brahman R/o- Kurum Samili Patsani Pur |
| 240 | 172 | Private | Sharad -2 | 0.0550384 | Pitai Pialial Swa- Birbar Pialial, Praful Pialial S/o Birbar Pialial, Nat Pialial S/o Rath Paitalial Jati- KhandayatR/o- Kurum Samil Patsanipur |
| 241 | 172/822 | Private | Sharad -2 | 0.0070822 | Natbar Paital S/o Rath Paital, Prafulla Kumar Paital S/o Bir Paital Jati- Khandayat R/o- Kurum Samil Pasanipur |
| 242 | 173 | Private | Sharad -2 | 0.003966 | Bir Nayak, Nari Nayak, Surendra Nayak S/o Uchchab Nayak, Shyam Nayak, Raghu Nayak S/o Karthik Nayak Jati- Khandayat R/o- Kurum |
| 243 | 175 | Private | Sharad -2 | 0.001983 | Raj Kishore Bishwal, Prafulchandra Bishwal, Rambharani Bishwal S/o Baidhar Bishwal, Kedar Nath Bishwal, Mandardhar Bishwal, Sudhir Chandra Bishwal, Kushor Chandra Bishwal, Rekharani Bishwal, Rajalakshmi Bishwal s/o- Biswambar Biswal , Nishamani Biswal w/o- Biswambar Biswal jati- Khandayat vill- Talsua |
| 244 | 201 | Private | Sharad -2 | 0.0080534 | Dhadi Behera S/o Gazi Behera Jati- Gopal R/o- Kurum |
| 245 | 202 | Private | Sharad -2 | 0.0033185 | Raj Kishore Bishwal, Prafulchandra Bishwal, Rambha dei S/o Baidhar Bishwal, Biswambar S/o Hadibandhu Bishwal, Sridhar Bishwal S/o Upendra Bishwal, Narendra Bishwal, Bauri Bandhu Bishwal, Batakrishna Bishwal S/o Ratnakar Bishwal Jati- khandayat, vill- talasuan |
| 246 | 203 | Private | Sharad -2 | 0.0350465 | Arjun Behera, Akur Behera, Narendra Behera S/o Bali Behera Jati- Gopal R/o- Kurum |
| 247 | 204 | Private | Sharad -2 | 0.1178875 | Bhim Behera S/o Fagu Behera, Raghu Behera S/o Daitari Behera Jati- Gopal R/o- Kurum |
| 248 | 205 | Private | Sharad -2 | 0.0710643 | Sadhu charan Mohanty S/o Madhu Sudan Mohanty Jati- Karan R/o- Kundei Bent Sahi Puri |
| 249 | 206 | Private | Sharad -2 | 0.0173209 | Narayan Bishwal, Purnananda Bishwal, Laxmidhar Bishwal, Pareshwar Bishwal S/o- Uchhab Biswal , Jati- Khandayat , vill- Talasuan. |
| 250 | 207 | Private | Sharad -2 | 0.0018211 | Bira Nayak, Nari Nayak, Surendra Nayak s/o- Uchhab nayak , Shyama Nayak, Raghu Nayak s/o- Kartika Nayak Jati- Khandayat vill- kuruma |
| 251 | 208 | Private | Sharad -2 | 0.0080939 | Uchchhab Pradhan S/o Hushi Pradhan Jati- Khandayat R/o- Kurum Samili Patsani Pur |
| 252 | 209 | Private | Sharad -2 | 0.0161878 | Raj Kishore Bishwal, Praful Chandra Bishwal S/o Baidhar Bishwal Jati- Khandayat R/o- Talsua |
| 253 | 210 | Private | Sharad -2 | 0.0485633 | Jat Baral S/o Arjun Baral, Jahn Bewa Swa- Sahadev Baral, Malati Bewa Swa- Baidhar Baral Jati- Khandayat R/o- Kurum Samil Patsani Pur |
| 254 | 211 | Private | Sharad -2 | 0.0323756 | Rajkishore Bishwal, Praful Chandra Bishwal, Rambharani Bishwal S/o Baidhar Bishwal, Kedar Nath Bishwal, Mandhar Dhar Bishwal, Sudhir Chandra Bishwal, Kishore Chandra Bishwal, Rekhamani Bishwal, Raj Lakshmi Bishwal S/o- Biswambar Biswal , Nishamani Biswal swa- Biswambar Bishwal , Jati- Khandayat vill-Talsuan. |

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଟିଡୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ପାଇଲଟ୍‌ଙ୍କ ଦିନିକିଆ ଉପବାସ ବିକ୍ଷୋଭ

## ବସୁନ୍ଧରା ରାଜେ ବାହାନା, ଅସଲ ଟାର୍ଗେଟ ଅଶୋକ ଗେହଲଟ୍

**ଜୟପୁର,୧୧।୪**

କଂଗ୍ରେସ ନେତା ସଚିନ ପାଇଲଟ୍ ମଙ୍ଗଳବାର ଦିନିକିଆ ଉପବାସ ବିକ୍ଷୋଭ କରିଛନ୍ତି। ଏହାକୁ 'ଦଳବିରୋଧୀ' ବିବେଚନା କରାଯିବ ବୋଲି ସୋମବାର ରାତିରେ କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯିବା ସତ୍ତ୍ୱେ ପାଇଲଟ୍ ଭ୍ରୂକ୍ଷେପ ନ କରି ଧାରଣା ଦେଇଥିଲେ। ତାଙ୍କ ପଛପଟେ ଟଙ୍ଗାଯାଇଥିବା ବ୍ୟାନରରେ ମହାତ୍ମା ଗାନ୍ଧୀଙ୍କ ଫଟୋ ରହିଥିଲା। ସେଥିରେ କଂଗ୍ରେସର ନାମ କିମ୍ବା ଚିହ୍ନ ନ ଥିଲେ।

ଭାଜପାର ବସୁନ୍ଧରା ରାଜେ ସରକାର ଅମଳରେ ହୋଇଥିବା ଦୁର୍ନୀତିର ତଦନ୍ତ ଦାବିରେ ରାଜସ୍ଥାନର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟ୍ ଶହୀଦ ସ୍ମାରକ ସ୍ଥଳରେ ନିଜ ସମର୍ଥକମାନଙ୍କ ଗହଣରେ ଧାରଣା ଦେଇଥିଲେ। ସେଠାରେ କଂଗ୍ରେସର ଚିହ୍ନବର୍ଣ୍ଣ ନ ଥିବାରୁ ଆସନ୍ତା ବିଧାନସଭା ନିର୍ବାଚନ ପାଇଁ ଏହାକୁ ଏକ ଭିନ୍ନ ପ୍ରସ୍ତୁତି ବୋଲି ମନେକରାଯାଉଛି। ଅନ୍ୟପକ୍ଷେ ପାଇଲଟ୍ ବିକ୍ଷୋଭ ଆରମ୍ଭ କରିବା ମାତ୍ରେ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ଏକ ଭିଡିଓ ପୋଷ୍ଟ କରିଥିଲେ। ପାଇଲଟ୍‌ଙ୍କୁ କାଉଣ୍ଟର କରିବାକୁ ଯାଇ ଗେହଲଟ୍ ନିଜ ସରକାରଙ୍କ ଜନ କଲ୍ୟାଣକାରୀ ନୀତିଗୁଡ଼ିକ ଉପରେ ବିସ୍ତୃତ ବିବରଣୀ ଦେଇଥିଲେ। ୨୦୨୯ ସୁଦ୍ଧା ରାଜସ୍ଥାନ ଦେଶରେ ୧ ନମ୍ବର ହେବ। ସାମଗ୍ରୀଗୁଡ଼ିକର ଦରଦାମ୍ ବୃଦ୍ଧି ଆସନ୍ତା ନିର୍ବାଚନରେ ପ୍ରସଙ୍ଗ ପାଲଟିବ ବୋଲି ସେ ଘୋଷଣା କରିଥିଲେ। ନିଜକୁ ଗରିବ ଓ ସାଧାରଣ ଲୋକଙ୍କ ମୁଖ୍ୟମନ୍ତ୍ରୀ ବୋଲାଇବା ପାଇଁ ଏହା ଗେହଲଟ୍‌ଙ୍କ ରଣନୀତି ବୋଲି କୁହାଯାଉଛି। ବର୍ଷ ଶେଷରେ ବିଧାନସଭା ନିର୍ବାଚନ ହେବାକୁ ଥିବାରୁ ପାଇଲଟ୍-ଗେହଲଟ୍ ଲଢ଼େଇକୁ ନେଇ କଂଗ୍ରେସ ଅଡୁଆରେ ପଡ଼ିଯାଇଛି। ତେଣୁ ପାଇଲଟ୍‌ଙ୍କ ଧାରଣାକୁ ଅବଜ୍ଞା ବୋଲି ଆନୁଷ୍ଠାନିକ ଭାବେ ଘୋଷଣା କରିନାହିଁ। ପାଇଲଟ୍‌ଙ୍କ କହିବା ହେଲା, ପୂର୍ବତନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେଙ୍କ ସରକାର ଅମଳରେ ହୋଇଥିବା ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ଦେଇ ବରିଷ୍ଠ କଂଗ୍ରେସ ନେତା ଗେହଲଟ୍ କ୍ଷମତାକୁ ଆସିଥିଲେ। କିନ୍ତୁ ବସୁନ୍ଧରାଙ୍କ ଦୁର୍ନୀତିର ତଦନ୍ତ କରାଗଲା ନାହିଁ। ଗେହଲଟ୍‌ଙ୍କ କଥା ଓ କାର୍ଯ୍ୟରେ




ଶହୀଦ ସ୍ମାରକ ସ୍ଥଳରେ ନିଜ ସମର୍ଥକଙ୍କ ଗହଣରେ ଧାରଣାରେ ବସିଛନ୍ତି କଂଗ୍ରେସ ନେତା ସଚିନ ପାଇଲଟ୍।

ତାରତମ୍ୟକୁ ସେ ସମାଲୋଚନା କରିଛନ୍ତି। ଏହି ପ୍ରତିଶ୍ରୁତି କାର୍ଯ୍ୟକାରୀ ନ ହେଲେ ଆମେ ନିର୍ବାଚନକୁ କିପରି ଓହ୍ଲାଇବା ବୋଲି ୪୫ ବର୍ଷୀୟ ପାଇଲଟ୍ ପ୍ରଶ୍ନ କରିଛନ୍ତି। ଏଥିସହ ଏହି ଦୁର୍ନୀତି ବିରୋଧୀ ଅଭିଯାନ ଜାରି ରହିବ ବୋଲି ସେ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ୨୦୧୮ ଡିସେମ୍ବରରେ କଂଗ୍ରେସ କ୍ଷମତାକୁ ଆସିବା ପରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ଗେହଲଟ ଓ ପାଇଲଟ ମୁହାଁମୁହିଁ ହୋଇଥିଲେ। ୨୦୨୦ ଜୁଲାଇରେ ପାଇଲଟ୍ ନେତୃତ୍ୱ ପରିବର୍ତ୍ତନ ଦାବିକରି କଂଗ୍ରେସରେ ବିଦ୍ରୋହ କରିଥିଲେ। ପ୍ରାୟ ମାସେ ଧରି ଚାଲିଥିବା ଏହି ରାଜନୈତିକ ସଙ୍କଟ ହାଇକମାଣ୍ଡଙ୍କ ହସ୍ତକ୍ଷେପ ପରେ ଥମିଥିଲା। ଆସନ୍ତା ଡିସେମ୍ବର ଆଡ଼କୁ ରାଜ୍ୟ ବିଧାନସଭା ନିର୍ବାଚନ ଥିବାରୁ ଗେହଲଟ-ପାଇଲଟ ଲଢ଼େଇ ପୁଣି ଲମ୍ବିପାରେ।

# ଭାଜପା ମୋତେ ଅଟକାଇପାରିବ ନାହିଁ

## ୱାୟନାଡ୍‌ରେ କହିଲେ ରାହୁଲ

**ନୂଆଦିଲ୍ଲୀ, ୧୧।୪**

ଲୋକ ସଭା ସଦସ୍ୟତା ରଦ୍ଦ ହେବା ପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଙ୍ଗଳବାର ପ୍ରଥମଥର ପାଇଁ ନିଜ ନିର୍ବାଚନମଣ୍ଡଳୀ କେରଳର ୱାୟନାଡ୍ ଯାଇଛନ୍ତି। ତାଙ୍କ ସହ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଉପସ୍ଥିତ ଥିଲେ। କାଲପେଟ୍ଟା ସହରରେ 'ସତ୍ୟମେବ ଜୟତେ' ନାମରେ ରୋଡ୍‌ରେ ଶୋ'ରେ ରାହୁଲ କହିଥିଲେ, ଭାଜପା ମୋ ଘର ନେଇଯାଇପାରେ, ଜେଲ ପଠାଇପାରେ, କିନ୍ତୁ ୱାୟନାଡ୍ ଜନସାଧାରଣ ଓ ସେମାନଙ୍କ ପ୍ରସଙ୍ଗର ପ୍ରତିନିଧିତ୍ୱ କରିବାକୁ ଅଟକାଇପାରିବ ନାହିଁ। କେବଳ ମୋ ଏମ୍‌ପି ନାମକୁ କାଢ଼ିନିଆଯାଇଛି। ତେବେ ଜନସାଧାରଣଙ୍କ ପ୍ରତିନିଧି ରହିଛି, ଯାହା ବହୁତ କିଛି ବୋଲି କଂଗ୍ରେସ ନେତା କହିଥିଲେ। ସେ ବହୁବର୍ଷ ହେଲା ଭାଜପା ସହ ଲଢ଼ିଆସୁଛନ୍ତି। ତାଙ୍କ ସଂଘର୍ଷକୁ ବୁଝିବାରେ ଶାସକ ଦଳ ଅସମର୍ଥ। ସେ ତାଙ୍କ ବିରୋଧୀଙ୍କୁ କେବେ ଧମକାଇ ନାହାନ୍ତି କି ପୋଲିସ ଭୟ ଦେଖାଇନାହାନ୍ତି। ତାଙ୍କୁ ଦିଲ୍ଲୀ ସରକାରୀ ବାସଭବନରୁ ବାହାରିଯିବାକୁ କୁହାଯାଇଛି। ସେ ଏମ୍‌ପି ନ ଥିବାରୁ ବଙ୍ଗଳା ଛାଡ଼ିବାକୁ ପ୍ରସ୍ତୁତ ଥିବା କହିଛନ୍ତି। ସେ ଉକ୍ତ ଘରେ ରହିବାକୁ ଚାହାନ୍ତି ନାହିଁ। ବନ୍ୟାରେ ୱାୟନାଡ୍‌ର ଅନେକ ଲୋକ ସେମାନଙ୍କ ଘର ହରାଇ କିପରି ସଂଘର୍ଷ କରିଥିଲେ, ତାହା ଦେଖିଥିବା ରାହୁଲ କହିଛନ୍ତି। କାଲପେଟ୍ଟାରେ ରାହୁଲଙ୍କ ରୋଡ୍ ଶୋ'ରେ ବହୁସଂଖ୍ୟାରେ ୟୁଡିଏଫ୍ (କଂଗ୍ରେସ ନେତୃତ୍ୱାଧୀନ ୟୁନାଇଟେଡ୍ ଡେମୋକ୍ରାଟିକ୍ ଫ୍ରଣ୍ଟ) କର୍ମୀ ଓ ସବୁ ବୟସ ବର୍ଗର ଜନସାଧାରଣ ଉପସ୍ଥିତ ଥିଲେ। ପ୍ରିୟଙ୍କା ଓ କେରଳର ବରିଷ୍ଠ କଂଗ୍ରେସ ନେତାମାନଙ୍କ ସହ ରାହୁଲ ଏକ ଟ୍ରକ୍‌ରେ ସଭା ସ୍ଥଳକୁ ଯାଇଥିଲେ। ସୂଚନାଯୋଗ୍ୟ, ୨୦୧୯ ସାଧାରଣ ନିର୍ବାଚନ ବେଳେ 'ସବୁ ମୋଦି ଚୋର' ମନ୍ତବ୍ୟ ପାଇଁ ରାହୁଲଙ୍କୁ ସୁରତ୍‌ର ମାଜିଷ୍ଟ୍ରେଟ୍ କୋର୍ଟ ଦୋଷୀସାବ୍ୟସ୍ତ କରି ୨ ବର୍ଷ ଜେଲ ଦଣ୍ଡାଦେଶ ଦେବା ପରେ ତାଙ୍କ ଲୋକ ସଭା ସଦସ୍ୟତା ରଦ୍ଦ ହୋଇଯାଇଥିଲା। ସୁରତ୍‌ର ସେସନ୍ସ କୋର୍ଟ ତାଙ୍କୁ ଜାମିନ ଦେବା ସହ ଜେଲଦଣ୍ଡ ଉପରେ ସ୍ଥଗିତାଦେଶ ଲଗାଇଛନ୍ତି। ୧୩ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

# ମଞ୍ଚରେ ଏକତାର ବାର୍ତ୍ତା

## ଝାରସୁଗୁଡ଼ା ଉପନିର୍ବାଚନ

- ଜିଲା ମୁଖିଆଶୂନ୍ୟ ହୋଇ ଲଢ଼ିବ ବିଜେଡି
- ପ୍ରାର୍ଥୀ ଦେଇପାରୁନି ଭାଜପା




କୋଲାବିରାରେ ବିଜେଡି ନିର୍ବାଚନୀ ସଭାରେ ଉପସ୍ଥିତ ଦଳୀୟ ନେତୃବୃନ୍ଦ।

**ସମ୍ବଲପୁର,୧୧।୪(ବ୍ୟୁରୋ)**

୨୦୧୯ ସାଧାରଣ ନିର୍ବାଚନ ପରେ ବିଜେଡିର ବିଧାୟକ ଥିବା କିଶୋର ମହାନ୍ତି ଓ ପୂର୍ବତନ ମନ୍ତ୍ରୀ ନବ କିଶୋର ଦାସଙ୍କ ଗୋଷ୍ଠୀ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଥିଲା। ଏପରି କି କିଶୋରଙ୍କ ସ୍ତ୍ରୀ ତଥା ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି ଏବଂ ଏବେ ଝାରସୁଗୁଡ଼ା ଉପନିର୍ବାଚନ ପାଇଁ ପ୍ରାର୍ଥୀ ହୋଇଥିବା ନବଙ୍କ ଝିଅ ଦୀପାଳି ଦାସ ଓ ତାଙ୍କ ସମର୍ଥକଙ୍କ ଭିତରେ ବିବାଦ ଦାଣ୍ଡରେ ପଡୁଥିଲା। ବ୍ରଜରାଜନଗର ଉପନିର୍ବାଚନ ସମୟରେ ମଧ୍ୟ ଅଳକାଙ୍କୁ ବିରୋଧ କରି ନବ ତାଙ୍କ ଝିଅ ଦୀପାଳିଙ୍କୁ ଟିକେଟ ଦେବା ପାଇଁ ଦାବି କରୁଥିଲେ ବୋଲି ଚର୍ଚ୍ଚା ହେଉଥିଲା। ଏହାକୁ ନେଇ ବିଜେଡି ଝାରସୁଗୁଡ଼ାରେ ସମାଲୋଚନାର ଶିକାର ହୋଇଆସୁଥିଲା। ହେଲେ ମଙ୍ଗଳବାର କୋଲାବିରା ବ୍ଲକରେ ବିଜେଡି ନିର୍ବାଚନୀ ପ୍ରଚାର ସଭାରେ ଅଳକା ଓ ଦୀପାଳିଙ୍କୁ ଏକାଠି କରିବାରେ ସଫଳ ହୋଇଛି ବିଜେଡି। ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଉଭୟଙ୍କୁ ଗୋଟିଏ ମଞ୍ଚରେ ଏକାଠି କରି ଏକତାର ବାର୍ତ୍ତା ଦେଇଛନ୍ତି।

ଖୋଲା ସଭାରେ ପ୍ରଣବ କହିଥିଲେ, ବ୍ରଜରାଜନଗର ବିଧାୟିକା ଓ ଦୀପାଳି ଏବେ ଏକାଠି ହୋଇ ଝାରସୁଗୁଡ଼ାର ବିକାଶ କାମ ଆଗକୁ ନେବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହା ନିର୍ଦ୍ଦେଶ ଓ ମୁଁ ମଧ୍ୟ ୨୪ଘଣ୍ଟା ଆପଣଙ୍କ ସେବାରେ କାମ କରି ସମସ୍ୟାର ସମାଧାନ କରିବି ବୋଲି କହିଥିଲେ। ବିଧାୟିକା ଅଳକା ମଧ୍ୟ ଉଦ୍‌ବୋଧନ ଦେଇ କହିଥିଲେ, ସ୍ୱାମୀ କିଶୋର ସବୁବେଳେ ଝାରସୁଗୁଡ଼ାବାସୀଙ୍କ ସହିତ ରହିଥିଲେ। ମୁଁ ମଧ୍ୟ ଲୋକଙ୍କ ସାଙ୍ଗରେ ରହିଛି। ନବ ଦାସ ବିଧାୟକ ଥିବା ସମୟରେ ତାଙ୍କ ସାଙ୍ଗରେ ଥିଲି ଓ ଏବେ ଦୀପାଳିଙ୍କ ସହିତ ଅଛି। ବାହାରିଆ କଥାକୁ ଶୁଣି କେହି ଭୁଲ୍ ବୁଝିବେ ନାହିଁ ବୋଲି ସେ ମଞ୍ଚରେ କହିଥିଲେ। ଦୀପାଳି ମଧ୍ୟ ବାପା ନବଙ୍କ ପ୍ରତି ଝାରସୁଗୁଡ଼ାବାସୀଙ୍କ ଭଲ ପାଇବା, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶମୂଳକ କାମ ସହିତ ଦଳର ବରିଷ୍ଠ ନେତାଙ୍କ ନିର୍ବାଚନୀ ପରିଚାଳନାରେ ନିଶ୍ଚିତ ବିଜୟୀ ହେବି ବୋଲି କହିଥିଲେ। ଅନ୍ୟପଟେ ମଞ୍ଚରେ ସାଙ୍ଗଠନିକ ସମ୍ପାଦକ ଦାସ ଉଭୟଙ୍କୁ ଏକାଠି ବସାଇବାରେ ସଫଳ ହେଲେ। ତେବେ ଏଡି ଉଦ୍ୟମ କେତେ ସଫଳ ହେବ ତାହା ଆଗାମୀ ଉପନିର୍ବାଚନ ଫଳାଫଳ କହିବ ବୋଲି ଆଲୋଚନା ହେଉଛି। ଅନ୍ୟପଟେ ଝାରସୁଗୁଡ଼ା ଜିଲାରେ କିଶୋର ମହାନ୍ତି ବିଜେଡିର ସଭାପତି ରହିଥିଲେ। ଶେଷ ସମୟ ପର୍ଯ୍ୟନ୍ତ ଜିଲା ସଭାପତି ରହି ଦଳର ସଙ୍ଗଠନ ତିଆରି କରିଥିଲେ। ୨୦୨୧ ଡିସେମ୍ବର ୩୦ରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ଦେହାନ୍ତ ପରେ ପ୍ରାୟ ୨ବର୍ଷ ହେବ ଦଳ ଜିଲା ସଭାପତି ନିଯୁକ୍ତି କରିପାରି ନାହିଁ। ଝାରସୁଗୁଡା ବିଧାୟକ ନବ ଦାସ ଝିଅ ଦୀପାଳିଙ୍କୁ ସଭାପତି କରିବାକୁ କୁଆଡ଼େ ଦାବି କରୁଥିଲେ। କିଶୋରଙ୍କ ଅନୁଗତ ମଧ୍ୟ ସମାନ ଦାବି କରିବାରୁ ବିବାଦ ସୃଷ୍ଟି ହୋଇଥିଲା। ଏବେ ଜିଲା ମୁଖିଆ ବିନା ଦଳ ଉପନିର୍ବାଚନ ମଇଦାନକୁ ଓହ୍ଲାଇଛି। ରାଜ୍ୟର ବିଭିନ୍ନ ଜିଲାରୁ ବରିଷ୍ଠ, ଯୁବ ନେତାମାନେ ଡେରା ପକାଇ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରୁଛନ୍ତି। ଅନ୍ୟପଟେ କଂଗ୍ରେସ ଦଳ ତରୁଣ ପାଣ୍ଡେଙ୍କୁ ପ୍ରାର୍ଥୀ କରିଛି। ତରୁଣଙ୍କ ବାପା ବୀରେନ ପାଣ୍ଡେ ଜଣେ ସଙ୍ଗଠକ ଓ ୩ଥର ବିଧାୟକ ଥିଲେ। ଅଘରିଆ ଜାତିର ଭୋଟ ତାଙ୍କ ସପକ୍ଷରେ ଯାଇପାରେ ବୋଲି କୁହାଯାଉଛି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅବହେଳା ଓ ଦୁର୍ନୀତି ପ୍ରସଙ୍ଗ ଉଠାଇ ଗତ ନିର୍ବାଚନ ଅପେକ୍ଷା କଂଗ୍ରେସ ଭଲ ପ୍ରଦର୍ଶନ କରିବ ବୋଲି ଦଳର ନେତାମାନେ ଆଶା ବାନ୍ଧିଛନ୍ତି। ଅନ୍ୟପଟେ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ଭାଜପା ପ୍ରାର୍ଥୀ ଘୋଷଣା କରିନାହିଁ। ଭାଜପାର ଟଙ୍କଧର ତ୍ରିପାଠୀଙ୍କ ନାମ ଚର୍ଚ୍ଚାରେ ରହୁଥିବା ବେଳେ ଗତ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ଦିନେଶ ଜୈନ, ତ୍ରିନାଥ ଗୁଆଲ ମଧ୍ୟ ଦୌଡ଼ରେ ଅଛନ୍ତି।

# କର୍ମୀଙ୍କୁ ଉତ୍ସାହିତ କରିବାକୁ ଯୋଜନା: ବିଜେଡି

## ଭାଜପାର 'ଗାଁ ଗାଁ ଚାଲ, ଘର ଘର ଚାଲ' ଅଭିଯାନ

**ଭୁବନେଶ୍ୱର,୧୧।୪(ବ୍ୟୁରୋ)**

ରାଜ୍ୟରେ ବିଜେଡି ସରକାର ଗତ ୨୩ ବର୍ଷ ଭିତରେ ସାଢ଼େ ୪କୋଟି ଜନତାଙ୍କ ପାଇଁ କିଛି କରିନାହାନ୍ତି। ଦେଶ ଓ ରାଜ୍ୟରେ ଓବିସି ବର୍ଗଙ୍କ ସଂଖ୍ୟା ସର୍ବାଧିକ ହୋଇଥିବାବେଳେ ସେମାନଙ୍କୁ କଂଗ୍ରେସ ସର୍ବଦା ଅଣଦେଖା କରିଥିଲା। ବର୍ତ୍ତମାନ ବିଜେଡି ସରକାର ଆଉ ପାଦେ ଆଗେଇଯାଇ ସେମାନଙ୍କୁ ବାରମ୍ବାର ପ୍ରତାରଣା କରିବାକୁ ପଛାଉନାହାନ୍ତି। ଓବିସି ବର୍ଗଙ୍କ ପ୍ରତି ବିଜେଡି ସରକାରଙ୍କ ଉଦାସୀନତା ଓ ବୈମାତୃକ ମନୋଭାବ ବିରୋଧରେ ଭାଜପା ଓବିସି ମୋର୍ଚ୍ଚା ପକ୍ଷରୁ ରାଜ୍ୟବ୍ୟାପୀ 'ଗାଁ ଗାଁ ଚାଲ, ଘର ଘର ଚାଲ' ଅଭିଯାନ ଚାଲିଛି। ଓବିସି ବର୍ଗଙ୍କ ଦୁଃଖ ଓ ସୁଖର ଭାଗୀଦାର ଭାଜପା ବୋଲି ଦଳର ସଭାପତି ମନମୋହନ ସାମଲ ଭୁବନେଶ୍ୱରସ୍ଥିତ ପଥରବନ୍ଧ ବସ୍ତିକୁ ମଙ୍ଗଳବାର ଯାଇ ଓବିସି ବର୍ଗଙ୍କ ସହ ଆଲୋଚନା କରିବା ଅବସରରେ କହିଛନ୍ତି। ତେବେ ତାଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ଓଡ଼ିଶାରେ ହୋଇଥିବା ଗତ ପଞ୍ଚାୟତ ଏବଂ ପୌର ନିର୍ବାଚନରେ ଭାଜପାର ଶୋଚନୀୟ ପରାଜୟ ଘଟିଥିଲା। ଏହାପରଠାରୁ ଗାଁରୁ ସହର ପର୍ଯ୍ୟନ୍ତ ଭାଜପା କର୍ମୀମାନେ ହତୋତ୍ସାହିତ ହୋଇ ପଡ଼ିଥିବାରୁ ଏ ପର୍ଯ୍ୟନ୍ତ ଘରୁ ପଦାକୁ ବାହାରୁନାହାନ୍ତି। ଆମକୁ ଲାଗୁଛି ଏହି ହତାଶ ଦଳୀୟ କର୍ମୀଙ୍କୁ ଉତ୍ସାହିତ କରିବା ଲାଗି ନୂଆ ରାଜ୍ୟ ସଭାପତି 'ଗାଁ ଗାଁ ଚାଲ, ଘର ଘର ଚାଲ' ଅଭିଯାନ ଆରମ୍ଭ କରିଛନ୍ତି। ଭାଜପାର କେତେଜଣ ନେତା ନିଜେ ଅରାଜକତା ସୃଷ୍ଟି କରୁଥିବାବେଳେ ରାଜ୍ୟବାସୀଙ୍କୁ ଅରାଜକ କହି ଅପମାନିତ କରିଛନ୍ତି। ସେମାନେ ଯେଉଁଭଳି ଭାବେ ଓଡ଼ିଶାକୁ ଜାତୀୟସ୍ତରରେ ଅପମାନିତ କରିଛନ୍ତି, ତାହା କେହି ଭୁଲିନାହାନ୍ତି। ଓଡ଼ିଶାରେ କେବଳ ପଛୁଆ ବର୍ଗ ନୁହନ୍ତି, ସବୁ ବର୍ଗର ଲୋକଙ୍କୁ ନ୍ୟାୟ ପ୍ରଦାନ କରାଯାଉଛି ବୋଲି ଲେନିନ୍ କହିଛନ୍ତି।

## Classified Everyday

**0674-2580101, 2549949**



MATRIMONIAL

**BRIDE WANTED**

A S H R I B A D WEDDING-ବୟସ 58 ଜାତି ବଙ୍ଗାଳୀ (ବୟସ 45 ଜାତି ତେଲି, ବୟସ 41 ଜାତି ଗୁଡ଼ିଆ Software Engineer in Bangalore) ବୟସ 34 ଜାତି ବ୍ରାହ୍ମଣ- ପୁରୁଷଙ୍କ ପାଇଁ ଉପଯୁକ୍ତ ମହିଳା ଆବଶ୍ୟକ। ଯୋଗାଯୋଗ- 9178392294. D-0060

**GROOM WANTED**

56 ବୟସ୍କା ପେନ୍‌ସନ ପାଉଥିବା Govt. Teacher ନିଃସନ୍ତାନ ବିଧବା ବ୍ରାହ୍ମଣ ମହିଳାଙ୍କୁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 8658185147. D-0058

37 ବୟସ୍କା ସୁନ୍ଦର ବିଧବା ନିଃସନ୍ତାନ ଏକାକୀ ରହୁଥିବା ଖଣ୍ଡାୟତ ଜାତିର ସରକାରୀ କାର୍ଯ୍ୟରତ ଝିଅଙ୍କୁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 7749076723 D-0054

A S H R I B A D WEDDING-ବୟସ 34 ଜାତି ଖଣ୍ଡାୟତ Divorce ମହିଳାଙ୍କ ପାଇଁ ପୁରୁଷ ଆବଶ୍ୟକ, ସବୁଜାତି ଗ୍ରହଣୀୟ। ଯୋଗାଯୋଗ- 9178392294. D-0059

Beautiful Khandayat girl 1994 5'2" serving OJS "SUNASANSAR". 9937512659, 8249969649. D-0061



REAL ESTATE

**SALE**

ହଂସପାଳ ଓ ପାହାଳରେ NH ଠାରୁ 200/-300mtr ମଧ୍ୟରେ ସଙ୍ଗେସଙ୍ଗେ ଘର କଲାଭଳି ଜାଗା ବିକ୍ରି କରାଯାଉଅଛି। 9437765989. D-74843

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft.- 3,60,000/-, ଛତାବର 1200sqft.- 3,00,000/-, ନଖରା 300/-, 6371569855. D-74837

ଜଟଣୀ NISER (Tahasil Chhak) ସାମ୍ନାରେ ଘରବାରି, yellowzone, 30ft. road ଏବଂ boundarywall ସ୍ଥିତିବାନ୍ plot କିଣି ଘର କରନ୍ତୁ। Contact: 9938066403, 9438315973. D-2998

Xavier ୟୁନିଭରସିଟିରୁ ୪ କି.ମି. (ପିପିଲି-ଜଟଣୀ ରୋଡ୍‌ରେ) ବର୍ଗଫୁଟକୁ- 800/-, 550/-ରେ ପ୍ଲଟ୍ କିଣି ଘର କରନ୍ତୁ। 9938016295. D-74838

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ **Grandbazar** ସମ୍ମୁଖରୁ **walkable** ଦୂରତାରେ ଘର ଉପଯୋଗୀ **plot** କିଣନ୍ତୁ ଓ ଗୃହନିର୍ମାଣ କରନ୍ତୁ। **8249310759.** D-74841

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




All type of professional full body massage by professional therapist at Rajmahal @ 999. Contact: 7855053566. D-0078

Newly open Spa Positively health benefit with expert. Contact- 7749976301 D-74532

Newly open health benefits SPA special Offer @ 799, Jaydev Vihar. 8018429809. D-73697

A s r i b a d a Panchakarma Herbal SPA, Kesarimall, Bhubaneswar. Contact: 8926173473. D-74669

Full body massage in homely atmosphere all therapy. Mob: 8114881641. D-73427

All types of professional body massage by professional therapy. Contact: 9556924059, 7077933109. D-0046

**Relax, Refresh your body, Mind at Saikrupa Spa with best therapies. 8984068077.** D-0034

### AFFIDAVIT

I, Sri Dinesh Kumar Agrawal, S/o Raj Kumar Agrawal, R/o Laxminagar, Ward No.5, PO/PS: Kesinga, Dist:Kalahandi, Odisha, Pin-766012 declare that in my HSC Certificate my father's name is wrongly endorsed as Rajendra Prasad Agrawal instead of Raj Kumar Agrawal. Hence I will be treated as Dinesh Kumar Agrawal, S/o Raj Kumar Agrawal for all purpose. D-0080

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

### ମନେ ପଡ଼ନ୍ତି

ତ୍ରୟୋଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ତାରାମଣୀ ମିଶ୍ର
ସ୍ୱାମୀ: ୰ଉଦୟନାଥ ମିଶ୍ର
ଗ୍ରାମ: ଗୋକୁଳପୁର, ପୁରୀ
ତିରୋଧାନ: ୦୫।୦୪।୨୦୧୦
ଜୀବନର ଚଲାପଥରେ ଆମ୍ଭେ ଏକାକୀ ଓ ତୁମର ଆଶୀର୍ବାଦ ଆମର ଏକାନ୍ତ କାମ୍ୟ। ତୁମ ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୦୦୭୩

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରୋ ରଙ୍ଗୀନ ଟ୪୨୦/- ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ବିଜେଡିକୁ ବିରୋଧୀଙ୍କ ଟାର୍ଗେଟ

## ନକଲି ସାର୍ଟିଫିକେଟ୍ ପ୍ରସଙ୍ଗ

- ସିବିଆଇ ତଦନ୍ତ ଦାବିକଲା ଭାଜପା
- ନ୍ୟାୟାଳୟ ତତ୍ତ୍ୱାବଧାନରେ ତଦନ୍ତ କରିବାକୁ କଂଗ୍ରେସର ଦାବି
- ସ୍ୱର୍ଣ୍ଣକାତର ଘଟଣାରେ ରାଜନୀତି କରିବା ଭାଜପାର ଅଭ୍ୟାସ ହୋଇଗଲାଣି: ବିଜେଡି

**ଭୁବନେଶ୍ୱର,୧୧।୪(ବ୍ୟୁରୋ)**

ନକଲି ଔଷଧ, ଘିଅ, ତେଲ, ଚାଉଳ, ଅଣ୍ଡା, ଟମାଟୋ ସସ୍ ପ୍ରସ୍ତୁତରେ ଓଡ଼ିଶା ଏବେ ପ୍ରଥମ ସ୍ଥାନ ଅଧିକାର କରିସାରିଛି। ସେହିପରି ନକଲି ଶିକ୍ଷକ, ଡାକ୍ତର, ଅଙ୍ଗନୱାଡ଼ି ଓ ବନ ବିଭାଗ କର୍ମଚାରୀ ନିଯୁକ୍ତି ବର୍ତ୍ତମାନ ଚର୍ଚ୍ଚାର ବିଷୟ ପାଲଟିଛି। ଯେଉଁ ଜାଗାରେ ହାତ ମାରିଲେ ସବୁଠି ନକଲି, କିଛି ଅସଲି ନାହିଁ। ବର୍ତ୍ତମାନ ଏହି ନକଲି ପୃଷ୍ଠାରେ ଶିକ୍ଷାଗତ ସାର୍ଟିଫିକେଟ୍ ଯୋଡ଼ି ହୋଇଯାଇଛି। ତେଣୁ ଏହି ଘଟଣାରେ ସିବିଆଇ ତଦନ୍ତ ହେବା ଦରକାର ବୋଲି ଭାଜପା ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର କହିଛନ୍ତି। ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଗୋଲକ କହିଛନ୍ତି, ଓଡ଼ିଶାରେ ଅପରାଧୀଙ୍କ ଲାଗି ବିଜେଡି ସବୁଠାରୁ ଭଲ ଜାଗା। ବର୍ଷ ବର୍ଷ ଧରି ଜାଲ୍ ସାର୍ଟିଫିକେଟ୍ ପ୍ରସ୍ତୁତକରି ଲକ୍ଷାଧିକ ଟଙ୍କାରେ ବିକ୍ରି କରୁଥିବା ର୍‍ୟାକେଟର ମୁଖ୍ୟ ମନୋଜ ମିଶ୍ର ହେଉଛନ୍ତି ବିଜେଡି ଆଇଟି ସେଲ୍‌ର ପୂର୍ବତନ ବଲାଙ୍ଗୀର ଜିଲା ମୁଖ୍ୟ। ମନୋଜଙ୍କ ସହ ବିଜେଡିର ବହୁ ପୁରୁଖା ନେତା ଓ ମନ୍ତ୍ରୀଙ୍କ ଫଟୋ ରହିଛି। ବିଜେଡିରେ ରହି ମନୋଜ ଓ ତାଙ୍କ ସହଯୋଗୀ ଜାଲ୍ ସାର୍ଟିଫିକେଟ୍ ପ୍ରସ୍ତୁତ କରୁଥିଲେ ବୋଲି ଗୋଲକ ଦାବି କରିଛନ୍ତି।

ଏହି ପ୍ରସଙ୍ଗରେ ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା କଂଗ୍ରେସ ନେତା ବିଜୟ ପଟ୍ଟନାୟକ କହିଛନ୍ତି, ଓଡ଼ିଶା ସରକାରଙ୍କ କ୍ରାଇମବ୍ରାଞ୍ଚ ହେଉ ବା କେନ୍ଦ୍ର ସରକାରଙ୍କ ସିବିଆଇ ହେଉ ସମସ୍ତେ ନିଜର ବିଶ୍ୱସନୀୟତା ହରାଇଛନ୍ତି। ଯଦି ନ୍ୟାୟାଳୟର ତତ୍ତ୍ୱାବଧାନରେ ତଦନ୍ତ କରାଯାଏ ତେବେ କିଛି ସତ କଥା ବାହାରିପାରିବ ବୋଲି ବିଶ୍ୱାସ କରୁଥିବା ବିଜୟ କହିଛନ୍ତି।

ଅନ୍ୟପଟେ ଭାଜପା ଆଣିଥିବା ଅଭିଯୋଗ ଉପରେ ବିଜେଡି ପାଲଟା ଟାର୍ଗେଟ କରିଛି। ଦଳର ମୁଖପାତ୍ର ଗୌତମବୁଦ୍ଧ ଦାସ କହିଛନ୍ତି, ସବୁ ସ୍ୱର୍ଣ୍ଣକାତର ଅପରାଧର ରାଜନୀତୀକରଣ କରିବା ଓଡ଼ିଶା ଭାଜପାର ଅଭ୍ୟାସରେ ପରିଣତ ହୋଇଗଲାଣି। ଜାଲ୍ ସାର୍ଟିଫିକେଟ୍ ମାମଲାରେ ଅପରାଧୀମାନେ ଜଣକ ପରେ ଜଣେ ଧରା ପଡୁଥିଲେ ମଧ୍ୟ ଭାଜପା ଏହାକୁ ନେଇ ହୀନ ରାଜନୀତି କରିବାକୁ ଉଦ୍ୟମ କରୁଛି। ଗୋଲକବାବୁଙ୍କ ଭଳି ଓଡ଼ିଶା ଭାଜପା ନେତାମାନେ ବୋଧହୁଏ ଘରେ ବସି ବସି ଯେତେସବୁ ଶସ୍ତା ବଲିଉଡ୍ ଫିଲ୍ମ ଦେଖନ୍ତି। ସେହିସବୁ ଫିଲ୍ମର ସ୍କ୍ରିପ୍ଟକୁ ନେଇ ମନଗଢ଼ା କାହାଣୀ ତିଆରି କରନ୍ତି ଏବଂ ପରେ ଗଣମାଧ୍ୟମରେ ଗପନ୍ତି। ପୂର୍ବରୁ ମଧ୍ୟ ଭାଜପା ନେତାମାନେ ବିଭିନ୍ନ ସ୍ୱର୍ଣ୍ଣକାତର ମାମଲାରେ ଏମିତି କାହାଣୀ ତିଆରି କରିଛନ୍ତି ବୋଲି ସେ ଚେତାଇ ଦେଇଛନ୍ତି।

# ରଜନୀଗନ୍ଧାରେ ସାର



**ଆ**ଗରୁ ଲଗାଯାଇଥିବା ରଜନୀଗନ୍ଧା ୩୦ଦିନର ହୋଇଯାଇଥିଲେ ଏକର ପ୍ରତି ୮୫କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ରଜନୀଗନ୍ଧା ନ ଲଗାଇଥିଲେ ଏହା ମେ'ମାସ ପର୍ଯ୍ୟନ୍ତ ଲଗାଇପାରିବେ। କୋଲକାତା ସିଙ୍ଗଲ,ଶ୍ରୀଙ୍ଗାର, କୋଏମ୍ବାଟୋର ସିଙ୍ଗଲ୍ ଓ ସୁହାସିନୀ(ଡବଲ) ଆଦି କିସମ ଲଗାନ୍ତୁ। ବୁଣିବା ପୂର୍ବରୁ ଅନୁମୋଦିତ ସାରର (ଏକର ପ୍ରତି ୧୬୦କି.ଗ୍ରା. ଯବକ୍ଷାରଜାନ,୮୦କି.ଗ୍ରା. ଫସ୍‌ଫରସ ଓ ୮୦କି.ଗ୍ରା. ପଟାସ ସାର)ର ସବୁତକ ଫସ୍‌ଫରସ ଓ ପଟାସ ସାର ପ୍ରୟୋଗ କରନ୍ତୁ। ଏକର ପ୍ରତି ପ୍ରାୟ ୪୦,୦୦୦କନ୍ଦା ଆବଶ୍ୟକ। କନ୍ଦାଗୁଡିକ ୨.୫ସେ.ମି. ବ୍ୟାସ ବିଶିଷ୍ଟ ହୋଇଥିବା ଦରକାର। ଶୀତଳ ଭଣ୍ଡାରରେ ୪-୫ ଡିଗ୍ରୀ ସେଲସିଅସ୍‌ରେ ରହିଥିବା କନ୍ଦାଗୁଡିକ ଭଲ ଗଜା ହୋଇଥାଏ। ସୂତ୍ରଜୀବପ୍ରବଣ ଅଞ୍ଚଳରେ ଲଗାଇବା ପୂର୍ବରୁ ଏକର ପ୍ରତି ୧୬୦କି.ଗ୍ରା. ନିମ ପିଡ଼ିଆ ପ୍ରୟୋଗ କରନ୍ତୁ।

# ଉନ୍ନତ ଭେଣ୍ଡି କିସମ



**ବ**ର୍ଷ ସାରା ଭେଣ୍ଡି ଲଗାଯାଇପାରେ। ଉନ୍ନତ କିସମ ବିହନ ଲଗାନ୍ତୁ। ଯଥା-ଉତ୍କଳ, ଗୌରବ,ଅର୍କ,ଅନାମିକା,ଉପହାର,ପର୍ବାଣୀକ୍ରାନ୍ତି ଏବଂ ହାଇବ୍ରିଡ୍ ଜାତୀୟ ଯଥା-ବର୍ଷା, ବିଜୟ, ବିଶାଳ,ତାରା,ଆଧୁନିକ,ଅତ୍ୟାଧୁନିକ,ସୁପ୍ରିୟ ମଧ ଲଗାଇପାରିବେ। କିସମ ଅନୁସାରେ ଏକର ପ୍ରତି ୫ରୁ ୭ କି.ଗ୍ରା. ବିହନ(ଉନ୍ନତ କିସମ) ଓ ସଙ୍କର ଜାତୀୟ ପାଇଁ ୧୨୫୦ରୁ ୧୫୦୦ଗ୍ରାମ୍ ବିହନ ଦରକାର ହୁଏ। ଶେଷ ଓଡ଼ ଚାଷ ବେଳେ ଏକର ପ୍ରତି ୧୦ ଶଗଡ଼ ଗୋବରଖତ,୪୫କି.ଗ୍ରା. ଯବକ୍ଷାରଜାନ,୨୫କି.ଗ୍ରା. ଫସ୍‌ଫରସ ଓ ୩୦ କି.ଗ୍ରା. ପଟାସ୍ ସାର ଏବଂ ସଙ୍କର ଜାତୀୟ ପାଇଁ ୨୦-୨୫ ଶଗଡ଼ ଗୋବରଖତ,୮୦କି.ଗ୍ରା. ଯବକ୍ଷାରଜାନ ,୪୦କି.ଗ୍ରା. ଫସ୍‌ଫରସ ଓ ୪୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ। ଧାଡ଼ିକୁ ଧାଡ଼ି ୩୦ସେ.ମି. ଓ ଗଛକୁ ଗଛ ୪୫ସେ.ମି. ବ୍ୟବଧାନରେ ମଞ୍ଜି ପୋତନ୍ତୁ।

# ହଳଦୀ ବିହନ ବିଶୋଧନ



**ହ**ଳଦୀ ଲଗାଇବା ପୂର୍ବରୁ ଏହାର ବିହନକୁ ଭଲ ଭାବରେ ବିଶୋଧନ କରନ୍ତୁ। ୧୦ ଲିଟର ପାଣିରେ ୪୦ଗ୍ରାମ ମାଙ୍କୋଜେବ୍ ଗୁଣ୍ଡ,୧୦ଗ୍ରାମ୍ କାର୍ବେଣ୍ଡାଜିମ୍ ଗୁଣ୍ଡ ଓ ୫ ମିଲି ମାଲାଥିଅନ୍ ଗୋଳାଇ ଏଥିରେ ପ୍ରାୟ ୫୦କି.ଗ୍ରା. ହଳଦୀକୁ ବିଶୋଧନ କରନ୍ତୁ। ଏହାପରେ ବିହନକୁ ଛାଇରେ ଶୁଖାନ୍ତୁ। ଶେଷ ଓଡ଼ ଚାଷ ବେଳେ ଏକର ପ୍ରତି ୧୦ଗାଡ଼ି (୫ଟନ) ଓ ହଳଦୀ ଲଗାହେବା ପରେ ସିଆର ଓ ପଟାଳିରେ ୧୦ଗାଡ଼ି ଗୋବର ଖତ ଦିଅନ୍ତୁ। ଏକର ପ୍ରତି ୨୪କି.ଗ୍ରା. ଯବକ୍ଷାରଜାନ,୧୨କି.ଗ୍ରା. ଫସ୍‌ଫରସ,୩୬କି.ଗ୍ରା. ପଟାସ ୩ଥରରେ ଦିଅନ୍ତୁ। ପ୍ରଥମ ଥର ସମୁଦାୟ ସୁପର ଫସଫେଟ ଓ ଅଧା ମ୍ୟୁରିଏଟ ଅଫ୍ ପଟାସ ଦେଇ ହଳଦୀ ଲଗାନ୍ତୁ। ଆମ ରାଜ୍ୟ ପାଇଁ ରୋମା, ସୁରମା, ରଙ୍ଗ, ରଶ୍ମି,ନାମରେ ୪ଟି ହଳଦୀ କିସମ ଉପଯୁକ୍ତ। ୧ ଏକର ଜମି ପାଇଁ ୮-୧୦କୁଇଣ୍ଟାଲ ହଳଦୀ ଦରକାର ହୁଏ। ଏହି ଖଣ୍ଡଗୁଡିକୁ ୨-୩ଟି ଆଖି ଥାଇ ୨୦ରୁ ୨୫ଗ୍ରାମ ଓଜନର ହଳଦୀ ମୁଣ୍ଡା ଓ ଏଥିରୁ ବାହାରିଥିବା ପ୍ରଥମ ପୁଆ ବିହନ ଆକାରରେ ଲଗାନ୍ତୁ। ଜମିକୁ ଗୁଣ୍ଡ ଚାଷକରି ୧ ମିଟର ଓସାର ,୧୫ସେ.ମି. ଉଚ୍ଚା ଓ ସୁବିଧା ଅନୁସାରେ ଲମ୍ବା ରଖି ପଟାଳିମାନ କରନ୍ତୁ।

# ଜଟିଳ ପ୍ରସବ ସମସ୍ୟାର ସହଜ ସମାଧାନ



ଡା. ହିମାଂଶୁ ବେହେରା



**ଗା**ଇ ପାଳନର ପ୍ରତ୍ୟେକ ବର୍ଷ ଏକ ବାଛୁରୀ ପାଇବା ସମସ୍ତ ଚାଷୀଙ୍କର ଏକ ଲକ୍ଷ୍ୟ । ଗାଈ ଗରମ ଲକ୍ଷଣ ଦେଖାଇବାଠାରୁ ଆରମ୍ଭକରି ପ୍ରସବ ପର୍ଯ୍ୟନ୍ତ ସମସ୍ତ ପଦକ୍ଷେପ ବା ପ୍ରଣାଳୀ ଗୁରୁତ୍ୱପୂର୍ଣ୍ଣ । ସ୍ୱାଭାବିକ ଭାବରେ ପ୍ରସବ ହେଲେ ବାଛୁରୀ ସଦାସର୍ବଦା ସବଳ ହୋଇଥାଏ ଏବଂ ଦୁଗ୍ଧ ଉତ୍ପାଦନରେ ମଧ ଠିକ୍ ବୃଦ୍ଧି ହୋଇଥାଏ। ଗର୍ଭାଶୟରେ ବୃଦ୍ଧି ପାଉଥିବା ଏକ ସ୍ୱାଭାବିକ ଭ୍ରୁଣକୁ ପ୍ରସବ ପାଇଁ ଗାଈର ପର୍ଯ୍ୟାପ୍ତ କ୍ଷମତା ଏବଂ ଠିକ୍ ମାତ୍ରାରେ ଯୋନିଦ୍ୱାର ଖୋଲିବା ନିହାତି ଆବଶ୍ୟକ। ଏହି ମଧରୁ କୌଣସିର ଅଭାବ ଏକ ଜଟିଳ ପ୍ରସବ ସମସ୍ୟା ସୃଷ୍ଟି କରିଥାଏ। ଏଭଳି ସମସ୍ୟା ଦୂର କରିବାକୁ ହେଲେ ଚାଷୀମାନେ ସଦାସର୍ବଦା ପ୍ରାଣୀ ଚିକିତ୍ସକଙ୍କର ପରାମର୍ଶ ନେବା ନିହାତି ଦରକାର। ମୋଟାମୋଟି ଭାବରେ ଏହି ସମସ୍ୟାର ସମାଧାନ ପାଇଁ ତିନୋଟି ଉପାୟ କରାଯାଇପାରିବ। ସେଗୁଡିକ ହେଲା-ପ୍ରଜନନର ପରିଚାଳନା, ବାଛୁରୀ ଜନ୍ମହେବା ଆଗରୁ ଗାଈର ପରିଚାଳନା ଓ ଯତ୍ନ ଏବଂ ତୃତୀୟଟି ହେଲା, ବାଛୁରୀ ଜନ୍ମହେବା ସମୟରେ ଗାଈର ପରିଚାଳନା ସହ ଯତ୍ନ।

## ପ୍ରଜନନ ପରିଚାଳନା

**ପ୍ରଜନନ ସମୟରେ ଗାଈ ଓଜନ :** ଗାଈ ବା ଛଡ଼ାଙ୍କର ଓଜନ ମୁଖ୍ୟତଃ ୨୬୦ କି.ଗ୍ରା.ରୁ ଅଧିକ ହେବା ଆବଶ୍ୟକ। କାରଣ ୨୬୦ କି.ଗ୍ରା. ଠାରୁ ଊର୍ଦ୍ଧ୍ୱ ଥିବା ଓଜନର ଗାଈ ବା ଛଡ଼ା ଗର୍ଭଧାରଣ କରିବାର କ୍ଷମତା ରଖିଥାଏ। ଗର୍ଭଧାରଣ କରିବା ପାଇଁ ଆବଶ୍ୟକ ଡିମ୍ବାଶୟ, ଗର୍ଭାଶୟ ଇତ୍ୟାଦିର ଠିକ୍ ଭାବରେ ବିକାଶ ହୋଇଥାଏ। ଗର୍ଭଧାରଣ ଏବଂ ବାଛୁରୀ ଜନ୍ମ ପାଇଁ ଆବଶ୍ୟକ ଥିବା ହର୍ମୋନ ଠିକ୍ ଭାବରେ କ୍ଷରଣ ହୋଇଥାଏ। ଏଗୁଡିକୁ ଦୃଷ୍ଟିରେ ରଖି ଗାଈର ଓଜନ ଏବଂ ବୟସକୁ ସନ୍ତୁଳିତ କରି ପ୍ରଜନନ ପାଇଁ ଆଗକୁ ବଢ଼ିବା ଦରକାର।

**ପ୍ରଜନନ ପାଇଁ ଷଣ୍ଢ ବା ଶୁକ୍ରାଣୁ ଚୟନ :** ଏକ ଉପଯୁକ୍ତ ଷଣ୍ଢ ବା ଶୁକ୍ରାଣୁର ଚୟନ କରିବାରେ ସାବଧାନତା ରଖିବା ବହୁତ ଗୁରୁତ୍ୱପୂର୍ଣ୍ଣ। ପ୍ରଜନନ କରୁଥିବା ସମସ୍ତ ଉଚ୍ଚକୋଟୀର ଷଣ୍ଢ ବା ଶୁକ୍ରାଣୁର ଆନୁବଂଶିକ ଗୁଣ ବିଷୟରେ ପ୍ରାଣୀ ଚିକିତ୍ସକଙ୍କ ନିକଟରୁ ବୁଝିନିଅନ୍ତୁ। ଗାଈମାନଙ୍କର ପ୍ରଜନନ ମୁଖ୍ୟତଃ ଦୁଇଟି ଉପାୟରେ ହୋଇଥାଏ।

**କୃତ୍ରିମ ପ୍ରଜନନ :** ଏହିପ୍ରକାର ପ୍ରଜନନରେ ବ୍ୟବହାର କରାଯାଉଥିବା ଶୁକ୍ରାଣୁ ଉତ୍ତମ ଏବଂ ଉଚ୍ଚକୋଟୀର ହେବା ଆବଶ୍ୟକ। ବ୍ୟବହାର ହେବାକୁ ଥିବା ଶୁକ୍ରାଣୁ ଉତ୍ପାଦନ କରୁଥିବା ଷଣ୍ଢର ଇତିହାସ (ପ୍ରଜନନ) ଜାଣିବା ନିହାତି ଜରୁରୀ।

**ପ୍ରାକୃତିକ ଉପାୟରେ ପ୍ରଜନନ :** ଏହି ପ୍ରକାର ପ୍ରଜନନରେ ବୃହତ୍ ଓଜନର ଷଣ୍ଢ ବ୍ୟବହାର କରିବା ଅନୁଚିତ। କାରଣ ଏହା ପ୍ରସବ ପ୍ରକ୍ରିୟାକୁ ଜଟିଳ କରିଥାଏ। ସହଜ ଭାବରେ ସୁସ୍ଥ ବାଛୁରୀ ପ୍ରସବ କରାଇବାରେ ସକ୍ଷମ କରାଇ ପାରୁଥିବା ଷଣ୍ଢର ବ୍ୟବହାର ଅତି ଜରୁରୀ ।

> "ଗାଈ ବା ଛଡ଼ାମାନଙ୍କର ଓଜନ ମୁଖ୍ୟତଃ ୨୬୦ କି.ଗ୍ରା.ରୁ ଅଧିକ ହେବା ଆବଶ୍ୟକ। କାରଣ ୨୬୦ କି.ଗ୍ରା.ଠାରୁ ଊର୍ଦ୍ଧ୍ୱ ଥିବା ଓଜନର ଗାଈ ବା ଛଡ଼ା ଗର୍ଭଧାରଣ କରିବାର କ୍ଷମତା ରଖିଥାଏ। ଗର୍ଭଧାରଣ କରିବା ପାଇଁ ଆବଶ୍ୟକ ଡିମ୍ବାଶୟ, ଗର୍ଭାଶୟ ଇତ୍ୟାଦିର ଠିକ୍ ଭାବରେ ବିକାଶ ହୋଇଥାଏ। ଗର୍ଭଧାରଣ ଏବଂ ବାଛୁରୀ ଜନ୍ମ କରିବା ପାଇଁ ଆବଶ୍ୟକ ହର୍ମୋନ୍ ଠିକ୍ ଭାବରେ କ୍ଷରଣ ହୋଇଥାଏ। ଏଗୁଡ଼ିକୁ ଦୃଷ୍ଟିରେ ରଖି ଗାଈର ଓଜନ ଏବଂ ବୟସକୁ ସନ୍ତୁଳିତ କରି ପ୍ରଜନନ ପାଇଁ ଆଗକୁ ବଢ଼ିବା ଦରକାର।"

**ବାଛୁରୀ ଜନ୍ମନେବା ଆଗରୁ ଗାଈର ପରିଚାଳନା ଓ ଯତ୍ନ :** ଗାଈ ଗର୍ଭବତୀ ହେବାର ୩ ମାସ ମଧରେ କୃମିନାଶକ ଦିଅନ୍ତୁ ଏବଂ ୬ ମାସ ପରେ ଅଲଗା ଗୁହାଳରେ ରଖନ୍ତୁ। ଗର୍ଭାବସ୍ଥାରେ ଗାଈର ପରିଚାଳନା ଠିକ୍ ଭାବରେ ହେବା ଦରକାର। ଗର୍ଭାଶୟରେ ବାଛୁରୀର ବିକାଶ ମୁଖ୍ୟତଃ ଶେଷ ୩ ମାସ ମଧରେ ହୋଇଥାଏ। ଗାଈଙ୍କର ଗର୍ଭାବସ୍ଥା ୨୮୦ ପ୍ଲସ୍ କିମ୍ବା ମାଇନସ ୧୦ ଦିନ ହୋଇଥାଏ। ଶେଷ ୩ ମାସରେ ଗାଈର ଗର୍ଭପାତର ମୁଖ୍ୟ କାରଣ ହେଉଛି ବ୍ରୁସେଲୋସିସ୍ ରୋଗ। ଏହି ରୋଗ ଏକ ବୀଜାଣୁଜନିତ ରୋଗ। ଏହି ପରିପ୍ରେକ୍ଷୀରେ ଗାଈର ଉପଯୁକ୍ତ ପରିଚାଳନା ପାଇଁ ନିମ୍ନଲିଖିତ ବିଷୟ ପ୍ରତି ଧ୍ୟାନଦେବା ଦରକାର।

**ଖାଦ୍ୟ ପରିଚାଳନା :** ଠିକ୍ ଭାବରେ ଏବଂ ଆବଶ୍ୟକତା ଅନୁଯାୟୀ ଖାଦ୍ୟ ନିରୂପଣ କରିବା ଜରୁରୀ । ଗାଈମାନେ ଯେପରି ଅଧିକ ଦୁର୍ବଳ ବା ଅଧିକ ମୋଟା ନ ହୁଅନ୍ତି ସେଥିପ୍ରତି ଧ୍ୟାନଦିଅନ୍ତୁ। ଅଧିକ ଖାଦ୍ୟ ଏବଂ ବିନା କୌଣସି ଶାରୀରିକ ପରିଶ୍ରମରେ ଗର୍ଭାବସ୍ଥାରେ ଗାଈମାନେ ମୋଟାପଣର ଶିକାର ହୋଇଥାଆନ୍ତି, ଯାହାକି ପ୍ରସବ ସମୟରେ ସମସ୍ୟା ସୃଷ୍ଟି କରିଥାଏ। ତେଣୁ ଗର୍ଭବତୀ ଗାଈକୁ ପ୍ରତିଦିନ ୧କି.ଗ୍ରା.ରୁ ଅଧିକ ସୁଷମ ଖାଦ୍ୟ ଖାଇବାକୁ ଦିଅନ୍ତୁ।

**ଶାରୀରିକ ପରିଶ୍ରମ :** ଗର୍ଭଧାରଣ ସମୟରେ ଗାଈର ଖାଦ୍ୟପେୟ ପ୍ରତି ସତର୍କ ରହିବା ସହ ତାହାର ଶାରୀରିକ ପରିଶ୍ରମ ପ୍ରତି ନଜର ଦେବା ଆବଶ୍ୟକ। ଶାରୀରିକ ପରିଶ୍ରମ ପାଇଁ କିଛି ଖୋଲା ଅଞ୍ଚଳ ରଖିବା ଜରୁରୀ । ଏହାଦ୍ୱାରା ଗାଈ ଶରୀରର ରକ୍ତ ସଞ୍ଚାଳନ ଠିକ୍ ଭାବରେ ହୋଇଥାଏ। ଫଳରେ ଗାଈମାନେ କର୍ମଠ ଏବଂ କ୍ରିୟାଶୀଳ ହୋଇଥାଆନ୍ତି। ଗର୍ଭାବସ୍ଥାରେ ଥିବା ଗାଈଙ୍କୁ ଅଲଗା ଏକ ଗୃହରେ ରଖିବା ଦରକାର। ତା' ସହ ବାଛୁରୀ ଜନ୍ମ କରିବା ଆଗରୁ ଗାଈଙ୍କୁ ଜନ୍ମ କରିବା ଗୃହରେ ରଖାଯାଇଥାଏ।

**ଖଣିଜ ଲବଣର ମାତ୍ରା :** ପୂର୍ବରୁ ବାଛୁରୀ ଜନ୍ମ କରିସାରିଥିବା ଗର୍ଭବତୀ ଗାଈମାନଙ୍କର ମୁଖ୍ୟତଃ ଆୟୋଡିନ୍ ଏବଂ ସେଲେନିୟମର ମାତ୍ରା ଯାଞ୍ଚ କରିବା ନିହାତି ଦରକାର। ଏହି ସମୟରେ ଗାଈ ଖାଉଥିବା ଖାଦ୍ୟରେ ମ୍ୟାଗ୍ନେସିୟମ ପରିମାଣ ସନ୍ତୁଳିତ ରହିବା ପ୍ରୟୋଜନ। ବିଶେଷଭାବରେ ଗର୍ଭଧାରଣର ଶେଷ ୩ସପ୍ତାହ ଖାଦ୍ୟର ଭାଗମାପ ଠିକ୍ ରହିବା ଆବଶ୍ୟକ। ମ୍ୟାଗ୍ନେସିୟମ ଅଭାବରେ ବାଛୁରୀର ବିକାଶ ଠିକ୍ ଭାବରେ ହୋଇ ନ ଥାଏ, ଏପରି କି ବାଛୁରୀ ମୃତ୍ୟୁମୁଖରେ ପଡ଼ିବାର ମଧ ଆଶଙ୍କା ରହିଛି। ଖାଦ୍ୟରେ ଯଦି ଅଧିକ ପରିମାଣର କ୍ୟାଲସିୟମ ରହିଲା ତେବେ ବାଛୁରୀର ବିକାଶ ବାଧାପ୍ରାପ୍ତ ହେବା ସହ ଗର୍ଭାବସ୍ଥାରେ ମୃତ୍ୟୁ ହୋଇଥାଏ। ଆୟୋଡିନ୍‌ର ଅଭାବରେ ଗଳଗଣ୍ଡ (ଗଏଟର୍) ନାମକ ଏକ ସମସ୍ୟା ସୃଷ୍ଟି ହୋଇଥାଏ, ଯାହାଦ୍ୱାରା ଥାଇରଏଡ୍ ଗ୍ରନ୍ଥିର ଆକାର ବୃଦ୍ଧି ହୋଇଥାଏ। ଏଥିଯୋଗୁ ବାଛୁରୀ ଜନ୍ମ କରିବାରେ ସମସ୍ୟା ସୃଷ୍ଟି ହୁଏ। ଗାଈ ଖାଉଥିବା ଖାଦ୍ୟରେ ଆଇରନ ମାତ୍ରା କମିଗଲେ ରକ୍ତହୀନତା ଦେଖାଦେଇଥାଏ। ଫସ୍‌ଫରସ୍ ଅଭାବରେ ଉଭୟ ବାଛୁରୀ ଏବଂ ଗାଈଙ୍କର ହାଡରେ ସମସ୍ୟା ଦେଖାଦେଇଥାଏ।

-ସହକାରୀ ପ୍ରାଧ୍ୟାପକ,
ପ୍ରାଣୀ ପ୍ରଜନନ ଏବଂ ପ୍ରସୂତି ବିଭାଗ,
ଓୟୁଏଟି, ଭୁବନେଶ୍ୱର

# ଅଳ୍ପରେ...



➤ଖରାଦିନିଆ ଗୋଖାଦ୍ୟ ପାଇଁ ଶସ୍ୟଜାତୀୟ ଫସଲ ଯଥା ମକା ଓ ବାଜରା ଏବଂ ଡାଲିଜାତୀୟ ଫସଲ ବରଗୁଡ଼ି ଓ ଡଙ୍ଗର ରାଣୀ ଚାଷ କରନ୍ତୁ। ସବୁଦିନିଆ ଗୋଖାଦ୍ୟ ଫସଲ ଯଥା ସଙ୍କର ନେପିଅର ବାଜରା ଓ ଗିନି ଘାସରେ ଏକର ପ୍ରତି ୧୬ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରି ଜଳସେଚନ କରନ୍ତୁ।

➤ଗୋରୁଙ୍କ ସାହାଣ, ବଜବଜିଆ ଓ ଫାଟୁଆ ରୋଗ ପାଇଁ ଏଫ୍‌ଏମ୍‌ଡି ଭାକ୍ସିନ୍ ଓ ଛେଳିଙ୍କ ପିପିଆର୍ ରୋଗ ଲାଗି ପିପିଆର୍ ରୋଗ ପ୍ରତିଷେଧକ ଟିକା ବ୍ୟବସ୍ଥା ଗ୍ରହଣ କରନ୍ତୁ।

➤ କୁକୁଡାଙ୍କର ନାଲି ଝାଡ଼ା ହେଉଥିଲେ ଅଧ ଗ୍ରାମ ଫ୍ୟୁରାସଲକୁ ୧ ଲିଟର ପାଣିରେ ମିଶାଇ ୩ ଦିନ ପର୍ଯ୍ୟନ୍ତ ଦିଅନ୍ତୁ।

➤କୁକୁଡ଼ାଙ୍କ ଘୁମାରୋଗର ନିୟନ୍ତ୍ରଣ ପାଇଁ ପ୍ରଥମ ୭ ଦିନ ଭିତରେ ଲାସୋଟା ପ୍ରତିଷେଧକ ଟିକା ଏବଂ ୧୩-୧୫ ଦିନ ଭିତରେ ଆଇବିଟି ଟିକା ଆଖିରେ ପକାଇବାର ବ୍ୟବସ୍ଥା କରନ୍ତୁ।

➤ବନରାଜ ଓ ଗ୍ରାମ ପ୍ରିୟ କୁକୁଡ଼ା ପାଳନ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଯୋଗୁ ଚିଆଁ ପାଇଁ ଆଞ୍ଚଳିକ ସରକାରୀ କୁକୁଡା ଫାର୍ମ ସହ ଯୋଗାଯୋଗ କରିପାରନ୍ତି।

# ମିଶ୍ରିତ ଫସଲ ଚାଷ ସମୟରେ...



**ବ**ର୍ତ୍ତମାନ ସମୟରେ ମକା ଓ ବରଗୁଡ଼ିର ମିଶ୍ରିତ ଫସଲ ସବୁଜ ଗୋଖାଦ୍ୟ ଲାଗି ଉପଯୁକ୍ତ । ଶେଷଓଡ଼ ଚାଷରେ ଏକର ପ୍ରତି ୫ଗାଡି ଶଢ଼ା ଗୋବର ଖତ,୪୦କି.ଗ୍ରା. ଯବକ୍ଷାରଜାନ ,୪୦କି.ଗ୍ରା. ଫସ୍‌ଫରସ ଓ ୪୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ। ଉଇ ଲାଗିବା ସମ୍ଭାବନା ଥିଲେ ଶେଷ ଓଡ ଚାଷରେ ଏକର ପ୍ରତି ୧୦କି.ଗ୍ରା. ଶତକଡା ୧.୫ଭାଗ କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗକରି ଭଲଭାବେ ମିଶାଇ ଦିଅନ୍ତୁ। ମକାର ଉପଯୁକ୍ତ ବିହନ କିସମ ହେଲା ଆଫ୍ରିକାନ୍ ଟଲ୍ ଓ ବରଗୁଡିର ଇସି ୪୨୧୬। ମିଶ୍ରିତ ଫସଲ ପାଇଁ ଏକର ପିଛା ୪୦କି.ଗ୍ରା. ମକା ବିହନ ଓ ୨୦କି.ଗ୍ରା. ବରଗଡ଼ି ବିହନ ଦରକାର ହୋଇଥାଏ। ଜମି ପ୍ରସ୍ତୁତ ହେଲା ପରେ ସିଆର ପଛରେ ପ୍ରତି ୨ଧାଡି ମକା ପରେ ୨ଧାଡି ବରଗୁଡି ବୁଣନ୍ତୁ। ବୁଣିବା ପରେ ଜମିରେ ହାଲୁକା ଜଳସେଚନ କରନ୍ତୁ।

# ଗେଣ୍ଡୁଫୁଲ ତଳି ପକାଉଥିଲେ...



ଆଗରୁ ଖରାଟିଆ ଗେଣ୍ଡୁଫୁଲ ତଳି ପକାଇ ନ ଥିଲେ ଏବେ ତଳି ପକାନ୍ତୁ। ଅଧିକ ଅମଳକ୍ଷମ କମଳା ରଙ୍ଗ ସିରାକୋଲା କିସମ ବ୍ୟବହାର କରନ୍ତୁ। ତଳିଘରାରେ ଧାଡ଼ିକୁ ଧାଡି ୫ ସେ.ମି. ବ୍ୟବଧାନରେ ବିହନକୁ ୧ ସେ.ମି. ଗଭୀରରେ ବୁଣନ୍ତୁ। ଅତ୍ୟଧିକ ତାପମାତ୍ରାରୁ ରକ୍ଷା ପାଇବା ପାଇଁ ତଳିଘରାରେ ନଡା ଘୋଡ଼ାଇ ଦିଅନ୍ତୁ। ଏକରକୁ ୩୫୦ରୁ ୪୦୦ ଗ୍ରାମ୍ ମଞ୍ଜି ଆବଶ୍ୟକ ହୋଇଥାଏ। ଆଗରୁ ତଳି ପକାଇଥିଲେ ଏବଂ ୩ରୁ ୪ ପତ୍ରର ହୋଇଗଲେ ମୁଖ୍ୟ କିଆରିରେ ଲଗାନ୍ତୁ। ଜମିକୁ ଭଲଭାବେ ଗୁଣ୍ଡ କରି ଏକର ପ୍ରତି ୧୦ ଟନ୍ ଶଢ଼ା ଗୋବରଖତ ମିଶାଇ ଦିଅନ୍ତୁ। ଗଛ ଲଗାଇବା ପୂର୍ବରୁ ଏକର ପ୍ରତି ୧୬ କି.ଗ୍ରା. ଯବକ୍ଷାରଜାନ, ୮୦ କି.ଗ୍ରା. ଫସ୍‌ଫରସ୍ ଓ ୮୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ ଏବଂ ୧୬ କି.ଗ୍ରା. ଯବକ୍ଷାରଜାନ୧ ମାସ ପରେ କୋଡ଼ାଖୁସା କରି ଘାସ ବାଛି ପ୍ରୟୋଗ କରନ୍ତୁ। ତଳି ବଦଳରେ ଏକର ପ୍ରତି ୪୦,୦୦୦ କଟିଙ୍ଗ୍‌ସ ଦରକାର ହୋଇଥାଏ। ଧାଡ଼ିକୁ ଧାଡ଼ି ୩୦ ଓ ଗଛକୁ ଗଛ ୨୦-୨୦ ସେ.ମି. ବ୍ୟବଧାନରେ ରୁଅନ୍ତୁ। ତଳି ରୋଇବାର ୪୦ ଦିନ ପରେ ଅଗ ଡାଳଗୁଡିକୁ ଭାଙ୍ଗି ଦିଅନ୍ତୁ।

# ଡାଲୁଅ ଧାନରେ ମାଟିଆଗୁଣ୍ଡି ଦମନ

**ଡା**ଲୁଅ ଧାନରେ ମାଟିଆଗୁଣ୍ଡି ପୋକ ଆକ୍ରମଣ ଆରମ୍ଭହେବା ଆଶଙ୍କା ଅଛି। ଏହି ପୋକ ଲାଗିଲେ ଜଳସେଚନର ସୁବିଧା ଥିଲେ ପ୍ରଥମେ ଜମିରୁ ପାଣି ନିଷ୍କାସନ କରନ୍ତୁ। ୧/୨ ଦିନ ଶୁଖିଲା ରଖି ପୁଣି ବିଲରେ ପାଣି ମଡ଼ାନ୍ତୁ। ବୁଦା ପ୍ରତି ୮-୧୦ଟି ପୋକ ଲାଗିଲେ ଫେନୋବୁକାର୍ବ ୧ ଲିଟର ପାଣିରେ ୧ ମି.ଲି. ବା ଇଥୋଫେନ୍‌ପ୍ରକ୍‌ସ ୧ ଲିଟର ପାଣିରେ ୧ ମି.ଲି. ହିସାବରେ ଗୋଳାଇ ଗଛ ମୂଳକୁ ସିଞ୍ଚନ କରନ୍ତୁ। ପ୍ରତି ବୁଦାରେ ୨/୩ ଟି ବୁଢ଼ିଆଣୀ ଥିଲେ ପୋକ ସଂଖ୍ୟା ବଢ଼ିବ ନାହିଁ। ଡାଲୁଅଧାନରେ କାଣ୍ଡବିନ୍ଧା ପୋକ ଆକ୍ରମଣ କରିଥିଲେ ହେକ୍ଟର ପ୍ରତି ୧୨.୫ କି.ଗ୍ରା. ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଅଳ୍ପ ପାଣି ରଖି ପ୍ରୟୋଗ କରନ୍ତୁ ଅଥବା ୧ ଲି. କ୍ଲୋରୋପାଇରିଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପତ୍ରପୋଡ଼ା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୫୦ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ଓ ୧୨୫୦ ଗ୍ରାମ୍ ବ୍ଲାଇଟକ୍ସ-୫୦ ସେଚିତ ଗୁଣ୍ଡକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ଓ ମହିଷା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୩୦୦ ଗ୍ରାମ୍ ବା ୦.୬ ଗ୍ରାମ୍ ଟ୍ରାଇସାଇକ୍ଲାଜୋଲ୍‌କୁ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।



ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଏପ୍ରିଲ ୧୨/୨୦୨୩ Bhubaneswar, Wednesday, April 12/ 2023

# ମୁମ୍ବାଇ ଇଣ୍ଡିଆନ୍ସର ପ୍ରଥମ ବିଜୟ

ନୂଆଦିଲ୍ଲୀ, ୧୧।୪

ଆଇପିଏଲ୍‌ର ୧୬ତମ ମ୍ୟାଚରେ ଅଧିନାୟକ ରୋହିତ ଶର୍ମାଙ୍କ ଅର୍ଦ୍ଧଶତକୀୟ ଇନିଂସ ବଳରେ ମୁମ୍ବାଇ ଇଣ୍ଡିଆନ୍ସ ଏହାର ପ୍ରଥମ ବିଜୟ ହାସଲ କରି ପଏଣ୍ଟ ଖାତା ଖୋଲିଛି। ପ୍ରଥମ ବ୍ୟାଟିଂ କରି ଦିଲ୍ଲୀ କ୍ୟାପିଟାଲ୍ସ ୧୭୨ ରନ୍‌ରେ ଅଲଆଉଟ ହୋଇଥିଲା। ଜବାବରେ ୪ ଉଇକେଟ ହରାଇ ମ୍ୟାଚର ଶେଷ ବଲରେ ବିଜୟୀ ହୋଇଥିଲା ମୁମ୍ବାଇ। ପୃଥ୍ୱୀ ଶ'ଙ୍କ ସ୍ଥାନରେ ମୁକେଶ କୁମାର ଓ ରିଲି ମେରେଡିଥଙ୍କ ସ୍ଥାନରେ ଟିମ୍ ଡେଭିଡଙ୍କୁ ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟ୍ ଭାବରେ ସାମିଲ କରାଯାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା କ୍ୟାପିଟାଲ୍ସ ପକ୍ଷରୁ ପୃଥ୍ୱୀ ଶ ଓ ଡେଭିଡ୍ ୱାର୍ନର ପ୍ରଥମ ଉଇକେଟରେ ୩୩ ରନ୍ ଯୋଡିଥିଲେ। ଏକଦା ଦୁଇ ଉଇକେଟ ହରାଇ ୮୧ ରନ୍ କରିଥିବା କ୍ୟାପିଟାଲ୍ସ ୯୮ ରନ୍ ମଧ୍ୟରେ ୫ ଉଇକେଟ ହରାଇଥିଲା। ପଦାର୍ପଣକାରୀ ଯଶ ଧୂଲ୍ ୨, ରୋଭମାନ ପାୱେଲ ୪ ଓ ଲଳିତ ଯାଦବ ୨ରନ୍ କରି ପ୍ୟାଭିଲିୟନ୍ ଫେରିଥିଲେ। ପୀୟୁଷ ଚାୱ୍ଲା ୩ ଉଇକେଟ ନେଇ ବିପର୍ଯ୍ୟୟ ଘଟାଇଥିଲେ। ଶେଷ ଭାଗରେ ଅକ୍ଷର ପଟେଲଙ୍କ ଧୂଆଁଧାର ୫୪ ରନ୍ ବଳରେ ଦଳ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚିଥିଲା। ସେ ୨୫ବଲ୍ ଖେଳି ୪ ଚୌକା ଓ ୫ ଛକା ମାରିଥିଲେ। ୱାର୍ନର ୪୭ ବଲ୍ ଖେଳି ୫୧ ରନ୍ କରିଥିଲେ। ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଭେଟେରାନ୍ ଲେଗ୍‌ସ୍ପିନର ପୀୟୁଷ ଚାୱ୍ଲା ଓ ଜାସନ୍ ବେହେନ୍‌ଡ୍ରଫ୍ ୩ଟି ଲେଖାଏ ଉଇକେଟ ନେଇଥିଲେ। ୧୭୩ ରନ୍ ଲକ୍ଷ୍ୟର ପିଛା କରୁଥିବା ମୁମ୍ବାଇ ପକ୍ଷରୁ ଦୁଇ ଓପନର ରୋହିତ ଶର୍ମା ୬୫ ଓ ଇଶାନ କିଶନ ୩୧ ପ୍ରଥମ ଉଇକେଟରେ ୭୧ ରନ୍ ଯୋଡିଥିଲେ। ଭୁଲ ବୁଝାମଣାରୁ କିଶନ ରନଆଉଟ ହେବା ପରେ ତିଳକ ବର୍ମା ୪୧ଙ୍କ ସହ ୬୮ ରନ୍ ଯୋଡିଥିଲେ ରୋହିତ। ୧୬ ତମ ଓଭର ବୋଲିଂ କରୁଥିବା ମୁକେଶ କୁମାର ଲଗାତର ବଲରେ ତିଳକ ଓ ସୂର୍ଯ୍ୟକୁମାର(୦)ଙ୍କୁ ଆଉଟ କରିଥିଲେ। ପରବର୍ତ୍ତୀ ଓଭରରେ ମୁସ୍ତାଫିଜୁର ରେହମାନଙ୍କ ବଲରେ ରୋହିତ ଶର୍ମା ଆଉଟ ହେବା ପରେ ମ୍ୟାଚରେ ରୋମାଞ୍ଚ ଭରି ଯାଇଥିଲା। ଦୁଇ ଅଷ୍ଟ୍ରେଲୀୟ ଖେଳାଳି ଟିମ୍ ଡେଭିଡ୍ ୧୧* ଓ କାମେରୁନ୍ ଗ୍ରୀନ୍ ୧୭*ଶେଷ ବଲରେ ଦଳକୁ ବିଜୟୀ କରିଥିଲେ। ମୁକେଶ କୁମାର ୨ ଓ ମୁସ୍ତାଫିଜୁର ରେହମାନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।


ଉଇକେଟ ନେବାପରେ ପୀୟୂଷ ଚାୱ୍ଲା (ଡାହାଣ)ଙ୍କୁ ବଧେଇ ଜଣାଉଛନ୍ତି ଅଧିନାୟକ ରୋହିତ ଶର୍ମା।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)
ଚେନ୍ନାଇ ବନାମ ରାଜସ୍ଥାନ
ସ୍ଥାନ:ଚେନ୍ନାଇ,
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ ୧୯.୪ ଓଭରରେ ୧୭୨/୧୦(ଅକ୍ଷର ପଟେଲ୍-୫୪, ଡେଭିଡ୍ ୱାର୍ନର-୫୧, ମନୀଷ ପାଣ୍ଡେ-୨୬, ପୀୟୁଷ ଚାୱ୍ଲା-୩/୨୨, ଜାସନ୍ ବେହେନ୍‌ଡ୍ରଫ୍-୩/୨୩, ରିଲି ମେରେଡିଥ୍-୨/୩୪)। ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ୧୭୩/୪ (ରୋହିତ ଶର୍ମା-୬୫, ତିଳକ ବର୍ମା-୪୧, ଇଶାନ କିଶନ-୩୧, ମୁକେଶ କୁମାର-୨/୩୦, ମୁସ୍ତାଫିଜୁର ରେହମାନ-୧/୩୮)।

## ଫାଫ୍‌ଙ୍କୁ ଜରିମାନା, ଆଭେଶଙ୍କୁ ଭର୍ତ୍ସନା

**ବେଙ୍ଗାଲୁରୁ, ୧୧।୪ (ପି.ଟି.):** ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚ୍ ବେଳେ ସ୍ଲୋ ଓଭର ରେଟ୍ ପାଇଁ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଅଧିନାୟକ ଫାଫ୍ ଡୁ' ପ୍ଲେସିଙ୍କୁ ୧୨ ଲକ୍ଷ ଟଙ୍କା ଜରିମାନା ହୋଇଛି। ସୋମବାର ବେଙ୍ଗାଲୁରୁସ୍ଥିତ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ଲକ୍ଷ୍ନୌ ଦଳ ଅନ୍ତିମ ବଲ୍‌ରେ ଏକ ଉଇକେଟରେ ଜିତିଥିଲା। ବିଜୟ ସୂଚକ ରନ ଶେଷ କରିବା ପରେ ୧୧ ନମ୍ବର ବ୍ୟାଟର ଆଭେଶ ଖାଁ ଅତ୍ୟଧିକ ଉଲ୍ଲସିତ ହୋଇ ତାଙ୍କ ହେଲ୍‌ମେଟ୍‌କୁ ଫିଙ୍ଗି ଦେଇଥିଲେ। ଏହି ବିଶୃଙ୍ଖଳା ପାଇଁ ତାଙ୍କୁ ଜରିମାନା ହୋଇ ନ ଥିଲେ ମଧ୍ୟ ମ୍ୟାଚ ରେଫରିଙ୍କ ଦ୍ୱାରା ତାଙ୍କୁ ଭର୍ତ୍ସିତ ହେବାକୁ ପଡ଼ିଛି।

# ଭାରତୀୟ ଦଳରେ ଓଡ଼ିଶାରୁ ୪


ବାସନ୍ତୀ ହାଁସ୍‌ଦା


ଫୁଲ ସୋରେନ


ପଦ୍ମିନୀ ଟୁଡୁ


ଝିଲି ବିରୁଆ

**ଦୃଷ୍ଟିବାଧିତ ମହିଳା କ୍ରିକେଟ**

ବେଙ୍ଗାଲୁରୁ, ୧୧।୪
(ସ୍ପୋର୍ଟ୍ସ ବ୍ୟୁରୋ)

କ୍ରିକେଟ ଆସୋସିଏଶନ ଫର୍ ଦି ବ୍ଲାଇଣ୍ଡ୍ ଇନ୍ ଇଣ୍ଡିଆ (ସିଏବିଆଇ) ଦ୍ୱାରା ପ୍ରଥମ ଥର ଭାରତର ଦୃଷ୍ଟିବାଧିତ ମହିଳା କ୍ରିକେଟ ଦଳ ଘୋଷଣା କରାଯାଇଛି। ଏଥିରେ ଓଡ଼ିଶା ୪ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ପଦ୍ମିନୀ ଟୁଡୁ, ବାସନ୍ତୀ ହାଁସ୍‌ଦା, ଫୁଲ ସୋରେନ ଓ ଝିଲି ବିରୁଆ। ଏହି ଦଳ ଏପ୍ରିଲ ୨୫ରୁ ୩୦ ତାରିଖ ପର୍ଯ୍ୟନ୍ତ ନେପାଳ ବିପକ୍ଷ ଦ୍ୱିପାକ୍ଷିକ କ୍ରିକେଟ ସିରିଜ ଖେଳିବ। ଏଥିପାଇଁ ଭୋପାଳଠାରେ ଏକ ସିଲେକ୍ସନ ଟ୍ରାଏଲ କରାଯାଇଥିଲା। ଏଥିରୁ ପ୍ରଥମେ ୩୮ଖେଳାଳି ଏବଂ ପରେ ୧୭ଜଣିଆ ଶର୍ଟଲିଷ୍ଟ କରାଯାଇଥିଲା ବୋଲି ସିଏବିଆଇ ସାଧାରଣ ସମ୍ପାଦକ ତଥା ସିଲେକ୍ସନ କମିଟିର ଚେୟାରମ୍ୟାନ ଇ. ଜନ୍ ଡେଭିଡ୍ ପ୍ରକାଶ କରିଛନ୍ତି।

ନେପାଳର ପୋଖାରା ଓ କାଠମାଣ୍ଡୁଠାରେ ନେପାଳ ବିପକ୍ଷରେ ୫ ଟି୨୦ ଖେଳିବା ଲାଗି ଯିବା ପୂର୍ବରୁ ଗୁର୍‌ଗାଁଓଠାରେ ଏକ କୋଚିଂ କ୍ୟାମ୍ପ ଏପ୍ରିଲ ୧୭ରୁ ୨୨ ପର୍ଯ୍ୟନ୍ତ ହେବ। ଦ୍ୱିପାକ୍ଷିକ ସିରିଜ ପାଇଁ ମଧ୍ୟପ୍ରଦେଶର ସୁଷମା ପଟେଲଙ୍କୁ ଅଧିନାୟିକା ଏବଂ କର୍ଣ୍ଣାଟକର ଗଙ୍ଗାଭା ନିଲାପ୍ପା ହରିଜନଙ୍କୁ ଉପ ଅଧିନାୟକ କରାଯାଇଛି। କ୍ରାତିକା ଚାର୍ଡେ ଦଳର କୋଚ୍ ରହିଥିବା ବେଳେ ଶିକା ଶେଟ୍ଟି ଦଳର ମ୍ୟାନେଜର, ରାଜଶ୍ରୀ ଚମ୍ପାଲାଲ୍ ରାମାୱତ ଦଳର ଫିଜିଓ ରହିଛନ୍ତି।

**ମନୋନୀତ ଖେଳାଳି:** ଭରସା ୟୁ, ଭାଲାସାନାଇନି ରାଭାନି, ସିମୁ ଦାସ, ପଦ୍ମିନୀ ଟୁଡୁ, କିଲାକା ସନ୍ଧ୍ୟା, ପ୍ରିୟା, ଗଙ୍ଗାଭା ନୀଲାପ୍ପା ହରିଜନ (ଉପଅଧିନାୟିକା), ପ୍ରିତବେନ୍ ବାବୁଭାଇ ଦେଶାଇ, ସାଣ୍ଡ୍ରା ଡେଭିସ୍ କାରିମାଲିକାଲ, ବାସନ୍ତୀ ହାଁସ୍‌ଦା, ପ୍ରୀତି ପ୍ରସାଦ, ସୁଷମା ପଟେଲ (ଅଧିନାୟକ), ଏମ୍. ସତ୍ୟବତୀ, ଫୁଲ ସୋରେନ, ଝିଲି ବିରୁଆ, ଗଙ୍ଗା ସମ୍ଭାଜୀ କଦମ ଓ ଦୀପିକା ଟି.ସି.।

# ଚେନ୍ନାଇ, କୋଲକାତାରେ ଖେଳିବ ପାକିସ୍ତାନ

ନୂଆଦିଲ୍ଲୀ, ୧୧।୪ (ପି.ଟି.)

ଚେନ୍ନାଇ ଓ କୋଲକାତାରେ ପାକିସ୍ତାନ କ୍ରିକେଟ ଦଳ ଏହାର ସର୍ବାଧିକ ଦିନିକିଆ ବିଶ୍ୱକପ ମ୍ୟାଚ୍ ଖେଳିବ। ପୂର୍ବରୁ ପାକିସ୍ତାନ ଦଳ ନିଜ ଗସ୍ତ ସମୟରେ ଏହି ଦୁଇଟି ଭେନ୍ୟୁକୁ ସୁରକ୍ଷିତ ବୋଲି ଦର୍ଶାଇଥିବାରୁ ଆଇସିସି ପକ୍ଷରୁ ଏହି ସୂଚନା ଦିଆଯାଇଛି। ୧୨ଟି ଭାରତୀୟ ସହର ବେଙ୍ଗାଲୁରୁ, ଚେନ୍ନାଇ, ଦିଲ୍ଲୀ, ଧର୍ମଶାଳା, ଗୁଆହାଟୀ, ହାଇଦ୍ରାବାଦ, କୋଲକାତା, ଲକ୍ଷ୍ନୌ, ଇନ୍ଦୋର, ରାଜକୋଟ, ମୁମ୍ବାଇ ଓ ଅହମଦାବାଦରେ ବିଶ୍ୱକପ୍‌ର ୪୮ ମ୍ୟାଚ୍ ଖେଳାଯିବ। ଏସିଆ କପ୍ ଖେଳିବାକୁ ନେଇ ବିବାଦ ଦେଖାଦେବା ପରେ ପାକିସ୍ତାନ ବିଶ୍ୱକପ୍‌ରୁ ଓହରିବାକୁ ଧମକ ଦେଇଥିଲା। ବର୍ତ୍ତମାନ ଏହି ମାମଲା ଆଇସିସି କୋର୍ଟରେ ରହିଛି। ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି)ର ବରିଷ୍ଠ ଅଧିକାରୀଙ୍କ ସହିତ ଏ ସମ୍ପର୍କରେ ଆଲୋଚନା ଜାରି ରହିଛି। ବିସିସିଆଇ ଓ ଭାରତ ସରକାର ଅନ୍ତିମ ନିଷ୍ପତ୍ତି ଗ୍ରହଣ କରିବେ। ଯଦି ପାକିସ୍ତାନ ଦଳର ପୂର୍ବ ମ୍ୟାଚକୁ ଦୃଷ୍ଟିରେ ରଖାଯାଏ ତେବେ ଦଳ ଚେନ୍ନାଇ ଓ କୋଲକାତାକୁ ଏହାର ଭେନ୍ୟୁ ଭାବରେ ଗ୍ରହଣ କରିବ। ଶେଷ ଥର ପାଇଁ ୨୦୧୬ ଟି୨୦ ବିଶ୍ୱକପ୍‌ରେ ପାକିସ୍ତାନ ଦଳ କୋଲକାତାରେ ଖେଳିଥିଲା। ଏହା ସହିତ ଦଳ ସୁରକ୍ଷା ବ୍ୟବସ୍ଥାକୁ ନେଇ ମଧ୍ୟ ସନ୍ତୋଷ ପ୍ରକାଶ କରିଥିଲା। ଅନ୍ୟପକ୍ଷରେ ଚେନ୍ନାଇରେ ମଧ୍ୟ ପାକିସ୍ତାନ ଏକାଧିକ ମ୍ୟାଚ୍ ଖେଳି ସାରିଛି। ତେବେ ଆଇସିସି ନିକଟରେ ରହିଥିବା ସବୁଠାରୁ ବଡ ସମସ୍ୟା ହେଉଛି ଭାରତ- ପାକିସ୍ତାନ ମ୍ୟାଚ୍। ଅହମଦାବାଦର ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମର ଦର୍ଶକ କ୍ଷମତା ୧ ଲକ୍ଷ ୩୨ ହଜାର ରହିଥିବା ବେଳେ ଏଠାରେ ମ୍ୟାଚ୍ ଖେଳାଗଲେ ଆଇସିସିକୁ ଆର୍ଥିକ ଫାଇଦା ମିଳିବ। ତେବେ ଏହି ଭେନ୍ୟୁରେ ଫାଇନାଲ ମ୍ୟାଚ୍ ଖେଳାଯିବ। ତେଣୁ ଭାରତ-ପାକିସ୍ତାନ ଲିଗ୍ ମ୍ୟାଚ୍ ଅନ୍ୟ ଭେନ୍ୟୁରେ ଅନୁଷ୍ଠିତ ହୋଇପାରେ। ରାଉଣ୍ଡ ରବିନ୍ ଫର୍ମାଟରେ ଖେଳାଯିବାକୁ ଥିବା ଏହି ଟୁର୍ନାମେଣ୍ଟରେ ସମସ୍ତ ଦଳର ୯ଟି ଲେଖାଏ ଲିଗ୍ ମ୍ୟାଚ ଖେଳାଯିବ। ପୂର୍ବରୁ ଆଇସିସି ଜେନେରାଲ ମ୍ୟାନେଜର ଥିବା ୱାସିମ୍ ଖାନ୍ ବାଂଲାଦେଶରେ ପାକିସ୍ତାନର ମ୍ୟାଚ୍ କରିବା ପାଇଁ ପ୍ରସ୍ତାବ ଦେଇଥିବା ବେଳେ ଆଇସିସି ଏହାକୁ ଖାରଜ କରି ଦେଇଥିଲା। ଶେଷ ଥର ପାଇଁ ଭାରତରେ ଅନୁଷ୍ଠିତ ଦିନିକିଆ ବିଶ୍ୱକପ୍ ଫାଇନାଲ ମୋହାଲିରେ ଖେଳା ଯାଇଥିଲା। ଭାରତ ପାକିସ୍ତାନ ମଧ୍ୟରେ ଖେଳା ଯାଇଥିବା ଫାଇନାଲ ମ୍ୟାଚର ଭେନ୍ୟୁ ମୋହାଲି ରହିଥିବା ବେଳେ ଉଭୟ ଦେଶର ଦର୍ଶକଙ୍କ ପାଇଁ ଏହା ନିକଟ ଥିଲା। କେବଳ ପାକିସ୍ତାନ ନୁହେଁ ବରଂ ସମସ୍ତ ଦଳ ପାଇଁ ସୁରକ୍ଷା ବ୍ୟବସ୍ଥାକୁ ଉଚ୍ଚକୋଟୀର ରଖିବା ପାଇଁ ବିସିସିଆଇ ନିଷ୍ପତ୍ତି ନେଇଛି।

# ପାକିସ୍ତାନ ହରାଇପାରେ ୩ ନିଯୁତ ଡଲାର

**ଏସିଆ କପ୍**

କରାଚୀ, ୧୧।୪ (ପି.ଟି.)

ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଚେୟାରମ୍ୟାନ ନଜମ ସେଠୀ କହିଛନ୍ତି, ଚଳିତ ବର୍ଷର ଏସିଆ କପ୍‌ରେ ଖେଳିବା ଲାଗି ଯଦି ତାଙ୍କ ଦେଶ ମନା କରିଦିଏ ତେବେ ଟୁର୍ନାମେଣ୍ଟରୁ ପ୍ରାୟ ୩ ନିଯୁତ ଆମେରିକୀୟ ଡଲାର ରାଜସ୍ୱ ହରାଇବ। ସୂଚନାଯୋଗ୍ୟ, ପାକିସ୍ତାନ ସେପ୍ଟେମ୍ବରରେ ଏସିଆ କପ୍ ଆୟୋଜନ କରିବାର କାର୍ଯ୍ୟକ୍ରମ ରହିଛି। ଭାରତ ପାକିସ୍ତାନରେ ଖେଳିବାକୁ ରାଜି ନ ଥିବା ସ୍ପଷ୍ଟ କରିଥିବାରୁ ଟୁର୍ନାମେଣ୍ଟର ଭେନ୍ୟୁକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ସେଠୀ ତାଙ୍କର ଏକ ପ୍ରସ୍ତାବ ଦେଇଛନ୍ତି। ଭାରତର ମ୍ୟାଚଗୁଡ଼ିକ ଦେଶ ବାହାରେ ଆୟୋଜନ କରାଯାଇପାରିବ। ସେମାନେ ଆୟୋଜନ ଅଧିକାର ହରାଇବାକୁ ଚାହୁଁନାହାନ୍ତି ବୋଲି କହିଛନ୍ତି। ସୁରକ୍ଷା କାରଣରୁ ପାକିସ୍ତାନରେ ଖେଳିବା ଲାଗି ଭାରତ ସରକାର ଅନୁମତି ଦେଉନାହାନ୍ତି ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କହୁଛି। ହେଲେ ସେମାନଙ୍କୁ ଏହାର ଲିଖିତ ପ୍ରମାଣ ଆବଶ୍ୟକ। ଇତିମଧ୍ୟରେ ଅଷ୍ଟ୍ରେଲିଆ, ଇଂଲଣ୍ଡ, ନ୍ୟୁଜିଲାଣ୍ଡ ପାକିସ୍ତାନରେ ଆସି ଖେଳି ସାରିଛନ୍ତି। ସେମାନଙ୍କର କୌଣସି ଅସୁବିଧା ହୋଇନାହିଁ। କିନ୍ତୁ ସୁରକ୍ଷାଜନିତ କାରଣ ଦର୍ଶାଇ ଭାରତ ପାକିସ୍ତାନ ଟୁର୍‌ରେ ନ ଆସିବା ସମଚୀନ ନୁହେଁ। ପିସିବି ଚେୟାରମ୍ୟାନ କହିଛନ୍ତି, ଏସିଆନ କ୍ରିକେଟ କାଉନ୍‌ସିଲ (ଏସିସି)ର ୮୦ ପ୍ରତିଶତ ରାଜସ୍ୱ ପାକିସ୍ତାନ ଓ ଭାରତ ମ୍ୟାଚରୁ ଆସିଥାଏ।



ଲକ୍ଷ୍ନୌରେ ଅନୁଷ୍ଠିତ ୨୧ ବର୍ଷରୁ କମ୍ ଖେଲୋ ଇଣ୍ଡିଆ ମହିଳା ହକି ଲିଗ୍‌ରେ ବ୍ରୋଞ୍ଜ ବିଜୟୀ ଓଡ଼ିଶା ସ୍ପୋର୍ଟ୍ସ ହଷ୍ଟେଲ ଦଳ।

# କ୍ୱାର୍ଟରରେ ହରିଥା, ମାୟା, ଶିବତେଜ

**୧୪ ବର୍ଷରୁ କମ୍ ଏସିଆନ ଡେଭ୍‌ଲପ୍‌ମେଣ୍ଟ ଟେନିସ ଫାଇନାଲ୍ସ**

ଭୁବନେଶ୍ୱର, ୧୧।୪
(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଆଇଟିଏଫ୍ ଏସିଆନ ୧୪ ବର୍ଷରୁ କମ୍ ଡେଭ୍‌ଲପ୍‌ମେଣ୍ଟ ଚାମ୍ପିୟନଶିପ୍ ଫାଇନାଲ୍ସ ଦ୍ୱିତୀୟ ପର୍ଯ୍ୟାୟ ପ୍ରତିଯୋଗିତାର ବାଳିକା ସିଙ୍ଗଲ୍ସରେ ଭାରତର ହରିଥା ଶ୍ରୀ ଭେଙ୍କଟେଶ୍, ମାୟା ରାଜେଶ୍ୱରନ ରେଭତୀ ଏବଂ ବାଳକ ସିଙ୍ଗଲ୍ସରେ ଶିବତେଜ ଶିରଫୁଲେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସର୍ବଭାରତୀୟ ଟେନିସ ଆସୋସିଏଶନ (ଏଆଇଟିଏ), ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ) ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଚାଲିଥିବା ପ୍ରତିଯୋଗିତାର ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ ଗୁଡ଼ିକ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏଥିରେ ହରିଥା ୬-୦, ୬-୩ ସେଟ୍‌ରେ ଶ୍ରୀଲଙ୍କାର ଗୀଥମି ରିୟାନା ଫର୍ନାଣ୍ଡୋ ୱେଲଡେନିୟାଗେଙ୍କୁ ହରାଇ ଦେଇଛନ୍ତି। ସେହିପରି ଅନ୍ୟ ଏକ ମ୍ୟାଚରେ ମାୟା ମାଲେସିଆର ଜୁଇ ମ୍ୟାକ୍‌ଙ୍କୁ ୬-୧, ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି। ପୁରୁଷ ସିଙ୍ଗଲ୍ସରେ ଶିବତେଜ ଉଜ୍‌ବେକିସ୍ତାନର ଅକମଲ ଅବଦୁଲାୟେଭଙ୍କୁ ୬-୩, ୬-୩ ସେଟ୍‌ରେ ହରାଇ କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି। ତେବେ ଅନ୍ୟତମ ଭାରତୀୟ ଖେଳାଳି ପ୍ରକାଶ ସରନ ପ୍ରି-କ୍ୱାର୍ଟର ଫାଇନାଲରେ ହାରି ଯାଇଛନ୍ତି। ସେ କାଜାଖସ୍ତାନର ୟାରୋସ୍ଲାଭ ପେଶେନିଚ୍‌ନିଙ୍କଠାରୁ ୩-୬, ୩-୬ ସେଟ୍‌ରେ ପରାସ୍ତ ହୋଇଛନ୍ତି। ବାଳିକା ବିଭାଗରେ ଅନ୍ୟ ଖେଳାଳିଙ୍କ ମଧ୍ୟରେ କାଜାଖସ୍ତାନର ଇଭା କୋରିଶେଭା ଓ ୟର୍କେଝାନ ଝାଣ୍ଟାୟେଭା, କୋରିଆର ଜିୟୁନ ଓ' ଏବଂ ୟେରି ହଂ, ହଂକଂର ନିତ୍ୟା ବାଲକ୍ରିଷ୍ଣା ମଧୁରୀ, ଥାଇଲାଣ୍ଡର ତରିତା ହଂସ୍ୟୋକ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ବାଳକ ବିଭାଗରେ ହଂକଂର ଆଲେକ୍ସ ଲାପ୍ ହାଙ୍ଗ ହୁଇ, ଥାଇଲାଣ୍ଡର ଗ୍ୟୁ କୋଟିକୁଲା, ପାକିସ୍ତାନର ଅବୁବାକର ତଲ୍‌ହା, କୋରିଆର ଓନମିନ କିମ୍ ନିଜ ମ୍ୟାଚରେ ବିଜୟୀ ହୋଇ କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି।

# ରାଜ୍ୟରେ ୨୨ ନୂତନ ହକି ପ୍ରଶିକ୍ଷଣ କେନ୍ଦ୍ର

ଭୁବନେଶ୍ୱର, ୧୧।୪
(ସ୍ପୋର୍ଟ୍ସ ବ୍ୟୁରୋ)

ହକି ପ୍ରତି ରହିଥିବା ଭଲପାଇବା ପାଇଁ ଓଡ଼ିଶାରେ ଆଉ ୨୨ଟି ହକି ପ୍ରଶିକ୍ଷଣ ସେଣ୍ଟର(ଏଚ୍‌ଟିସି) ସ୍ଥାପନ କରାଯାଇଛି। ତୃଣମୂଳ ସ୍ତରରୁ ହକିର ବିକାଶ ପାଇଁ ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ଓଡ଼ିଶା ନାଭାଲ ଟାଟା ହକି ହାଇପରଫର୍ମାନ୍ସ ସେଣ୍ଟର ଓ କ୍ରୀଡା ଓ ଯୁବବ୍ୟାପାରର ମିଳିତ ଉଦ୍ୟମରେ ଏହି ସେଣ୍ଟରଗୁଡିକ ସ୍ଥାପନ ହୋଇଛି। ତୃଣମୂଳ ସ୍ତରରୁ ପ୍ରତିଭା ଚିହ୍ନଟ ସହିତ ସେମାନଙ୍କୁ ସୁଯୋଗ ପ୍ରଦାନ କରିବା ପାଇଁ ଏହି ବ୍ୟବସ୍ଥା ଆରମ୍ଭ କରାଯାଇଛି। ସୁନ୍ଦରଗଡରେ ରହିଥିବା କାର୍ଯ୍ୟକ୍ଷମ ଟର୍ଫଗୁଡିକ ମଧ୍ୟରେ ବୋଣାଇ, ଟାଙ୍ଗରପଲ୍ଲୀ, ବାରଗାଁ, ବିର୍ସା, ଲହୁଣୀପଡା, ଲାଠିକଟା, ଲେଫ୍ରିପଡା, ସବ୍‌ଡେଗା, ବାଲିଶଙ୍କରା-ତିଲେଇକାନି, ବାଲିଶଙ୍କରା-ସୋନାମାରା, ନୂଆଗାଁ, କୁତ୍ରା, ଗୁରୁଣ୍ଡିଆ, କୁଆଁରମୁଣ୍ଡା, କୁକୁଡା ଅନ୍ତର୍ଭୁକ୍ତ। ଅନ୍ୟ ସହରଗୁଡିକ ମଧ୍ୟରେ ଯାଜପୁରରେ ଯାଜପୁର ଟାଉନ୍, ସମ୍ବଲପୁରରେ ଯୁଯୁମୁରା ଓ ଗଞ୍ଜାମର ଛତ୍ରପୁରରେ କାର୍ଯ୍ୟକ୍ଷମ ଟର୍ଫ ରହିଛି। ରାଜ୍ୟର ଅନ୍ୟ ୪ଟି ସ୍ଥାନରେ ନୂତନ ଟର୍ଫ ବିଛାଯିବାର କାର୍ଯ୍ୟକ୍ରମ ରହିଛି। ବର୍ତ୍ତମାନ ୧୮ଟି ସ୍ଥାନରେ କାର୍ଯ୍ୟକ୍ଷମ ଟର୍ଫ ରହିଥିବା ବେଳେ ଏଥିରେ ୧୩୦୦ରୁ ଅଧିକ ଖେଳାଳି ପ୍ରଶିକ୍ଷଣ ଗ୍ରହଣ କରୁଛନ୍ତି। ଏଣିକି ପ୍ରତ୍ୟେକ ଏଚ୍‌ଟିସିରେ ଦୁଇ ଜଣ ପ୍ରଶିକ୍ଷକଙ୍କୁ ନିଯୁକ୍ତି ପ୍ରଦାନ କରାଯିବ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁନ୍ଦରଗଡ ଗସ୍ତ ସମୟରେ ଜିଲାରେ କ୍ରୀଡା ଭିତ୍ତିଭୂମିର ଉନ୍ନତି ସମ୍ପର୍କରେ ଆଲୋଚନା ହୋଇଥିଲା। ସ୍ଥାନୀୟ ଖେଳାଳିଙ୍କୁ ଉନ୍ନତ ଭିତ୍ତିଭୂମି, ପ୍ରଶିକ୍ଷଣ ଓ ସୁଯୋଗ ମିଳିଲେ ଯୁବ ପିଢି କ୍ରୀଡାରେ ଆଗକୁ ଅଗ୍ରସର ହୋଇ ପାରିବେ ବୋଲି କହିଥିଲେ। ଏହାପରେ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ ଓଡ଼ିଶା ନାଭାଲ ଟାଟା ହକି ହାଇପରଫର୍ମାନ୍ସ ସେଣ୍ଟର ସହାୟତାରେ ଏଚ୍‌ଟିସି ଆରମ୍ଭ କରାଯାଇଛି। ଏହି ପ୍ରୋଜେକ୍ଟରେ ନିଯୁକ୍ତ କୋଚ୍‌ମାନେ ହକି ଓଡ଼ିଶା ନିର୍ଦ୍ଦେଶକ ଡେଭିଡ୍ ଜନଙ୍କ ସହିତ ପ୍ରଶିକ୍ଷଣ ଆରମ୍ଭ କରିଛନ୍ତି। ଏହି ପ୍ରକଳ୍ପ ଆରମ୍ଭ ହେବା ପରେ ପ୍ରତି ସପ୍ତାହରେ କ୍ଲବ୍ ସ୍ତରୀୟ ଟୁର୍ନାମେଣ୍ଟ ଆୟୋଜନ କରାଯିବ। ଆମେରିକା, ଅଷ୍ଟ୍ରେଲିଆ ଓ ୟୁକେରେ ସମାନ ଢଙ୍ଗରେ ଟୁର୍ନାମେଣ୍ଟ ଖେଳାଯାଏ। ବିଦେଶରେ ସଫଳ ଏହି ମଡେଲର ଫାଇଦା ତୃଣମୂଳ ସ୍ତରରୁ କ୍ରୀଡାବିତ୍‌ଙ୍କୁ ମଧ୍ୟ ମିଳିବ ବୋଲି ଓଡ଼ିଶା ନାଭାଲ ଟାଟା ହକି ହାଇପରଫର୍ମାନ୍ସ ସେଣ୍ଟର ପ୍ରକଳ୍ପ ନିର୍ଦ୍ଦେଶକ ରାଜୀବ ସେଠ କହିଛନ୍ତି। ଏହା ସହିତ ତୃଣମୂଳ ସ୍ତରରୁ କୋଚ୍‌ମାନଙ୍କ ପାଇଁ ମଧ୍ୟ ଏହା ଏକ ସୁଯୋଗ ସୃଷ୍ଟି କରିବ ବୋଲି ସେ କହିଛନ୍ତି। ଏହି ଇଭେଣ୍ଟରେ ସମସ୍ତ ସ୍କୁଲ, କମ୍ୟୁନିଟି ଓ ଜିଲାଗୁଡ଼ିକୁ ସାମିଲ ହେବାକୁ ଆହ୍ୱାନ ଦିଆଯାଇଛି। ସ୍ଥାନୀୟ ପ୍ରତିଭାମାନଙ୍କୁ ଆଗକୁ ବଢିବାର ସୁଯୋଗ ଦେବାପାଇଁ ଏହି ବ୍ୟବସ୍ଥା ଆରମ୍ଭ କରାଯାଇଥିବା ସେ କହିଛନ୍ତି।


ପିଲାମାନଙ୍କୁ ହକି ପ୍ରଶିକ୍ଷଣ ଦିଆଯାଉଛି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ